# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୨୩/୨୦୨୫ (୧୨ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, August 23/2025 | Page 12 | ₹ 7.00 | RAYAGADA

୫୧ଶ ଭାଗ ୨୬୮ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 268 | ମୂଲ୍ୟ ₹୭/-




## ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ୱିକ୍ରମସିଂଘେ ଗିରଫ

ରାଜକୋଷର ଦୁରୁପଯୋଗ କରିଥିବା ଅଭିଯୋଗରେ ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ରାନିଲ ୱିକ୍ରମସିଂଘେଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ୦୨

## ଏଲାଭେନିଲଙ୍କୁ ସ୍ୱର୍ଣ୍ଣପଦକ

୧୨ ଏସିଆନ ଶୁଟିଂ ଚାମ୍ପିୟନଶିପ୍‌ର ମହିଳା ୧୦ମିଟର ଏୟାର ରାଇଫଲରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି ଭାରତର ଏଲାଭେନିଲ ଭାଲାରିଭାନ।



**ଗାଜା ସିଟିରେ ଦୁର୍ଭିକ୍ଷ**



ଇସ୍ରାଏଲ-ହମାସ୍ ଯୁଦ୍ଧ ଯୋଗୁ ଗାଜା ସିଟିରେ ଖାଦ୍ୟ ପାଇଁ ହାହାକାର ସ୍ଥିତି ସୃଷ୍ଟି ହୋଇଛି।

# ୫ ବର୍ଷରେ ୩୦ ହଜାର କିମି ରାସ୍ତା, ୫୦୦ ସେତୁ: ମୁଖ୍ୟମନ୍ତ୍ରୀ

## ନିମ୍ନମାନର କାର୍ଯ୍ୟ ହେଲେ ନିଆଯିବ କାର୍ଯ୍ୟାନୁଷ୍ଠାନ

**ରାଜ୍ୟ ସରକାର ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ଦେଇଆସୁଛନ୍ତି। ବିଶେଷକରି ଗ୍ରାମାଞ୍ଚଳକୁ ସବୁଦିନିଆ ରାସ୍ତା ସଂଯୋଗୀକରଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ବହୁବିଧ ପଦକ୍ଷେପ ନିଆଯାଉଛି। ଏହି କ୍ରମେ ଶୁକ୍ରବାର ବିଭାଗୀୟ କାର୍ଯ୍ୟକ୍ରମ ସମୀକ୍ଷା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ରାଜ୍ୟରେ ୩୦ ହଜାର କିଲୋମିଟର ରାସ୍ତା ଓ ୫୦୦ ପୋଲ ନିର୍ମାଣ ପାଇଁ ଲକ୍ଷ୍ୟ ସ୍ଥିର କରାଯାଇଛି। ତେବେ ନିମ୍ନମାନର କାର୍ଯ୍ୟ ହେଲେ ତାହାକୁ ବରଦାସ୍ତ କରାଯିବ ନାହିଁ ଓ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହି ଠିକାଦାର ଓ ଅଧିକାରୀମାନଙ୍କୁ ଚେତାଇ ଦେଇଛନ୍ତି।**

ଭୁବନେଶ୍ୱର, ୨୨।୮ (ସୁନିତ୍ ମିଶ୍ର)

ବିଭିନ୍ନ ସଡ଼କ ଓ ସେତୁ ନିର୍ମାଣ ଜରିଆରେ ରାଜ୍ୟର ସମସ୍ତ ଗ୍ରାମାଞ୍ଚଳକୁ ସବୁଦିନିଆ ରାସ୍ତା ସଂଯୋଗୀକରଣର ଗୁରୁଦାୟିତ୍ୱ ଗ୍ରାମ୍ୟ ଉନ୍ନୟନ ବିଭାଗ ଉପରେ ନ୍ୟସ୍ତ ରହିଛି। ଆସନ୍ତା ୫ ବର୍ଷ ଭିତରେ ରାଜ୍ୟରେ ଏହି ବିଭାଗ ଅଧୀନରେ ୩୦ ହଜାର କି.ମି. ରାସ୍ତା ଓ ୫୦୦ ସେତୁ ନିର୍ମାଣ ପାଇଁ ଲକ୍ଷ୍ୟଧାର୍ଯ୍ୟ ରହିଛି। ବିଭିନ୍ନ ସ୍କିମ୍ ଓ ବଜେଟ ମାଧ୍ୟମରେ ବିଭାଗକୁ ମିଳୁଥିବା ଅର୍ଥ ରାଶିର ଶତ ପ୍ରତିଶତ ଉପଯୋଗକରି ରାଜ୍ୟବାସୀଙ୍କୁ ଉନ୍ନତମାନର ଗମନାଗମନ ସୁବିଧା ଯୋଗାଇଦେବା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଶୁକ୍ରବାର ଲୋକସେବା ଭବନରେ ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାସ୍ତା ଓ ସେତୁ ଗୁଡ଼ିକର ଗୁଣବତ୍ତା ସହ ଏହାର ରକ୍ଷଣାବେକ୍ଷଣ ପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେବା ନିତାନ୍ତ ଜରୁରୀ। ନିମ୍ନମାନର କାମ କରୁଥିବା କଣ୍ଟ୍ରାକ୍ଟର ଓ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ପାହାଡ଼ିଆ ଅଞ୍ଚଳରେ ଥିବା ଗ୍ରାମଗୁଡ଼ିକରେ ଲୋକଙ୍କ ଗମନାଗମନ ପାଇଁ ଉତ୍ତମମାନର ରାସ୍ତା ନିର୍ମାଣ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।



ମୋହନ ଚରଣ ମାଝୀ

ନିର୍ମାଣ କାର୍ଯ୍ୟରେ ନିୟୋଜିତ ହେଉଥିବା କଣ୍ଟ୍ରାକ୍ଟରମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରିବାକୁ ସେ ପରାମର୍ଶ ଦେଇଛନ୍ତି। ବୈଠକର ଆଲୋଚନାରୁ ଜଣାପଡ଼ିଛି, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଅଦ୍ୟାବଧି ଅନୁମୋଦନପ୍ରାପ୍ତ ୭୩,୯୮୪.୮୮ କି.ମି. ରାସ୍ତା ମଧ୍ୟରୁ ୭୦,୭୧୧.୨୪ କି.ମି. ରାସ୍ତା ନିର୍ମାଣକରି ଓଡ଼ିଶା ଭାରତବର୍ଷରେ ୪ର୍ଥ ସ୍ଥାନ ହାସଲ କରିଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ପୂର୍ବରୁ ୧ମ, ୨ୟ ଓ ୩ୟ ପର୍ଯ୍ୟାୟ ମାର୍ଗଦର୍ଶିକା ଅନୁଯାୟୀ କାମ କରାଯାଉଥିଲା। ବର୍ତ୍ତମାନ ଏହାର ୪ର୍ଥ ପର୍ଯ୍ୟାୟର କାମ ମଧ୍ୟ ହାତକୁ ନିଆଯାଇଛି। ଏହି ପର୍ଯ୍ୟାୟରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ, ଆକାଂକ୍ଷୀ ବ୍ଲକ୍, ମାଓବାଦୀ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ସଡ଼କ ଓ ସେତୁ ନିର୍ମାଣ କରାଯିବ। ୪ର୍ଥ ପର୍ଯ୍ୟାୟରେ ୧,୦୨୧ଟି ଯୋଗାଯୋଗ ବିହୀନ ଜନବସତି ପାଇଁ ୯୪୨ଟି ସଡ଼କ ଓ ୮ଟି ସେତୁ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି।

ସେହିଭଳି ୧୦୦ରୁ ଅଧିକ ପିଭିଟିଜି ବର୍ଗର ଜନବସତିର ସଂଯୋଗୀକରଣ ପାଇଁ ପିଏମ୍ ଜନମନ ଯୋଜନାରେ ୭୩ଟି ଗ୍ରାମରେ ୬୬ଟି ରାସ୍ତା ଓ ୪ଟି ସେତୁ ନିର୍ମାଣ ପାଇଁ ମଞ୍ଜୁରୀ ମିଳିଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୪୫୦୦.୩୦ କି.ମି. ରାସ୍ତା ନିର୍ମାଣ କରାଯାଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୩୪୬୯.୯୪ କୋଟି ଟଙ୍କା ବ୍ୟୟ ବରାଦରେ ୫୦୦୦ କି.ମି. ରାସ୍ତା ନିର୍ମାଣ ପାଇଁ ବ୍ୟବସ୍ଥା କରାଯାଇଛି। ସେତୁବନ୍ଧନ ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୧୮୬ଟି ସେତୁ ନିର୍ମାଣ କରାଯାଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୩୦୦ଟି ସେତୁ ନିର୍ମାଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଏଥିସହ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗ୍ରାମାଞ୍ଚଳର ଭିତ୍ତିଭୂମି ଉନ୍ନତୀକରଣ କାର୍ଯ୍ୟ ଯଥା- ଛାତ୍ରାବାସ, ମହାବିଦ୍ୟାଳୟ ଗୃହ ନିର୍ମାଣ, ବିଭିନ୍ନ ସରକାରୀ କାର୍ଯ୍ୟାଳୟ ନିର୍ମାଣ, ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳ, କଲ୍ୟାଣ ମଣ୍ଡପ ଇତ୍ୟାଦି ନିର୍ମାଣ କାର୍ଯ୍ୟ ମଧ୍ୟ ଜାରି ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ବିଭାଗ ପକ୍ଷରୁ ୪୫୧ଟି ବିଭିନ୍ନ କୋଠାବାଡ଼ି ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇଥିବା ବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ୧୨୨୯ଟି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି।

ବୈଠକରେ ଗ୍ରାମ୍ୟ ଉନ୍ନୟନ ତଥା ପଞ୍ଚାୟତିରାଜ ଏବଂ ପାନୀୟଜଳ ମନ୍ତ୍ରୀ ରବିନାରାୟଣ ନାଏକ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ବିଭାଗୀୟ କମିଶନର ତଥା ଶାସନ ସଚିବ ଯାମିନୀ ଷଡ଼ଙ୍ଗୀ, ସର୍ବୋଚ୍ଚ ଯନ୍ତ୍ରୀ ପ୍ରସନ୍ନ କୁମାର ସାହୁ ଏବଂ ଇଞ୍ଜିନିୟର ପ୍ରଦୀପ କୁମାର ଜେନା ଓ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଲର୍ଡ ସ୍ୱରାଜ ପଲ୍‌ଙ୍କ ପରଲୋକ

### ଭାରତ-ବ୍ରିଟେନ୍ ସମ୍ପର୍କର ସେତୁ ଥିଲେ



ଲଣ୍ଡନ/ନୂଆଦିଲ୍ଲୀ,୨୨।୮(ପି.ଟି.)

ଏନ୍‌ଆର୍‌ଆଇ ଶିଳ୍ପପତି ଲର୍ଡ ସ୍ୱରାଜ ପଲ୍‌ଙ୍କ ଗୁରୁବାର ସନ୍ଧ୍ୟାରେ ଲଣ୍ଡନ୍‌ରେ ପରଲୋକ ହୋଇଯାଇଛି। ଏହି ୯୪ ବର୍ଷୀୟ ପରୋପକାରୀ ଉଦ୍ୟୋକ୍ତା ତଥା ବ୍ରିଟେନ୍‌ର କାପାରୋ ଗ୍ରୁପ୍ ଅଫ୍ ଇଣ୍ଡଷ୍ଟ୍ରିଜ୍ ପ୍ରତିଷ୍ଠାତା କିଛିଦିନ ହେଲା ଅସୁସ୍ଥ ଥିଲେ। ତାଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ବ୍ରିଟେନ୍ ସହ ଭାରତର ଘନିଷ୍ଠ ସମ୍ପର୍କକୁ ସ୍ୱରାଜଙ୍କ ସମର୍ଥନ ଚିରଦିନ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ମୋଦି କହିଛନ୍ତି। ୧୯୩୧ ଫେବୃଆରୀ ୧୮ରେ ପଞ୍ଜାବର ☞ପୃଷ୍ଠା-୪

## ପାର୍ଲାମେଣ୍ଟ ପାଚେରି ଚଢ଼ି ଯୁବକ ଗିରଫ

ନୂଆଦିଲ୍ଲୀ,୨୨।୮(ପି.ଟି.)

ପାର୍ଲାମେଣ୍ଟ ଭବନ ସୁରକ୍ଷା ବ୍ୟବସ୍ଥାରେ ଉଲ୍ଲଂଘନ ହୋଇଛି। ଜଣେ ୨୦ ବର୍ଷୀୟ ଯୁବକ ଶୁକ୍ରବାର ସକାଳେ ପାର୍ଲାମେଣ୍ଟ ପାଚେରି ଚଢ଼ିବାକୁ ଉଦ୍ୟମ କଲାବେଳେ ସୁରକ୍ଷା କର୍ମୀମାନେ ତାଙ୍କୁ ଧରି ପୋଲିସକୁ ହସ୍ତାନ୍ତର କରିଛନ୍ତି। ଗିରଫ ଯୁବକଙ୍କ ନାଁ ରାମକୁମାର ବିନ୍ଦ୍ ଓ ଘର ଉତ୍ତରପ୍ରଦେଶର ଭାଦୋହି ଗ୍ରାମରେ। ସେ ଗୁଜରାଟର ସୁରଟରେ ଏକ ଫ୍ୟାକ୍ଟ୍ରିରେ କାମ କରନ୍ତି। ତେବେ ସେ ମାନସିକ ଅସ୍ଥିର ଥିବାଭଳି ଜଣାପଡୁଥିବା ପୋଲିସ କହିଛି। ସକାଳ ୫ଟା ୫୦ ମିନିଟ୍ ସମୟରେ ରାମକୁମାର ପାର୍ଲାମେଣ୍ଟ ହାଉସ୍ କମ୍ପ୍ଲେକ୍ସ ନିକଟରେ ପହଞ୍ଚି ଭିତରକୁ ଡେଇଁବା ଉଦ୍ଦେଶ୍ୟରେ ଏହାର ପାଚେରି ଚଢ଼ିବାକୁ ଉଦ୍ୟମ କରିଥିଲେ। ସେଠାରେ ସଜାଗ ଥିବା ସିଆଇଏସ୍ଏଫ୍ ଯବାନ ଓ ଦିଲ୍ଲୀ ପୋଲିସ କର୍ମଚାରୀ ତାଙ୍କୁ ଧରିନେଇ ଅଧିକ ତଦନ୍ତ ପାଇଁ ସ୍ଥାନୀୟ ପୋଲିସକୁ ହସ୍ତାନ୍ତର କରିଥିଲେ ବୋଲି ସିଆଇଏସ୍ଏଫ୍‌ର ଜଣେ ଅଧିକାରୀ କହିଛନ୍ତି। ମାନସିକ ଅସ୍ଥିର ଭଳି ଜଣାପଡୁଥିବା ସମ୍ପୃକ୍ତ ଯୁବକଙ୍କୁ ଅଧିକ ପଚରାଉଚରା ଜାରି ରହିଥିବା ନୂଆଦିଲ୍ଲୀ ଡିସିପି ଦେବେଶ ମହଲା କହିଛନ୍ତି। ତାଙ୍କ ଉଦ୍ଦେଶ୍ୟ ସମ୍ପର୍କରେ ଜାଣିବା ପାଇଁ ଗୋଇନ୍ଦା ବ୍ୟୁରୋ, ଦିଲ୍ଲୀ ପୋଲିସ୍‌ର ସ୍ୱତନ୍ତ୍ର ସେଲ୍ ସମେତ ବିଭିନ୍ନ କେନ୍ଦ୍ରୀୟ ଏଜେନ୍ସିର ଅଧିକାରୀମାନେ ପଚରାଉଚରା ଜାରି ରଖିଛନ୍ତି। ସୂଚନାଯୋଗ୍ୟ, ୨୦୨୩ ଡିସେମ୍ବର ୧୩ରେ ୨ ଜଣ ସନ୍ଦିଗ୍ଧ ଭିଜିଟର୍ସ ଗ୍ୟାଲେରିରୁ ଲୋକ ସଭା ଚାମ୍ବରରେ ଚଢ଼ି ହଳଦିଆ ଧୂଆଁ କାନିଷ୍ଟର ଫିଙ୍ଗିଥିଲେ ଓ ବାହାରେ ଅନ୍ୟ ୨ ଜଣ ରହି ଅନୁରୂପ କାର୍ଯ୍ୟ କରିଥିଲେ। ୨୦୦୧ ଡିସେମ୍ବର ୧୩ରେ ଆତଙ୍କବାଦୀମାନେ ପାର୍ଲାମେଣ୍ଟ ପରିସରରେ ପ୍ରବେଶ କରି ଆକ୍ରମଣ କରିଥିଲେ।

**ରାୟଗଡ଼ା: ଗୁଣି ସନ୍ଦେହରେ ଆଉ ଜଣଙ୍କୁ ହତ୍ୟା, ୪ ଅଟକ** ପୃଷ୍ଠା ୫

**ଆଜିର ସମ୍ପାଦକୀୟ** ନିଷ୍କ୍ରିୟ ସିଆଇସି


## ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ ପରେ ଛାଡ଼ିଦିଅ

### ଦିଲ୍ଲୀ-ଏନ୍‌ସିଆର୍ ପାଇଁ ପୂର୍ବ ରାୟକୁ ବଦଳାଇଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୨।୮(ପି.ଟି.)

ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ(ଏନ୍‌ସିଆର୍)ରେ ବୁଲା କୁକୁରଙ୍କୁ ନେଇ ସୁପ୍ରିମକୋର୍ଟ ତାଙ୍କ ପୂର୍ବ ରାୟରେ ପରିବର୍ତ୍ତନ କରିଛନ୍ତି। ବୁଲା କୁକୁରମାନଙ୍କୁ ବନ୍ଧ୍ୟାକରଣ କରାଇବା ପରେ ଛାଡ଼ିଦେବା ପାଇଁ ଶୁକ୍ରବାର ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ, ବୁଲା କୁକୁରଙ୍କୁ ଧରିବା ପରେ ବନ୍ଧ୍ୟାକରଣ କରାଯିବା ସହ କୃମିନାଶକ ଔଷଧ ଓ ଟିକା ଦେଇ ପୂର୍ବ ସ୍ଥାନରେ ଛାଡ଼ିଦେବାକୁ ହେବ ବୋଲି ଜଷ୍ଟିସ୍ ବିକ୍ରମ ନାଥଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ସନ୍ଦୀପ୍ ମେହଟ୍ଟା ଏବଂ ଏନ୍.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ୩ ଜଣିଆ ସ୍ୱତନ୍ତ୍ର ଖଣ୍ଡପୀଠ କହିଛନ୍ତି।

ଦିଲ୍ଲୀ-ଏନ୍‌ସିଆର୍‌ରେ କୁକୁର କାମୁଡ଼ା ଯୋଗୁ ଜଳାତଙ୍କରେ ପୀଡ଼ିତ ହୋଇ ଛୋଟ ପିଲାଙ୍କ ଜୀବନ ଯିବା ଘଟଣା ସାମନାକୁ ଆସିବା ପରେ ବୁଲା କୁକୁରଙ୍କୁ ଧରିନେଇ ଆଶ୍ରୟ ସ୍ଥଳରେ ରଖିବା ଲାଗି ଗତ ୧୧ ତାରିଖରେ ୨ ଜଣିଆ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ☞ପୃଷ୍ଠା-୪



# ରାତିସାରା ଶ୍ରେଣୀଗୃହରେ ଛାତ୍ରୀ

## ତାଲା ପକାଇ ପଳାଇଥିଲେ ସ୍କୁଲ କର୍ତ୍ତୃପକ୍ଷ


- **ବାହାରିବାକୁ ଉଦ୍ୟମ ବେଳେ ଝରକା ରେଲିଂରେ ଲାଖିଲା ମୁଣ୍ଡ**
- **କାର୍ଯ୍ୟରେ ଅବହେଳା ପାଇଁ ପ୍ରଧାନ ଶିକ୍ଷକ ନିଲମ୍ବିତ**

କେନ୍ଦୁଝର,୨୨।୮ (ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅଧୀନ ଅଞ୍ଜର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ଅଭାବନୀୟ ଘଟଣା ଘଟିଛି। ସ୍କୁଲ କର୍ତ୍ତୃପକ୍ଷ ଖାମଖିଆଲଭାବେ ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କୁ ଶ୍ରେଣୀକକ୍ଷରେ ଗୁରୁବାର ତାଲା ପକାଇ ପଳାଇଥିଲେ। ଛାତ୍ରୀ ଜଣକ ଶ୍ରେଣୀକକ୍ଷରେ ରାତି କଟାଇଥିବା ବେଳେ ସକାଳେ ବାହାରିବାକୁ ଉଦ୍ୟମକରି ଝରକା ରେଲିଂରେ ଲାଖିଯାଇଥିଲେ। ପରେ ସ୍ଥାନୀୟ ଲୋକେ ଉଦ୍ଧାରକରି ଡାକ୍ତରଖାନା ପଠାଇଥିଲେ। ଉକ୍ତ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ କାର୍ଯ୍ୟରେ ଅବହେଳା ନେଇ ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କରିଛନ୍ତି।



ଆହତ ଛାତ୍ରୀ



ଝରକା ରେଲିଂରେ ମୁଣ୍ଡ ଲାଖି ରହିଛି

ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମୁଦାୟ ୬୫ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୪ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ନିଯୁକ୍ତ ହୋଇଥିବା ବେଳେ ସ୍ଥାନ ଅଭାବରୁ ପ୍ରଥମ ଓ ଦ୍ୱିତୀୟ ☞ପୃଷ୍ଠା-୪

## ସଂକ୍ଷେପରେ

### ରାଷ୍ଟ୍ରବିରୋଧୀ କାର୍ଯ୍ୟ ଅଭିଯୋଗରେ କଶ୍ମୀରର ୨ ସରକାରୀ କର୍ମଚାରୀ ବହିଷ୍କୃତ

ଶ୍ରୀନଗର,୨୨।୮

ରାଷ୍ଟ୍ର ବିରୋଧୀ କାର୍ଯ୍ୟରେ ସମ୍ପୃକ୍ତି ଅଭିଯୋଗରେ ଜଣେ ଶିକ୍ଷକଙ୍କ ସମେତ ୨ ସରକାରୀ କର୍ମଚାରୀଙ୍କୁ ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଶୁକ୍ରବାର ବହିଷ୍କାର କରିଛନ୍ତି। ବହିଷ୍କୃତ କର୍ମଚାରୀମାନେ ହେଲେ ସ୍କୁଲ୍ ଶିକ୍ଷା ବିଭାଗ ଅଧୀନରେ ଶିକ୍ଷକ ଥିବା ଖୁର୍ଶିଦ ଅହମଦ ରାଠେର ଏବଂ ମେଷ ପାଳନ ବିଭାଗର ଆସିଷ୍ଟାଣ୍ଟ ଷ୍ଟକ୍‌ମ୍ୟାନ୍ ସିୟାଦ ଅହମଦ ଖାନ୍। ଉଭୟଙ୍କ ଘର କୁପ୍‌ୱାଡ଼ାରେ। ଜମ୍ମୁ-କଶ୍ମୀରର ନିର୍ବାଚିତ ସରକାରଙ୍କ ବିରୋଧ ସତ୍ତ୍ୱେ ଦେଶର ସୁରକ୍ଷା ଦୃଷ୍ଟିରୁ ସମ୍ବିଧାନର ଅନୁଚ୍ଛେଦ ୩୧୧ର ଧାରା ୨ ଓ ଉପଧାରା(ଗ) ଅନୁଯାୟୀ ଉପରାଜ୍ୟପାଳ ସେମାନଙ୍କୁ ତୁରନ୍ତ ବହିଷ୍କାର କରିବାକୁ ନିଷ୍ପତ୍ତି ନେଇଛନ୍ତି। ରାଷ୍ଟ୍ରବିରୋଧୀ କାର୍ଯ୍ୟରେ ସମ୍ପୃକ୍ତି ଅଭିଯୋଗରେ ଉପରାଜ୍ୟପାଳ ଏପର୍ଯ୍ୟନ୍ତ ୮୦ରୁ ଊର୍ଦ୍ଧ୍ୱ ସରକାରୀ କର୍ମଚାରୀଙ୍କୁ ବିଦା କଲେଣି।

### ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ୱିକ୍ରମସିଂଘେ ଗିରଫ



କଲମ୍ବୋ,୨୨।୮(ପି.ଟି.)

ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ରାନିଲ ୱିକ୍ରମସିଂଘେଙ୍କୁ ରାଷ୍ଟ୍ର ପାଣ୍ଠି ହେରଫେର ଅଭିଯୋଗରେ ଶୁକ୍ରବାର ଗିରଫ କରାଯାଇଛି। ୱିକ୍ରମସିଂଘେ ରାଷ୍ଟ୍ରପତି ଥିବା ସମୟରେ ରାଜକୋଷର ଦୁରୁପଯୋଗ କରିଥିବା ଅଭିଯୋଗ ହୋଇଥିଲା। ଏହାର ତଦନ୍ତ ପାଇଁ ୭୬ ବର୍ଷୀୟ ୱିକ୍ରମସିଂଘେଙ୍କୁ ଅପରାଧ ତଦନ୍ତ ବିଭାଗ (ସିଆଇଡି) ମୁଖ୍ୟାଳୟକୁ ଡକାଯାଇ ପଚରାଉଚରା କରାଯିବା ପରେ ଗିରଫ କରାଯାଇ କଲମ୍ବୋସ୍ଥିତ ମାଜିଷ୍ଟ୍ରେଟଙ୍କ କୋର୍ଟରେ ହାଜର କରାଯାଇଛି। ୨୦୨୨ରୁ ୨୦୨୪ ୱିକ୍ରମସିଂଘେ ରାଷ୍ଟ୍ରପତି ଥିବାବେଳେ ୨୦୨୩ ସେପ୍ଟେମ୍ବରରେ ସ୍ତ୍ରୀ ତଥା ପ୍ରଫେସର ମୈତ୍ରୀଙ୍କ ସମାବର୍ତ୍ତନ ଉତ୍ସବରେ ଯୋଗଦେବା ପାଇଁ ରାଜକୋଷ ଅର୍ଥରେ ଇଂଲଣ୍ଡ ଯାଇଥିବା ଅଭିଯୋଗ ହୋଇଥିଲା। ଗସ୍ତ ଖର୍ଚ୍ଚ ସମ୍ପର୍କରେ ପୂର୍ବରୁ ସିଆଇଡି ୱିକ୍ରମସିଂଘେଙ୍କ କର୍ମଚାରୀମାନଙ୍କୁ ପଚରାଉଚରା କରିଥିଲା। ୱିକ୍ରମସିଂଘେ ୫ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଥିବାବେଳେ ୬ ଥର ପ୍ରଧାନମନ୍ତ୍ରୀ ହୋଇଛନ୍ତି। ଦୁର୍ନୀତିକୁ ନେଇ ଗୋଟାବାୟା ରାଜପାକ୍ସେଙ୍କ ବିରୋଧରେ ବିଦ୍ରୋହ ପରେ ସେ ଦେଶଛାଡ଼ି ପଳାଇବାରୁ ୱିକ୍ରମସିଂଘେ ଅବଶିଷ୍ଟ ସମୟ ପାଇଁ ରାଷ୍ଟ୍ରପତି ରହିବା ସହ ଦେଶକୁ ଆର୍ଥିକ ସଙ୍କଟରୁ ମୁକୁଳାଇଥିଲେ।

### ପୁଟିନ୍‌ଙ୍କ ସର୍ତ୍ତ: ୟୁକ୍ରେନ୍ ଡୋନ୍‌ବାସ୍ ଅଞ୍ଚଳ ଛାଡ଼ୁ

ଗୁଆହାଟୀ,୨୨।୮

ଯୁଦ୍ଧ ବନ୍ଦ କରିବାକୁ ହେଲେ ୟୁକ୍ରେନ୍‌କୁ ସମ୍ପୂର୍ଣ୍ଣ ପୂର୍ବ ଡୋନ୍‌ବାସ୍ ଅଞ୍ଚଳ ଛାଡ଼ିବାକୁ ପଡ଼ିବ। ଏଥିସହିତ ନାଟୋରେ ସାମିଲ ହେବା ଆକାଂକ୍ଷା ତ୍ୟାଗ କରିବାକୁ ପଡ଼ିବ। ୟୁକ୍ରେନ୍ ନିରପେକ୍ଷ ରହିବା ସହ ପାଶ୍ଚାତ୍ୟ ସୈନ୍ୟଙ୍କୁ ଦେଶ ବାହାରେ ରଖିବାକୁ ହେବ ବୋଲି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ସର୍ତ୍ତ ରଖିଛନ୍ତି। କ୍ରେମ୍‌ଲିନ୍ ସହ ଜଡ଼ିତ ୩ଟି ସୂତ୍ରରୁ ଏହା ଜଣାପଡ଼ିଛି। ୪ ବର୍ଷ ପରେ ଗତ ଶୁକ୍ରବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଆଲାସ୍କାରେ ରୁଷିଆ ପ୍ରତିପକ୍ଷ ପୁଟିନ୍‌ଙ୍କୁ ଭେଟିଥିଲେ। ୩ ଘଣ୍ଟା ଧରି ଚାଲିଥିବା ଆଲୋଚନାରେ ପୁଟିନ୍ ଉପରୋକ୍ତ ସର୍ତ୍ତ ରଖିଥିବା ଜଣାପଡ଼ିଛି। ୨୦୨୪ ଜୁନ୍‌ରେ ମସ୍କୋ ୟୁକ୍ରେନ୍‌ର ୪ଟି ପ୍ରଦେଶ ଫେରିପାଇବାକୁ ଚାହୁଁଥିଲା। ନୂଆ ପ୍ରସ୍ତାବରେ ଏହା ୟୁକ୍ରେନ୍ ଦଖଲରେ ଥିବା ଡୋନବାସ୍‌ର ସମ୍ପୂର୍ଣ୍ଣ ଅଞ୍ଚଳକୁ ଛାଡ଼ିବାକୁ ଦାବି କରିଛି।





# ଭାରତୀୟ ଅନ୍ତରୀକ୍ଷ ଷ୍ଟେଶନର ମଡେଲ ଉନ୍ମୋଚନ କଲା ଇସ୍ରୋ

ନୂଆଦିଲ୍ଲୀ,୨୨।୮

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଶୁକ୍ରବାର ଭାରତୀୟ ଅନ୍ତରୀକ୍ଷ ଷ୍ଟେଶନ (ବିଏଏସ୍) ମଡ୍ୟୁଲ୍‌ର ଏକ ମଡେଲ ଉନ୍ମୋଚନ କରିଛି। ନୂଆଦିଲ୍ଲୀରେ ଆରମ୍ଭ ହୋଇଥିବା ଦୁଇଦିନିଆ ଜାତୀୟ ମହାକାଶ ଦିବସ ଅବସରରେ ଏହି ମଡେଲକୁ ଉନ୍ମୋଚନ କରାଯାଇଛି। ୨୦୨୮ ସୁଦ୍ଧା ଭାରତ ନିଜସ୍ୱ ନିର୍ମିତ ମହକାଶ କେନ୍ଦ୍ର ବିଏଏସ୍‌ର ପ୍ରଥମ ମଡ୍ୟୁଲ୍‌କୁ ଲଞ୍ଚ୍ କରିବାକୁ ଯୋଜନା ରଖିଛି। ଫଳରେ ଅର୍ବିଟାଲ ଲାବରେଟୋରି ଚଳାଉଥିବା ଅଳ୍ପ କେତୋଟି ଦେଶ ମଧ୍ୟରେ ଭାରତ ସାମିଲ ହୋଇପାରିବ।

ଏବେ ୨ଟି ଅର୍ବିଟାଲ ଲାବରେଟୋରି କାର୍ଯ୍ୟ କରୁଛି। ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)କୁ ୫ଟି ସ୍ପେସ୍ ଏଜେନ୍ସି ଚଳାଉଥିବାବେଳେ ଚାଇନାର ଟିଆଙ୍ଗୋଙ୍ଗ୍ ସ୍ପେସ୍ ଷ୍ଟେଶନ ରହିଛି। ଭାରତ ୨୦୩୫ ସୁଦ୍ଧା ଭାରତୀୟ ଅନ୍ତରୀକ୍ଷ ଷ୍ଟେଶନର ୫ଟି ମଡ୍ୟୁଲ୍‌କୁ ମହାକାଶରେ ସ୍ଥାପନ କରିବାକୁ ଯୋଜନା ରଖିଛି। ବିଏଏସ୍-୦୧ ମଡ୍ୟୁଲ୍ ୧୦ ଟନ୍ ଓଜନର ହେବା ଆଶା କରାଯାଉଥିବାବେଳେ ଏହାକୁ ପୃଥିବୀଠାରୁ ୪୫୦ କି.ମି. ଉଚ୍ଚ ନିମ୍ନ କକ୍ଷପଥରେ ଅବସ୍ଥାପିତ କରାଯିବ। ଏଥିରେ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ପରିବେଶ ନିୟନ୍ତ୍ରଣ ଓ ଜୀବନ ସମର୍ଥକ ବ୍ୟବସ୍ଥା (ଇସିଏଲ୍‌ଏସ୍‌ଏସ୍), ଭାରତ ଡକିଂ ସିଷ୍ଟମ୍, ଭାରତ ବର୍ଥିଂ ମେକାନିଜମ୍, ଅଟୋମେଟେଡ୍ ହାଚ୍ ସିଷ୍ଟମ୍, ମାଇକ୍ରୋଗ୍ରାଭିଟି ଗବେଷଣା ପାଇଁ ପ୍ଲାଟ୍‌ଫର୍ମ ଏବଂ ଟେକ୍‌ନୋଲୋଜି ଡେମୋନଷ୍ଟ୍ରେଶନ ଇତ୍ୟାଦି ରହିବ। ଏହା ବ୍ୟତୀତ ସଞ୍ଚାଳନ ଶକ୍ତି ଭରିବା ଏବଂ ଇସିଏଲ୍‌ଏସ୍‌ଏସ୍ ଫ୍ଲୁଇଡ୍ ଭରିବା, ବିକିରଣ ଏବଂ ତାପ ତଥା କ୍ଷୁଦ୍ର ଉଲ୍‌କା ପିଣ୍ଡ ଏବଂ ଅର୍ବିଟାଲ ବର୍ଜ୍ୟରୁ ସୁରକ୍ଷା ପାଇଁ ଏଥିରେ ବ୍ୟବସ୍ଥା ରହିବ। ମହାକାଶ ସମ୍ପର୍କିତ ବିଭିନ୍ନ ଦୃଷ୍ଟିକୋଣ, ଜୀବ ବିଜ୍ଞାନ, ଆୟୁର୍ବିଜ୍ଞାନ, ଅନ୍ତଗ୍ରହୀୟ ଆବିଷ୍କାର ପାଇଁ ବିଏଏସ୍ ଏକ ଗବେଷଣା ପ୍ଲାଟ୍‌ଫର୍ମ ଭାବେ କାର୍ଯ୍ୟ କରିବ ବୋଲି ଆଶା କରାଯାଉଛି।

# ‘ଆଧାର’ ବାସିନ୍ଦା ପ୍ରମାଣପତ୍ର

ନୂଆଦିଲ୍ଲୀ,୨୨।୮





### ବିହାର ଚିଠା ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ମତଦାତା ଆଧାର କାର୍ଡ ଦାଖଲକରି ନାମ ପୁନଃ ପଞ୍ଜୀକରଣ ଦାବି କରିପାରିବେ: ସୁପ୍ରିମକୋର୍ଟ

ଚଳିତବର୍ଷ ବିହାର ବିଧାନସଭା ଭୋଟ ହେବାକୁ ଥିବାବେଳେ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାରୁ ବାଦ୍ ପଡ଼ିଥିବା ମତଦାତାମାନେ ଅନ୍‌ଲାଇନ୍‌ରେ ଆଧାର କାର୍ଡ ଦାଖଲ କରି ନିଜ ନାମ ପୁନଃ ପଞ୍ଜୀକରଣ ପାଇଁ ଦାବି କରିପାରିବେ। ଆଧାରକୁ ବାସିନ୍ଦା ପ୍ରମାଣପତ୍ର ଭାବେ ଗ୍ରହଣ କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ଇସିଆଇଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜୟମାଲା ବାଗ୍‌ଚୀଙ୍କ ଖଣ୍ଡପୀଠ ଚିଠା ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ବିହାରୀଙ୍କୁ ସେମାନଙ୍କ ନାମ ପଞ୍ଜୀକରଣ ଦାବି ସପକ୍ଷରେ ଆଧାର କାର୍ଡ ନମ୍ବର ଓ ଏସ୍‌ଆଇଆର୍‌ରେ ଗ୍ରହଣୀୟ ୧୧ ଦସ୍ତାବିଜ ମଧ୍ୟରୁ ଗୋଟିଏ ଦାଖଲ କରିବାକୁ ଅନୁମତି ପ୍ରଦାନ କରିଛନ୍ତି। ଏହି ପ୍ରସଙ୍ଗରେ ରାଜନୈତିକ ଦଳଗୁଡ଼ିକ ହୋହଲ୍ଲା କରୁଥିବାବେଳେ ବାଦ୍ ପଡ଼ିଥିବା ୬୫ ଲକ୍ଷ ଭୋଟରଙ୍କ ଆପତ୍ତି ଉପରେ ଆଗେଇ ନ ଆସିବାକୁ ନେଇ ଖଣ୍ଡପୀଠ ବିସ୍ମୟ ପ୍ରକାଶ କରିଛନ୍ତି। ବିହାର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ଏଭଳି ଦଳଗୁଡ଼ିକୁ ପକ୍ଷଭୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେପ୍ଟେମ୍ବର ୮ରେ ଏହି ପ୍ରସଙ୍ଗରେ ପରବର୍ତ୍ତୀ ଶୁଣାଣି କରାଯିବ। ଏହି ଅବଧି ମଧ୍ୟରେ ସବୁ ଦଳ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବେ ବୋଲି ଶୀର୍ଷ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ବାଦ୍ ପଡ଼ିଥିବା ଭୋଟରଙ୍କ ଦାବି ଫର୍ମ ଦାଖଲ କରୁଥିବା ଦଳଗୁଡ଼ିକର ବୁଥ୍‌ସ୍ତରୀୟ ଏଜେଣ୍ଟମାନଙ୍କୁ ଆକ୍‌ନଲେଜ୍‌ମେଣ୍ଟ ରିସିପ୍ଟ ପ୍ରଦାନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ଇସିଆଇଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ରାକେଶ ଦ୍ୱିବେଦୀ କହିଥିଲେ, ରାଜନୈତିକ ଦଳଗୁଡ଼ିକ ଏହା ଉପରେ ବହୁତ ହୋହଲ୍ଲା କରୁଛନ୍ତି। ତେବେ କାହାକୁ ବାଦ୍ ଦିଆଯାଇ ନ ଥିବା ନେଇ ଅବଗତ କରାଇବା ପାଇଁ ଆୟୋଗଙ୍କୁ ୧୫ ଦିନ ସମୟ ଦିଆଯାଉ ବୋଲି ଅଦାଲତଙ୍କୁ ଅନୁରୋଧ କରିଥିଲେ। ୮୫,୦୦୦ ଭୋଟରଙ୍କୁ ଚିଠା ଭୋଟର ତାଲିକାରୁ ବାଦ୍ ଦିଆଯାଇଥିବାବେଳେ ସେମାନେ ନିଜ କ୍ଲେମ୍ ଫର୍ମ ଦାଖଲ କରିଛନ୍ତି। ରାଜ୍ୟର ୨ ଲକ୍ଷରୁ ଊର୍ଦ୍ଧ୍ୱ ନୂଆ ଭୋଟର ଏସ୍‌ଆଇଆର୍ ପ୍ରକ୍ରିୟା ବେଳେ ଭୋଟର ତାଲିକାରେ ନିଜ ନାମ ପଞ୍ଜୀକରଣ ପାଇଁ ଆଗେଇ ଆସିଥିବା ଇସିଆଇ ଖଣ୍ଡପୀଠଙ୍କୁ ଅବଗତ କରାଇଛନ୍ତି। ଅଗଷ୍ଟ ୧୪ରେ ସୁପ୍ରିମକୋର୍ଟ ବାଦ୍ ପଡ଼ିଥିବା ୬୫ ଲକ୍ଷ ମତଦାତାଙ୍କ ବିବରଣୀ ଓ ହଟାଯିବାର କାରଣ ୧୯ ତାରିଖ ସୁଦ୍ଧା ପ୍ରକାଶ କରିବାକୁ ଇସିଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଆଧାରକୁ ପରିଚୟର ଗ୍ରହଣୀୟ ଦସ୍ତାବିଜ ରୂପେ ଅନୁମତି ପ୍ରଦାନ କରିବାକୁ କହିଥିଲେ। ଉଲ୍ଲେଖଯୋଗ୍ୟ, ବିହାରରେ ୨୦୦୩ ପରେ ଭୋଟରଙ୍କ ରିଭିଜନ୍ କରାଯାଉଛି, ଯାହାକୁ ନେଇ ରାଜନୈତିକ ବିବାଦ ସୃଷ୍ଟି ହୋଇଛି। ଏସ୍‌ଆଇଆର୍ ଯୋଗୁ ବିହାରର ପଞ୍ଜୀକୃତ ମତଦାତାଙ୍କ ସଂଖ୍ୟା ୭.୯ କୋଟିରୁ ୭.୨୪ କୋଟିକୁ ଖସିଆସିଛି।

#### କ’ଣ କହିଲେ ସୁପ୍ରିମକୋର୍ଟ

- ବିହାର ଏସ୍‌ଆଇଆର୍ ପ୍ରକ୍ରିୟା ଯୋଗୁ ଚିଠା ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ୬୫ ଲକ୍ଷ ମତଦାତାଙ୍କୁ ୧୨ ରାଜନୈତିକ ଦଳ ସହଯୋଗ କରିବେ।
- ନିର୍ବାଚନ ଆୟୋଗ ଆଧାର କାର୍ଡ କିମ୍ବା ଅନ୍ୟ ୧୧ ଗ୍ରହଣୀୟ ଦସ୍ତାବିଜ ମଧ୍ୟରୁ ଗୋଟିଏକୁ ନାମ ପଞ୍ଜୀକରଣ ପାଇଁ ଅନୁମତି ଦେବେ।
- ୧,୬୮ ଲକ୍ଷ ବୁଥ୍‌ସ୍ତରୀୟ ଏଜେଣ୍ଟ (ବିଏଲ୍‌ଏ) ଥିବାବେଳେ ଚିଠା ଭୋଟର ତାଲିକାକୁ ନେଇ ମାତ୍ର ୨ଟି ଆପତ୍ତି ଦାଖଲ କରାଯିବା ଆଶ୍ଚର୍ଯ୍ୟଜନକ ବିଷୟ।
- ସମସ୍ତ ଦଳର ପ୍ରତିନିଧି କୋର୍ଟରେ ହାଜର ହୋଇ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବେ।

### ବିହାର ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ଭାଜପାର ନୂଆ ଅଧ୍ୟକ୍ଷ

ନୂଆଦିଲ୍ଲୀ,୨୨।୮

ବିହାର ବିଧାନସଭା ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ଭାଜପା ଏହାର ନୂଆ ଅଧ୍ୟକ୍ଷ ପାଇବାକୁ ଯାଉଛି। ନୂଆ ଅଧ୍ୟକ୍ଷଙ୍କ ନେତୃତ୍ୱରେ ଗୈରିକ ଦଳ ବିହାର ନିର୍ବାଚନ ଜିତିବ ବୋଲି ଏକ ସୂତ୍ରରୁ କୁହାଯାଇଛି। ତେବେ ବିଭିନ୍ନ କାରଣକୁ ନେଇ ଅଧ୍ୟକ୍ଷ ଚୟନ ବିଳମ୍ବିତ ହୋଇଛି। ସବୁଠୁ ବଡ଼ କାରଣ ହେଲା ଅଧ୍ୟକ୍ଷ ବାଛିବା ପୂର୍ବରୁ ଦଳ ନେତୃତ୍ୱ ବ୍ୟାପକ ବିଚାରବିମର୍ଶ ଚଳାଇଛନ୍ତି। ଇତିମଧ୍ୟରେ ବରିଷ୍ଠ ଭାଜପା ନେତୃବୃନ୍ଦ ଏବଂ ଏହାର ଆଦର୍ଶଗତ ଗୁରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଇତିମଧ୍ୟରେ ୧୦୦ ଶୀର୍ଷ ନେତାଙ୍କ ପାଖରେ ପହଞ୍ଚି ସାରିଲେଣି। ଦଳର ପୂର୍ବତନ ମୁଖ୍ୟ ଓ ବରିଷ୍ଠ କେନ୍ଦ୍ରମନ୍ତ୍ରୀଙ୍କ ସମେତ ଆର୍‌ଏସ୍‌ଏସ୍ ଏବଂ ଭାଜପା ନେତାଙ୍କ ସମେତ ସାମ୍ବିଧାନିକ ପଦବୀରେ ରହିଥିବା ବ୍ୟକ୍ତିଙ୍କ ସହ ପରାମର୍ଶ କରାଯାଉଛି। ଏଥିସହିତ ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତି ନିର୍ବାଚନ ଥିବାରୁ ଭାଜପା ଅଧ୍ୟକ୍ଷ ଚୟନ ପ୍ରକ୍ରିୟା ବିଳମ୍ବିତ ହେଉଥିବା କୁହାଯାଉଛି। ତୃତୀୟ କାରଣ ହେଲା ଗୁଜରାଟ, ଉତ୍ତରପ୍ରଦେଶ, କର୍ନାଟକ ଭଳି ଗୁରୁତ୍ୱପୂର୍ଣ୍ଣ ରାଜ୍ୟରେ ଭାଜପା ସଭାପତି ନିର୍ବାଚନ ବିଳମ୍ବିତ ହେବା।

### ଉତ୍ପାଦନ କ୍ଷମତାକୁ ପ୍ରଭାବିତ କରୁଛି ଅତ୍ୟଧିକ ଉତ୍ତାପ

ନୂଆଦିଲ୍ଲୀ,୨୨।୮(ପି.ଟି.)

**ଡବ୍ଲ୍ୟୁଏଚ୍‌ଓ-ଡବ୍ଲ୍ୟୁଏମ୍‌ଓ ରିପୋର୍ଟ**

ଅତ୍ୟଧିକ ଉତ୍ତାପ ଯୋଗୁ ଶ୍ରମିକମାନଙ୍କ ଉତ୍ପାଦନ କ୍ଷମତା ହ୍ରାସ ପାଉଛି। ୨୦ ଡିଗ୍ରୀ ସେଲ୍‌ସିୟସ୍ ପରିବେଶ ତାପମାତ୍ରାଠାରୁ ପ୍ରତି ଗୋଟିଏ ଡିଗ୍ରୀ ବୃଦ୍ଧି ପାଇଁ ଉତ୍ପାଦନ କ୍ଷମତା ୨ରୁ ୩ ପ୍ରତିଶତ କମୁଥିବା ଜାତିସଂଘର ସ୍ୱାସ୍ଥ୍ୟ ଓ ଜଳବାୟୁ ଏଜେନ୍ସି ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଶ୍ରମିକମାନଙ୍କ ସୁସ୍ଥ ରହିବା ଓ ଉତ୍ପାଦନକ୍ଷମ ଜୀବନ ଯାପନ ସାମର୍ଥ୍ୟ ଉପରେ କାର୍ଯ୍ୟକ୍ଷେତ୍ର ତାପମାତ୍ରା ପ୍ରତ୍ୟକ୍ଷ ଭାବେ ପ୍ରଭାବ ପକାଇଥାଏ। ଗତ ୫ ଦଶନ୍ଧିର ଅଧ୍ୟୟନରୁ ମିଳିଥିବା ତଥ୍ୟ ପ୍ରମାଣକୁ ଅନୁଶୀଳନ କରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଏବଂ ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲ୍ୟୁଏମ୍‌ଓ) ଏହା ପ୍ରକାଶ କରିଛନ୍ତି। ସାରା ବିଶ୍ୱରେ ଅତ୍ୟଧିକ ଗ୍ରୀଷ୍ମଲହରି ଦିବସ ସଂଖ୍ୟା ବଢ଼ିବାରେ ଲାଗିଛି। ଫଳରେ ଏହା ଉଭୟ ଘର ଭିତରେ ଓ ବାହାରେ କାର୍ଯ୍ୟ କରୁଥିବା ଶ୍ରମିକ ଓ କର୍ମଚାରୀଙ୍କ ଉପରେ ପ୍ରଭାବ ପକାଉଛି। ଏଥିଯୋଗୁ ଅଂଶୁଘାତ, ଜଳଶୂନ୍ୟତା ଏବଂ ମସ୍ତିଷ୍କ ଓ କିଡ୍‌ନୀ ସମସ୍ୟା ଦେଖାଯାଉଛି। ଏଗୁଡ଼ିକ ଶ୍ରମଶକ୍ତି ଜନସଂଖ୍ୟାର ଦୀର୍ଘକାଳୀନ ସ୍ୱାସ୍ଥ୍ୟ ଓ ଆର୍ଥିକ ସୁରକ୍ଷାକୁ ପ୍ରଭାବିତ କରିପାରେ ବୋଲି ଗବେଷକମାନେ କହିଛନ୍ତି।

### ନାଇଟ୍ରୋଜେନ୍ ଗ୍ୟାସ୍ ଲିକ୍: ୪ ମୃତ

ମୁମ୍ବାଇ, ୨୨।୮

ମହାରାଷ୍ଟ୍ରର ପାଲଘର ଜିଲା ତାରାପୁର ଏମ୍‌ଆଇଡିସିସ୍ଥିତ ଫାର୍ମା କମ୍ପାନୀ ମେଡଲି ଫାର୍ମା ଲିମିଟେଡ୍‌ର ପ୍ଲାଣ୍ଟରେ ନାଇଟ୍ରୋଜେନ୍ ଗ୍ୟାସ୍ ଲିକ୍ ହେବାରୁ କମ୍ପାନୀର ୪ ଜଣ କର୍ମଚାରୀଙ୍କ ମୃତ୍ୟୁ ହୋଇଯାଇଥିଲାବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଉଭୟ ଆହତଙ୍କୁ ପାଲଘରସ୍ଥିତ ଶିନ୍ଦେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉଭୟ ହସ୍ପିଟାଲର ଇଣ୍ଟେନସିଭ୍ କେୟାର ୟୁନିଟ (ଆଇସିୟୁ)ରେ ଚିକିତ୍ସିତ ହେଉଥିବା ନେଇ ସ୍ଥାନୀୟ ଡାକ୍ତର କହିଛନ୍ତି। ଘଟଣାସ୍ଥଳରେ ଅଧିକାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ନାଇଟ୍ରୋଜେନ୍ ଗ୍ୟାସ୍ ଲିକ୍ ହେବା ସମୟରେ ୩୬ ଜଣ ଶ୍ରମିକ ମେଡଲି ଫାର୍ମା ଲିମିଟେଡ୍ କମ୍ପାନୀର ପ୍ଲାଣ୍ଟରେ କାର୍ଯ୍ୟରତ ଥିଲେ।

# ଗାଜା ସିଟିରେ ସମ୍ପୂର୍ଣ୍ଣ ଦୁର୍ଭିକ୍ଷ

#### ଘୋଷଣାକଲା ଜାତିସଂଘ

ଗାଜା ସିଟି,୨୨।୮



ଗାଜାର ଖାନ୍‌ୟୁନିସ୍‌ରେ ଏକ ଦାତବ୍ୟ ଅନୁଷ୍ଠାନ ପକ୍ଷରୁ ବଣ୍ଟନ କରାଯାଉଥିବା ଖାଦ୍ୟ ନେବା ପାଇଁ ଗହଳି ଲାଗିଛି।

ଗାଜାର ସର୍ବବୃହତ୍ ସହର ଗାଜା ସିଟିକୁ ଦୁର୍ଭିକ୍ଷ ସମ୍ପୂର୍ଣ୍ଣ କବଳିତ କରିଥିବା ଜାତିସଂଘ ସମର୍ଥିତ ସମନ୍ୱିତ ଖାଦ୍ୟ ସୁରକ୍ଷା ଫେଜ୍ କ୍ଲାସିଫିକେଶନ (ଆଇପିସି) ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ଯୁଦ୍ଧବିରତି ନ ହେଲେ ଏବଂ ମାନବୀୟ ସହାୟତା ଉପରେ କଟକଣା ନ ହଟିଲେ ଦୁର୍ଭିକ୍ଷ ତୁରନ୍ତ ଅନ୍ୟ ଅଞ୍ଚଳକୁ ବ୍ୟାପିବା ନେଇ ଖାଦ୍ୟ ସଙ୍କଟ ସମ୍ପର୍କିତ ବିଶ୍ୱର ପ୍ରମୁଖ କର୍ତ୍ତୃପକ୍ଷ ସତର୍କ କରାଇଛନ୍ତି। ଗାଜା ସିଟିରେ ପ୍ରାୟ ୫ ଲକ୍ଷ ଲୋକ ବସବାସ କରୁଛନ୍ତି। ଆସନ୍ତା ମାସ ଶେଷ ସୁଦ୍ଧା ଦୁର୍ଭିକ୍ଷ ଡେଇର୍ ଅଲ୍-ବଲାହ ଏବଂ ଖାନ୍ ୟୁନିସ୍ ସହରକୁ ବ୍ୟାପିପାରେ। ଗାଜାରେ ଖାଦ୍ୟ ଓ ଅନ୍ୟାନ୍ୟ ସହାୟତା ଯୋଗାଣ ଉପରେ ଇସ୍ରାଏଲୀ କଟକଣା ଓ ଆକ୍ରମଣ ଯୋଗୁ ଗୁରୁତର ଖାଦ୍ୟ ସଙ୍କଟ ଦେଖାଦେବା ନେଇ ବିଭିନ୍ନ ସହାୟତା ପ୍ରଦାନକାରୀ ସଂସ୍ଥା ପକ୍ଷରୁ ସତର୍କ କରାଯାଇ ଆସୁଥିଲା। ମଧ୍ୟପ୍ରାଚ୍ୟରେ ପ୍ରଥମ ଥର ପାଇଁ ଦୁର୍ଭିକ୍ଷ ଦେଖାଦେଇଥିବା ନେଇ ଆଇପିସି ଘୋଷଣା କରିଥିବାରୁ ଇସ୍ରାଏଲ୍ ଉପରେ ଅନ୍ତର୍ଜାତୀୟ ଚାପ ବଢ଼ିପାରେ ବୋଲି କୁହାଯାଉଛି। ଇସ୍ରାଏଲ୍ ତୁରନ୍ତ ଗାଜା ସିଟିକୁ ଦଖଲ କରିବା ସହ ହମାସ୍ ଆତଙ୍କବାଦୀଙ୍କ ଅନ୍ୟ ଆଡ୍ଡାସ୍ଥଳଗୁଡ଼ିକୁ କବ୍‌ଜା କରିବାକୁ ଯୋଜନା କରିଛି। ଏହା ଖାଦ୍ୟ ସଙ୍କଟକୁ ଆହୁରି ବଢ଼ାଇବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।


ଯୁଦ୍ଧ ବନ୍ଦ ପାଇଁ ଇସ୍ରାଏଲ୍‌ର ସର୍ତ୍ତକୁ ହମାସ ନ ମାନିଲେ, ଗାଜାର ସର୍ବବୃହତ୍ ସହରକୁ ଧ୍ୱଂସ କରିଦିଆଯିବ ବୋଲି ଶୁକ୍ରବାର ଇସ୍ରାଏଲୀ ସେନା ଧମକ ଦେଇଛି। ଗାଜା ସିଟିକୁ ଦଖଲ କରିବା ପାଇଁ ବଡ଼ ଆକ୍ରମଣ ପାଇଁ ସେନାକୁ ଦାୟିତ୍ୱ ଦେବେ ବୋଲି ଦିନକ ପୂର୍ବରୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଥିଲେ। ଖୁବ୍‌ଶୀଘ୍ର ଗାଜା ସିଟିର ଅବସ୍ଥା ରାଫାହ ଏବ ବେଇଟ୍ ହନୌନ ଭଳି ଧ୍ୱଂସସ୍ତୂପରେ ପରିଣତ ହୋଇପାରେ ବୋଲି ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଟ୍‌ଜ ଧମକ ଦେଇଛନ୍ତି।





ବିହାରରେ ‘ଭୋଟର ଅଧିକାର ଯାତ୍ରା’ ଅବସରରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଉଛନ୍ତି।

### ବିବାଦରେ ଅକ୍ଷୟଙ୍କ ଫିଲ୍ମ



ମୁମ୍ବାଇ

ବିବାଦରେ ବଲିଉଡ ଫିଲ୍ମ ‘ଜଲି ଏଲ୍‌ଏଲ୍‌ବି ୩’। ଫିଲ୍ମର ମୁଖ୍ୟ ଅଭିନେତା ଅକ୍ଷୟ କୁମାର, ଅରଶାଦ ୱାର୍ସି ଏବଂ ଫିଲ୍ମର ନିର୍ମାତାମାନଙ୍କୁ ପୁଣେ କୋର୍ଟ ସମନ ଜାରି କରିଛି। ଫିଲ୍ମଟି ଆଇନଗତ ପେସା ଏବଂ ନ୍ୟାୟପାଳିକାର ଅପମାନ କରିଥିବା ଅଭିଯୋଗ ହୋଇଥିଲା। ମୁମ୍ବାଇରେ ମଧ୍ୟ ଏହି ଫିଲ୍ମ ବିରୋଧରେ ଅଭିଯୋଗ ଦାୟର ହୋଇଛି।

ମୁମ୍ବାଇର ଓକିଲମାନେ ଫିଲ୍ମରେ ଓକିଲଙ୍କ ଚିତ୍ରଣକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଫିଲ୍ମରେ ଆଇନ, କୋର୍ଟ ଏବଂ ଓକିଲମାନଙ୍କର ଅପମାନ କରାଯାଇଛି। ଏହା ବିରୋଧରେ ସେନସର ବୋର୍ଡ ନିକଟରେ ମଧ୍ୟ ଅଭିଯୋଗ ଦାୟର ହୋଇଛି। ଫିଲ୍ମର ରିଲିଜକୁ ଅଟକାଇ ପୁନର୍ବାର ସେନ୍‌ସର ପାଇଁ ଦାବି କରାଯାଇଛି। ବମ୍ବେ ହାଇକୋର୍ଟର ଓକିଲ ଆଶିଷ ରାୟ ଏବଂ ପଙ୍କଜ ମିଶ୍ର ଏହି ଅଭିଯୋଗ ଦାୟର କରିଛନ୍ତି। ‘ଜଲି ଏଲ୍‌ଏଲ୍‌ବି ୩’ ଆସନ୍ତା ୧୯ ସେପ୍ଟେମ୍ବରରେ ରିଲିଜ ହେବାକୁ ଯାଉଛି। ଫିଲ୍ମରେ ଓକିଲ ଏବଂ କୋର୍ଟକୁ ଭୁଲ ଭାବେ ଚିତ୍ରଣ କରାଯାଇଛି, ଯାହା ଓକିଲମାନଙ୍କର ଅପମାନ କରୁଛି।

# ହାତୀ ସୁରକ୍ଷାରେ ଆଧୁନିକ ଶିକ୍ଷା ଜରୁରୀ: ତଥାଗତ

ବାରିପଦା,୨୨।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ହାତୀ ସୁରକ୍ଷା ସହ ଜଙ୍ଗଲର ସୁରକ୍ଷା କରାଗଲେ ପରିବେଶ ସୁରକ୍ଷିତ ରହିପାରିବ। ହାତୀ ସୁରକ୍ଷାରେ ଆଧୁନିକ ଶିକ୍ଷା ଜରୁରୀ ବୋଲି 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ କହିଛନ୍ତି। ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷିସ୍ଥିତ ଖଇରୀ ରିସୋର୍ଟରେ 'ହାତୀଙ୍କ ଗତି'କୁ ନେଇ ଶୁକ୍ରବାର ମଧ୍ୟାହ୍ନରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ହାତୀ-ମଣିଷ ସଂଘର୍ଷ ରୋକିବା ଏବଂ ଐତିହ୍ୟ ପ୍ରାଣୀଙ୍କ ସୁରକ୍ଷାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ନୀତି ଘୋଷଣା କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସେ ସାଧୁବାଦ ଜଣାଇଥିଲେ। ଏହି ସରକାରଙ୍କ ଦ୍ୱାରା ହାତୀ ସୁରକ୍ଷାରେ କିଛି ନୂଆ କାର୍ଯ୍ୟ ହୋଇପାରିବ ବୋଲି ସତପଥୀ କହିଥିଲେ।

'ସଂଗ୍ରାମ' ପକ୍ଷରୁ ଆୟୋଜିତ ବୈଠକରେ ସଙ୍ଗଠନର ସମ୍ପାଦକ ତଥା ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ ସଭାପତିତ୍ୱ କରି ବିଗତ ଦିନରେ ବନ୍ୟଜନ୍ତୁ ଓ ଜଙ୍ଗଲକୁ ବଞ୍ଚାଇବା ଦିଗରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚିତ କରିଥିଲେ। ସମ୍ମାନିତ ଅତିଥି ଭାବେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଯୋଗଦେଇ ହାତୀର ଗତିପଥକୁ ନେଇ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ସୂଚିତ କରିଥିଲେ। ହାତୀ-ମଣିଷ ସଂଘର୍ଷ ହ୍ରାସ କରିବା ସହ ଜଙ୍ଗଲ ସୁରକ୍ଷିତ ରହିପାରିଲେ ହାତୀ ସୁରକ୍ଷିତ ରହିପାରିବ। ହାତୀ କରିଡର ପ୍ରତି ସ୍ୱତନ୍ତ୍ର ଧ୍ୟାନଦେବା ଆବଶ୍ୟକ ରହିଛି। ହାତୀର ଖାଦ୍ୟ ଜଙ୍ଗଲରେ ଉପଲବ୍ଧ କରାଇବା ସହ ସୁରୁଖୁରୁରେ କ୍ଷତିପୂରଣ ପ୍ରଦାନ କରାଯାଉ। ରାଜ୍ୟ ସରକାରଙ୍କ ପକ୍ଷରୁ ହାତୀ ପାଇଁ ନିଆଯାଉଥିବା ଯୋଜନାରେ ମଣିଷ ଓ ହାତୀର ସୁରକ୍ଷା ଦିଗ ପ୍ରତି ପଦକ୍ଷେପ ନିଆଯାଉ ବୋଲି ସେ କହିଥିଲେ। ତେବେ ମହୁଚାଷ କରିବା ଦ୍ୱାରା ମହୁମାଛିର ଗୁଣୁଗୁଣୁ ଶବ୍ଦକୁ ଭୟକରି ହାତୀ ଅଞ୍ଚଳ ଛାଡ଼ି ପଳାଇଥାଏ। ସେହିପରି ଲଙ୍କାଗୁଣ୍ଡ ଓ ତେଲର ଆଘ୍ରାଣରେ ହାତୀ ଅଞ୍ଚଳ ଛାଡ଼ିପାରିବ ଏବଂ ଅଞ୍ଚଳବାସୀଙ୍କୁ ହାଇମାଷ୍ଟ ଟର୍ଚ୍ଚ ଲାଇଟ ପ୍ରଦାନ କରାଗଲେ ହାତୀର ଗତିବିଧି ଉପରେ ନଜର ରଖିହେବ। ଅନ୍ୟପକ୍ଷରେ ହାତୀ ଉତ୍ପାତକୁ ଏଡ଼ାଇବା ପାଇଁ ଆବଶ୍ୟକସ୍ଥଳେ ଡ୍ରମ୍ ବଜାଇବା ସହ ମହାବଳ ବାଘର ଗର୍ଜନ ଓ ମହୁମାଛିର ଗୁଣୁଗୁଣୁ ଶବ୍ଦକୁ ଡାକବାଜି ଯନ୍ତ୍ର ମାଧ୍ୟମରେ ବଜାଇଲେ ହାତୀକୁ ସୁପଥଗାମୀ କରିବାରେ ସହଜ ହୋଇପାରିବ ବୋଲି ଶ୍ରୀମତୀ ସତପଥୀ ମତ ଦେଇଥିଲେ। ମୁଖ୍ୟବକ୍ତା ଭାବେ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଯୋଗଦେଇ ବିଗତ ଦିନ ଅପେକ୍ଷା ହାତୀଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ବିଶାଳକାୟ ଜୀବ ହାତୀ ବିଭିନ୍ନ ସ୍ଥାନ ବୁଲି ଖାଦ୍ୟ ଗ୍ରହଣ କରିବ। ହାତୀକୁ ଅଯଥାରେ ହଇରାଣ କଲେ ସେ ଆକ୍ରମଣ କରିବାକୁ ପଛାଇବ ନାହିଁ ବୋଲି କହିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ହାତୀ ସୁରକ୍ଷା ପ୍ରତି ସମସ୍ତେ ଯତ୍ନବାନ୍ ହେବାକୁ ପଡ଼ିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଙ୍ଗିରିପୋଷି ରେଞ୍ଜର ମହେଶ୍ୱର ସିଂ ହାତୀ ସୁରକ୍ଷା କ୍ଷେତ୍ରରେ ବନ ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନାକରି ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଥିଲେ।

ପ୍ରାରମ୍ଭରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶିଶୁ ଭଉଣୀଭାଇମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସଂଗ୍ରାମର ସଭାପତି ସଂଯୁକ୍ତା ବସା କାର୍ଯ୍ୟକ୍ରମର ଲକ୍ଷ୍ୟ ସମ୍ପର୍କରେ ଆଲୋଚନା କରିବା ସହ ସଂଗ୍ରାମ ପକ୍ଷରୁ ନିଆଯାଉଥିବା ହାତୀ ସୁରକ୍ଷା ଦିଗରେ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଉପସଭାପତି ବିଭୁପ୍ରସାଦ ଦାସ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଜଙ୍ଗଲ ଓ ବନ୍ୟଜନ୍ତୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରିଚାଲିଥିବା ସ୍ୱେଚ୍ଛାସେବୀ ପୁନାଶିଆ ଗ୍ରାମର ସୌଦାମିନୀ ମହାକୁଡ଼, ମଣଦା ଗ୍ରାମର ରତ୍ନମଣି ସି, ଗଜସାଥୀ ଭାବେ ଉତ୍ତମ କାର୍ଯ୍ୟ କରି ପ୍ରଶଂସିତ ହୋଇଥିବା ଜଗନ୍ନାଥପୁର ଗ୍ରାମର ଦିଲୀପ କୁମାର ନାଏକ, ତୁଳସୀବଣି ଗ୍ରାମର ରାଜେଶ ମାରାଣ୍ଡି, ଉଆଁଶିଆ ଗ୍ରାମର ବୁଲୁ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିବେଶବିତ୍ ତାରାପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



ବାଙ୍ଗିରିପୋଷିସ୍ଥିତ ଖଇରୀ ରିସର୍ଟଠାରେ 'ସଂଗ୍ରାମ' ପକ୍ଷରୁ ଆୟୋଜିତ 'ହାତୀଙ୍କ ଗତି' ସମ୍ପର୍କିତ ବୈଠକରେ ମୁଖ୍ୟ ଅତିଥିଭାବେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ ଉଦ୍‌ବୋଧନ ଦେଉଛନ୍ତି। ନିକଟରେ ଉପସ୍ଥିତ ଅଛନ୍ତି 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ସଂଗ୍ରାମ ସଙ୍ଗଠନର ସମ୍ପାଦକ ଭାନୁମିତ୍ର ଆଚାର୍ଯ୍ୟ, ସଭାପତି ସଞ୍ଜୁକ୍ତା ବସା ଓ ଉପସଭାପତି ବିଭୁପ୍ରସାଦ ଦାସ।

# ଓଡ଼ିଶାକୁ ଖୁବ୍‌ଶୀଘ୍ର ୨ ମେଡିକାଲ କଲେଜ ଅନୁମତି

■ ଏଲ୍‌ଓପି ଅପେକ୍ଷାରେ ଫୁଲବାଣୀ, ତାଳଚେର
■ ଚଳିତବର୍ଷରୁ ନାମଲେଖା ପାଇଁ ସ୍ୱାସ୍ଥ୍ୟବିଭାଗ ତତ୍ପର

ଭୁବନେଶ୍ୱର,୨୨।୮(ରବିନାରାୟଣ ଜେନା)

ରାଜ୍ୟରେ ଡାକ୍ତର ଅଭାବକୁ ନେଇ ସରକାର ସବୁବେଳେ ସମାଲୋଚନାର ଶରବ୍ୟ ହୋଇ ଆସୁଥିବାବେଳେ ଚଳିତ ଶିକ୍ଷାବର୍ଷରେ ଓଡ଼ିଶାକୁ ଦୁଇଟି ମେଡିକାଲ କଲେଜକୁ ଅନୁମତି ମିଳିବାକୁ ଯାଉଛି। ସେଥିମଧ୍ୟରେ ଗୋଟିଏ ଫୁଲବାଣୀ ରହିଥିବାବେଳେ ଅନ୍ୟଟି ତାଳଚେର ରହିଛି। ଏହି ଦୁଇଟି ସ୍ଥାନରେ ରାଜ୍ୟ ସରକାରଙ୍କ ପକ୍ଷରୁ ମେଡିକାଲ କଲେଜର ଭିତ୍ତିଭୂମି ସମ୍ପୂର୍ଣ୍ଣ ହୋଇସାରିଥିବାବେଳେ ଡାକ୍ତର ଏବଂ ପାରା ମେଡିକାଲ ଷ୍ଟାଫ୍ ମଧ୍ୟ ପୂରଣ ହୋଇସାରିଛି। ଜାତୀୟ ଭେଷଜ ପରିଷଦ (ଏନ୍‌ଏମ୍‌ସି) ଗତ ମେ ୨୮ରେ ଫୁଲବାଣୀ ଏବଂ ଜୁନ୍ ୨୩ରେ ତାଳଚେର ମେଡିକାଲ କଲେଜ ଭିତ୍ତିଭୂମି ଯାଞ୍ଚ କରି ସନ୍ତୋଷ ବ୍ୟକ୍ତ କରିଥିଲା। ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍ ନିଯୁକ୍ତିକୁ ନେଇ ଯେଉଁ ସମସ୍ୟା ରହିଥିଲା ତାହା ପୂରଣ କରାଯାଇଛି। ଏହି ଦୃଷ୍ଟିରୁ ଓଡ଼ିଶା ଆଉ ଦୁଇଟି ମେଡିକାଲ କଲେଜକୁ ଅନୁମତି(ଲେଟର ଅଫ୍ ପରମିଶନ) ପାଇବା ପାଇଁ ଅପେକ୍ଷା କରିଛି, ଯାହାଫଳରେ ରାଜ୍ୟରେ ମେଡିକାଲ କଲେଜ ସଂଖ୍ୟା ୧୫କୁ ଛୁଇଁବ ବୋଲି ରାଜ୍ୟ ଭେଷଜ, ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ଉମାକାନ୍ତ ଶତପଥୀ କହିଛନ୍ତି। ଚଳିତ ପାଠ୍ୟକ୍ରମରୁ କିଭଳି ଉକ୍ତ ଦୁଇ ମେଡିକାଲ କଲେଜ ଖୋଲିବ ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗ ଅପେକ୍ଷାରେ ରହିଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି।

ରାଜ୍ୟର ସବୁ ଲୋକ କିଭଳି ହାତପାଆନ୍ତାରେ ସ୍ୱାସ୍ଥ୍ୟସେବା ପାଇବେ ସେଥିପାଇଁ ଅଧିକରୁ ଅଧିକ ମେଡିକାଲ କଲେଜ ଖୋଲିବାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ପ୍ରତିବର୍ଷ ରାଜ୍ୟରୁ ସରକାରୀ ଓ ବେସରକାରୀ ଭାବେ ପ୍ରାୟ ୨୮୦୦ ଡାକ୍ତର ସୃଷ୍ଟି ହେବାର ସୁଯୋଗ ରହିଛି। ଏହାଦ୍ୱାରା ରାଜ୍ୟରେ ରୋଗୀ ଏବଂ ଡାକ୍ତରଙ୍କ ମଧ୍ୟରେ ଥିବା ବ୍ୟବଧାନ ଧୀରେ ଧୀରେ ହ୍ରାସ ପାଉଛି। ଏମ୍‌ବିବିଏସ୍ କ୍ଷେତ୍ରରେ ରାଜ୍ୟରେ ଏବେ କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜରେ ୨୫୦ ସିଟ୍ ରହିଥିବାବେଳେ ବୁର୍ଲାସ୍ଥିତ ଭୀମସାରରେ (୨୦୦) ଓ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲ କଲେଜ(୨୫୦) ସିଟ୍ ରହିଛି। ଏହାସହ କୋରାପୁଟରେ(୧୨୫), ବାରିପଦାରେ(୧୨୫), ବଲାଙ୍ଗୀର, ବାଲେଶ୍ୱର, ପୁରୀ, କେନ୍ଦୁଝର ଓ ସୁନ୍ଦରଗଡ଼, କଳାହାଣ୍ଡିରେ(୧୦୦) ଲେଖାଏ ଏମ୍‌ବିବିଏସ୍ ସିଟ୍ ରହିଛି। ଏହାବାଦ୍ ଯାଜପୁରରେ ୫୦ ସିଟ୍ ରହିଥିବାବେଳେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ପରିସରରେ ପିଜିଆଇଏମ୍‌ଆର୍‌ରେ ୨୫ଟି ସିଟ୍ ରହିଛି। ଅନ୍ୟପକ୍ଷରେ ବେସରକାରୀ ମେଡିକାଲ କଲେଜ କିମ୍ସ, ସମ୍, ହାଇଟେକ୍ ଓ ଡ୍ରିମ୍ସ ପ୍ରଭୃତିରେ ୯୫୦ ଏମ୍‌ବିବିଏସ୍ ସିଟ୍ ରହିଛି। ଏସବୁକୁ ମିଶାଇଲେ ଏବେ ରାଜ୍ୟରେ ୨୫୨୫ ଛାତ୍ରୀଛାତ୍ର ଡାକ୍ତରୀ ପାଠ ପଢୁଥିବାବେଳେ ଆଗାମୀ ଦିନରେ ଫୁଲବାଣୀକୁ ୧୦୦ ଏବଂ ତାଳଚେରକୁ ୧୦୦ ସିଟ୍ ଅନୁମତି ମିଳିଲେ ଏହି ସଂଖ୍ୟା ୨୭୨୫କୁ ଛୁଇଁବ। ଏହାବାଦ୍ ଭଦ୍ରକ ସମେତ ଆଉ କେତେକ ଜିଲାରେ ମଧ୍ୟ ମେଡିକାଲ କଲେଜ ପାଇଁ ପ୍ରକ୍ରିୟା ଜାରି ରହିଛି।

## ଶୁଣାଣି ଶେଷ, ରାୟ ସଂରକ୍ଷିତ

### ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଜାମିନ ଆବେଦନ

କଟକ,୨୨।୮(କାର୍ତ୍ତିକ ସାହୁ)

ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଗିରଫ ହୋଇ ଜେଲରେ ଥିବା ଅଭିଯୁକ୍ତମାନଙ୍କ ଜାମିନ ଆବେଦନର ଶୁଣାଣି ଶୁକ୍ରବାର ହୋଇଛି। କଟକ ଅତିରିକ୍ତ ଜିଲା ଜଜ୍‌ଙ୍କ କୋର୍ଟରେ ମାମଲାର ଶୁଣାଣି ଶେଷ ହୋଇଥିବା ବେଳେ ବିଚାରପତି ରାୟ ସଂରକ୍ଷିତ ରଖିଛନ୍ତି। ପ୍ରକାଶ ଯେ, ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପୂର୍ବତନ ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କ ସମେତ ଅନ୍ୟ ଅଭିଯୁକ୍ତମାନେ କଟକ ଅତିରିକ୍ତ ଜିଲା ଜଜ୍‌ଙ୍କ କୋର୍ଟରେ ଜାମିନ ଆବେଦନ କରିଥିଲେ। ମାମଲାର ଶୁଣାଣି ଗତ ୧୮ ତାରିଖରେ ହେବାକୁ ଥିବା ବେଳେ ତାହାକୁ ସ୍ଥଗିତ ରଖାଯାଇ ଅଗଷ୍ଟ ୨୨କୁ ଘୁଞ୍ଚାଇ ଦିଆଯାଇଥିଲା। ମାମଲାର ତଦନ୍ତ କରୁଥିବା ଓଡ଼ିଶା କ୍ରାଇମବ୍ରାଞ୍ଚ ଉପସଭାପତି ମହାନ୍ତି ଓ ଅନ୍ୟ ୬ଜଣଙ୍କୁ ଗିରଫ କରିଥିଲା। ପରେ କ୍ରାଇମବ୍ରାଞ୍ଚ ୨ ଅଭିଯୁକ୍ତ ବୋର୍ଡର ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣା ଓ ରାଜ୍ୟ ପୂର୍ବତନ କ୍ୟାଡର ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମିଶ୍ରଙ୍କୁ ରିମାଣ୍ଡରେ ଆଣି ପଚରାଉଚୁରା ସହ ଅଧିକ ତଥ୍ୟ ସଂଗ୍ରହ କରିଛି। ଏଥିସହ ଅନ୍ୟ ଦୁଇ ଅଭିଯୁକ୍ତ ରାମଜୀ ପ୍ରସାଦ ଗୁପ୍ତା ଓ ସନାତନ ବିଶୋଇଙ୍କୁ ମଧ୍ୟ ଦିନିକିଆ ରିମାଣ୍ଡରେ କ୍ରାଇମବ୍ରାଞ୍ଚ ଆଣି ପଚରାଉଚରା କରିଛି।

# ସାର କଳାବଜାରକାରୀଙ୍କୁ ଛାଡ଼୍ ନାହିଁ: କୃଷି ସଚିବ

### ମାର୍କଫେଡ୍ ବିକିଲାଣି ୭୫ ହଜାର ଏମ୍‌ଟି ୟୁରିଆ

ଭୁବନେଶ୍ୱର,୨୨।୮(ରବିନାରାୟଣ ଜେନା)

ରାଜ୍ୟରେ ସମ୍ପ୍ରତି ସାର ବିକ୍ରିବଟାର ପ୍ରମୁଖ ସମୟ। କୌଣସି ଜିଲାରେ ସାର ସଙ୍କଟ ହେଲେ ତୁରନ୍ତ ସରକାରଙ୍କୁ ଅବଗତ କରାଇବାକୁ ହେବ। କେଉଁଠାରେ ସାର୍ କଳାବଜାରକୁ ଛାଡ଼୍ ଦିଆଯିବ ନାହିଁ। ଏନ୍‌ଫୋର୍ସମେଣ୍ଟ ଟିମ୍ ଯେଉଁଠାରେ ସାର କଳାବଜାର ହେଉଥିବା ହୃଦ୍‌ବୋଧ କରିବେ ତୁରନ୍ତ ସେଠାରେ ପହଞ୍ଚି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ସାର ସଙ୍କଟ ନେଇ ଅନୁଷ୍ଠିତ ସମୀକ୍ଷା ବୈଠକ ଅବସରରେ ସଚିବ ପାଢ଼ୀ କହିଛନ୍ତି, ଯେଉଁଠାରେ ବେପାରୀମାନେ ଆଇନ ବିରୋଧୀ କାର୍ଯ୍ୟ କରୁଥିବା ନଜରକୁ ଆସିବ, ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯିବ। ଏଥିପ୍ରତି ସତର୍କ ଦୃଷ୍ଟି ରଖିବାକୁ ବିଭାଗୀୟ ଯୁଗ୍ମନିର୍ଦ୍ଦେଶକଙ୍କୁ ଡ. ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକର ସୂଚନା ଅନୁଯାୟୀ, ଚଳିତବର୍ଷ କେତେକ ଜିଲାରେ ସାର ଅଭାବକୁ ପୂରଣ କରିବା ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି। ଏହିକ୍ରମରେ କେନ୍ଦ୍ର ସରକାରଙ୍କୁ ଅଧିକ ମୁରିଏଟ୍ ଅଫ୍ ପଟାସ୍(ଏମ୍‌ଓପି) ଯୋଗାଇବା ପାଇଁ ଅନୁରୋଧ କରାଯାଇଛି। ତେବେ ସାର ଦେବାବେଳେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଯେଭଳି ଡିବିଟି ଜରିଆରେ ରିହାତି ଯିବ ତାହାକୁ ଦୃଷ୍ଟି ଦେବାକୁ ମାର୍କଫେଡ୍ ପରିଚାଳନା ନିର୍ଦ୍ଦେଶକଙ୍କୁ କୁହାଯାଇଛି। ଏହାସହିତ ସମସ୍ତ ସାର ଯୋଗାଣବେଳେ ହିତାଧିକାରୀଙ୍କ ଡିବିଟି ଆକାଉଣ୍ଟରେ ଯେଭଳି ଆଧାରକାର୍ଡ ଅପଡେଟ ଥିବ ତାହାକୁ ଗୁରୁତ୍ୱ ଦେବାକୁ ସଚିବ ପାଢ଼ୀ କହିଛନ୍ତି। ଚଳିତବର୍ଷ ମାର୍କେଫେଡ୍ ୭୫ହଜାର ମେଟ୍ରିକ୍ ଟନ୍ ୟୁରିଆ ବିକ୍ରି କରିଛି। ସେଥିମଧ୍ୟରୁ ୧୦ହଜାର ୬୯୬ ମେଟ୍ରିକ୍ ଟନ୍ ଘରୋଇ ଡିଲର୍ସଙ୍କୁ ଦିଆଯାଇଛି। ମାର୍କଫେଡ୍ ଦ୍ୱାରା ଷ୍ଟକ୍ ଗ୍ରହଣ କରିବା ଏବଂ ବିକ୍ରିବଟାର ପୂର୍ଣ୍ଣାଙ୍ଗ ବିବରଣୀ ରଖିବାକୁ ସଚିବ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି।

# ଓଡ଼ିଶା ସିଭିଲ ସର୍ଭିସ ଲିଖିତ ପରୀକ୍ଷାଫଳ ପ୍ରକାଶ

### ୨୯୩ ମହିଳାଙ୍କ ସମେତ ୮୦୬ କୃତକାର୍ଯ୍ୟ

କଟକ,୨୨।୮(କାର୍ତ୍ତିକ ସାହୁ)

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ୨୦୨୩ ମସିହାର ଓଡ଼ିଶା ସିଭିଲ ସର୍ଭିସ ଲିଖିତ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଓପିଏସ୍‌ସି ୱେବସାଇଟ୍ www.opsc.gov.inରେ ପରୀକ୍ଷାଫଳ ଉପଲବ୍ଧ ହୋଇଛି। ମୋଟ ୮୦୬ ଜଣ ପରୀକ୍ଷାର୍ଥୀ କାଗଜପତ୍ର ଯାଞ୍ଚ ଓ ବ୍ୟକ୍ତିତ୍ୱ ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨୯୩ଜଣ ମହିଳା ପ୍ରାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଓପିଏସ୍‌ସି ପକ୍ଷରୁ ଯୋଗ୍ୟ ବିବେଚିତ ଉକ୍ତ ପ୍ରାର୍ଥୀମାନଙ୍କ କାଗଜପତ୍ର ଯାଞ୍ଚ ଓ ବ୍ୟକ୍ତିତ୍ୱ ପରୀକ୍ଷା କଟକସ୍ଥିତ ଆୟୋଗଙ୍କ କାର୍ଯ୍ୟାଳୟରେ ଆସନ୍ତା ସେପ୍ଟେମ୍ବର ୬ରେ ହେବାକୁ ଧାର୍ଯ୍ୟ ହୋଇଛି। ଯୋଗ୍ୟ ପ୍ରାର୍ଥୀମାନେ ଓପିଏସ୍‌ସି ୱେବ୍‌ସାଇଟ୍‌ରୁ ଆଟେଷ୍ଟେଶନ ଫର୍ମ, ବାୟୋଡାଟା ଫର୍ମ ଓ ଘୋଷଣାପତ୍ର ଡାଉନ୍‌ଲୋଡ୍ ପରେ ପୂରଣ କରି ଉକ୍ତ ଦିନ ଦାଖଲ କରିବେ। ଏହି ତିନୋଟି ଫର୍ମ ଖୁବ୍‌ଶୀଘ୍ର ଓପିଏସ୍‌ସି ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଯିବ। ତେଣୁ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନେ ନିୟମିତ ଭାବେ ଓପିଏସ୍‌ସି ୱେବ୍‌ସାଇଟ୍ ଦେଖିବା ନିମନ୍ତେ ପରାମର୍ଶ ଦିଆଯାଇଛି।

# ଦୁଇ ଦିନ ହେଲା ପୁଅ ମୃତଦେହକୁ ଜଗିଛି ମା'

ଜଳେଶ୍ୱର,୨୨।୮(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ନାମ୍ପୋ ପଞ୍ଚାୟତର ଦେଉଳବାଡ଼ ଗ୍ରାମରେ ରାଜୁ ବେଶ୍ରାଙ୍କ ପରିବାରକୁ ଡାହାଣୀ ସନ୍ଦେହରେ ୧୦ବର୍ଷରୁ ଅଧିକ ସମୟ ଧରି ନିଆଁ ପାଣି ବାସନ୍ଦ କରାଯାଇଛି। ଗୁରୁବାର ସନ୍ଧ୍ୟାରେ ରାଜୁ ବେଶ୍ରାଙ୍କ ୨୬ ବର୍ଷୀୟ ପୁଅ ମଦନଙ୍କର ମୃତ୍ୟୁ ହୋଇଥିଲା। ମୃତଦେହକୁ କେହି କାନ୍ଧ ଦେବାକୁ ନ ଆସିବାରୁ ଦୁଇ ଦିନ ହେଲା ପୁଅର ମୃତଦେହକୁ ଜଗି ରହିଛି ମା'।

ମଦନ ୧୦ ଦିନ ତଳେ ବିଲରେ କାମ କରୁଥିବା ବେଳେ ହଠାତ୍ ଅସୁସ୍ଥ ହୋଇ ତଳେ ପଡ଼ିଯାଇଥିଲେ। ସେହିଦିନଠାରୁ ସେ ଘରେ ଶଯ୍ୟାଶାୟୀ ହୋଇ ପକ୍ଷାଘାତ ପୀଡ଼ିତ ହୋଇଥିଲେ। ଗୁରୁବାର ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ହୋଇଥିଲା। ମଦନଙ୍କ ମୃତ୍ୟୁକୁ ଦୁଇ ଦିନ ହୋଇଥିଲେ ମଧ୍ୟ ପିଣ୍ଡାରେ ମୃତଦେହ ପଡ଼ିଛି। ମା' ଚମ୍ପା ଜଗିରହିଛି। ଏ ସମ୍ପର୍କରେ ରାଜୁ ନାମ୍ପୋ ଫାଣ୍ଡି ଏବଂ ସରପଞ୍ଚ ଲୋପାମୁଦ୍ରା ରାଉଳଙ୍କୁ ଜଣାଇଥିବା କହିଛନ୍ତି।

ରାଜୁ ଅଭିଯୋଗ କରିଛନ୍ତି ଯେ, ତାଙ୍କ ସ୍ତ୍ରୀଙ୍କୁ ଡାହାଣୀ ସନ୍ଦେହରେ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ତାଙ୍କ ସାହି ଭାଇମାନେ ତାଙ୍କ ପରିବାରକୁ ଏକ ଘରକିଆ କରି ରଖିଛନ୍ତି। ଏପରିକି ୩ବର୍ଷ ତଳେ ତାଙ୍କ ବାପା ମେଘରାୟ ବେଶ୍ରା ମୃତ୍ୟୁବରଣ କରିବା ପରେ ଅନୁରୂପ ଭାବେ ମୃତଦେହ ପଡ଼ି ରହିଥିଲା ଏବଂ ବିଜୁ ବାହିନୀ ସତ୍କାର କରିଥିଲେ। ସାହି ବାସିନ୍ଦା ବୁଲା ମାରଣ୍ଡି, କାଳିଆ ମାରାଣ୍ଡି କହିଛନ୍ତି, ମଦନଙ୍କ ମୃତ୍ୟୁ ସମ୍ପର୍କରେ ଆମ୍ଭମାନଙ୍କୁ ସେ ଜଣାଇ ନାହାନ୍ତି, ମୃତଦେହ ସତ୍କାର ପାଇଁ ମଧ୍ୟ ଆମ୍ଭକୁ ଡାକି ନାହାନ୍ତି। ସରପଞ୍ଚ, ନାମ୍ପୋ ଫାଣ୍ଡି ଅଧିକାରୀ ପ୍ରତିନିଧି ବହୁ ବୁଝାଇବା ପରେ ସାମାଜିକ ସଙ୍ଗଠନ 'ମେ ଆଇ ହେଲ୍‌ପ ୟୁ' ପହଞ୍ଚି ମୃତଦେହ ସତ୍କାର ପାଇଁ ନେଇଥିଲେ।

## ରିମାଣ୍ଡ ପରେ ଜେଲ ଫେରିଲେ ଅଭିଯୁକ୍ତ ରାମଜୀ, ସନାତନ

କଟକ,୨୨।୮(କାର୍ତ୍ତିକ ସାହୁ)

ସ୍ପେଶାଲ ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ପ୍ରଘଟ ମାମଲାରେ କ୍ରାଇମବ୍ରାଞ୍ଚ ଗୁରୁବାର ରିମାଣ୍ଡରେ ଆଣିଥିବା ଅନ୍ୟ ୨ଅଭିଯୁକ୍ତ ରାମଜୀ ପ୍ରସାଦ ଗୁପ୍ତା ଓ ସନାତନ ବିଶୋଇ ଜେଲକୁ ଶୁକ୍ରବାର ଫେରିଛନ୍ତି। ଅଦାଲତଙ୍କ ଅନୁମତି କ୍ରମେ ଦିନିକିଆ ରିମାଣ୍ଡ ଅବଧି ଗୁରୁବାର ଅପରାହ୍ନ ୨ଟାରୁ ଶୁକ୍ରବାର ଅପରାହ୍ନ ୨ଟା ପର୍ଯ୍ୟନ୍ତ ରହିଥିଲା। ସୂଚନାଯୋଗ୍ୟ ଯେ, ଉଭୟ ଅଭିଯୁକ୍ତଙ୍କୁ ଗୋଟିଏ ଦିନ ପାଇଁ ରିମାଣ୍ଡରେ ନେବା ପାଇଁ କୋର୍ଟ ଅନୁମତି ଦେଇଥିଲେ। ଉଭୟଙ୍କୁ ଚୌଦ୍ୱାର ଜେଲରୁ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟକୁ ଅଣାଯିବା ପରେ ତଦନ୍ତକାରୀ ଟିମ୍ ସେମାନଙ୍କୁ ପଚରାଉଚୁରା ମାଧ୍ୟମରେ ମାମଲାର ତଦନ୍ତକୁ ଆଗେଇ ଥିବା ଜଣାପଡ଼ିଛି।

# ଟଙ୍କଧରଙ୍କ ସତ୍ୟପାଠରେ ତ୍ରୁଟି ଯାଞ୍ଚ କରିବେ ହାଇକୋର୍ଟ

### ନିର୍ବାଚନୀ ପିଟିଶନ ଫେରାଇଦେଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୨।୮

୨୦୨୪ ନିର୍ବାଚନରେ ଝାରସୁଗୁଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜୟୀ ଘୋଷିତ ଭାଜପାର ଟଙ୍କଧର ତ୍ରିପାଠୀଙ୍କ ବିରୋଧରେ ଦାଖଲ ଇଲେକ୍ସନ ପିଟିଶନ୍‌ର ପୁନର୍ବିଚାର ପାଇଁ ସୁପ୍ରିମକୋର୍ଟ ଶୁକ୍ରବାର ଓଡ଼ିଶା ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଟଙ୍କଧର ନିଜ ସମ୍ପତ୍ତି ଓ ବିରୋଧରେ ଥିବା ଆପରାଧିକ ମାମଲାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରି ନ ଥିବା ଦର୍ଶାଇ ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ବିଧାୟିକା ଦୀପାଳି ଦାସ ଏହି ପିଟିଶନ ଦାଖଲ କରିଥିଲେ। ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ରେ ଅସଙ୍ଗତି ଥିବା ମଧ୍ୟ ଦୀପାଳି ଉକ୍ତ ଆବେଦନରେ ଅଭିଯୋଗ ଆଣିଥିଲେ।

ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜୟମାଲା ବାଗ୍‌ଚୀଙ୍କ ଖଣ୍ଡପୀଠ ଏହାର ରାୟ ଶୁଣାଇ କହିଛନ୍ତି, ଜନ ପ୍ରତିନିଧି ଆଇନ,୧୯୫୧ର ଆବଶ୍ୟକତା ଅନୁଯାୟୀ ଫର୍ମ ୨୫ରେ ଆବେଦନକାରୀ ସତ୍ୟପାଠ ଦାଖଲ କରିଛନ୍ତି କି ନାହିଁ ତାକୁ ହାଇକୋର୍ଟ ସମ୍ପୂର୍ଣ୍ଣ ରୂପେ ଯାଞ୍ଚ କରିନାହାନ୍ତି। ସତ୍ୟପାଠରେ ଥିବା ନିର୍ଦ୍ଦିଷ୍ଟ ତ୍ରୁଟିକୁ ଚିହ୍ନଟ କରିବା ହାଇକୋର୍ଟଙ୍କ ପାଇଁ ଜରୁରୀ। ସେହି ତ୍ରୁଟି ସଂଶୋଧନଯୋଗ୍ୟ ନା ଆବେଦନକୁ ଖାରଜ କରିଦେବା ଭଳି ତାହା ମଧ୍ୟ ହାଇକୋର୍ଟ ସମୀକ୍ଷା କରିବେ।

ଉଲ୍ଲେଖଯୋଗ୍ୟ, ୨୦୨୪ ମେ' ୨୦ରେ ଓଡ଼ିଶା ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଜୁନ୍ ୪ରେ ଏହାର ଫଳାଫଳ ଘୋଷଣା କରାଯାଇଥିଲା। ଝାରସୁଗୁଡ଼ା(୭) ଆସନରୁ ଟଙ୍କଧରଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ଟଙ୍କଧର ଓ ଦୀପାଳିଙ୍କ ଭୋଟ ବ୍ୟବଧାନ ୧,୩୩୩ ରହିଥିଲା। ଏହା ପରେ ଦୀପାଳି ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଟଙ୍କଧରଙ୍କ ବିଜୟକୁ ଚ୍ୟାଲେଞ୍ଜ କରିଥିଲେ। ଟଙ୍କଧର ଅସାଧୁ ଉପାୟ ଅବଲମ୍ବନ କରି ତାଙ୍କ ବିରୋଧରେ ଥିବା ଆପରାଧିକ ମାମଲାର ଗୁରୁତ୍ୱପୂର୍ଣ୍ଣ ବିବରଣୀ ପ୍ରଦାନ କରି ନ ଥିବା ଏବଂ ସେ ସମ୍ପର୍କରେ ଖବରକାଗଜଗୁଡ଼ିକରେ ପ୍ରକାଶ କରାଇ ନ ଥିବା ଦୀପାଳି ଦର୍ଶାଇଥିଲେ। ଇଭିଏମ୍ କଣ୍ଟ୍ରୋଲ ୟୁନିଟ୍ ନମ୍ବର ସହ ତାଳମେଳ ନ ଖାଇବାରୁ ୬,୦୦୦ରୁ ଊର୍ଦ୍ଧ୍ୱ ଭୋଟ ପ୍ରଭାବିତ ହୋଇଥିବା ଦୀପାଳି ଯୁକ୍ତି ବାଢ଼ିଥିଲେ। ତେବେ ହାଇକୋର୍ଟ ପ୍ରାରମ୍ଭରୁ ଉକ୍ତ ଆବେଦନକୁ ଖାରଜ କରିବାକୁ ମନା କରିଦେଇଥିଲେ ଏବଂ ଦୀପାଳିଙ୍କୁ ସାନି ସତ୍ୟପାଠ ଦାଖଲ ପାଇଁ ଅନୁମତି ଦେଇଥିଲେ। ଉଚ୍ଚ ଅଦାଲତଙ୍କ ଏହି ନିଷ୍ପତ୍ତିକୁ ଟଙ୍କଧର ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସୁପ୍ରିମକୋର୍ଟ ଏନେଇ କହିଛନ୍ତି, ଟଙ୍କଧର ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ବେଳେ ନିଜ ସତ୍ୟପାଠରେ ପ୍ରଦାନ କରିଥିବା ତଥ୍ୟରେ ରହିଥିବା ତ୍ରୁଟିକୁ ସୀମିତ ଅବଧି ମଧ୍ୟରେ ସଂଶୋଧନ କରାଯାଇପାରିବ ନା ହାଇକୋର୍ଟ ପରବର୍ତ୍ତୀ ସମୟରେ ଏଥିପାଇଁ ଅନୁମତି ଦେବେ, ତାହା ହେଉଛି ବାସ୍ତବ ପ୍ରଶ୍ନ। ହାଇକୋର୍ଟ ଏହି ପ୍ରସଙ୍ଗରେ ଉପଯୁକ୍ତ ସମାଧାନ କରି ନ ଥିବାରୁ ବିସ୍ତୃତ ଯାଞ୍ଚ ପାଇଁ ଏହାକୁ ପଠାଯାଉଛି।


ଟଙ୍କଧର ତ୍ରିପାଠୀ

# ଜନସେବାରେ ସମର୍ପିତ ହେବ ଜିଲାପାଳଙ୍କ ନୂଆ ଅଫିସ: ମୁଖ୍ୟମନ୍ତ୍ରୀ

### କଟକ ଜିଲାପାଳଙ୍କ ନୂତନ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

କଟକ,୨୨।୮(ଶିଳ୍ପା ପ୍ରିୟଦର୍ଶିନୀ)

ନୂତନ କୋଠା ଜିଲାର ପ୍ରଶାସନିକ ବିକାଶରେ ଏକ ନୂତନ ଅଧ୍ୟାୟ ସଂଯୋଗ କରିବ। ଦକ୍ଷ, ସ୍ୱଚ୍ଛ ଓ ନାଗରିକ ଅନୁକୂଳ ସେବା ଯୋଗାଇବାରେ ଏହି ନୂତନ କାର୍ଯ୍ୟାଳୟ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଶୁକ୍ରବାର ବିଡାନାସୀ ମୌଜାରେ କଟକ ଜିଲାପାଳଙ୍କ ନୂତନ କାର୍ଯ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ନୂତନ କୋଠା ପାଞ୍ଚ ମହଲା ବିଶିଷ୍ଟ ହେବ। ଏହି କୋଠାକୁ ୨ବର୍ଷ ୬ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ଏଥିପାଇଁ ପ୍ରାୟ ୯୪ କୋଟି ୪୬ ଲକ୍ଷ ୪୪ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି। ପାଖାପାଖି ୬ ଏକର ଜମି ଉପରେ ନିର୍ମାଣ ହେବାକୁ ଥିବା ଏହି ସମନ୍ୱିତ କୋଠାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ କଟକ ସଦର ଉପଜିଲାପାଳଙ୍କ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ରହିବ। ପରବର୍ତ୍ତୀ ପର୍ଯ୍ୟାୟରେ ଏଠାରେ ତହସିଲ କାର୍ଯ୍ୟାଳୟ, ଉପନିବନ୍ଧକଙ୍କ କାର୍ଯ୍ୟାଳୟ, ରାଜସ୍ୱ ଓ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ ମଧ୍ୟ ନିର୍ମାଣ କରାଯିବ। ଏଥିରେ ବିଭିନ୍ନ ବିଭାଗ, ଲାଇବ୍ରେରି, କନ୍‌ଫରେନ୍ସ ହଲ, କାଫେଟେରିଆ, ୨୦୦ ଲୋକ ବସି ପାରିବା ଭଳି ଅଡିଟୋରିୟମ ବ୍ୟବସ୍ଥା କରାଯିବ। ସମସ୍ତ ଅତ୍ୟାଧୁନିକ ଭିତ୍ତିଭୂମି ସହ ଏହି ନୂତନ କାର୍ଯ୍ୟାଳୟ ନିର୍ମାଣ କରାଯିବ। ଏଠାରେ ପାର୍କିଂ ପାଇଁ ପର୍ଯ୍ୟାପ୍ତ ସ୍ଥାନ ସହ ଚତୁଃପାର୍ଶ୍ୱରେ ବିଭିନ୍ନ ବୃକ୍ଷରୋପଣ କରାଯାଇ ପରିବେଶ ଅନୁକୂଳ ଭିତ୍ତିଭୂମି ସୁନିଶ୍ଚିତ କରାଯିବ। ଏହି ପ୍ରକଳ୍ପ ଶେଷ ହେବା ଦ୍ୱାରା ଜନସାଧାରଣ ଗୋଟିଏ ସ୍ଥାନରେ ସମସ୍ତ ସରକାରୀ ସେବା ପାଇ ପାରିବେ। କଟକ ଜିଲାପାଳଙ୍କ ନୂତନ କାର୍ଯ୍ୟାଳୟ ଲୋକଙ୍କ ସେବା ପାଇଁ ସମର୍ପିତ ହେବ। ଅନ୍ୟପଟେ ହାଇକୋର୍ଟ ଅଧିକ ଜାଗା ଆବଶ୍ୟକତା କରୁଥିବାବେଳେ ଏହି ଜାଗା ହାଇକୋର୍ଟର କାର୍ଯ୍ୟରେ ଆସି ପାରିବ। ଏହାସହ କଟକ ସହରର ନବକଳେବର କାର୍ଯ୍ୟକୁ ମଧ୍ୟ ସରକାର ନଜରରେ ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟ ଅତିଥିଙ୍କ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ।


କଟକ ଜିଲାପାଳଙ୍କ ନୂତନ କାର୍ଯ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଶୁକ୍ରବାର ଉପସ୍ଥିତ ଅଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଅନ୍ୟମାନେ।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଲକ୍ଷ୍ମଣାନନ୍ଦ ହତ୍ୟାର ସିବିଆଇ ତଦନ୍ତ ଦାବିରେ ସନାତନୀ ସମାବେଶ ଓ ବିକ୍ଷୋଭ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୦ଟା।
- ଇଣ୍ଡିଆ ମାର୍ଚ୍ଚ ଫର୍ ସାଇନ୍ସ ପରିପ୍ରେକ୍ଷୀରେ ବିଜ୍ଞାନ ଚେତନା ମଞ୍ଚ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନ ଗେଟ୍‌ଠାରୁ ସାଇନ୍ସ ପାର୍କ ଛକ, ଆଚାର୍ଯ୍ୟ ବିହାର, ସମୟ: ପୂର୍ବାହ୍ନ ୧୦ଟା।
- ଶୁଶ୍ରୁତ ହସ୍ପିଟାଲ ଆଣ୍ଡ୍ ଟ୍ରମା କେୟାର ପକ୍ଷରୁ ଜୟ ଓଡ଼ିଶା ସହଯୋଗରେ ରକ୍ତଦାନ ଶିବିର, ସ୍ଥାନ: ହସ୍ପିଟାଲ ପରିସର, ପ୍ଲଟ୍ ନଂ.୧୫ ଫରେଷ୍ଟ ପାର୍କ, ସମୟ: ପୂର୍ବାହ୍ନ ୧୦ଟାରୁ ଆରମ୍ଭ।
- ବୀଣାପାଣି ପ୍ରଧାନଙ୍କ ଦୁଇ ପୁସ୍ତକ ଉନ୍ମୋଚନ, ସ୍ଥାନ: ରୋଟାରୀ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଅଗ୍ନିଯୋଦ୍ଧା ପ୍ରଶିକ୍ଷାର୍ଥୀଙ୍କ ୬୧ତମ ବ୍ୟାଚ୍‌ର ଦୀକ୍ଷାନ୍ତ ସମାରୋହ, ସ୍ଥାନ: ଓଡ଼ିଶା ଅଗ୍ନିଶମ ଏବଂ ବିପତ୍ତି ନିସ୍ତାର ପ୍ରତିଷ୍ଠାନ, ସମୟ: ଅପରାହ୍ନ ୪ଟା।
- ଗଙ୍ଗାଧର ମେହେର ପ୍ରତିଷ୍ଠାନ ପକ୍ଷରୁ ବିଶିଷ୍ଟ ନାଟ୍ୟକାର, କବି ଓ ଲେଖକ ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ବୁଦ୍ଧ ମନ୍ଦିର ସଭାଗୃହ, ସମୟ: ଅପରାହ୍ନ ୪ଟା।
- ମେଲୋଡି କାର୍ଯ୍ୟକ୍ରମ 'ନାଘ୍ମି ଦିଲ୍ ସେ ଦିଲ୍ ତକ୍', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କଟକ

- ୧୭ତମ ଇଶା ଗ୍ରାମୋତ୍ସବମ କାର୍ଯ୍ୟକ୍ରମ, ସ୍ଥାନ: ଷଷ୍ଠ ବାଟାଲିୟନ, ଓଏମ୍‌ପି, ସମୟ: ସକାଳ ୯ଟା।
- ମୋକିମ ଫାଉଣ୍ଡେଶନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବିଧାୟିକାଙ୍କ କାର୍ଯ୍ୟାଳୟ, ସେଲଟର ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଛାତ୍ର କଂଗ୍ରେସ ପକ୍ଷରୁ ରେଭେନ୍‌ଶା ସମ୍ମୁଖରେ ବିକ୍ଷୋଭ, ସ୍ଥାନ: ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା ୩୦।
- କମଳାକାନ୍ତ ବିଦ୍ୟାପୀଠର ହୀରକ ଜୟନ୍ତୀ ଉଦ୍‌ଯାପନ ସମାରୋହ, ସ୍ଥାନ: ବିଦ୍ୟାଳୟ ପରିସର, କାଳିଆବୁଦା, ସମୟ: ଅପରାହ୍ନ ୩ଟା ୩୦।
- କଟକ ମହାନଗର ଧର୍ମ ଜାଗରଣ ସମନ୍ୱୟ ପକ୍ଷରୁ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ୧୭ତମ ସ୍ମୃତି ସମାରୋହ, ସ୍ଥାନ: ସାରଳା ଭବନ, ସମୟ: ଅପରାହ୍ନ ୫ଟା ୩୦।

କ୍ୟୁବା ବିପ୍ଳବର ମହାନାୟକ ଫିଡେଲ କାଷ୍ଟ୍ରୋଙ୍କ ଜନ୍ମ ଶତବାର୍ଷିକୀ ସମାରୋହ, ସ୍ଥାନ: ହର୍ଷ ଗେଟ୍ ସାମନା, ବାରବାଟୀ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ରାଜ୍ୟସ୍ତରୀୟ କରାଟେ ଚାମ୍ପିୟନଶିପ୍ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍, ବାଲେଶ୍ୱର, ସମୟ: ସକାଳ ୯ଟା।
- ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମୋହରିର ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ, ସ୍ଥାନ: ସବ୍-ରେଜିଷ୍ଟ୍ରାର ଅଫିସ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ କର୍ମଶାଳାର ଉଦ୍‌ଯାପନୀ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ଦିବଂଗତ ଶ୍ରମିକ ନେତା ପ୍ରତାପ ପଣ୍ଡାଙ୍କ ୧୪ତମ ଶ୍ରାଦ୍ଧବାର୍ଷିକୀ, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ହ୍ୟାଣ୍ଡଲୁମ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟ।
- ଆନ୍ଦୋଳନ ଚଳଚ୍ଚିତ୍ରର ପ୍ରିମିୟର ଶୋ', ସ୍ଥାନ:ଏନଏସି କଲ୍ୟାଣ ମଣ୍ଡପ କରଞ୍ଜିଆ,ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର

- ପତାକା ଉତ୍ତୋଳନ, ସ୍ଥାନ: କୋର୍ଟପେଟା ଛକ, ସମୟ: ସକାଳ ୭.୩୦।
- ବିଇଏମ୍‌ସି ପକ୍ଷରୁ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ପୁରୁଣା କନଫରେନ୍ସ ହଲ, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଢେଙ୍କାନାଳ

- ଷ୍ଟଡି ଲାଇଫ ଇନିଷ୍ଟିଚ୍ୟୁଟର ବାର୍ଷିକ ଉତ୍ସବ, ସ୍ଥାନ:ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ପରିବେଶ ସଚେତନତା ଶିବିର, ସ୍ଥାନ: ବଢ଼େଇସାହି ମନ୍ଦିର ପ୍ରାଙ୍ଗଣ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଆୟତପୁର, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ଜୟରାଷ୍ଟ୍ର ପକ୍ଷରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିର, କେରୋ, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୪ଟା।

## ଯାଜପୁର

- ଯାଜପୁର ଜିଲା ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଶତବାର୍ଷିକୀ ସମାରୋହ ଓ ଦୁଇ ଦିନିଆ ଜିଲା ସମ୍ମିଳନୀ, ସ୍ଥାନ: ବାଲିଚନ୍ଦ୍ରପୁର ଜଗନ୍ନାଥ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଖଳିସାହି ଶିବସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ୩ୟ ଦିବସ, ସ୍ଥାନ: ନୟାଗଡ଼ ବ୍ଲକ ସଜନାପଡା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା୩୦। ସ୍ଥାନ: ନୟାଗଡ଼ ବ୍ଲକ ବରପଲ୍ଲୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ରାହ୍ମଣ ସମାଜର ବାର୍ଷିକୋତ୍ସବ, ସ୍ଥାନ: ଦଶପଲ୍ଲା ଦୁର୍ଗା ବଜାର କଲୋନୀସ୍ଥିତ ରାମ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- ଲାଏନ୍ସ କ୍ଲବ ଦ୍ୱାରା ଦେୟମୁକ୍ତ ଚିକିତ୍ସା, ସ୍ଥାନ: ନିୟୁ କଲୋନୀ ଆଦିତ୍ୟ ଡକ୍ଟର ପ୍ଲାଜା, ରାୟଗଡା, ସମୟ: ସକାଳ ୯ ଟା ।
- ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ, ସ୍ଥାନ: ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା ।

## କୋରାପୁଟ

- ଭିଜନ ଡକ୍ୟୁମେଣ୍ଟ ୨୦୩୬-୪୭ ପ୍ରସ୍ତୁତି ନେଇ ରାଜ୍ୟସ୍ତରୀୟ କର୍ମଶାଳା, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ଇନ୍‌ଟାକ କୋରାପୁଟ ଚାପ୍‌ଟର ପକ୍ଷରୁ ବୈଠକ, ସ୍ଥାନ: ଆଦିବାସୀ ସଂଗ୍ରହାଳୟ, କୋରାପୁଟ, ସମୟ: ଅପରାହ୍ନ ୪ଟା।
- ଜଗନ୍ନାଥ ସଂସ୍କୃତି ଉପରେ ପ୍ରବଚନ, ସ୍ଥାନ: ଶାବର ଶ୍ରୀକ୍ଷେତ୍ର, କୋରାପୁଟ, ସମୟ: ସନ୍ଧ୍ୟା ୭ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀସ୍ଥିତ ଯୋଗ କେନ୍ଦ୍ର, ସମୟ: ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ: ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ସମ୍ବଲପୁର ଜିଲା କ୍ରିକେଟ ସଂଘ ଆୟୋଜିତ ଜୁନିୟର ବାଳକ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚ, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୯ଟା।
- ଓଡିଶା ସାଂସ୍କୃତିକ ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ୍ ପ୍ରସ୍ତୁତି ବୈଠକ, ସ୍ଥାନ: ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ରାଜସ୍ୱ ଅମଲା ସଂଘର ଧାରଣା, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦
- ନାରୀ ନିରାପତ୍ତା ଓ ମର୍ଯ୍ୟାଦା ଦାବିରେ ନାଗରିକ କନଭେନସନ,ସ୍ଥାନ: ପିପି ଏକାଡେମୀ, ବଲାଙ୍ଗୀର, ସମୟ: ଅପରାହ୍ଣ ୪ଟା

## ରାଉରକେଲା

- ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ଥାନ: ଗର୍ଜନ ହାଇସ୍କୁଲ, ରାଉରକେଲା, ସମୟ: ପୂର୍ବାହ୍ନ ୧୦ଟା।
- ନିଖିଳ ଓଡ଼ିଶା ମଧ୍ୟାହ୍ନ ପାଚକ ପାଚିକା ରାଜ୍ୟ ସଂଘ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ବିଶ୍ରା ଛକ, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇ ପକ୍ଷରୁ ଜିଲା ସମ୍ମିଳନୀ, ସ୍ଥାନ: ସେକ୍ଟର-୫ ଭଞ୍ଜ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଗୋପବନ୍ଧୁ ପାଠାଗାରରେ ସାହିତ୍ୟ ସଭା, ସ୍ଥାନ: ଛେଣ୍ଡ, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼

- ଶିକ୍ଷା ବିକାଶ ସମିତି ପକ୍ଷରୁ ମଣ୍ଡଳ ସ୍ତରୀୟ ଦ୍ୱିଦିବସୀୟ ବିଜ୍ଞାନ ମେଳାର ଉଦ୍‌ଘାଟନ ସମାରୋହ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସୁନ୍ଦରଗଡ, ସମୟ: ସକାଳ ୮ଟା।

## ବରଗଡ଼

- ନୂଆଁଖାଇ ହାଟ୍ କାର୍ଯ୍ୟକ୍ରମ, ସ୍ଥାନ: ଜେନିଥ ଲିଓ ସ୍କୁଲ, ପଦ୍ମପୁର, ସମୟ: ସକାଳ ୮ଟା।
- କୃଷିଭିତ୍ତିକ ପର୍ବ ପୂରା ଉଆଁସ ପାଳନ, ସ୍ଥାନ: ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ, ବରଗଡ଼, ସମୟ: ସକାଳ ୯ଟା।

## କଳାହାଣ୍ଡି

- ଘରୋଇ ବସ୍ ମାଲିକ ସଂଘ ସାଧାରଣ ସମ୍ପାଦକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଭବାନୀପାଟଣା ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ, ସ୍ଥାନ: ଭବାନୀପାଟଣା ଅମଲା ଭବନ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଦେବଗଡ଼ ଗଣେଶ ପୂଜା ପ୍ରସ୍ତୁତି ସମ୍ପର୍କରେ ଖବରଦାତା ସମ୍ମିଳନୀ, ସ୍ଥାନ: ଦେବଗଡ଼ ଜିଲା ପୋଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କାଉନ୍‌ସିଲର ଫୁଟ୍‌ବଲ କପ୍ ପ୍ରତିଯୋଗିତା, ସ୍ଥାନ: ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ମହିଳା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର, ସ୍ଥାନ: ବିନିକା ସହର ନୂଆବଜାର, ସମୟ: ସକାଳ ୯ଟା।
- ବିଶିଷ୍ଟ ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କ ବିୟୋଗରେ ବରିଷ୍ଠ ନାଗରିକ ସଙ୍ଗଠନ ପକ୍ଷରୁ ଶୋକସଭା, ସ୍ଥାନ: ବରିଷ୍ଠ ନାଗରିକ ସଙ୍ଗଠନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ଶନି ମନ୍ଦିରରେ ମହାଆଳତୀ ଓ ଶନି ପୁରାଣ ପଠନ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଜିଲା ରାଜସ୍ୱ ଅମଲା ସଂଘ ଧାରଣା ତ୍ରୟୋଦଶ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ୮ତମ ନୂଆପଡ଼ା କପ ଫୁଟ୍‌ବଲ ଟୁର୍ନାମେଣ୍ଟର ଗ୍ରୁପ-ବି ଲିଗ୍ ମ୍ୟାଚ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ଅପରାହ୍ନ ୪ଟା।
- ନୂଆଖାଇ ଭେଟ୍‌ଘାଟ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୫ଟା।

# କଟକ-ପାରାଦୀପ ସେକ୍ସନରେ ସ୍ୱୟଂଚାଳିତ ସିଗ୍‌ନାଲିଂ ପ୍ରଣାଳୀ କାର୍ଯ୍ୟକ୍ଷମ

**ଭୁବନେଶ୍ୱର,୨୨।୮ (ଅନୁରାଧା ମହାରଣା)**

ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ତାଳଚେର-ପାରାଦୀପ ମାଲ ପରିବହନ କରିଡରର କଟକ-ପାରାଦୀପ ସେକ୍ସନରେ ପୂର୍ବତଟ ରେଳପଥ ଏକ ଅତ୍ୟାଧୁନିକ ସ୍ୱୟଂଚାଳିତ ସିଗ୍‌ନାଲିଂ ପ୍ରଣାଳୀକୁ କାର୍ଯ୍ୟକ୍ଷମ କରିଛି। ପାରାଦୀପ ବନ୍ଦରକୁ ସଂଯୋଗ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ରୁଟ୍ ସହିତ ରେଳ ପରିଚାଳନାର ଆଧୁନିକୀକରଣରେ ଏହି ପ୍ରଣାଳୀ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି କୁହାଯାଉଛି। ଏହା ଅଧିକ କ୍ଷମତା, ଦ୍ରୁତ ଗତିବିଧି, କମ୍ ସମୟରେ ଅଧିକ ଟ୍ରେନ୍ ଚଳାଚଳ କରିବାର ସେବା ପ୍ରଦାନ କରିଥାଏ। ସେହିପରି ସ୍ୱୟଂଚାଳିତ କାର୍ଯ୍ୟ ମାନବ ନିର୍ଭରଶୀଳତାକୁ ହ୍ରାସ କରିବା ସହିତ ତ୍ରୁଟିଜନିତ ବିପଦକୁ ହ୍ରାସ କରିଥାଏ ଏବଂ ଯାତ୍ରୀ ଓ ମାଲ ପରିବହନ ସୁରକ୍ଷାକୁ ସୁଦୃଢ଼ କରେ। ଏହି ଅପଗ୍ରେଡେଶନ ପାରାଦୀପ ବନ୍ଦର ଆଡକୁ ଦ୍ରୁତ ମାଲ ପରିବହନ ଶିଳ୍ପ ବିକାଶକୁ ବୃଦ୍ଧି କରିବ ଏବଂ ଆଞ୍ଚଳିକ ଆର୍ଥିକ ପ୍ରଗତିରେ ଯୋଗଦାନ ଦେବ। ଠିକ ଟ୍ରେନ ଚିହ୍ନଟ ପାଇଁ ଡୁଆଲ ମଲ୍ଟି-ସେକ୍ସନ ଡିଜିଟାଲ ଆକ୍ସଲ କାଉଣ୍ଟର ନିରବଚ୍ଛିନ୍ନ କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ସମନ୍ୱିତ ବିଦ୍ୟୁତ୍ ଯୋଗାଣ, ସମସ୍ତ ପାଣିପାଗ ପରିସ୍ଥିତିରେ ସ୍ପଷ୍ଟ ଦୃଶ୍ୟମାନତା ପାଇଁ ଏଲ୍‌ଇଡି ସିଗ୍‌ନାଲ ଲ୍ୟାମ୍ପ, ବ୍ୟାପକ ଘଟଣା ମନିଟରିଂ ପାଇଁ ଡାଟାଲଗର, ରିଅଲ-ଟାଇମ ଟ୍ରେନ୍ ତଦାରଖ ପାଇଁ ସମସ୍ତ ଷ୍ଟେଶନରେ ଭିଡିଓ ପ୍ରଦର୍ଶନ ୟୁନିଟ ସ୍ଥାପନ, ନିରାପତ୍ତା ଉନ୍ନତିକରଣ ଏବଂ ସୁରକ୍ଷିତ ସଡ଼କ-ରେଳ ସମନ୍ୱୟ ପାଇଁ ୧୯ଟି ଲେଭଲ କ୍ରସିଂ ଗେଟ୍ ଏବେ ଇଣ୍ଟରଲକ୍ ସିଗନାଲିଂ ସିଷ୍ଟମ ସହିତ କାର୍ଯ୍ୟକାରୀ ହୋଇଛି। ସମସ୍ତ ଅଣ-ଇଣ୍ଟରଲକ୍ ଗେଟ୍‌ଗୁଡିକୁ ଅପସାରଣ, ସମ୍ଭାବ୍ୟ ବିପଦ ଦୂର କରିବା ପାଇଁ ସେକ୍ସନକୁ ଅନେକ ଉପ ଏବଂ ତଳ ଉପବିଭାଗରେ ବିଭକ୍ତ କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଶାଶୁ ନଣନ୍ଦଙ୍କ ଗଞ୍ଜଣା ଶୁଣି**
**କୁଞ୍ଜକୁ ରୁଷି ଗଲେ ରାଧାରାଣୀ।**

ଅନେକ ସମୟରେ ବୋହୂ ଶାଶୁଘରେ ନାନା ଗଞ୍ଜଣା ଶୁଣି ପଡ଼ି ରହିଥାଏ। ପରନ୍ତୁ ଶାଶୁ ଓ ନଣନ୍ଦଙ୍କ ବ୍ୟବହାରରେ ଅତିଷ୍ଠ ହୋଇପଡ଼ିଲେ ବା ସହିବାର ସୀମା ଟପିଗଲେ ସେ ଅନ୍ୟ ବିକଳ୍ପକୁ ଆପଣେଇ ନେଇଥାଏ। ଫଳସ୍ୱରୂପ ଶାନ୍ତିରେ ରହିବା ପାଇଁ ସେ ଅନ୍ୟ ଏକ ସ୍ଥାନ ଅନ୍ୱେଷଣ କରିବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଶାଶୁ ବୋହୂଙ୍କର ଠକର କଳି,**
**ନିତି କିଳନ୍ତି ଦ୍ୱାର;**
**ଯେ ଯାହାର ସେ ତାହାର**
**କହିଲା ଲୋକ ବାହାର।**

ସାଧାରଣତଃ ଘରୋଇ କଳିରେ ବାହାର ଲୋକ ମଧ୍ୟସ୍ଥି ହେବା ଉଚିତ୍ ନୁହେଁ। ଶାଶୁ ବୋହୂଙ୍କର କଳିଝଗଡ଼ାରେ ତୃତୀୟ ଲୋକ ମଧ୍ୟସ୍ଥି ସାଜି ଅପଦସ୍ଥ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ରାତି ସାରା...

ଶ୍ରେଣୀ ପିଲାମାନେ ଗୋଟିଏ ରୁମ୍‌ରେ ପାଠ ପଢ଼ନ୍ତି। ଦ୍ୱିତୀୟ ଶ୍ରେଣୀରେ ସମୁଦାୟ ୭ ଜଣ ପିଲା ପଢ଼ୁଥିବା ବେଳେ ଗୁରୁବାର ସ୍କୁଲ ଛୁଟି ହେବା ପରେ ଉକ୍ତ ଛାତ୍ରୀ ଶ୍ରେଣୀ କକ୍ଷରେ ରହିଯାଇଥିଲେ। ବାହାରୁ ତାଲା ପକାଇ ଶିକ୍ଷକ ପଳାଇଥିଲେ। ରାତିରେ ଝିଅଟି ଅନ୍ଧାର କୋଠରିରୁ ବାହାରିବାକୁ ଚେଷ୍ଟାକରି ବାହାରି ନ ପାରି ସେଠାରେ ଶୋଇପଡ଼ିଥିଲେ। ସକାଳେ ଝରକା ଖୋଲି ବାହାରିବାକୁ ଚେଷ୍ଟା କରୁଥିବା ବେଳେ ଲୁହା ରେଲିଂରେ ମୁଣ୍ଡଟି ଫସିଯାଇଥିଲା। ପାଟି କରିଥିଲେ ମଧ୍ୟ କେହି ଆସି ନ ଥିଲେ। ଶୁକ୍ରବାର ସ୍କୁଲ ଖୋଲିବାକୁ ଆସୁଥିବା ଶିକ୍ଷକମାନେ ଝିଅର ଏଭଳି ଅବସ୍ଥା ଦେଖି ଚିନ୍ତିତ ହୋଇପଡ଼ିଥିଲେ। ଘଟଣାସ୍ଥଳରେ ଗ୍ରାମବାସୀ ପହଞ୍ଚିଥିବା ବେଳେ ଉତ୍ତେଜନାପୂର୍ଣ୍ଣ ସ୍ଥିତି ଉପୁଜିଥିଲା। କକ୍ଷ ଯାଞ୍ଚ ନ କରି କିପରି ତାଲା ପକାଗଲା ଏବଂ କିଏ ତାଲା ପକାଇଲେ ତାହା ତଦନ୍ତ ସାପେକ୍ଷ ବୋଲି ଅଭିଭାବକମାନେ କହିଥିଲେ। ସଦର ଥାନା ଅଧିକାରୀ ଅମିତ୍ ଭୂୟାଁ ଓ ବାଂଶପାଳ ତହସିଲଦାର ବିକାଶ ସାହୁ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ଝରକା ଭାଙ୍ଗି ଛାତ୍ରୀଙ୍କୁ ଉଦ୍ଧାରକରି ଚିକିତ୍ସା ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଛାତ୍ରୀଙ୍କ ବାପାଙ୍କ କହିବା ମୁତାବକ, ସେ ଗୁରୁବାର ମଜୁରୀ ପାଇଁ ଯାଇ ରାତି ୯ଟାରେ ଘରକୁ ଫେରିଥିଲେ। ଝିଅ ପଡ଼ୋଶୀ ଭଉଣୀ ଘରେ ଶୋଇଥିବା ଭାବିଥିଲେ। ଶୁକ୍ରବାର ସକାଳେ ଉଠି ନ ପାଇବାରୁ ଆଖପାଖରେ ଖୋଜ ନ ପାଇ ଶେଷରେ ସ୍କୁଲକୁ ଯାଇ ପାଟି ଶୁଣିଥିଲେ। ସ୍କୁଲ ଶିକ୍ଷକଙ୍କଠାରୁ ଚାବି ଆଣି ଝିଅକୁ ରେଲିଂରେ ଝୁଲୁଥିବା ଦେଖିଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ।

ପ୍ରଧାନ ଶିକ୍ଷକ ପରମେଶ୍ୱର ମହାନ୍ତ କହିଛନ୍ତି, ବର୍ଷାପାଗ ଯୋଗୁ ପିଲାଟି ଭିତରେ ଶୋଇପଡ଼ିଥିଲା। ପିଲାମାନେ ରୁମ୍ ତାଲା ପକାଇ ଦେଇଥିଲେ। ଏଣୁ ଜଣା ପଡ଼ି ନ ଥିଲା। ଶୁକ୍ରବାର ଉଦ୍ଧାରକରି ସେ ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। ଛାତ୍ରୀ ଜଣଙ୍କ ସୁସ୍ଥ ଅଛନ୍ତି। ଏ ନେଇ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା କହିଛନ୍ତି, ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। ଘଟଣା ପରେ ବ୍ଲକ୍ ଶିକ୍ଷା ଅଧିକାରୀ ଦାଶରଥି ସୁଣ୍ଡି ଓ ସହକାରୀ ବ୍ଲକ୍ ଶିକ୍ଷା ଅଧିକାରୀ ନିରଞ୍ଜନ ନାୟକ ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଛନ୍ତି। ବ୍ଲକ୍ ଶିକ୍ଷା ଅଧିକାରୀ ସୁଣ୍ଡି କହିଛନ୍ତି, ଘଟଣାର ସବିଶେଷ ତଦନ୍ତ ପରେ ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। କୌଣସି ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଦାୟିତ୍ୱରେ ଖିଲାପ ଅଭିଯୋଗରେ ତାଙ୍କୁ ନିଲମ୍ବିତ କରାଯାଇ ବ୍ଲକ୍ ମୁଖ୍ୟାଳୟରେ ଯୋଗଦେବାକୁ କୁହାଯାଇଛି। ଅନ୍ୟପକ୍ଷେ ପ୍ରାୟ ସବୁଦିନ ଉକ୍ତ ସ୍କୁଲ ବାରଣ୍ଡାରେ ସ୍ଥାନୀୟ ଯୁବକମାନେ ରାତିରେ ବସିଥାନ୍ତି। ତେବେ ସେମାନେ ମଧ୍ୟ ଜାଣି ପାରିଲେ ନାହିଁ। ଏଣୁ ଛାତ୍ରୀ ଜଣଙ୍କ ରାତିରେ ଶୋଇ ପଡ଼ିଥିଲେ। ସକାଳେ ଉଠି ବାହାରିବାକୁ ଉଦ୍ୟମକରି ରେଲିଂରେ ଲାଖିଯାଇଥିବା କୁହାଯାଉଛି।

### ଲର୍ଡ ସ୍ୱରାଜ ...

ଜଳନ୍ଧରରେ ସ୍ୱରାଜ ପଲ୍‌ଙ୍କ ଜନ୍ମ। ତାଙ୍କ ବାପା ପ୍ୟାରେ ଲାଲ ଷ୍ଟିଲ୍ ବାଲ୍‌ଟି ଓ ଅନ୍ୟ କୃଷି ଉପକରଣ ନିର୍ମାଣ ଫ୍ୟାକ୍ଟ୍ରି ଖୋଲିଥିଲେ। ବାଲ୍ୟ ଜୀବନରୁ ଲର୍ଡ ପଲ୍ ବାପାଙ୍କ ବ୍ୟବସାୟିକ ସଂସ୍ଥା କଥା ବୁଝାବୁଝି କରୁଥିଲେ। ଜଳନ୍ଧରରେ ହାଇସ୍କୁଲ ଶିକ୍ଷା ଶେଷକରି ୧୯୪୯ରେ ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ବିଜ୍ଞାନରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଏହା ପରେ ସ୍ୱରାଜ ଆମେରିକା ଯାଇ ମାସାଚ୍ୟୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏମ୍‌ଆଇଟି)ରୁ ସ୍ନାତକ ଓ ସ୍ନାତକୋତ୍ତର ହୋଇଥିଲେ। ଉଚ୍ଚଶିକ୍ଷା ସମ୍ପୂର୍ଣ୍ଣ କରି ସେ ଭାରତକୁ ଫେରିବା ସହ ପାରିବାରିକ ବ୍ୟବସାୟିକ ପ୍ରତିଷ୍ଠାନ ଏପିଜେ ସୁରେନ୍ଦ୍ର ଗ୍ରୁପ୍‌ରେ ଯୋଗଦେଇଥିଲେ। କିନ୍ତୁ ସ୍ୱରାଜ ପଲ୍‌ଙ୍କ ଭାଗ୍ୟରେ ଭିନ୍ନ କିଛି ଲେଖାଥିଲା। ୧୯୬୬ରେ ଲ୍ୟୁକୋମିଆରେ ପୀଡ଼ିତା ଝିଅ ଅମ୍ବିକାଙ୍କ ଚିକିତ୍ସା ପାଇଁ ସେ ବ୍ରିଟେନ୍ ଯାଇଥିଲେ। ଦୁର୍ଭାଗ୍ୟବଶତଃ ଅମ୍ବିକା ମାତ୍ର ୪ ବର୍ଷ ବୟସରେ ଆଖି ବୁଜିଦେଇଥିଲେ। ପରବର୍ତ୍ତୀ ସମୟରେ ସ୍ୱରାଜ ବ୍ରିଟେନ୍‌ରେ କାପାରୋ ଗ୍ରୁପ୍ ପ୍ରତିଷ୍ଠା କରି ଇସ୍ପାତ୍ ଏବଂ ଇଞ୍ଜିନିୟରିଂ ଉତ୍ପାଦର ଡିଜାଇନ୍, ମାନୁଫାକ୍ଚରିଂ, ମାର୍କେଟିଂ ଓ ଡିଷ୍ଟ୍ରିବ୍ୟୁଶନ୍ ଭଳି ବିବିଧ କ୍ଷେତ୍ରରେ ବ୍ୟବସାୟିକ ସାମ୍ରାଜ୍ୟ ଗଢ଼ିପାରିଥିଲେ। ଏତିକି ନୁହେଁ, ସେ ଅମ୍ବିକା ଫାଉଣ୍ଡେଶନ୍ ନାମରେ ଏକ ଦାତବ୍ୟ ଟ୍ରଷ୍ଟ ପ୍ରତିଷ୍ଠା କରି ସାରା ବିଶ୍ୱରେ ଛୋଟ ପିଲାଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷା ପାଇଁ ବିପୁଳ ଅର୍ଥ ଦାନ କରିଥିଲେ। ଲଣ୍ଡନ୍‌ର ଅମ୍ବିକା ପଲ୍ ଚିଲ୍ଡ୍ରେନ୍ସ ଜୁ ଏହି ଫାଉଣ୍ଡେଶନ୍‌ର ଏକ ବଡ଼ ଅବଦାନ।

ସ୍ୱରାଜ ପଲ୍ ୨୦୧୫ରେ ନିଜ ପୁଅ ଅଙ୍ଗଦ ପଲ୍ ଓ ୨୦୨୨ରେ ସ୍ତ୍ରୀ ଅରୁଣାଙ୍କୁ ହରାଇ ଉଭୟଙ୍କ ସ୍ମୃତିରେ ଅନୁରୂପ ମାନବହିତୈଷୀ ପ୍ରୟାସ ଜାରି ରଖିଥିଲେ। ଲଣ୍ଡନରେ ମୁଖ୍ୟାଳୟ ଥିବା କାପାରୋ ଗ୍ରୁପ୍ ଅଧୀନରେ ବ୍ରିଟେନ୍, ଉତ୍ତର ଆମେରିକା, ଭାରତ ଓ ମଧ୍ୟପ୍ରାଚ୍ୟ ସମେତ ବିଶ୍ୱର ବିଭିନ୍ନ ଭାଗରେ ୪୦ରୁ ଊର୍ଦ୍ଧ୍ୱ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ସ୍ୱରାଜଙ୍କ ପୁଅ ଆକାଶ ପଲ୍ କାପାରୋ ଇଣ୍ଡିଆର ଅଧ୍ୟକ୍ଷ ଏବଂ କାପାରୋ ଗ୍ରୁପ୍ ଡାଇରେକ୍ଟର ଅଛନ୍ତି। ୧୯୯୬ରେ ତତ୍କାଳୀନ କଞ୍ଜରଭେଟିଭ୍ ପ୍ରଧାନମନ୍ତ୍ରୀ ଜନ୍ ମେଜରଙ୍କ ଅମଳରେ ସ୍ୱରାଜ ଲେବର ପାର୍ଟିରୁ ହାଉସ୍ ଅଫ୍ ଲର୍ଡ୍ସକୁ ଯାଇଥିଲେ। ସେହି ସମୟରେ ତାଙ୍କୁ ଲର୍ଡ ଉପାଧି ମିଳିଥିଲା। ୨୦୦୮ ଡିସେମ୍ବରରେ ତାଙ୍କୁ ଲର୍ଡ୍ସର ଉପବାଚସ୍ପତି ନିଯୁକ୍ତ କରାଯାଇଥିଲା। ୨୦୦୯ରେ ସ୍ୱରାଜ ପଲ୍‌ଙ୍କୁ ପ୍ରିଭି କାଉନ୍ସିଲରେ ନିଯୁକ୍ତି ପ୍ରଦାନ କରାଯାଇଥିଲା। ଲର୍ଡ୍ସରେ ମର୍ଯ୍ୟାଦାଜନକ ଡେପୁଟି ସ୍ପିକର ହେବାରେ ଲର୍ଡ ସ୍ୱରାଜ ପଲ୍ ଥିଲେ ପ୍ରଥମ ଭାରତୀୟ ବଂଶୋଦ୍ଭବ। ୨୦୦୦ରୁ ୨୦୦୫ ମଧ୍ୟରେ ସେ ଭାରତ-ବ୍ରିଟେନ୍ ରାଉଣ୍ଡ ଟେବୁଲ୍‌ର ଅଧ୍ୟକ୍ଷତା କରିଥିଲେ। ୧୯୮୩ରେ ଭାରତ ସରକାର ତାଙ୍କୁ ପଦ୍ମଭୂଷଣ ଉପାଧିରେ ଭୂଷିତ କରିଥିଲେ। ଲର୍ଡ ପଲ୍ ଭାରତ ଓ ବ୍ରିଟେନ୍ ସମ୍ପର୍କର ସେତୁ ପାଲଟି ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲେ ବୋଲି ତାଙ୍କ ଅବର୍ତ୍ତମାନରେ ବହୁ ବିଶିଷ୍ଟ ବ୍ୟକ୍ତି ସ୍ମୃତିଚାରଣ କରିଛନ୍ତି।

### ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ ...

ଏହାକୁ ପ୍ରାଣୀପ୍ରେମୀମାନେ ତୀବ୍ର ବିରୋଧ କରିବା ସହ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଶେଷରେ ୩ ଜଣିଆ ଖଣ୍ଡପୀଠ ପୂର୍ବ ରାୟରେ ପରିବର୍ତ୍ତନ କରିଛନ୍ତି। ଦିଲ୍ଲୀ-ଏନ୍‌ସିଆର୍ ସମେତ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ମାମଲାରେ ପକ୍ଷ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଅଗଷ୍ଟ ୧୧ ନିର୍ଦ୍ଦେଶନାମାକୁ ମ୍ୟୁନିସିପାଲ୍ କର୍ତ୍ତୃପକ୍ଷ ଅନୁପାଳନ ଜାରି ରଖିବା ସହ ଦିଲ୍ଲୀ, ଗାଜିଆବାଦ, ନୋଏଡ଼ା, ଫରିଦାବାଦ ଓ ଗୁରୁଗ୍ରାମରୁ ବୁଲା କୁକୁରଙ୍କୁ ଧରିବା ଏବଂ ତୁରନ୍ତ କୁକୁର ଆଶ୍ରୟସ୍ଥଳ ନିର୍ମାଣ କରିବାକୁ କୁହାଯାଇଛି। ରାସ୍ତାରୁ ବୁଲା କୁକୁରଙ୍କୁ ନେଇଯାଇ ଆଶ୍ରୟ ସ୍ଥଳରେ ସ୍ଥାୟୀ ଭାବେ ରଖିବାକୁ ପୂର୍ବରୁ ଦିଆଯାଇଥିବା ରାୟକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଥିବା ଖଣ୍ଡପୀଠ କହିଛନ୍ତି। ତେବେ ଯେଉଁ କୁକୁର ଜଳାତଙ୍କରେ ଆକ୍ରାନ୍ତ କିମ୍ବା ସେଭଳି ସନ୍ଦେହ କରାଯାଉଛି ଓ ଯେଉଁମାନେ ଆକ୍ରମଣାତ୍ମକ ହୋଇଛନ୍ତି, ସେମାନଙ୍କ ପାଇଁ ସ୍ଥାନାନ୍ତରଣ ଲାଗୁ କରା ନ ଯାଉ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

ବୁଲା କୁକୁରଙ୍କ ପାଇଁ ପ୍ରତି ମ୍ୟୁନିସିପାଲ ୱାର୍ଡରେ ନିର୍ଦ୍ଦିଷ୍ଟ ଖାଦ୍ୟପ୍ରଦାନ ସ୍ଥଳ (ଫିଡିଂ ସ୍ପେସ୍) ନିର୍ମାଣ କରିବାକୁ ଅଦାଲତ ମ୍ୟୁନିସିପାଲ କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ନିର୍ଦ୍ଦିଷ୍ଟ ମ୍ୟୁନିସିପାଲ ୱାର୍ଡର ଲୋକସଂଖ୍ୟା ଏବଂ ବୁଲାକୁକୁରଙ୍କ ଘନତାକୁ ନଜରରେ ରଖି ଫିଡିଂ ସ୍ଥାନ ନିର୍ମାଣ କରିବାକୁ ହେବ। କେବଳ ସେହିଠାରେ କୁକୁରଙ୍କୁ ଖାଦ୍ୟ ଦିଆଯାଏ ବୋଲି ବିଜ୍ଞାପନ ବୋର୍ଡ ଲଗାଇବାକୁ କୁହାଯାଇଛି। କୌଣସି ପରିସ୍ଥିତିରେ ବି ରାସ୍ତାରେ କୁକୁରଙ୍କୁ ଖାଦ୍ୟ ଦେବା ପାଇଁ ଅନୁମତି ଦିଆଯିବ ନାହିଁ। ଯେଉଁମାନେ ନିୟମ ଉଲ୍ଲଂଘନ କରି ରାସ୍ତାରେ କୁକୁରଙ୍କୁ ଖାଇବାକୁ ଦେବେ ସେମାନଙ୍କୁ ଦଣ୍ଡିତ କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜିର ଯାତ୍ରା, ବନ୍ଧୁ ସମ୍ପର୍କ, ବାଣିଜ୍ୟ କ୍ଷେତ୍ର ଦ୍ୱିଜା ନକ୍ଷତ୍ର ସକାଶେ ଭଲ ରହିବ। ପୂର୍ବ ନିର୍ଦ୍ଧାରିତ ନୂତନ କର୍ମାରମ୍ଭ ପ୍ରୀତିପଦ ହେବ ଓ ମାନସିକ ସ୍ତରରେ ଖୁସି ରହିବେ। ପିଲାଙ୍କ ଦ୍ୱାରା ସମସ୍ୟା ଆସିପାରେ। ସାହିତ୍ୟ, ସାମ୍ବାଦିକତା, ସଭାସମିତି କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କଠାରୁ ଆଦର ,ସମ୍ମାନ ପାଇବେ।

**ବୃଷ** - କର୍ମକ୍ଷେତ୍ରରେ ସାହାଯ୍ୟ ଓ ସହଯୋଗର ସୁଅ ଆପଣାଛାଏଁ ମାଡ଼ି ଆସିବ। ଅପେକ୍ଷା କରିଥିବା କାମରେ ନାସ୍ତିସୂଚକ ସୂଚନା ପାଇଲେ ମଧ୍ୟ କାମ କରି ଚାଲନ୍ତୁ, କୃତକାର୍ଯ୍ୟ ହେବେ । ବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜ୍‌ଲିସରୁ ଦୂରେଇ ରହିବାକୁ ବାଧ ହେବେ। କୃତ୍ତିକା ନକ୍ଷତ୍ର ନିଜର କୃତି ଓ କୃତିତ୍ୱ ହେତୁ ବନ୍ଧୁମହଲରେ ସମ୍ମାନିତ ହେବେ।

**ମିଥୁନ** - ଅଟକି ରହିଥିବା କାମଟି ବନ୍ଧୁଙ୍କ ମାଧ୍ୟମରେ ହାସଲ କରିବାରେ ସମର୍ଥ ହେବେ। ପୁନର୍ବସୁ ନକ୍ଷତ୍ରର କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ଦ୍ୱାରା ଉପକୃତ ହେବେ। ଆନୁଷ୍ଠାନିକ କାମରେ ପୁରସ୍କୃତ ହେବାର ସୌଭାଗ୍ୟ ଜୁଟିବ, ଯାହାକି ଆଶା କରି ନଥିବେ। ପାରିବାରିକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ।

**କର୍କଟ** - କର୍ମକ୍ଷେତ୍ରରେ ଅଭିଳଷିତ କାର୍ଯ୍ୟ ସାଧନ ନିମିତ ଅନୁକୂଳ ବାତାବରଣ ସୃଷ୍ଟି ହେବ । ଅଶ୍ଳେଷା ନକ୍ଷତ୍ରର ସାଧାରଣ କଥାରେ ବନ୍ଧୁଙ୍କ ସହ ମତାନ୍ତର ଓ କଳହ ଘଟିପାରେ। ଅସମର୍ଥିତ ସୂତ୍ରରୁ କୌଣସି ଖବର ପାଇ ବିବ୍ରତ ହୋଇପାରନ୍ତି। କଳା, କ୍ରୀଡ଼ା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନ, ଆଇନ, ସଭାସମିତିରେ ଲକ୍ଷ୍ୟ ପୂରଣ ହେବ।

**ସିଂହ** - ନିଜକୁ ସୁହାଇଲା ଭଳି କଥା କହିଲେ ମଧ୍ୟ ଅନ୍ୟମାନେ ଆପଣଙ୍କ ସହ ଆଡ୍‌ଜଷ୍ଟ ହୋଇପାରିବେ ନାହିଁ। ଉପରିସ୍ଥ କର୍ମଚାରୀଙ୍କ ଅନୁକମ୍ପାରୁ ପ୍ରତିବନ୍ଧକକୁ ଦୂରେଇ ବାରେ ସମର୍ଥ ହେବ। ଭୁଲ୍ ବୁଝାମଣାରୁ ସ୍ତ୍ରୀଙ୍କ ସହ ଅଶାନ୍ତିକର ପରିସ୍ଥିତି ସୃଷ୍ଟି ହେବାର ସୂଚନା ରହିଛି। ଉତ୍ତରାଫାଲଗୁନୀ ନକ୍ଷତ୍ରର ଦେହ ଭଲ ରହିବ ମାତ୍ର ଆଳସ୍ୟ ବୋଧ ହେବ।

**କନ୍ୟା** - ଆବଶ୍ୟକତା ପୂରଣ ସକାଶେ ଅର୍ଥ ଲାଭ ସାଙ୍ଗକୁ ସମସ୍ୟା ସମାଧାନର ପ୍ରଯନ୍ନ କରିପାରନ୍ତି। ବାଣିଜ୍ୟ, ପରିବହନ, ହୋଟେଲ କ୍ଷେତ୍ରରେ ସମସ୍ୟା ଦେଖାଦେବ। ଜମିଜମା, ଗୃହନିର୍ମାଣ, ଜମି କିଣାବିକା, ଗାଡିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିବ। ହସ୍ତାନକ୍ଷତ୍ର ଯେକୌଣସି ପ୍ରକାରେ କାମ ହାସଲ କରିବାରେ ତତ୍ପରତା ପ୍ରକାଶ କରିବେ।

**ତୁଳା** - ପୂର୍ବ ସମସ୍ୟାକୁ କେନ୍ଦ୍ରକରି ମନ ଭଲ ଲାଗିବ ନାହିଁ କିନ୍ତୁ କିଛି କରିବାର ଉପାୟ ନଥିବ। ବିଶାଖା ନକ୍ଷତ୍ର ଅଫିସ୍‌ରୁ ବିଭ୍ରାନ୍ତିକର ଖବର ପାଇ ବିବ୍ରତ ହୋଇପାରନ୍ତି। ଗତ କିଛି ଦିନ ହେଲା କିଣି ଆଣିଥିବା ଜିନିଷ ବଦଳାଇବା ପାଇଁ କଷ୍ଟକର ହୋଇପାରେ। ସନ୍ତାନହେତୁକ ଗୌରବରେ ନିଜକୁ ଗୌରବାନ୍ୱିତ ମନେ କରିପାରନ୍ତି।

**ବିଛା** - କେତେକ ଅପୂରଣୀୟ କାର୍ଯ୍ୟ ସକାଶେ ଭାବାନ୍ତର ସୃଷ୍ଟି ହେବ। ଅନୁରାଧା ନକ୍ଷତ୍ର ଯେତେ ଚେଷ୍ଟା କଲେ ମଧ୍ୟ ଯୋଜନା କାର୍ଯ୍ୟକାରୀ କଷ୍ଟକର ହେବ। ଜିଦ୍‌ରେ ଅଟଳ ରହି ସମସ୍ୟାକୁ ନିମନ୍ତ୍ରଣ କରିପାରନ୍ତି। ବ୍ୟବସାୟିକ ସଫଳତା ହାସଲ କରିବେ ଏବଂ ଅଭାବ ନଥିଲେ ମଧ୍ୟ କେତେକ ଅନିଚ୍ଛାକୃତ କାରଣକୁ ନେଇ ମନ ଭଲ ରହିବ ନାହିଁ।

**ଧନୁ** - ଆନୁଷଙ୍ଗିକ ସାହାଯ୍ୟ ଓ ପ୍ରେରଣା ଲାଭକରି ସଫଳତା ହାସଲ କରିବେ। ନିଜ ଲୋକମାନେ ଦୂରେଇ ଯିବା କାରଣରୁ ମନ ଭଲ ଲାଗିବ ନାହିଁ। ସ୍ୱାସ୍ଥ୍ୟ ପ୍ରତି ସାବଧାନତା ଅବଲମ୍ବନ କରନ୍ତୁ, ନତୁବା ଅସୁବିଧାର ସମ୍ମୁଖୀନ ହେବେ। ଉତ୍ତରାଷାଢା ନକ୍ଷତ୍ର ବିବାଦୀୟ ଘଟଣାରେ ନୀରବ ରହିବା ଆପଣଙ୍କ ସକାଶେ ଭଲ ହେବ।

**ମକର** - କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଥିବା ସକାଶେ ଅନୁତାପ କରିବେ। ଆନୁଷ୍ଠାନିକ କାମରେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭର ସୁଯୋଗ ପାଇ ଖୁସି ହେବେ। ଈର୍ଷାପରାୟଣ ବନ୍ଧୁଙ୍କ ଅସହିଷ୍ଣୁ ମନୋଭାବରୁ ମାନସିକ ଶାନ୍ତି ବ୍ୟାହତ ହେବ। ଶ୍ରବଣା ନକ୍ଷତ୍ର ସକାଶେ ସ୍ୱାର୍ଥସାଧନର କ୍ଷୀଣ ଆଶା ଦେଖି ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି।

**କୁମ୍ଭ** - ଆଜି ସତର୍କତାର ସହ କାମ ନ କଲେ ସମସ୍ୟାରେ ଛନ୍ଦି ହେବେ। ପରୋକ୍ଷଭାବେ ଶତ୍ରୁତା କରୁଥିବା ଅନେକ ଲୋକ ଆପଣଙ୍କ ପଛରେ କିନ୍ତୁ ବିଶେଷ କିଛି ଅସୁବିଧା ହେବନାହିଁ। ଶତଭିଷା ନକ୍ଷତ୍ର ଆଜି ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜି ବୁଲିପାରନ୍ତି। ଆଜିର ଯାତ୍ରା, ପ୍ରଶାସନ, ଆଇନ, କଳା, ସାହିତ୍ୟରୁ ପ୍ରଶଂସିତ ହେବେ।

**ମୀନ** - ବନ୍ଧୁଙ୍କଠାରୁ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରିବେ। ସନ୍ଦେହ ଓ ଭୁଲ୍ ବୁଝାମଣାରୁ ପାରିବାରିକ କ୍ଷେତ୍ରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ପରିବାର ପାଇଁ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ରେବତୀ ନକ୍ଷତ୍ର ପିଲାମାନଙ୍କର ଆରୋଗ୍ୟ ଲାଭ ସକାଶେ ଚିନ୍ତିତ ରହିପାରନ୍ତି।

ଆଜି ଅଗଷ୍ଟ ୨୩ ତାରିଖ, ଜାତୀୟ ମହାକାଶ ଦିବସ, ଶ୍ରୀମନ୍ଦିରରେ ସପ୍ତପୁରୀ ଅମାବାସ୍ୟା ନୀତି ଓ ବସ୍ତ୍ରହରଣ ଲୀଳା, ଭାଦ୍ରବ ଅମାବାସ୍ୟା ଯୁକ୍ତ ଶୁକ୍ଳ ପ୍ରତିପଦା, ଶନିବାର। ରାଶିନକ୍ଷତ୍ର-ମଘା/ସିଂହ,ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୧୫ ଗତେ ଘ.୦୧।୦୪ ମଧ୍ୟେ, ଶୁଦ୍ଧ ଶୁଭବେଳା । ସକାଳ ଘ.୦୮।୪୦ ଗତେ ଘ.୧୦।୧୫ ମଧ୍ୟେ ରାହୁ କାଳ।।




# ସମୟ ମାଗିଲେ ସରକାର

## କେନ୍ଦୁଝର ଡିଏମ୍‌ଏଫ୍ ଦୁର୍ନୀତି ମାମଲା

କେନ୍ଦୁଝର/ହାଟଡ଼ିହୀ,୨୨।୮ (ନରେଶ ଚନ୍ଦ୍ର ପଟ୍ଟନାୟକ/ଶୁଭକାନ୍ତ ନାୟକ)

କେନ୍ଦୁଝର ଡିଏମ୍‌ଏଫ୍ ଅନୁଦାନରେ ବ୍ୟାପକ ଅପବ୍ୟବହାର, ହେରଫେର ଏବଂ ଅନିୟମିତତା ନେଇ ଗୁରୁବାର ହାଇକୋର୍ଟରେ ମାମଲାର ଶୁଣାଣି ହୋଇଛି। ଘଟଣାରେ ଓଡିଏମଏଫ ରୁଲ ୨୦୧୫ର ୧୮ବି ଅନୁସାରେ ଉଚିତ ପଦକ୍ଷେପ ନେଇ ରିପୋର୍ଟ ଦାଖଲ ନିମନ୍ତେ ରାଜ୍ୟସ୍ତରୀୟ କମିଟିକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ତାହା ଦାଖଲ ହୋଇ ନ ଥିବା ବେଳେ ସରକାରୀ ଓକିଲ ରିପୋର୍ଟ ଦାଖଲ ନେଇ ଅଧିକ ସମୟ ମାଗିଥିବା ଜଣାପଡ଼ିଛି।

ପ୍ରକାଶ ଯେ, କେନ୍ଦୁଝର ଡିଏମ୍‌ଏଫ୍ ଅନୁଦାନରେ ବ୍ୟାପକ ଅପବ୍ୟବହାର, ହେରଫେର ଏବଂ ଅନିୟମିତତା ନେଇ ଓଡ଼ିଶା ହାଇକୋର୍ଟଙ୍କ ନିକଟରେ ମାମଲା ଦାୟର ହୋଇଥିଲା। ଗୁରୁବାର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଏବଂ ଜଜ୍ ମୁରହରି ଶ୍ରୀ ରମଣଙ୍କ ୨ ଜଣିଆ ଖଣ୍ଡପୀଠରେ ମାମଲାର ଶୁଣାଣି ହୋଇଥିଲା। ୨ ଜାନୁୟାରୀ ୨୦୨୫ ହାଇକୋର୍ଟଙ୍କ ୨ ଜଣିଆ ଖଣ୍ଡପୀଠ ଓଡିଏମଏଫ ରୁଲ ୨୦୧୫ର ୧୮ବି ଅନୁସାରେ ଉଚିତ ପଦକ୍ଷେପ ନେଇ ରିପୋର୍ଟ ଦାଖଲ ନିମନ୍ତେ ରାଜ୍ୟସ୍ତରୀୟ କମିଟିକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କୌଣସି ରିପୋର୍ଟ ଦାଖଲ ହୋଇ ନ ଥିଲା। ଶୁଣାଣି ସମୟରେ ଅତିରିକ୍ତ ସରକାରୀ ଓକିଲ ଶାଶ୍ୱତ ଦାସ ରିପୋର୍ଟ ଦାଖଲ ନିମନ୍ତେ ଅଧିକ ୨ ମାସ ସମୟ ମାଗିଥିବା ଜଣାପଡ଼ିଛି। ଶୁଣାଣି ସମୟରେ ଶ୍ରୀ ଦାସ ଉପସ୍ଥାପନା କରିଥିଲେ, ବିଭିନ୍ନ ବିଭାଗକୁ ରାଜ୍ୟସ୍ତରୀୟ କମିଟି ରିପୋର୍ଟ ମାଗିଛନ୍ତି। ୧୨ଟି ବିଭାଗ ମଧ୍ୟରୁ ୫ଟି ବିଭାଗ ରିପୋର୍ଟ ଦାଖଲ କରିଛନ୍ତି। ତେଣୁ ହାଇକୋର୍ଟ ଆସନ୍ତା ୨୨ ଅକ୍ଟୋବରକୁ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି। ସୂଚନାଯୋଗ୍ୟ, କେସ ନଂ. ଡବ୍ଲୁପି(ସି)ପିଆଇଏଲ -୨୬୬୦୧/୨୦୨୪ ଅନୁସାରେ ୫ ମାର୍ଚ୍ଚ ୨୦୨୫ରେ ରାଜ୍ୟ ସ୍ତରୀୟ କମିଟିର କନଭେନର(ଆବାହକ) ପ୍ରଦ୍ୟୁମ୍ନ କୁମାର ମହାକୁଡ଼ ଏକ ସତ୍ୟପାଠ ଦାଖଲ କରି ପ୍ରଥମେ ୮ ସପ୍ତାହ ଅଧିକ ସମୟ ମାଗିଥିଲେ। ରାଜ୍ୟସ୍ତରୀୟ କମିଟି ତରଫରୁ ମଗାଯାଇଥିବା ୮ ସପ୍ତାହ ସମୟ ପରେ ଆହୁରି ୧୫ ସପ୍ତାହ ଅଧିକ ବିତି ସାରିଥିଲା । ପୁନଶ୍ଚ ଦ୍ୱିତୀୟ ଥର ପାଇଁ ଅତିରିକ୍ତ ସରକାରୀ ଓକିଲ ଦାସ ହାଇକୋର୍ଟଙ୍କୁ ୨ ମାସ ସମୟ ପ୍ରଦାନ ପାଇଁ ପ୍ରାର୍ଥନା କରିଥିଲେ।

# ସୃଷ୍ଟି ହେଲା ଲଘୁଚାପ, ଆଜିଠାରୁ ବଢ଼ିବ ବର୍ଷା

ଭୁବନେଶ୍ୱର,୨୨।୮(ଅନୁରାଧା ମହାରଣା)

ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଓ ପାର୍ଶ୍ୱବର୍ତ୍ତୀ ବାଂଲାଦେଶ ଅଞ୍ଚଳରେ ସକ୍ରିୟ ଘୂର୍ଣ୍ଣବଳୟ ଶୁକ୍ରବାର ଲଘୁଚାପର ରୂପ ନେଇଛି। ଏହା ପ୍ରଭାବରେ ରାଜ୍ୟରେ ବର୍ଷା ପରିମାଣ ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଆକଳନ କରିଛି। ଶନିବାର ଅତିରୁ ଅତି ପ୍ରବଳ ବର୍ଷା ହେବା ନେଇ ସୁନ୍ଦରଗଡ଼ ଜିଲାକୁ ରେଡ୍ ୱାର୍ନିଂ ଜାରି କରାଯାଇଛି। କେନ୍ଦୁଝର, ମୟୂରଭଞ୍ଜ, ସମ୍ବଲପୁର ଓ ଝାରସୁଗୁଡ଼ାକୁ ଅତି ପ୍ରବଳ ବର୍ଷା ପାଇଁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ଦେବଗଡ଼, ଅନୁଗୋଳ, କନ୍ଧମାଳ, କଳାହାଣ୍ଡି, ବାଲେଶ୍ୱର, ଭଦ୍ରକ, ରାୟଗଡ଼ା, ଗଞ୍ଜାମ ଓ ଗଜପତି ଆଦି ଜିଲାକୁ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ବଜ୍ରପାତ ବିପଦ ନେଇ ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ବରଗଡ଼, ଢେଙ୍କାନାଳ, ନୂଆପଡ଼ା, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ବୌଦ୍ଧ, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଆଦି ଜିଲାକୁ ସତର୍କ କରାଯାଇଛି।

### ୭ଜିଲାରେ ନିଅଣ୍ଟିଆ ବର୍ଷା

ଜୁନ୍ ପହିଲାରୁ ଅଗଷ୍ଟ ୨୨ ସୁଦ୍ଧା ରାଜ୍ୟରେ ହାରାହାରି ୭୬୪.୦ ମିମି ବର୍ଷା ହୋଇଛି। ସ୍ୱାଭାବିକ ବର୍ଷା ୮୧୧.୯ ମିମି ତୁଳନାରେ ଏହା ୬% କମ୍ ବର୍ଷା ରେକର୍ଡ କରାଯାଇଛଇ। ବିଶେଷକରି ୭ ଜିଲାରେ ନିଅଣ୍ଟିଆ ବର୍ଷା ହୋଇଛି। କଳାହାଣ୍ଡି ଓ ରାୟଗଡ଼ାରେ ୩୦% କମ୍ ବର୍ଷା ହୋଇଛି। ସେହିପରି ବଲାଙ୍ଗୀରରେ ୨୮%, ଗଜପତିରେ ୨୭%, ପୁରୀରେ ୨୮%, ଖୋର୍ଦ୍ଧା ଓ ଯାଜପୁରରେ ୨୧% ଲେଖାଏ କମ୍ ବର୍ଷା ରେକର୍ଡ ହୋଇଛି। ୨ ଜିଲାରେ ସ୍ୱାଭାବିକଠାରୁ ଅଧିକ ଓ ୨୧ ଜିଲାରେ ସ୍ୱାଭାବିକ ବର୍ଷା ହୋଇଛି।

# ଖଣିଜ ଗ୍ରେଡ୍ ହେରଫେର ସନ୍ଦେହ, ୨ ଟ୍ରକ୍ ଅଟକ

## ପୋଲିସ, ଖଣି ଖନନ ବିଭାଗର ଖୋଲତାଡ଼

ଯୋଡ଼ା/ବଡ଼ବିଲ,୨୨।୮ (ମାନସ ମହାନ୍ତି/ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଠାକୁରାଣୀସ୍ଥିତ ଏକ ଖଣି କମ୍ପାନୀରୁ ଲୁହାପଥର ପରିବହନ ବେଳେ ଗ୍ରେଡ୍ ହେରଫେର ଅଭିଯୋଗ ହୋଇଛି। ସନ୍ଦେହରେ ୨ ଟ୍ରକ୍‌କୁ ବଡ଼ବିଲ ପୋଲିସ ଅଟକ ରଖିଛି। ଖଣି ବିଭାଗ ଓ ପୋଲିସ ମିଳିତଭାବେ ଘଟଣାର ଯାଞ୍ଚ ଆରମ୍ଭ କରିଥିବା ବରିଷ୍ଠ ଖଣି ଅଧିକାରୀ ଦୀପକ ଧୁରୁଆ କହିଛନ୍ତି।

ସୂଚନା ମୁତାବକ, ଗୁରୁବାର ରାତିରେ ଉକ୍ତ ୨ ଗାଡ଼ି ଖଣିରୁ ଲୁହାପଥର ବୋଝେଇ କରି ଗନ୍ତବ୍ୟସ୍ଥଳକୁ ଯାଉଥିଲା। ବିଶ୍ୱସ୍ତସୂତ୍ରରୁ ସୂଚନା ପାଇ ବଡ଼ବିଲ ପୋଲିସ ଓ ଯୋଡ଼ା ଖଣି ବିଭାଗ ଗାଡ଼ି ୨ଟିକୁ ଅଟକାଇଥିଲେ। ଯୋଡ଼ା ଖଣି ଉପ ନିର୍ଦ୍ଦେଶାଳୟ ପକ୍ଷରୁ ଉଭୟ ଗାଡ଼ିରେ ଥିବା ଲୁହାପଥରର ନମୁନା ପରିବହନ ଅନୁମୋଦିତ ନମୁନା ସହିତ ମେଳ ପାଇଁ ପୁନଃ ଡେପୁଟି ଡାଇରେକ୍ଟର କେମିକାଲ ଆନାଲିସିସ୍ (ଡିଡିସିଏ)କୁ ପଠା ଯାଇଥିଲା। ଏହି ଯାଞ୍ଚ ପ୍ରକ୍ରିୟା ଗୁରୁବାର ରାତିରୁ ଆରମ୍ଭ ହୋଇଥିବା ବେଳେ ଶୁକ୍ରବାର ସକାଳେ ଖଣି ବିଭାଗର ଏକ ଟିମ୍ ଷ୍ଟାକ୍ ଭେରିଫିକେଶନ ପାଇଁ ଠାକୁରାଣୀସ୍ଥିତ ଖଣିକୁ ଯାଇଥିଲା। ପରିବହନ ଅନୁମୋଦନ ପାଇଁ ଷ୍ଟାକ୍‌ର ନମୁନା କେତେ ଥିଲା ଏବଂ ପରିବହନ ହେଉଥିବା ୨ ଟ୍ରକ୍‌ରେ କେଉଁ ମାନର ଖଣିଜ ପରିବହନ ହେଉଥିଲା ଖଣି ବିଭାଗ ଏହାର ପୁଙ୍ଖାନୁପୁଙ୍ଖ ଯାଞ୍ଚ ଆରମ୍ଭ କରିଥିବା ଖଣି ଅଧିକାରୀ ଧୁରୁଆ ସୂଚନା ଦେଇଛନ୍ତି। ଧୁରୁଆ କହିଛନ୍ତି, ଖଣି ବିଭାଗର ଡିଡିସିଏ ଏହାର ଯାଞ୍ଚ କରିବା ପରେ ପରିବହନ ହେଉଥିବା ଗାଡ଼ିଗୁଡ଼ିକରେ ଥିବା ଲୁହାପଥରର ମାନ ଜଣାପଡ଼ିଯିବ। ଏଥିରେ ଅନିୟମିତତା ଥିଲେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଖଣି ଉପ ନିର୍ଦ୍ଦେଶକ ଦିନେଶ କୁମାର ଅଗ୍ରୱାଲ କହିଛନ୍ତି, ନିଲାମ ମାଧ୍ୟମରେ ଖଣି ହାତେଇ ଥିବା କିଛି ଖଣି ଲିଜ୍‌ଧାରୀ ପ୍ରତି ଟନ୍ ପିଛା ନିଲାମ ପ୍ରିମିୟମ ଅର୍ଥକୁ କିପରି ଚଞ୍ଚକତାକରି ହ୍ରାସ କରାଯିବ, ସେ ନେଇ ଲୁହାପଥର ଓ ମାଙ୍ଗାନିଜ ପଥରର ଗ୍ରେଡ୍‌ରେ ଉଚ୍ଚମାନର ଖଣିଜକୁ ନିମ୍ନମାନର ଦର୍ଶାଇ ପରିବହନ କରୁଥିବା ନଜିର ରହିଛି। ରାଜ୍ୟ ସରକାର ଏହାକୁ ରୋକିବା ପାଇଁ ଖଣି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ଖଣିର ଅନୁମୋଦିତ ଷ୍ଟାକ୍ ଯାଞ୍ଚକୁ ଆହୁରି କଡ଼ାକଡ଼ି କରାଯାଉଛି।

# ୨ ମାଓବାଦୀଙ୍କ ଆତ୍ମସମର୍ପଣ



ଆତ୍ମସମର୍ପଣ କରିଥିବା ୨ ମାଓବାଦୀ।

ମାଲକାନଗିରି, ୨୨।୮ (ଦୁର୍ଯ୍ୟୋଧନ ପାତ୍ର)

ତେଲେଙ୍ଗାନା ରାଚକୋଣ୍ଡା ପୋଲିସ ନିକଟରେ ୪୦ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀ ସୁଧାକର ଓରଫ ଟିଏଲଏମ୍ ଚଲମ୍‌ଙ୍କ ସ୍ତ୍ରୀ କାକଡାଲା ସୁନିତା ଓ ଚେଟ୍ଟୁରୀ ହରିଶ ଶୁକ୍ରବାର ଆତ୍ମସମର୍ପଣ କରିଛନ୍ତି।

ପ୍ରକାଶ ଯେ, ଗତ ଜୁନ୍‌ରେ ଛତିଶଗଡ ଅବୁଝମାଡରେ ହୋଇଥିବା ଗୁଳି ବିନିମୟରେ ସୁଧାରକ ନିହତ ହୋଇଥିଲେ। ତେବେ ସୁଧାକରଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ସୁନିତାଙ୍କ ଉପରେ ପୋଲିସର ନଜର ରହିଥିଲା। ସୁନିତା ଦଣ୍ଡକାରଣ୍ୟ ସ୍ପେସାଲ ଜୋନ୍ କମିଟିର ବରିଷ୍ଠ ସଦସ୍ୟା ଥିଲେ। ତେବେ ସୁଧାକରଙ୍କ ମୃତ୍ୟୁ ପରେ ସୁନିତା ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ନିଷ୍ପତି ନେଇ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ଏଥିସହ ସରକାରଙ୍କ ଥଇଥାନ ନୀତିରେ ଅନୁପ୍ରାଣିତ ହୋଇ ଏପରି ପଦକ୍ଷେପ ନେଇଥିବା କହିଛନ୍ତି। ସେହିପରି ଅନ୍ୟଜଣେ ମାଓବାଦୀ ଚେଟ୍ଟୁରୀ ହରିଶ ମଧ୍ୟ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇ ଇଚ୍ଛା କରି ଆତ୍ମସମର୍ପଣ କରିଥିବା ପୁଲିସ ଅଧିକାରୀ ଜି. ସୁଧୀର ବାବୁ ସୂଚନା ଦେଇଛନ୍ତି।

# ଯୁବକଙ୍କୁ କଚାଡ଼ି ମାରିଲା ଦନ୍ତା

ପାଟଣା,୨୨।୮ (ବୀର କିଶୋର ଦାଶ)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନ ଭୀମପୁର ଗ୍ରାମରେ ଜଣେ ଯୁବକଙ୍କୁ ହାତୀ କଚାଡ଼ି ମାରିଛି। ମୃତକ ହେଲେ ପାଟଣା ବ୍ଲକ୍ କ୍ଷୀରେଇଟାଙ୍ଗିରି ପଞ୍ଚାୟତ ଭୁଲୁଦା ଗ୍ରାମ ବାଘମରା ସାହିର ଭଗବାନ ମହାନ୍ତଙ୍କ ପୁଅ ସିପିନ ଓରଫ ରମୁ ମହାନ୍ତ(୨୨)। ପ୍ରକାଶ ଯେ, ରେଞ୍ଜ୍‌ରେ ୩୦ ଟିକିଆ ହାତୀପଲ ଉତ୍ପାତ କରୁଛି। ପଲରୁ ଏକ ହାତୀ ଅଲଗା ହୋଇ ବୁଲୁଛି। ଶୁକ୍ରବାର ସନ୍ଧ୍ୟାରେ ସିପିନ ଘରଠାରୁ ୨୨ କି.ମି. ଦୂର ଭୀମପୁରକୁ ହାତୀ ଦେଖିବାକୁ ଯାଇଥିଲେ। ସେଠାରେ ଗୋଠଛଡ଼ା ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ଦନ୍ତା ତାଙ୍କୁ ଶୁଣ୍ଢରେ ଧରି ବିଲ ଭିତରେ କଚାଡ଼ି ଦେବା ସହ ଦାନ୍ତରେ ଅନ୍ତବୁଜୁଳା ବିଦାରି ଦେଇଥିଲା। ପାଟଣା ବନପାଳ ନିରଞ୍ଜନ ସେଠୀ ଘଟଣାସ୍ଥଳରେ ପହଞ୍ଚି ଜିଲା ମୁଖ୍ୟ ଚିକିତ୍ସାଳୟକୁ ମୃତଦେହ ପଠାଇଥିଲେ। ସରକାରୀ ନିୟମ ମୁତାବକ ସମ୍ପର୍କୀୟଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି।

# ଓଡ଼ିଶା ଗସ୍ତରେ ନବୀନଙ୍କ ବଡ଼ଭାଇ ପ୍ରେମ୍ ପଟ୍ଟନାୟକ

## ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ଜାଣିବାକୁ ଆସିଥିବା ଚର୍ଚ୍ଚା

ଭୁବନେଶ୍ୱର, ୨୨।୮(ସୁନିତ୍ ମିଶ୍ର)

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ବଡ଼ଭାଇ ପ୍ରେମ୍ ପଟ୍ଟନାୟକ ଶୁକ୍ରବାର ଓଡ଼ିଶା ଗସ୍ତରେ ଆସିଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ସେ ଭୁବନେଶ୍ୱର ଆସିବା ପରେ ନବୀନ ନିବାସରେ ଏକ ସ୍ଥାନରେ ବସିଛନ୍ତି ଯେଉଁଠି ପାଖରେ ନବୀନ ପଟ୍ଟନାୟକ ମଧ୍ୟ ଅଛନ୍ତି। ତାଙ୍କ ସହ ନବୀନଙ୍କ ସହଯୋଗୀ ଭି.କେ. ପାଣ୍ଡିଆନ୍ ଏବଂ ବ୍ୟକ୍ତିଗତ ଡାକ୍ତର ରମାକାନ୍ତ ପଣ୍ଡା ଓ ଅନ୍ୟ ଜଣେ ଡାକ୍ତରଙ୍କ ସହ କିଛି କଥାବାର୍ତ୍ତା ହେଉଥିବାର ଭିଡିଓ ଦଳ ପକ୍ଷରୁ ଛଡ଼ାଯାଇଛି। କିଛିଦିନ ତଳେ ନବୀନ ଡିହାଇଡ୍ରେଶନ ସମସ୍ୟା କାରଣରୁ ଅସୁସ୍ଥ ହୋଇ ସ୍ଥାନୀୟ ଘରୋଇ ହସ୍ପିଟାଲ ସମ୍ ଅଲ୍‌ଟିମେଟ୍‌ରେ ଚିକିତ୍ସିତ ହୋଇଥିଲେ। ୪ ଦିନ ଚିକିତ୍ସିତ ହେବାପରେ ନବୀନ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଥିଲେ। ତେବେ ନବୀନଙ୍କୁ ଦେଖିବା ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବୁଝିବା ପାଇଁ ପ୍ରେମ୍ ପଟ୍ଟନାୟକ ଓଡ଼ିଶା ଆସିଛନ୍ତି ବୋଲି ଚର୍ଚ୍ଚା ଚାଲିଛି। ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ସେ ନବୀନ ନିବାସରେ ଥିବା ବେଳେ କେବେ ଫେରିବେ ସେନେଇ କୌଣସି ଖବର ଜଣାପଡ଼ି ନାହିଁ।

## ଅପରାଧ

# ଗୁଣି ସନ୍ଦେହରେ ଆଉ ଜଣଙ୍କୁ ହତ୍ୟା, ୪ ଅଟକ

## ୧୫ ଦିନ ଭିତରେ ୨ ହତ୍ୟାକାଣ୍ଡ, ଜଣଙ୍କୁ ମରଣାନ୍ତକ ଆକ୍ରମଣ

ରାୟଗଡ଼ା,୨୨।୮(ଆଶିଷ ରଞ୍ଜନ ପଣ୍ଡା)

ସଚେତନତା ଅଭାବରୁ ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାରେ ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସକୁ ନେଇ ଅପରାଧ ବଢ଼ିବାରେ ଲାଗିଛି। ରାୟଗଡ଼ା ବ୍ଲକ୍ ଶେଷଖାଲ ଥାନା ଅଞ୍ଚଳରେ ଗୁଣିଗାରେଡ଼ି ସନ୍ଦେହରେ ଗତ ୧୫ଦିନ ମଧ୍ୟରେ ୨ଟି ହତ୍ୟାକାଣ୍ଡ ଘଟିଥିବାବେଳେ ଅନ୍ୟ ଜଣେ ମରଣାନ୍ତକ ଆକ୍ରମଣର ଶିକାର ହୋଇ ଚିକିତ୍ସିତ ହେଉଛନ୍ତି। ଶେଷଖାଲ ଥାନା ଅଧୀନ କାରୁବାଇ ପଞ୍ଚାୟତ ଅନ୍ତର୍ଗତ ସାନସିଗୁରୁ ଗ୍ରାମରେ ଗୁଣିଗାରେଡ଼ି ସନ୍ଦେହରେ ଜଣେ ବୃଦ୍ଧଙ୍କୁ କେତେଜଣ ଯୁବକ ସଂଘବଦ୍ଧ ଭାବେ କଟୁରିରେ ଆକ୍ରମଣକରି ହତ୍ୟା କରିଥିବା ଶୁକ୍ରବାର ଅଭିଯୋଗ ହୋଇଛି। ମୃତକ ହେଲେ ନାରାୟଣ ମାଣ୍ଡାଙ୍ଗି (୬୦)। ଏ ନେଇ ମୃତକଙ୍କ ପୁଅ ପ୍ରେମା ମାଣ୍ଡାଙ୍ଗି ଶେଷଖାଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏହି ମାମଲାରେ ପୋଲିସ ୪ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ସୂଚନା ମିଳିଛି।

ମୃତକଙ୍କ ପୁଅ ପ୍ରେମାଙ୍କ ଅଭିଯୋଗ ଅନୁଯାୟୀ, ନାରାୟଣ ସବୁଦିନ ରାତିରେ ତାଙ୍କ କୁଡ଼ିଆକୁ ଆସି ରାତ୍ରିଭୋଜନ କରି ନିଜ କୁଡ଼ିଆକୁ ଶୋଇବାକୁ ଯାଇଥାନ୍ତି। ହେଲେ ଗୁରୁବାର ରାତିରେ ସେ ଖାଇବାକୁ ନ ଆସିବାରୁ ବାଧହୋଇ ସେ ବାପାଙ୍କୁ ଡାକିବାକୁ ଯାଇଥିଲେ। ହେଲେ ସେଠାରେ ବାପାଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ଦେଖି ଗାଁ ଲୋକଙ୍କୁ ଜଣାଇବା ସହ ତାଙ୍କ ବାପାଙ୍କୁ ଗ୍ରାମର କେତେଜଣ ଯୁବକ ହତ୍ୟା କରିଥିବା ଥାନାରେ ଏତଲା ଦେଇଛନ୍ତି। ଏ ନେଇ ଅଞ୍ଚଳର ଜଣେ ନେତା ତଥା ଜିଲା କଂଗ୍ରେସ ସଭାପତି ଶଙ୍କର ଜିଲାକାରା କହିଛନ୍ତି, ଜିଲାରେ ଡ୍ରପ୍‌ଆଉଟ କାରଣରୁ ଯୁବକ ଉପଯୁକ୍ତ ଶିକ୍ଷା ନ ପାଇ ଏଭଳି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଅପରାଧ ଆଡ଼କୁ ମୁହାଁଉଛନ୍ତି।

ସୂଚନାଯୋଗ୍ୟ, ଗୁଣିଗାରେଡ଼ି ସନ୍ଦେହରେ ଗତ ୮ତାରିଖରେ ଶେଷଖାଲା ଥାନା ଅନ୍ତର୍ଗତ ବଡ଼ଆଲୁବାଡ଼ି ପଞ୍ଚାୟତ ବୁରୁସୁବାଡ଼ି ଗ୍ରାମର ରାମାରାଓ ଜିଲାକାରାଙ୍କୁ ଲୋକେ ବିଷ ପିଆଇ ପୋଡ଼ି ହତ୍ୟା କରିଥିଲେ। ସେହିପରି ଗତ ୧୯ ତାରିଖରେ ଶେଷଖାଲ ଥାନା ଅଧୀନ ବୈରାଗୀ ହାଲୁଆ ପଞ୍ଚାୟତର ବଡ଼ଲୁକୁଟି ଗ୍ରାମରେ ବାସା କଣ୍ଡାଗରି (୫୦)ଙ୍କୁ ଗ୍ରାମର କେତେଜଣ ଯୁବକ ମରଣାନ୍ତକ ଆକ୍ରମଣ କରିବାରୁ ସେ ଗୁରୁତର ଆହତ ହୋଇଛନ୍ତି।

# ମେସ୍‌ରେ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଅଭିଯୋଗ

## ମାଲିକଙ୍କ ନାଁରେ ମାମଲା

ଉଦଳା,୨୨।୮ (ସନ୍ତୋଷ କୁମାର ବାଛିନୀ)

ଉଦଳାରେ ଥିବା ଏକ ମେସ୍‌ରେ ରହି ସୁରକ୍ଷିତ ଭାବେ ପାଠ ପଢ଼ିବେ ଭାବି ପରିବାର ଲୋକେ ଛାତ୍ରୀମାନଙ୍କୁ ସେଠାରେ ଛାଡ଼ିଥିଲେ। ହେଲେ ମେସ୍ ମାଲିକ ଏହାର ସୁଯୋଗ ନେଇ ଛାତ୍ରୀମାନଙ୍କୁ ଯୌନ ଉତ୍ପୀଡ଼ନ ଦେଲେ। ସାହସ କରି ଜଣେ ଛାତ୍ରୀ ପରିବାର ଲୋକଙ୍କୁ ଜଣାଇବା ପରେ ଘଟଣା ସାମ୍ନାକୁ ଆସିଛି। ଏନେଇ ଉଦଳା ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୩୪୮/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଏହି ଘଟଣାକୁ ନେଇ ଶୁକ୍ରବାର ମେସ୍ ପରିସରରେ ଉତ୍ତ୍ୟକ୍ତ ଅଭିଭାବକମାନେ ହୋହଲ୍ଲା କରିଥିବା ବେଳେ ଉତ୍ତେଜନା ଲାଗି ରହିଛି। ଏଭଳି ସାଂଘାତିକ ଅଭିଯୋଗ ଆସିଛି ମୟୂରଭଞ୍ଜ ଜିଲା ଉଦଳା ଏନ୍‌ଏସିଅଧୀନ ୩ନଂ. ୱାର୍ଡରେ ଥିବା ମୋନାଲିସା ଏକାଡେମୀର ମାଲିକ ବିସିକେଶନ ଗୋଛାୟତଙ୍କ ନାମରେ।

ଏହି ଏକାଡେମୀ ବା ମେସ୍‌ରେ ବିଭିନ୍ନ କଲେଜରେ ପଢୁଥିବା ଛାତ୍ରୀମାନେ ରହିଥାନ୍ତି। ମେସରେ ରହୁଥିବା ଜଣେ ଯୁକ୍ତ୨ ଦ୍ୱିତୀୟ ବର୍ଷର ଛାତ୍ରୀ ନିଜ ପରିବାର ଲୋକଙ୍କୁ ଫୋନ୍ କରି ମେସ ମାଲିକ ଗୋଛାୟତଙ୍କ କାରନାମା ବିଷୟରେ ଜଣାଇଥିଲେ। ଛାତ୍ରୀଙ୍କ ପରିବାର ଲୋକେ ଶୁକ୍ରବାର ପୂର୍ବାହ୍ନ ୧୧ଟା ୩୦ ସମୟରେ ମେସରେ ପହଞ୍ଚି ଘଟଣା ବାବଦରେ ଝିଅ ନିକଟରୁ ସବୁ କଥା ଶୁଣିଥିଲେ। ପଚରାଉଚରାବେଳେ ୧୨ରୁ ଅଧିକ ଛାତ୍ରୀ ମଧ୍ୟ ମେସ ମାଲିକଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇଥିବା ଜଣାପଡ଼ିଥିଲା। ଏନେଇ ଅଭିଭାବକମାନେ ମେସ ପରିସରରେ ପହଞ୍ଚି ପାଟିତୁଣ୍ଡ କରିଥିଲେ ସୁଦ୍ଧା ମେସ୍ ମାଲିକ କବାଟ ବନ୍ଦକରି ଘର ଭିତରେ ଲୁଚି ରହିଥିଲେ। ଫଳରେ ଅଭିଭାବକମାନେ ନିଜ ପିଲାଙ୍କୁ ସାଙ୍ଗରେ ଘରକୁ ନେଇଯିବା ସହିତ ଏ ନେଇ ଉଦଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ମେସକୁ ଯାଇ ମାଲିକଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲା। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଉକ୍ତ ମେସରୁ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ମିଳିଥିଲା।

# ଯୁବତୀଙ୍କ ତଣ୍ଟି କାଟି ବିଷ ପିଇଲେ ଯୁବକ

## ଗୁରୁତର ଯୁବତୀ, ଯୁବକ ମେଡିକାଲରେ ଭର୍ତ୍ତି

ବଲାଙ୍ଗୀର/ପାଟଣାଗଡ଼,୨୨।୮ (ବୀରେନ୍ଦ୍ର କୁମାର ଝାଙ୍କର/ ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ମାୟାବର୍ହା ଗାଁରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକ ଛୁରିରେ ଜଣେ ଯୁବତୀଙ୍କ ତଣ୍ଟି କାଟି ଦେଇ ସେଠାରୁ ଫେରାର ହେବା ପରେ ନିଜ ଗାଁରେ ବିଷପାନ କରିଦେଇଥିବା ଜଣାପଡ଼ିଛି। କେଉଁ କାରଣରୁ ଯୁବକ ଜଣକ ଯୁବତୀଙ୍କ ତଣ୍ଟି କାଟି ନିଜେ ବିଷପାନ କଲେ ତାହା ଜଣାପଡ଼ିନାହିଁ। ତେବେ ପ୍ରେମସମ୍ପର୍କରୁ ଏଭଳି କାଣ୍ଡ ଘଟିଥିବା କୁହାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ଅପରାହ୍ଣରେ ମାୟାବର୍ହା ଗାଁର ଜଣେ ଯୁବତୀଙ୍କ ଘରକୁ ପାଟଣାଗଡ଼ ଥାନା ଅନ୍ତର୍ଗତ ପଣ୍ଡରିପାଣି ଗାଁର ହଳଧର ବରିହା (୨୫) ଆସିଥିଲେ। ସମ୍ପର୍କୀୟ ହୋଇଥିବାରୁ ଝିଅ ପରିବାର ଲୋକେ ତାଙ୍କୁ ଉଚିତ ଆତିଥ୍ୟ ପ୍ରଦାନ କରିଥିଲେ। ଖାଇ ସାରିବା ପରେ ହଳଧର ରାତିରେ ତାଙ୍କ ଘରେ ଶୋଇଥିଲେ। ଗୁରୁବାର ଭୋର ସମୟରେ ସମ୍ପୃକ୍ତ ଯୁବତୀଙ୍କ ମାଆ ଗାଁ ଭିତରକୁ ପାଣି ଆଣିବା ପାଇଁ ବାହାରିଥିଲେ। ଏହାର ସୁଯୋଗ ନେଇ ହଳଧର ଏକ ଧାରୁଆ ଛୁରିରେ ଘରେ ଶୋଇଥିବା ଯୁବତୀଙ୍କ ତଣ୍ଟି କାଟି ସେଠାରୁ ଫେରାର ହୋଇଯାଇଥିଲେ। ରକ୍ତାକ୍ତ ଅବସ୍ଥାରେ ଯୁବତୀ ଜଣକ ନିଜ ବାପାଙ୍କ ପାଖକୁ ଦୌଡ଼ି ଆସିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇ ଚିକିତ୍ସା କରାଯାଇଥିଲା। ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ ବୁର୍ଲା ଭିମ୍‌ସାର ମେଡିକାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଅନ୍ୟପକ୍ଷରେ ଯୁବତୀଙ୍କ ତଣ୍ଟି କାଟି ଫେରାର ହୋଇଯାଇଥିବା ଯୁବକ ହଳଧର ତାଙ୍କ ଗାଁ ପଣ୍ଡରିପାଣିରେ ପହଞ୍ଚି ନିଜ କ୍ଷେତରେ ବିଷପାନ କରି ପଡ଼ିଥିବା ଲୋକେ ଦେଖିବାକୁ ପାଇଥିଲେ। ସେଠାରୁ ତାଙ୍କୁ ପରିବାର ଲୋକେ ପ୍ରଥମେ ପାଟଣାଗଡ଼ ଉପଖଣ୍ଡ ସ୍ତରୀୟ ହସ୍ପିଟାଲକୁ ଆଣିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିବା ପରେ ତାଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ସେଠାରୁ ବଲାଙ୍ଗୀରରୁ ବୁର୍ଲା ଭିମ୍‌ସାର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଯୁବତୀଙ୍କ ବାପା ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

# ଚଳନ୍ତା କାର୍‌ରୁ ଷ୍ଟଣ୍ଟ କରି ତଣ୍ଡ ଗଣିଲେ

ଭୁବନେଶ୍ୱର,୨୨।୮(ସତ୍ୟଜିତ୍ ରାଉତ)

୧୬ ନଂ. ଜାତୀୟ ରାଜପଥରେ ଶୁକ୍ରବାର ବିପଦପୂର୍ଣ୍ଣ ଭାବେ ଗାଡିଚଳାଇ ଷ୍ଟଣ୍ଟ ଦେଖାଇ ଜରିମାନା ଗଣିଛନ୍ତି କାର୍ ଚାଳକ। ଏହାର ଭିଡିଓ ଭାଇରାଲ ହେବା ପରେ ପରିବହନ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଭୁବନେଶ୍ୱର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ-୨) ପକ୍ଷରୁ ୧୦ହଜାର ଟଙ୍କା ଚାଲାଣ କଟାଯାଇଛି। ଉକ୍ତ କାର୍ (ଓଡ଼୦୫ସିଏ୦୨୮୭)ଟି କଟକ ଜିଲା ଚୌଦ୍ୱାର ଅଞ୍ଚଳର ସତ୍ୟଭାମା ସାହୁଙ୍କ ନାମରେ ରହିଛି। ଉପଯୁକ୍ତ ଡିଏଲ୍ ନ ଥିବା ସତ୍ତ୍ୱେ ଗାଡି ଚାଳନା କରିଥିବାରୁ ୫ ହଜାର ଓ ବିପଦପୂର୍ଣ୍ଣ ଭାବେ ଗାଡି ଚାଳନା କରିଥିବାରୁ ୫ହଜାର ଟଙ୍କା ଚାଲାଣ କଟାଯାଇଛି। କାରଟି ଶୁକ୍ରବାର ଭୁବନେଶ୍ୱରରୁ କଟକ ଅଭିମୁଖେ ଯାଉଥିବାବେଳେ ସେ ଏହି ଷ୍ଟଣ୍ଟ ଦେଖାଇଥିଲା। ଗାଡିଟି ଅପରାହ୍ନ ପ୍ରାୟ ୧ଟା ୫୫ରେ ପଳାଶୁଣୀ ଓଭରବ୍ରିଜ୍‌ରେ ଯାଉଥିବା ବେଳେ ସେଥିରେ ପଛସିଟ୍‌ରେ ବସିଥିବା ଦୁଇଜଣ ଓ ଆଗ ସିଟ୍‌ରେ ବସିଥିବା ଜଣେ ଯୁବକ କାର୍ ଡୋରରୁ ବାହାରି ବିପଦପୂର୍ଣ୍ଣ ଷ୍ଟଣ୍ଟ ପ୍ରଦର୍ଶନ କରିଥିଲେ।



ଚଳନ୍ତା କାର୍‌ରେ ଯୁବକମାନେ ବିପଦପୂର୍ଣ୍ଣ ଷ୍ଟଣ୍ଟ ଦେଖାଉଛନ୍ତି।

# ଆରଜି ଗ୍ୟାଙ୍ଗର ୨ ଗିରଫ: ୨ ଦେଶୀ ପିସ୍ତଲ, ୪ ଗୁଳି ଜବତ

ବାଲେଶ୍ୱର, ୨୨।୮(ବାଞ୍ଛାନିଧି ଦେ)

ବାଲେଶ୍ୱର ସମେତ ମୟୂରଭଞ୍ଜ ଓ ଭଦ୍ରକ ଜିଲାରେ ଆତଙ୍କ ସୃଷ୍ଟି କରି ବାଲି ବ୍ୟବସାୟ, ଗୋଚାଲାଣ ଓ ଲଘୁଖଣିଜ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ଆରଜି ଗ୍ୟାଙ୍ଗର ୨ଜଣଙ୍କୁ ବାଲେଶ୍ୱର ଟାଉନ ଥାନା ପୋଲିସ ଗିରଫ କରିଛି। ଉଭୟେ ବାଲିଘାଟଠାରେ ଥିବା ଖବରପାଇ ଆଇଆଇସି ବିଜୟ କୁମାର ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଗୁରୁବାର ବିଳମ୍ବିତ ରାତିରେ ଚଢ଼ାଉ କରି ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲେ। ଅଭିଯୁକ୍ତଦ୍ୱୟ ହେଲେ ମୟୂରଭଞ୍ଜ ବୈଶିଙ୍ଗା ଥାନା ପାର୍ଟୁଳିପୁରା ଗ୍ରାମର ସଞ୍ଜିବ ଦେହୁରୀ ଓ ବାଲେଶ୍ୱର ସଦର ଥାନା ଫୁଲାଡ଼ି ଗ୍ରାମର ପ୍ରଶାନ୍ତ କୁମାର ବାରିକ। ସେମାନଙ୍କଠାରୁ ୨ଟି ଦେଶୀ ପିସ୍ତଲ ସହ ମାଗାଜିନ୍, ୪ଟି ଜୀବନ୍ତ ଗୁଳି, ୪ଟି ମୋବାଇଲ ଓ ଗୋଟିଏ ବାଇକ୍ (ନଂ. ଓଡ଼ି୦୧ଏଜେଡ୍-୮୭୫୯) ଜବତ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ. ୨୧୬/୨୫) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଯାଇଛି।



ଜବତ ବନ୍ଧୁକ, ଗୁଳି ସହ ଗିରଫ ୨ ଅଭିଯୁକ୍ତ।

# ନାବାଳିକା ଅସଦାଚରଣ ମାମଲା: ୨ଅଭିଯୁକ୍ତଙ୍କୁ ଜେଲ

ସମ୍ବଲପୁର,୨୨।୮(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଅଞ୍ଚଳରେ ଗତ ୨୦୧୯ ମସିହାରେ ଘଟିଥିବା ନାବାଳିକା ଅସଦାଚରଣ ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ସମ୍ବଲପୁର ଅତିରିକ୍ତ ଜିଲା ଜଜ୍ ତଥା ପୋକ୍‌ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଲାଷ ସେନାପତି ଏହି ମାମଲାର ବିଚାରକରି ତାଙ୍କ ରାୟରେ ରେଢ଼ାଖୋଲ ଥାନା ଅନ୍ତର୍ଗତ କନକପଡ଼ାର ୨ଅଭିଯୁକ୍ତ ସୁଦାମ ସେଠୀ(୨୫) ଓ ଟିକିନା ସେଠୀ(୨୨)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସୁଦାମଙ୍କୁ ଦଫା ୧୦ ପୋକ୍‌ସୋ ଆଇନରେ ୫ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ତଥା ଜରିମାନା ଅର୍ଥ ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ, ଟିକିନାଙ୍କୁ ଦଫା ୧୦ ପୋକ୍‌ସୋ ଆଇନ୍‌ରେ ୬ ବର୍ଷ ସଶ୍ରମ କାରାଦଣ୍ଡ ଓ ୨୦ ହଜାର ଟଙ୍କା ଜରିମାନା ତଥା ଜରିମାନା ଅର୍ଥ ଅନାଦେୟ ୧ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦଫା ୩୪୧ରେ ଉଭୟ ଅଭିଯୁକ୍ତଙ୍କୁ ସମାନ ୧ ମାସ ଲେଖାଏଁ କାରାଦଣ୍ଡ ଓ ୫ ଶହ ଟଙ୍କା ଲେଖାଏଁ ଜରିମାନା ତଥା ଜରିମାନା ଅର୍ଥ ଅନାଦେୟ ଅଭିଯୁକ୍ତଙ୍କୁ ଅଧିକ ୫ ଦିନ ଲେଖାଏଁ ସରଳ କାରାଦଣ୍ଡାଦେଶ ଦେଇଛନ୍ତି। ଏହି ମାମଲାରେ ବିଚାରପତି ୧୨ ଜଣ ସାକ୍ଷୀ ଓ ଅନ୍ୟାନ୍ୟ ତଥ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତ ଦ୍ୱୟଙ୍କୁ ଉକ୍ତ ଦଣ୍ଡବିଧାନ କରିଛନ୍ତି। ତେବେ ଉଭୟ ଦଣ୍ଡକୁ ସେମାନେ ଏକସଙ୍ଗେ ଭୋଗିବାକୁ ବିଚାରପତି ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି।

ରେଢ଼ାଖୋଲ ଥାନା ଅଞ୍ଚଳରେ ପରିବାର ସହିତ ରହୁଥିବା ନାବାଳିକା(୧୨) ଗତ ୨୦୧୯ ଅକ୍ଟୋବର ୧୩ ତାରିଖ ସନ୍ଧ୍ୟାରେ ତାଙ୍କ ଗ୍ରାମ ମୁଣ୍ଡରେ ହେଉଥିବା ଜହ୍ନିଓଷା ଦେଖିବାକୁ ଯାଉଥିଲେ। ଏହି ସମୟରେ ବାଟରେ ଅଭିଯୁକ୍ତ ଦ୍ୱୟ ତାଙ୍କୁ ଏକାକୀ ଦେଖି ଅସଦାଚରଣ କରି ବିଭିନ୍ନ ଧମକଚମକ ଦେବାକୁ ଲାଗିଲେ। ଫଳରେ ପୀଡ଼ିତା ଜଣକ ଭୟଭୀତ ହୋଇ ପାଟି କରିଥିଲେ। ତାଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ସେଠାରେ ପହଞ୍ଚିବାରୁ ଅଭିଯୁକ୍ତ ଦ୍ୱୟ ତାଙ୍କୁ ଛାଡ଼ି ଚମ୍ପଟ୍ ମାରିଥିଲେ। ପରେ ନାବାଳିକା ଘରକୁ ଫେରି ପରିବାର ଲୋକଙ୍କୁ ସବୁ କଥା କହିଥିଲେ। ତା'ପର ଦିନ ନାବାଳିକାଙ୍କୁ ସାଙ୍ଗରେ ନେଇ ତାଙ୍କ ପିତା ରେଢ଼ାଖୋଲ ଥାନାରେ ଏତଲା ଦେଇଥିଲେ। ଏତଲା ଆଧାରରେ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

କେବଳ ନିଜର ବିଶ୍ୱାସକୁ ଜ୍ଞାନ ଏବଂ ଅନ୍ୟମାନଙ୍କ ବିଶ୍ୱାସକୁ ପ୍ରମାଦ ଅଜ୍ଞାନ ଆଉ ଭାଣ୍ଡାମି ବୋଲି ନିନ୍ଦା କରନା ଏବଂ କୌଣସି ସଂପ୍ରଦାୟର ବିଭିନ୍ନ ମତବାଦକୁ ଏବଂ ସେମାନଙ୍କ ଅସହିଷ୍ଣୁତାକୁ ମଧ୍ୟ ବିଦ୍ରୂପ କରନାହିଁ। -ଶ୍ରୀଅରବିନ୍ଦ

-ଅମାବାସ୍ୟା, ଶ୍ରୀମନ୍ଦିରରେ ସପ୍ତପୁରୀ ଭୋଗ



# ନିଷ୍କ୍ରିୟ ସିଆଇସି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସେପ୍ଟେମ୍ବର ୧୪ ସୁଦ୍ଧା ସେଣ୍ଟ୍ରାଲ ଇନ୍‌ଫରମେଶନ କମିଶନ (ସିଆଇସି) ବା କେନ୍ଦ୍ରୀୟ ସୂଚନା ଆୟୋଗ ମୁରବିହୀନ ହୋଇଯାଇପାରେ। ମୁଖ୍ୟ ସୂଚନା ଆୟୋଗ ହୀରାଲାଲ ସମାରିଆ ଅବସର ନେବା ପରେ ଯଦି ସରକାର ତ୍ୱରିତ ପଦକ୍ଷେପ ନ ନିଅନ୍ତି, ତେବେ ଦେଶର ଟ୍ରାନ୍ସପରେନ୍ସି ୱାଚଡଗ୍ ସିଆଇସି ପୁନର୍ବାର ନେତୃତ୍ୱବିହୀନ ହୋଇଯିବ। ୨୦୨୩ରେ ୱାଇ.କେ. ସିହ୍ନା ଯେତେବେଳେ ଅବସର ନେଇଥିଲେ ସେତେବେଳେ ସୁପ୍ରିମକୋର୍ଟ ହସ୍ତକ୍ଷେପ ନ କରିବା ପର୍ଯ୍ୟନ୍ତ ସିଆଇସି ପଦବୀ ଖାଲି ରହିଥିଲା। ଶୀର୍ଷ ଅଦାଲତ ମଧ୍ୟ କେନ୍ଦ୍ରକୁ ଚେତାଇ ଦେଇଥିଲେ ଯେ, ଜଣେ କାର୍ଯ୍ୟରତ କମିଶନଙ୍କ ବିନା ଆର୍‌ଟିଆଇ ନିୟମ 'ପ୍ରଭାବଶୂନ୍ୟ ନିୟମ' ହେବାର ଆଶଙ୍କା ରହିଛି। ସ୍ପଷ୍ଟତଃ ଏହି ଚେତାବନୀକୁ ସରକାର ଠିକ୍ ଭାବେ ବୁଝି ନ ଥିଲେ। ତେବେ ସମ୍ପୂର୍ଣ୍ଣ ବିଷୟ ଖାଲି ପଡୁଥିବା ମୁଖ୍ୟଙ୍କ ପଦବୀ ସମ୍ପର୍କିତ ନୁହେଁ। ନିର୍ଦ୍ଧାରିତ ୧୦ କମିଶନର ପଦବୀ ମଧ୍ୟରୁ ୨ଟିକୁ ଛାଡ଼ିଦେଲେ ବାକି ୮ଟି ପଦବୀ ପୂରଣ ପାଇଁ ଗତ ଅଗଷ୍ଟରେ ୧୬୧ ଜଣଙ୍କ ଆବେଦନ ଗ୍ରହଣ କରାଯାଇଥିଲେ ମଧ୍ୟ ବର୍ଷେ ହେଲା ତାହାସବୁ ଖାଲି ପଡ଼ିଛି। ଫଳରେ ଅତ୍ୟଧିକ ଆବେଦନ ଓ ଅଭିଯୋଗ ପଡ଼ିରହିଛି ଏବଂ ନାଗରିକମାନେ ନିଷ୍ପତ୍ତିକୁ ଦୀର୍ଘଦିନ ଅପେକ୍ଷା କରି ରହିଛନ୍ତି। ଏଣୁ ଆରଟିଆଇ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ନିଷ୍କ୍ରିୟ ହୋଇଯାଇଛି। ଏହା ଏକ ଅମଲାତାନ୍ତ୍ରିକ ଶିଥିଳତା ନା ଯୋଜନାବଦ୍ଧ ଭାବେ ଏହାକୁ ଦୁର୍ବଳ କରିଦେବାର ଏକ ପ୍ରୟାସ? ନାଗରିକଙ୍କର ଜାଣିବାର ଅଧିକାରକୁ ଅଣଦେଖା କରାଯାଉଛି। ଯଦି ସିଆଇସି ଏହିଭଳି ଚାଲେ, ତେବେ ଭାରତର ସବୁଠୁ ସଶକ୍ତ ଗଣତାନ୍ତ୍ରିକ ସାଧନ କେବଳ କାଗଜକଲମରେ ଅଟକିଯିବ। ୱାଚ୍‌ଡଗ୍ ନିଷ୍କ୍ରିୟ ହୋଇଗଲେ କିମ୍ବା ଖରାପ ସ୍ଥିତିରେ ରହିଲେ ସାଧାରଣ ଜନତାଙ୍କୁ ହିଁ ଏଥିପାଇଁ ମୂଲ୍ୟ ଦେବାକୁ ହେବ।

### ବେପରୁଆ କାମ

ଭାରତର ନିର୍ବାଚନ କମିଶନ (ଇସିଆଇ) ହେଉଛି ଏମିତି ଏକ ସଂସ୍ଥା ଯାହାର କାର୍ଯ୍ୟକୁ କେବଳ ଦେଖିବା, କିନ୍ତୁ ତା' ସମ୍ପର୍କରେ କିଛି କହିପାରିବା ନାହିଁ। ଗୋଟିଏ ପଟେ ବିହାରର ଭୋଟର ତାଲିକା ସଂଶୋଧନରେ କିଛି ଭୁଲ୍ କାମ ହୋଇ ନ ଥିବା ଜୋର୍ ଦେଇ କହିବା ସହ ବିରୋଧୀଙ୍କ ଅଭିଯୋଗଗୁଡ଼ିକ ଉପରେ ଅସନ୍ତୋଷ ପ୍ରକାଶ କରି ସେସବୁକୁ ଏହା ଖାରଜ କରିଦେଇଛି। ଅନ୍ୟପଟେ ସମାନ ପ୍ରକାର ସମସ୍ୟା ପଶ୍ଚିମବଙ୍ଗରେ ସାମ୍ନାକୁ ଆସିଛି। ସେଠାରେ ୪ ଜଣ ଅଧିକାରୀ ଭୋଟର ଡାଟାବେସ୍ ପାଇଁ ରହିଥିବା ସଂରକ୍ଷିତ ତଥ୍ୟ ଇତ୍ୟାଦିକୁ ଅନ୍ୟଙ୍କୁ ଶେୟାର କରିବା ଯୋଗୁ ରାଜ୍ୟ ସରକାର ସେମାନଙ୍କୁ ଦଣ୍ଡିତ କରିବାରେ ବିଳମ୍ବ କରିଥିଲେ, ଯେଉଁଥିପାଇଁ ମୁଖ୍ୟ ଶାସନ ସଚିବ ମନୋଜ ପନ୍ଥଙ୍କୁ ଦିଲ୍ଲୀ ଯିବାକୁ ପଡ଼ିଥିଲା। ଇସିଆଇ ଗମ୍ଭୀରତାର ସହ ନେଇ ଏହା ଏକ ବଡ଼ ତ୍ରୁଟି ବୋଲି ଦର୍ଶାଇବା ସହ ଅଗଷ୍ଟ ୨୧ ସୁଦ୍ଧା ଆଦେଶ ପାଳନ କରିବାକୁ କହିଥିଲେ। ଦେଖିବାକୁ ଗଲେ ତଥ୍ୟର ଅତ୍ୟଧିକ ମୂଲ୍ୟ ରହିଥିବା ଏବକାର ଯୁଗରେ ଭୋଟର ତାଲିକା ଉପରେ ବେପରୁଆ ଭାବେ କାମ କରିବା ସିଧାସଳଖ ନିର୍ବାଚନର ସ୍ୱଚ୍ଛତା ପ୍ରତି ଏକ ବିପଦ। ପଶ୍ଚିମବଙ୍ଗରେ କମିଶନ ତାଙ୍କ ଶକ୍ତି ଦେଖାଇପାରନ୍ତି, କିନ୍ତୁ ଅପରପକ୍ଷେ ବିହାର ଘଟଣାକୁ ଅସ୍ୱୀକାର କରିବାକୁ ନେଇ ଲୋକେ ଆଶ୍ଚର୍ଯ୍ୟ ହେଉଛନ୍ତି। ବିରୋଧୀ ଦଳଗୁଡ଼ିକ ଏହାର ସୁଯୋଗ ନେଇ ସମାଲୋଚନା କରିଛନ୍ତି। ଏହାସହ ସଧାରଣରେ ବିଶ୍ୱାସ କମିବା ଯୋଗୁ ଇସିଆଇକୁ ଆଉ ଏକ ଝଟକା ଲାଗିଛି। ଶେଷବେଳକୁ ନିଲମ୍ବନ ଏବଂ ସମୟସୀମା ସବୁ ବନ୍ଦ ହୋଇପାରେ, କିନ୍ତୁ ଏକଥା ସତ ଯେ,କମିଶନ ନିର୍ଦ୍ଦିଷ୍ଟ ଭାବେ ସମସ୍ୟାକୁ ଟାଳିବ ପାଇଁ ସଂଗ୍ରାମ କରୁଛି । ଗୋଟିଏ ରାଜ୍ୟରେ ଡେଟାକୁ ନେଇ ବେପରୁଆ କାମ କରାଯାଉଥିବାବେଳେ ଅନ୍ୟ ଏକ ରାଜ୍ୟରେ ସମସ୍ୟାକୁ ଅସ୍ୱୀକାର କରାଯାଉଛି ।

### ଭାଗ୍ୟ ସହାୟ ହେଉନାହିଁ

ପ୍ରତିବର୍ଷ ଅନେକ ଲକ୍ଷ ୟୁପିଏସ୍‌ସି ଆଶାୟୀଙ୍କ ମଧ୍ୟରୁ ଖୁବ୍ କମ୍ ପ୍ରତିଶତ, ଅର୍ଥାତ୍ ପାଖାପାଖି ୧,୦୦୦ ସଫଳ ହୋଇଥାନ୍ତି । ଏପରିକି ୨୦୦-୨୫୦ ଆଇଏଏସ୍, ଆଇପିଏସ୍ କିମ୍ବା ଆଇଏଫ୍‌ଏସ୍ ପାଇବାକୁ ଯୋଗ୍ୟ ହୋଇଥାନ୍ତି। କିନ୍ତୁ ପ୍ରକୃତ ଖେଳ ଆରମ୍ଭ ହୋଇଯାଏ ପ୍ରଶିକ୍ଷଣ ଓ କ୍ୟାଡର ଆବଣ୍ଟନରେ। ଦେଖାଯାଏ ଟପ୍ପରମାନେ ଯାହା ଚାହିଁଥାନ୍ତି ତାହା ସବୁବେଳେ ପାଇ ନ ଥାନ୍ତି, ଯାହା ୨୦୧୫ର ଟପ୍ପର ଟିନା ଦବିଙ୍କ ଘଟଣାରୁ ଜଣାପଡ଼େ। ତାଙ୍କର ପସନ୍ଦ ଥିଲା ହରିୟାଣା କିନ୍ତୁ ଏହା ପରିବର୍ତ୍ତେ ସେ ପାଇଲେ ରାଜସ୍ଥାନ କ୍ୟାଡର । ନିଯୁକ୍ତି ବ୍ୟବସ୍ଥାରେ ସଂରକ୍ଷଣ ପଦ୍ଧତିକୁ ବ୍ୟବହାର କରାଯାଇ ରାଜ୍ୟ ଭିତର ଓ ବାହାର ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ଆଣିବାକୁ ଚେଷ୍ଟା କରାଯାଏ । କୌଣସି କ୍ୟାଡର ସ୍ଥାନୀୟ ଅଧିକାରୀଙ୍କୁ କିଭଳି ଚପି ନ ଯାଏ ତାହା ମଧ୍ୟ ନିଶ୍ଚିତ କରାଯାଇଛି। ତଥାପି ରାଜ୍ୟଗୁଡ଼ିକୁ ସେମାନଙ୍କ ରାଜ୍ୟର ଅଧିକାରୀମାନଙ୍କୁ ଭାଗ ଦିଆଯାଉଛି। ସିଭିଲ ସର୍ଭିସ ଆବଣ୍ଟନ ପାଇଁ ଦେଶକୁ ୫ଟି ଭୌଗୋଳିକ କ୍ଷେତ୍ରରେ ବିଭକ୍ତ କରାଯାଇଛି ଏବଂ ପ୍ରାର୍ଥୀମାନେ ଏଗୁଡ଼ିକ ମଧ୍ୟରୁ ପସନ୍ଦ କରନ୍ତି। ଏହି ଔପଚାରିତାକୁ ଛାଡ଼ି ୟୁପିଏସ୍‌ସି ଅଧିକାରୀଙ୍କ ପାଇଁ ନିଷ୍ପତ୍ତି ନେଇଥାଏ, ଯେଉଁଥିରେ ନିଜ ରାଜ୍ୟରେ ନିଯୁକ୍ତି ପାଇଁ ଜଣେ ପ୍ରାର୍ଥୀଙ୍କ ପସନ୍ଦକୁ ଗୁରୁତ୍ୱ ଦେଇ ନ ଥାଏ । ସାରା ଦେଶରେ ସର୍ଭିସଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ହେଲେ ଯେଉଁ ରାଜ୍ୟରେ ଅଧିକାରୀଙ୍କ ଅଭାବ ରହିଛି ସେଠାକୁ ନୂଆ ତଥା ଯୁବ ଅଧିକାରୀଙ୍କୁ ପଠାଯାଉ। ଏହା ଏକ ଭଲ ପଦକ୍ଷେପ। ହେଲେ ବହୁ ସମୟରେ ଯୁବ ତଥା ନୂଆ ଅଧିକାରୀଙ୍କ ପାଇଁ ଭାଗ୍ୟ ସହାୟ ହେଉ ନଥିବା ଦେଖାଯାଉଛି।

Email: dilipcherian@gmail.com

# ନିଯୁକ୍ତି ବୃଦ୍ଧି କରିବ ପର୍ଯ୍ୟଟନ



ନଟବର ଖୁଣ୍ଟିଆ

ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟ, ଐତିହ୍ୟମୟୀ ସାଂସ୍କୃତିକ ପରମ୍ପରା, କାରୁକାର୍ଯ୍ୟପୂର୍ଣ୍ଣ ମନ୍ଦିର, ହସ୍ତତନ୍ତ ଓ ହସ୍ତଶିଳ୍ପର ଚମତ୍କାରିତା ସମସ୍ତଙ୍କୁ ଆକର୍ଷିତ କରେ। ପୁରୀ, ଗୋପାଳପୁର, ଚନ୍ଦ୍ରଭାଗା, ପାରାଦୀପ,ଚାନ୍ଦିପୁର ଆଦି ବେଳାଭୂମିର ନୈସର୍ଗିକତା, ସାତକୋଶିଆ ଗଣ୍ଡର ଭୀମକାନ୍ତ ଦୃଶ୍ୟ ମଧ୍ୟରେ ଲୁଚି ରହିଥିବା ଅପୂର୍ବ ଶୋଭା, ଭିତରକନିକା ଓ ଶିମିଳିପାଳ ଅଭୟାରଣ୍ୟ, ନୌକା ବିହାର ପାଇଁ ଚିଲିକା ହ୍ରଦଠାରୁ ଆରମ୍ଭ କରି ହୀରାକୁଦ ଜଳଭଣ୍ଡାର, କଟକ ଯୋବ୍ରା ବ୍ୟାରେଜ, ପାରାଦୀପଠାରୁ ଚାନ୍ଦବାଲି ପର୍ଯ୍ୟନ୍ତ କ୍ରିକ୍‌ରେ ଅଛି ପର୍ଯ୍ୟଟନ ପାଇଁ ଅପୂର୍ବ ସୁଯୋଗ। ଓଡ଼ିଶା ଯଦି ଯୋଜନାବଦ୍ଧ ଭାବରେ ପର୍ଯ୍ୟଟନ ପାଇଁ ଥିବା ଅପାର ସୁଯୋଗକୁ ଉପଯୋଗ କରେ ତେବେ କୃଷି ପରେ ପର୍ଯ୍ୟଟନ ହିଁ ନିଯୁକ୍ତି ଯୋଗାଇପାରନ୍ତା।

କୋଭିଡ ପୂର୍ବରୁ ଆମେ ସସ୍ତ୍ରୀକ ଶ୍ରୀଲଙ୍କା ଭ୍ରମଣରେ ଯାଇଥିଲୁ। ଆମ ଭ୍ରମଣ କାର୍ଯ୍ୟକ୍ରମ ମଧ୍ୟରେ ଥିଲା ମଧୁ ଗଙ୍ଗାନଦୀ ମୁହାଣରେ ନୌକା ବିହାର। ଆମ ଟୁର୍ ପରିଚାଳକ ଆମକୁ ଯଥା ସମୟରେ ନଦୀ ମୁହାଣରେ ପହଞ୍ଚାଇ ଦେଲେ। ସେଠାରେ ପର୍ଯ୍ୟଟକଙ୍କ ଭିଡ଼ ଲାଗିଥାଏ। ମଧୁ ଗଙ୍ଗାନଦୀ ଯାଇ ଏକ ହ୍ରଦରେ ପଡ଼ିଛି। ସେହି ମୁହାଣରେ ହେନ୍ତାଳ ବଣ। ଆମେ ଶକ୍ତିଚାଳିତ ନୌକା ବିହାରରେ ବାହାରିଲୁ । ଦେଖିଲୁ ହେନ୍ତାଳ ବଣ ଦେଇ ନୌକା ଚାଲିଲା ମଧୁ ଗଙ୍ଗାନଦୀ ମୁହାଣ ସୃଷ୍ଟି କରିଥିବା ହ୍ରଦ ମଧ୍ୟକୁ। ଆମ ନୌକାରେ ଦୁଇ ଜଣ ଚାଇନାର ପର୍ଯ୍ୟଟକ ଥିଲେ। ଜଣେ ପୁଅ, ଜଣେ ଝିଅ। ନୌକାରେ ଗଲାବେଳେ ଗୋଟିଏ ଛୋଟ କୁମ୍ଭୀର ଛୁଆ ଦେଖାଗଲା ଆଉ ସେହି ଦୁଇ ଚାଇନା ପର୍ଯ୍ୟଟକ ଆନନ୍ଦ ବିହ୍ୱଳ ହୋଇ ନାଚିଗଲେ। ମୁଁ ମନେ ମନେ ଭାବୁଥାଏ ଆମ ଭିତରକନିକା କୁମ୍ଭୀର ଦେଖିଲେ ଏମାନେ କ'ଣ ନହେବେ। ଆମକୁ କିଛି ସମୟ ପରେ ଏକ ଟାପୁକୁ ନିଆଗଲା। ସେଠି ଓହ୍ଲାଇ ଦିଆଗଲା। ସେହି ଟାପୁରେ ଡାଲଚିନି ଚାଷ ହେଉଛି। ଡାଲଚିନିରୁ ପ୍ରସ୍ତୁତ ଚା ପିଇ ଫେରି ଆସିଲୁ।



ଫେରିଲା ବେଳେ ମନେପଡ଼ିଲା ମୁଁ ପାରାଦୀପରେ ମୋ ବୃତ୍ତିଗତ ଜୀବନରେ ଅବସ୍ଥାପିତ ହୋଇଥିବା ବେଳେ କେତେ ଜଣ ସହକର୍ମୀଙ୍କୁ ନେଇ ପାରାଦୀପର ନେହେରୁ ବଙ୍ଗଳା, ଯେଉଁଠି ମହାନଦୀ ସମୁଦ୍ରରେ ପଡ଼ିଛି, ସେହିଠାରୁ ଏକ ଶକ୍ତି ଚାଳିତ ଛୋଟ ନୌକାରେ ଆମେ ଜଳ ଯାତ୍ରା କଲୁ। ପ୍ରଥମେ ସବୁଠାରୁ ପୁରୁଣା ବତିଘର ଦେଖିଲୁ। ବତିଘର ଦେଖିଲା ପରେ କ୍ରିକ ଦେଇ ଆମ ନୌକା ଚାଲିଲା ହୁକିଟୋଲା ବନ୍ଦର ଅଭିମୁଖେ। କ୍ରିକ୍‌ର ଦୁଇ ପାର୍ଶ୍ୱରେ ହେନ୍ତାଳ ଜଙ୍ଗଲ ଓ ହେନ୍ତାଳ ଜାତୀୟ ଅନେକ ପ୍ରକାରର ଲୁଣି ପାଣିରେ ବଢୁଥିବା ବୃକ୍ଷ। ଅତି ମନୋରମ ଦୃଶ୍ୟ ଉପଭୋଗ କରି ପହଞ୍ଚିଲୁ ହୁକିଟୋଲା ବନ୍ଦର ପରିସରରେ। ସେଠି ଥିବା ବିଭିନ୍ନ କୋଠାବାଡ଼ି ଦେଖିଲୁ। ସେଠି ଏକ କୋଠା,ଏପରି ବୈଜ୍ଞାନିକ ପଦ୍ଧତିରେ ନିର୍ମାଣ ହୋଇଥିଲା ଯେ, ସେହି କୋଠା ଛାତରୁ ବର୍ଷା ଜଳ ସଂଗୃହୀତ ହୋଇ ତଳେ ଥିବା ଟାଙ୍କିରେ ସାଇତା ଯାଉଥିଲା, ଯାହାକି ଶୁଦ୍ଧ ପାନୀୟ ଜଳ ରୂପେ ବନ୍ଦର କର୍ମଚାରୀମାନେ ବ୍ୟବହାର କରୁଥିଲେ। ଆମେ ସେଠି ବଣଭୋଜି କରି ଖାଇବା ପରେ ଫେରି ଆସିଲୁ। ଏହି ନୌକାବିହାର ଶ୍ରୀଲଙ୍କାର ମଧୁ ଗଙ୍ଗା ନୌକା ବିହାରଠାରୁ ଅଧିକ ଉପଭୋଗ୍ୟ ଥିଲା।

ଆମର ପ୍ରସ୍ତାବ ହେଲା ରାଜ୍ୟ ସରକାର ମହାନଦୀ ମୁହାଣଠାରୁ ବତିଘର, ହୁକିଟୋଲା ବନ୍ଦର, ଭିତରକନିକା ଅଭୟାରଣ୍ୟ ଦେଇ ଚାନ୍ଦବାଲି ପର୍ଯ୍ୟନ୍ତ ଏକ ନୌକା ବିହାରର ଯୋଜନା ପ୍ରସ୍ତୁତ କରନ୍ତୁ। ସେଥିପାଇଁ ପାରାଦୀପର ନେହେରୁ ବଙ୍ଗଳା ପାଖରେ, ଭିତରକନିକାର ଡାଙ୍ଗମାଳ ଓ ଚାନ୍ଦବାଲିରେ ଏକ ତିନିତାରକା ହୋଟେଲ ନିର୍ମାଣ କରନ୍ତୁ। ଅନ୍ୟୂନ ୨୫ ଜଣ ପର୍ଯ୍ୟଟକ ବସିବା ଭଳି ଷ୍ଟିମରର ବ୍ୟବସ୍ଥା କରନ୍ତୁ। ଷ୍ଟିମର କ୍ରିକ୍‌ରେ ଚଳପ୍ରଚଳ ପାଇଁ ପଥ ପରିଷ୍କାର କରନ୍ତୁ। ପର୍ଯ୍ୟଟକମାନେ ପାରାଦୀପରେ ରାତ୍ରି ଯାପନ କରି ସକାଳୁ ପ୍ରାତଃ ଭୋଜନ କରି ଷ୍ଟିମରରେ ବାହାରି ପଡ଼ିବେ ବତିଘର ଓ ହୁକିଟୋଲା ବନ୍ଦର ଅଭିମୁଖେ। ହୁକିଟୋଲା ବନ୍ଦର ପରିବେଶରେ ମଧ୍ୟାହ୍ନ ଭୋଜନ କରି ବାହାରି ପଡ଼ିବେ ଡାଙ୍ଗମାଳ ଅଭିମୁଖେ। ସେଠି ରାତ୍ରି ଯାପନ କରି ପରଦିନ ଭିତର କନିକା ଭ୍ରମଣ କରି ବାହାରି ପଡିବେ ଚାନ୍ଦବାଲି ଅଭିମୁଖେ। ଏଥିପାଇଁ ଏକ ସୁପରିକଳ୍ପିତ ଯୋଜନା ଆବଶ୍ୟକ ଏବଂ ସ୍ଥାନୀୟ, ଜାତୀୟ ଓ ଅନ୍ତର୍ଜାତୀୟ ପର୍ଯ୍ୟଟନ ପରିଚାଳକଙ୍କ ସହ ବୁଝାମଣା କରିବାକୁ ପଡ଼ିବ।

ଶ୍ରୀଲଙ୍କା ଭ୍ରମଣରୁ ଜାଣିବାକୁ ପାଇଲୁ ଯେ ଶ୍ରୀଲଙ୍କାର ବୌଦ୍ଧଧର୍ମୀମାନେ କହନ୍ତି ସେମାନେ କଳିଙ୍ଗ ବଂଶୋଦ୍ଭବ, ଆର୍ଯ୍ୟ ଓ କ୍ଷତ୍ରିୟ ଏବଂ ସେମାନଙ୍କର ପ୍ରଥମ ରାଜା ହେଲେ କଳିଙ୍ଗ ରାଜକୁମାର ବିଜୟ ସିଂହ। ସମସ୍ତଙ୍କଠାରୁ ଏହି କଥା ଶୁଣିଲୁ। ଆମ ଟୁର୍ ଗାଇଡଙ୍କୁ କାଣ୍ଡିର ଏକ ବଡ଼ ବହି ଦୋକାନକୁ ନେବାକୁ କହିଲି। ସେଠି ପିଲାଙ୍କ ପାଇଁ ଶ୍ରୀଲଙ୍କାର ଇତିହାସ ପୁସ୍ତକ ଖଣ୍ଡିଏ ପାଇଲି। ପଢ଼ି ଆଶ୍ଚର୍ଯ୍ୟ ଓ ଆନନ୍ଦିତ ହେଲି ସ୍କୁଲର ପିଲାମାନେ ଯେଉଁ ଇତିହାସ ପଢୁଛନ୍ତି ସେଥିରେ ପରିଷ୍କାର ଲେଖାଯାଇଛି କଳିଙ୍ଗରୁ ଦଳ ବଳ ନେଇ ଯାଇଥିବା ରାଜକୁମାର ବିଜୟ ସିଂହ ତାଙ୍କ ଦେଶର ପ୍ରଥମ ରାଜା ଆଉ ସେମାନେ ତାଙ୍କ ବଂଶଧର। ମୁଁ ସେମାନଙ୍କୁ ଯେତେବେଳେ ପ୍ରଶ୍ନ କଲି ସେତେବେଳର କଳିଙ୍ଗ ଆଜିର ଓଡ଼ିଶା ଜାଣିଛ କି? ସେମାନେ ମୁଣ୍ଡ ହଲାଇ ନା କଲେ। କାଣ୍ଡିରେ ଥିବା ବୁଦ୍ଧଦେବଙ୍କ ଦନ୍ତ ମନ୍ଦିରରେ ପୂଜା ପାଉଥିବା ଦନ୍ତ କଳିଙ୍ଗରୁ କଳିଙ୍ଗ ରାଜାଙ୍କ କନ୍ୟା ହେମମାଳା ଓ ତାଙ୍କ ସ୍ୱାମୀ ଦନ୍ତ କୁମାର ଗୋପନରେ ନେଇ ଯାଇଥିଲେ ଶ୍ରୀଲଙ୍କା। ଦନ୍ତ ମନ୍ଦିରର ପରିସରରେ ହେମମାଳା ଓ ଦନ୍ତ କୁମାରଙ୍କ ସ୍ୱର୍ଣ୍ଣାଭ ପ୍ରତିମୂର୍ତ୍ତି ଦେଖି ଅବାକ ହେବା ସହିତ ଚମତ୍କୃତ ହୋଇଥିଲୁ। ଶ୍ରୀଲଙ୍କା ସହିତ ଆମର ଏତେ ସମ୍ପର୍କ ଅଥଚ ଓଡ଼ିଶାର ବୌଦ୍ଧକୀର୍ତ୍ତି ଦେଖିବାକୁ ଶ୍ରୀଲଙ୍କାର ବୌଦ୍ଧଧର୍ମୀମାନେ ଓଡ଼ିଶା ଆସନ୍ତି ନାହିଁ, ଯାଆନ୍ତି ଉତ୍ତର ପ୍ରଦେଶର ସାରନାଥକୁ। ଏଥିପାଇଁ ଆମ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ସମ୍ପୂର୍ଣ୍ଣ ଭାବରେ ଦାୟୀ। ଆମ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ଶ୍ରୀଲଙ୍କାର ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ସହ ଯୋଗାଯୋଗ କରି କାଣ୍ଡିର ଦନ୍ତ ମନ୍ଦିର ପରିସରରେ ଏକ ସେମିନାର କରନ୍ତୁ ଏବଂ ଆମ ଧଉଳି ଶାନ୍ତିସ୍ତୂପ ଏବଂ ଯାଜପୁର ଜିଲାରେ ଥିବା ରତ୍ନଗିରି, ଉଦୟଗିରି ଓ ଲଳିତଗିରିର ବୁଦ୍ଧ ବିହାରର ହୀରକ ତ୍ରିଭୁଜର ବୃତ୍ତଚିତ୍ର ପ୍ରଦର୍ଶନ କରି ସିଂହଳୀ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରନ୍ତୁ। ଏକ ରୋଡ୍ ସୋ କରନ୍ତୁ। ହୀରକ ତ୍ରିଭୁଜର ଗୁଣାତ୍ମକ ବିକାଶକୁ ନିଶ୍ଚିତ କରିବାକୁ ହେବ।

ଯୋଜନାବଦ୍ଧ ଭାବରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ କଲେ ଆମର କେବଳ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ନାହିଁ, ରାଜ୍ୟର ଜିଡିପିକୁ କୃଷି କ୍ଷେତ୍ର ସହ ତାଳ ଦେଇ ପର୍ଯ୍ୟଟନ କ୍ଷେତ୍ର ସମୃଦ୍ଧ କରିପାରିବ।

ଏ/୫୦୨, ମୋତି ବ୍ଲକ, ତୋଷାଳି ଆପାର୍ଟମେଣ୍ଟ, ସୂର୍ଯ୍ୟନଗର, ଭୁବନେଶ୍ୱର
ମୋ: ୯୯୩୭୯୫୧୨୬୨

# ଭାରତର ଚନ୍ଦ୍ର ଅଭିଯାନ



ଇଂ. ମାୟାଧର ସ୍ୱାଇଁ

ଚନ୍ଦ୍ର ହେଉଛି ପୃଥିବୀର ଏକମାତ୍ର ଉପଗ୍ରହ ଏବଂ ଆମମାନଙ୍କ ସବୁଠାରୁ ଅଧିକ ପରିଚିତ ଜ୍ୟୋତିର୍ବିଦୀୟ ପିଣ୍ଡ। ଗତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ମହାକାଶ ଯୁଗ ଆରମ୍ଭ ହେବା ପରେ ରୁଷ୍ ଓ ଆମେରିକା ଚନ୍ଦ୍ର କକ୍ଷକୁ କେତେଗୁଡ଼ିଏ ଯାନ ପଠାଇ ଏହା ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିଛନ୍ତି। ସେମାନେ ମଧ୍ୟ ଚନ୍ଦ୍ରପୃଷ୍ଠକୁ କେତୋଟି ପ୍ରୋବ୍ ପଠାଇ ପରୀକ୍ଷା କରିଛନ୍ତି। ୧୯୬୯ ମସିହାରେ ଆମେରିକାର ମହାକାଶଚାରୀ ନିଲ୍ ଆର୍ମଷ୍ଟ୍ରଙ୍ଗ ପ୍ରଥମେ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିଲେ ଏବଂ ୧୯୭୨ ମସିହା ସୁଦ୍ଧା ଆମେରିକାର ମୋଟ ବାର ଜଣ ମହାକାଶଚାରୀ ସେଠାରେ ଅବତରଣ କରିଛନ୍ତି ଏବଂ ସେଠାରୁ ମୃତ୍ତିକା ଆଣି ପୃଥିବୀକୁ ଫେରିଛନ୍ତି। ଏହାପରେ ଚାଇନା ଓ ଜାପାନ ମଧ୍ୟ ଚନ୍ଦ୍ରକକ୍ଷକୁ ଯାନ ପଠାଇଛନ୍ତି।

ଭାରତ ଚନ୍ଦ୍ର ଅଭିଯାନରେ ସଫଳତା ପାଇଛି। ଏହା ତିନୋଟି ଅଭିଯାନରେ ଚନ୍ଦ୍ର ନିକଟକୁ ଯାନ ପଠାଇଛି ଏବଂ ଆଉ ଦୁଇଟି ଅଭିଯାନର ଯୋଜନା କରାଯାଇଛି। ଭାରତ ୨୦୦୮ ମସିହାରେ ଚନ୍ଦ୍ରଯାନ-୧ ପଠାଇଥିଲା। ଏଥିରେ ଚନ୍ଦ୍ର ପରିକ୍ରମଣକାରୀ ଗୋଟିଏ ଅର୍ବିଟର ଏବଂ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିବା ଗୋଟିଏ ସଂଘାତ ପ୍ରୋବ୍ ଥିଲା। ଏହି ଅଭିଯାନର ବିଶେଷତ୍ୱ ହେଉଛି, ଏଥିରେ ପ୍ରଥମେ ଚନ୍ଦ୍ରରେ ଜଳକୁ ଚିହ୍ନଟ କରାଯାଇଥିଲା। ପ୍ରୋବ୍‌ଟି ଅର୍ବିଟରରୁ ଚନ୍ଦ୍ରପୃଷ୍ଠରେ ପଡ଼ିବା ପାଇଁ ୨୨ ମିନିଟ୍ ନେଇଥିଲା ଏବଂ ଏହି ସମୟରେ ଏଥିରେ ଥିବା ଯନ୍ତ୍ରପାତି ପଠାଇଥିବା ତଥ୍ୟକୁ ବିଶ୍ଳେଷଣ କରି ଇସ୍ରୋ ବୈଜ୍ଞାନିକମାନେ ଚନ୍ଦ୍ରରେ ଜଳକୁ ଚିହ୍ନଟ କରିଥିଲେ। ପୁନଶ୍ଚ ଅର୍ବିଟରରେ ଆମେରିକାର ଗୋଟିଏ ଯନ୍ତ୍ର ଥିଲା ଏବଂ ଏହା ପଠାଇଥିବା ଚିତ୍ରରୁ ନାସା ବୈଜ୍ଞାନିକମାନେ ମଧ୍ୟ ଚନ୍ଦ୍ରରେ ଜଳ ଚିହ୍ନଟ କରିଥିଲେ।

ଭାରତ ୨୦୧୯ ମସିହାରେ ଚନ୍ଦ୍ରଯାନ-୨ ପଠାଇଥିଲା। ଏଥିରେ ଅର୍ବିଟର ସହିତ ଚନ୍ଦ୍ରପୃଷ୍ଠରେ ନିରାପଦରେ ଅବତରଣ କରିବା ପାଇଁ ଗୋଟିଏ ଲ୍ୟାଣ୍ଡର ଓ ଗୋଟିଏ ରୋଭର ଥିଲା। ମାତ୍ର ଲ୍ୟାଣ୍ଡର ଠିକ୍ ଭାବେ ଅବତରଣ କରି ନ ପାରି ଚନ୍ଦ୍ରପୃଷ୍ଠରେ ଜୋରରେ ପଡ଼ିଲା ଏବଂ ଫଳରେ ଲ୍ୟାଣ୍ଡର ଓ ଏହା ମଧ୍ୟରେ ଥିବା ରୋଭର ଅକାମୀ ହୋଇଗଲା। ମାତ୍ର ଏହାର ଅର୍ବିଟର ଆଜି ପର୍ଯ୍ୟନ୍ତ ଚନ୍ଦ୍ର କକ୍ଷରେ ପରିକ୍ରମଣ କରି ତଥ୍ୟ ପଠାଉଛି। ଭାରତ ଚନ୍ଦ୍ରଯାନ-୩କୁ ୨୦୨୩ ମସିହା ଜୁଲାଇ ୧୪ ତାରିଖରେ ଉତ୍କ୍ଷେପଣ କରିଥିଲା ଏବଂ ଏହା ସେହିବର୍ଷ ଅଗଷ୍ଟ ମାସରେ ଚନ୍ଦ୍ର କକ୍ଷରେ ପହଞ୍ଚିଥିଲା। ଏଥିରୁ ବିକ୍ରମ ଲ୍ୟାଣ୍ଡର ଓ ପ୍ରଜ୍ଞାନ ରୋଭର ବାହାରି ଅଗଷ୍ଟ ୨୩ ତାରିଖରେ ଚନ୍ଦ୍ରପୃଷ୍ଠରେ ନିରାପଦରେ ଅବତରଣ କରିଥିଲେ ଏବଂ ଚଉଦ ଦିନ (ଚନ୍ଦ୍ରର ଗୋଟିଏ ଦିନ) ପର୍ଯ୍ୟନ୍ତ ବିଭିନ୍ନ ପରୀକ୍ଷା କରିଥିଲେ। ଏହି ଅଭିଯାନରେ ଚନ୍ଦ୍ର ମୃତ୍ତିକାରେ ଆଲୁମିନିୟମ୍, କ୍ୟାଲସିୟମ୍, ଲୁହା, କ୍ରୋମିୟମ, ଟାଇଟାନିୟମ, ମାଙ୍ଗାନିଜ, ସିଲିକନ ଓ ଅମ୍ଳଜାନ ସହିତ ଗନ୍ଧକକୁ ଚିହ୍ନଟ କରାଯାଇଥିଲା। ଚନ୍ଦ୍ରପୃଷ୍ଠରେ ନିରାପଦରେ ଅବତରଣ କରିବାରେ ଆମେରକା, ରୁଷିଆ ଓ ଚାଇନା ପରେ ଭାରତ ଚତୁର୍ଥ ଦେଶ ଭାବରେ ଗୌରବ ଲାଭ କଲା।

ଚନ୍ଦ୍ରଯାନ-୩ର ଅଭୂତପୂର୍ବ ସଫଳତା ପରେ ଇସ୍ରୋ ୨୦୨୭ ମସିହାରେ ଚନ୍ଦ୍ରଯାନ-୪ ପଠାଇବା ପାଇଁ ସ୍ଥିର କରିଛି। ଏଥିପାଇଁ ୨୧୦୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏଥର ଲକ୍ଷ୍ୟ ଟିକିଏ ଜଟିଳ ଅଛି। ଚନ୍ଦ୍ରଯାନ-୪ରୁ ଲ୍ୟାଣ୍ଡର ଚନ୍ଦ୍ରପୃଷ୍ଠରେ ଅବତରଣ କରି ସେଠାରୁ ମୃତ୍ତିକା ସଂଗ୍ରହ କରି ଅନ୍ୟ ଏକ ମଡ୍ୟୁଲରେ ଏହାକୁ ଚନ୍ଦ୍ର କକ୍ଷକୁ ଅଣାଯିବ। ସେଠାରୁ ଅନ୍ୟ ଏକ ମଡ୍ୟୁଲ ମୃତ୍ତିକାକୁ ପୃଥିବୀ ପୃଷ୍ଠକୁ ଆଣିବ। ଏହି ଅଭିଯାନ ସଫଳ ହେଲେ ଚନ୍ଦ୍ରପୃଷ୍ଠରୁ ମୃତ୍ତିକା ଆଣିବାରେ ଆମେରିକା, ରୁଷିଆ ଓ ଚାଇନା ପରେ ଭାରତ ଚତୁର୍ଥ ଦେଶ ହେବ। ଏହି ଅଭିଯାନରେ ମହାକାଶର ଦୁଇଟି ଯାନର ସଂଯୋଗ ବା ଡକିଂର ଆବଶ୍ୟକତା ପଡ଼ିବ। ଏହା ହେଉଛି ଏକ ଜଟିଳ ପ୍ରକ୍ରିୟା। ଇସ୍ରୋ ୨୦୨୪ ମସିହା ଡିସେମ୍ବରରେ ୨୨୦ କି.ଗ୍ରା. ଓଜନର ଦୁଇଟି ଉପଗ୍ରହକୁ ଉତ୍କ୍ଷେପଣ କରି ମହାକାଶରେ ଏହି ଦୁଇଟି ସଫଳ ସଂଯୋଗ ପରୀକ୍ଷା କରିଥିଲା ଏବଂ ଏହାପରେ ଦୁଇ ଉପଗ୍ରହକୁ ପୁନଶ୍ଚ ଅଲଗା କରାଯାଇଥିଲା।

ଭାରତ ଓ ଜାପାନ ମିଳିତ ଭାବେ ଚନ୍ଦ୍ରଯାନ-୫ର ପରିକଳ୍ପନା କରିଛନ୍ତି। ଏଥିରେ ୩୫୦ କି.ଗ୍ରା. ଓଜନର ଗୋଟିଏ ବଡ଼ ରୋଭର ରହିବ। ଏହାକୁ ଜାପାନ ନିର୍ମାଣ କରୁଛି। ଭାରତ ଏହାର ଲ୍ୟାଣ୍ଡର ନିର୍ମାଣ କରୁଛି । ଏଥିରେ ନାସା ଏବଂ ୟୁରୋପୀୟ ମହାକାଶ ସଂସ୍ଥାର କେତୋଟି ଯନ୍ତ୍ରପାତି ମଧ୍ୟ ରହିବ। ଏହି ଅଭିଯାନର ନାମ 'ଚନ୍ଦ୍ର ମେରୁ ଅଭିଯାନ' ରଖାଯାଇଛି।

ଚନ୍ଦ୍ରଯାନ-୩ ହେଉଛି ଭାରତୀୟ ମହାକାଶ ଅଭିଯାନର ଏକ ପ୍ରମୁଖ କୀର୍ତ୍ତି। ଏହା ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ଯେଉଁ ସ୍ଥାନରେ ଅବତରଣ କରିଥିଲା, ସେହି ସ୍ଥାନର ନାମ 'ଶିବ ଶକ୍ତି ବିନ୍ଦୁ' ରଖାଯାଇଛି। ଏହାକୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୩ ମସିହା ଅଗଷ୍ଟ ୨୬ ତାରିଖରେ ଘୋଷଣା କରିଥିଲେ। ଅନ୍ତର୍ଜାତୀୟ ଜ୍ୟୋତିର୍ବିଦୀୟ ସଂଘ ୨୦୨୪ ମସିହା ମାର୍ଚ୍ଚ ୧୯ ତାରିଖରେ ଏହି ନାମକୁ ସ୍ୱୀକୃତି ଦେଇଛି। ପୁନଶ୍ଚ ଚନ୍ଦ୍ରଯାନ-୩ ୨୦୨୩ ମସିହା ଅଗଷ୍ଟ ୨୩ ତାରିଖରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିବାରୁ ଆମ ଦେଶରେ ଅଗଷ୍ଟ ୨୩କୁ 'ଜାତୀୟ ମହାକାଶ ଦିବସ' ଭାବେ ପାଳନ କରିବା ପାଇଁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ତଦନୁଯାୟୀ ୨୦୨୪ରେ ପ୍ରଥମ ଜାତୀୟ ମହାକାଶ ଦିବସ ପାଳିତ ହୋଇଥିଲା। ଚଳିତ ବର୍ଷ ପାଳିତ ହେବ ଦ୍ୱିତୀୟ ଜାତୀୟ ମହାକାଶ ଦିବସ। ତେବେ ଏବର୍ଷ ଉକ୍ତ ଦିବସ ଲାଗି ବିଷୟବସ୍ତୁ ରହିଛି 'ଆର୍ଯ୍ୟଭଟ୍ଟରୁ ଗଗନୟାନ: ପ୍ରାଚୀନ ଜ୍ଞାନରୁ ଅନନ୍ତ ସମ୍ଭାବନା', ଯାହା ଭାରତର ଜ୍ୟୋତିର୍ବିଜ୍ଞାନ ଐତିହ୍ୟରୁ ଆଗାମୀ ମାନବ ମହାକାଶ ଉଡ଼ାଣ (ଗଗନୟାନ) ପର୍ଯ୍ୟନ୍ତ ଯାତ୍ରାକୁ ପ୍ରତିଫଳିତ କରେ। । ଛାତ୍ରୀଛାତ୍ରଙ୍କୁ ଜ୍ୟୋତିର୍ବିଜ୍ଞାନ ପ୍ରତି ଆକୃଷ୍ଟ କରିବା ଏବଂ ମହାକାଶ ଅଭିଯାନର ଗୁରୁତ୍ୱ ଓ ଉପକାରିତାକୁ ଜନସାଧାରଣଙ୍କୁ ଜଣାଇବା ହେଉଛି ଏହାର ଉଦ୍ଦେଶ୍ୟ।

ଇସ୍ରୋର କେତୋଟି ଉଲ୍ଲେଖନୀୟ ଭବିଷ୍ୟତ ମହାକାଶ କାର୍ଯ୍ୟକ୍ରମ ହେଉଛି ମଙ୍ଗଳଯାନ-୨, ଶୁକ୍ରଯାନ, ଅନ୍ତରୀକ୍ଷ କେନ୍ଦ୍ର ସ୍ଥାପନ, ମହାକାଶକୁ ମହାକାଶଚାରୀ ପ୍ରେରଣ ଏବଂ ଚନ୍ଦ୍ରପୃଷ୍ଠରେ ଭାରତୀୟଙ୍କର ଅବତରଣ। ୨୦୨୭ ମସିହାରେ ଗଗନୟାନ ଅଭିଯାନରେ ଭାରତର ୩ ଜଣ ମହାକାଶଚାରୀ ଅନ୍ତରୀକ୍ଷକୁ ଯିବେ। ୨୦୩୫ ମସିହା ସୁଦ୍ଧା ଭୂକକ୍ଷରେ ଭାରତୀୟ ଅନ୍ତରୀକ୍ଷ କେନ୍ଦ୍ର ସ୍ଥାପନ ଏବଂ ୨୦୪୦ ମସିହା ସୁଦ୍ଧା ଚନ୍ଦ୍ରପୃଷ୍ଠରେ ଅବତରଣ ଭଳି କେତୋଟି ମହତ୍ତ୍ୱାକାଂକ୍ଷୀ ଯୋଜନା ଇସ୍ରୋ କରିଛି। 'ଜାତୀୟ ମହାକାଶ ଅଭିଯାନ ଦିବସରେ ଛାତ୍ରୀଛାତ୍ର ଏବଂ ବିଜ୍ଞାନ ପ୍ରେମୀମାନେ ଏଥିପ୍ରତି ବିଶଦ୍ ଭାବେ ଅବଗତ ହେବେ ବୋଲି ଆଶା କରାଯାଏ।'

ମୋ:୯୪୩୮୬୯୩୭୨୪

**ଜାତୀୟ ମହାକାଶ ଦିବସ ଉପଲକ୍ଷେ**



## ଏଇ ଭାରତରେ

ସେବାକୁ ଜୀବନର ବ୍ରତ ଭାବେ ଯେଉଁ କେତେଜଣ ଗ୍ରହଣ କରିଛନ୍ତି ସେମାନଙ୍କ ମଧ୍ୟରେ ରହିଛନ୍ତି ଦିଲ୍ଲୀର ସଞ୍ଜୟ ତୋଡ୍ରାଜକା। ପେସାରେ ସେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ। ନିଜ ବୃତ୍ତିଗତ ଜୀବନରୁ ସମୟ ବାହାର କରି ସେ ଅସହାୟ ଲୋକଙ୍କୁ ଖାଇବାକୁ ଦେଉଛନ୍ତି। ପଶ୍ଚିମ ଦିଲ୍ଲୀ ମାୟାପୁରୀର ରାସ୍ତାକଡ଼ରେ ସଞ୍ଜୟ ଏକ ଷ୍ଟଲ୍ ଖୋଲିଛନ୍ତି। ସେଠାରେ ୧୦ ଟଙ୍କା ଦେଇ ଲୋକେ ପେଟପୂରା ଖାଉଛନ୍ତି। ଏଠାରେ ବିଶେଷକରି ଶ୍ରମିକ, ରିକ୍ସାବାଲା ଓ ଡେଲିଭରି ଏକ୍‌ଜିକ୍ୟୁଟିଭମାନେ ଖାଉଛନ୍ତି। ପ୍ରତିଦିନ ୨୦୦-୨୫୦ ଲୋକ ଖାଉଛନ୍ତି । ଲୋକଙ୍କୁ ରାଜମା, ଛୋଲେ, ସୋୟା ଓ ଡାଲି ଦିଆଯାଉଛି। ପ୍ରତିଦିନ ୧୨ଟାରେ ଷ୍ଟଲ୍ ଖୋଲେ ଓ ବନ୍ଦ ହୁଏ ସାଢ଼େ ଦୁଇଟାରେ। ୫ଜଣ ମହିଳା ରୋଷେଇ କରୁଛନ୍ତି ଓ ଆଉ ପାଞ୍ଚଜଣ ମହିଳା ଷ୍ଟଲରେ ଖାଦ୍ୟ ପରଷିବା ପାଇଁ ରହୁଛନ୍ତି । ଅନେକ ସମୟରେ ସମୟ ବାହାର କରି ସଞ୍ଜୟ ମଧ୍ୟ ଷ୍ଟଲରେ ରହି ଖାଦ୍ୟ ପରଷୁଛନ୍ତି। ସଞ୍ଜୟ କୁହନ୍ତି, ପ୍ରତି ପ୍ଲେଟ ପାଇଁ ଖର୍ଚ୍ଚ ପାଖାପାଖି ୨୫ ଟଙ୍କା ହେଉଛି। ଏହି ଖର୍ଚ୍ଚ ସେ ନିଜ ଆୟରୁ ହିଁ କରୁଛନ୍ତି। ଅସହାୟ ଲୋକଙ୍କୁ ଖାଇବାକୁ ଦେବା ସହ ସେ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଚିକିତ୍ସା ଶିବିର ଆୟୋଜନ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୩ ଅଗଷ୍ଟ ୧୯୭୬**

- ରାଉରକେଲାର ଉଦିତନଗରଠାରେ ୬୫ ଲକ୍ଷ ୮୫ ହଜାର ଟଙ୍କା ବ୍ୟୟରେ ନିର୍ମିତ ୫୦ ଶଯ୍ୟା ବିଶିଷ୍ଟ ଏକ ସରକାରୀ ହସ୍ପିଟାଲ ଓ ଏକ ମାର୍କେଟ ଉଦ୍‌ଘାଟିତ।
- ହରିଆଣା, ପଞ୍ଜାବ ଓ ମହାରାଷ୍ଟ୍ରର ବନ୍ୟା ପ୍ରପୀଡ଼ିତ ଲୋକଙ୍କୁ ତୁରନ୍ତ ସାହାଯ୍ୟ ଯୋଗାଇଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ସାହାଯ୍ୟ ପାଣ୍ଠିରୁ ପ୍ରତ୍ୟେକ ରାଜ୍ୟକୁ ୨ ଲକ୍ଷ ଟଙ୍କା ଲେଖାଏ ମଞ୍ଜୁର।
- ଜାତୀୟ ଇରାନୀ ତୈଳ କମ୍ପାନୀର ଚେୟାରମ୍ୟାନ ଡ. ମକଟର ଇକବଲଙ୍କୁ ଡକ୍ଟର ଅଫ୍ ଲ ଉପାଧି ପ୍ରଦାନ।

## ସୁଡୋକୁ

su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| | | 9 | | | | | | 1 |
| 4 | 3 | 1 | | | | | 9 | 2 |
| 6 | 4 | | 7 | | 3 | | | |
| 2 | | 8 | 6 | | | | | |
| | 1 | | | | | | 8 | |
| 3 | | | | | 7 | | | |
| 8 | 2 | | | | | 1 | 3 | |
| | | | | 3 | | | 4 | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 8 | 1 | 7 | 2 | 4 | 9 | 5 |
| 9 | 1 | 5 | 4 | 3 | 8 | 6 | 7 | 2 |
| 7 | 4 | 2 | 9 | 6 | 5 | 8 | 3 | 1 |
| 4 | 5 | 1 | 7 | 2 | 3 | 9 | 6 | 8 |
| 8 | 2 | 9 | 6 | 4 | 1 | 7 | 5 | 3 |
| 6 | 3 | 7 | 5 | 8 | 9 | 2 | 1 | 4 |
| 1 | 9 | 4 | 8 | 5 | 7 | 3 | 2 | 6 |
| 2 | 7 | 6 | 3 | 1 | 4 | 5 | 8 | 9 |
| 5 | 8 | 3 | 2 | 9 | 6 | 1 | 4 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କେବଳ ବାହାନା

ମହାଶୟ,

ଭାରତ ସ୍ୱାଧୀନ ହେବାଠାରୁ ଏପର୍ଯ୍ୟନ୍ତ ୭୮ ବର୍ଷ ବିତିଗଲା। ପରାଧୀନ ଥିଲାବେଳେ ଇଂରେଜମାନେ ଆମ ଦେଶରୁ ବହୁ ମୂଲ୍ୟବାନ ପଦାର୍ଥ ତାଙ୍କ ଦେଶକୁ ନେଇ ଯାଉଥିଲେ। ଯେହେତୁ ଆମେ ପରାଧୀନ ଥିଲୁ, ମୁହଁ ଖୋଲିବାକୁ ଆମର ସାହସ ନ ଥିଲା। ଆମେ ଭାବିଥିଲୁ ଆମ ଦେଶ ସ୍ୱାଧୀନ ହେଲେ ଆମ ଦ୍ୱାରା ହିଁ ଆମେ ଶାସିତ ହେବୁ। କେହି ଚୋରି କରିବେ ନାହିଁ କି ଲୁଣ୍ଠନ କରିବେ ନାହିଁ। ଅନ୍ୟାୟ, ଅନୀତି ବା ଦୁର୍ନୀତି ହେବ ନାହିଁ। କିନ୍ତୁ ସ୍ୱାଧୀନ ହେବା ପରେ ଆମରି ଲୋକ ଆମଠାରୁ ଲାଞ୍ଚ ନେଉଛନ୍ତି। ଅନ୍ୟାୟ, ଅନୀତି ଓ ଦୁର୍ନୀତି କରୁଛନ୍ତି। ଦୁର୍ନୀତି ଓ ନାରୀ ନିର୍ଯାତନାକୁ ଆଧାର କରି ବିରୋଧୀ ଦଳର ଲୋକେ ନାରା ଦେଉଛନ୍ତି। ସେମାନେ ଯେତେବେଳେ ସରକାରରେ ଥିଲେ ସେତେବେଳେ ମଧ୍ୟ ନାରୀ ନିର୍ଯାତନା ଓ ଦୁର୍ନୀତି କାରବାର ଚରମ ସୀମାରେ ପହଞ୍ଚିଥିଲା। ରାସ୍ତାରୋକୋ କରିବା କେବଳ ରାଜନୀତିର ବାହାନାବାଜି। ସରକାର କଠୋରତା ଅବଲମ୍ବନ କଲେ ନିଶ୍ଚୟ ଦୁର୍ନୀତି ଓ ନାରୀ ନିର୍ଯାତନା ହ୍ରାସ ପାଇବ। କିରାଣି, ଅମିନଠାରୁ ଅଫିସରମାନଙ୍କୁ ପ୍ରତି ୩ ବର୍ଷରେ ଟ୍ରାନ୍ସଫର କଲେ ଦୁର୍ନୀତିର ଚେର ମଜଭୁତ ହେବ ନାହିଁ।

-ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର

## ଚିରନ୍ତନୀ

ସେ ହାସ ପରେ ଚିର ଦେବା ପାଇଁ
ବୋଲି କାଳି
ମରଣ ଆସେ ଧୀରେ
ସଜନିରେ ପାଦ ଚାଳି !
ବଧିର କରି ଦେଇ ସକଳର ଶରବଣ
ତିଆଗି ସବୁ ଦୟା
ଆସେ ମହା ଆବରଣ ।
-(ମରଣ ପାଳି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଧର୍ମାନ୍ତରୀକରଣ, ଅନୁପ୍ରବେଶ ନେଇ ଜିଲାପାଳଙ୍କୁ ଦାବିପତ୍ର

ମାଲକାନଗିରି, ୨୨।୮ (ସୁଦର୍ଯ୍ୟାଧନ ପାତ୍ର)



ଖବରଦାତା ସମ୍ମିଳନୀରେ ଜିଲା ଆଦିବାସୀ ସଂଘ କର୍ମକର୍ତ୍ତା।

**ଜିଲା ଆଦିବାସୀ ସମାଜ ମହାସଂଘର ଖବରଦାତା ସମ୍ମିଳନୀ**

ମାଲକାନଗିରି ଜିଲାର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ନେଇ ଜିଲା ଆଦିବାସୀ ସମାଜ ମହାସଂଘ ପକ୍ଷରୁ ସ୍ଥାନୀୟ ହୋଟେଲରେ ଏକ ଖବରଦାତା ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବନ୍ଧୁ ମୁଦୁଲି ଓ ବଂଶୀଧର ମୁଦୁଲିଙ୍କ ସହ ୧୫ ଆଦିବାସୀ ସମ୍ପ୍ରଦାୟ ସଭାପତି ଥିବା ଆଦିବାସୀଙ୍କ ବିଭିନ୍ନ ସମସ୍ୟା ବିଷୟରେ ସୂଚନା ଦେଇଥିଲେ। ଆଦିବାସୀଲୋକଙ୍କ ସେମାନଙ୍କ ଜାତିଗତ ପ୍ରଥା, ପରମ୍ପରା, ଆଦିଷ୍ଟ ଅପପ୍ରଂଶ କରିବା ଉଦ୍ଦେଶ୍ୟରେ ବିଭିନ୍ନ ଧାର୍ମିକ ଦଲାଲମାନେ ଗାଁ ଗାଁରେ ପଶି ଶିକ୍ଷା, ସ୍ୱାସ୍ଥ୍ୟ ଆଦି ମୌଳିକ ସେବା ନାଁରେ ଛୋଟ ଛୋଟ ଅନୁଷ୍ଠାନ ଗଠନକରି ଆଦିବାସୀଙ୍କ ମଧ୍ୟରେ ଭିଭ୍ରାଟ, ଗଣ୍ଡଗୋଳ ଆଦି ସୃଷ୍ଟି କରୁଛନ୍ତି। ହତ୍ୟା ବଳାତ୍କାର ଶିକ୍ଷା ଦେଉଛନ୍ତି। କୁନ୍ଦୁଗୁଡ଼ାରେ ଏକ ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ବିଛିନ୍ନାଞ୍ଚଳରେ ପ୍ରାୟ ୨୮ଟି ଟିଉସନ କରି ସେଠାରେ ପାଠ ବାହାନାରେ ନିରୀହ ଆଦିବାସୀଙ୍କୁ ଧର୍ମାନ୍ତରୀକରଣ କରିବା ପାଇଁ ଚେଷ୍ଟା କରୁଛନ୍ତି। ଏହି ସଂଗଠନ ବିଷୟରେ ତଦନ୍ତ କରି ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରୁ। ଜିଲାରେ ବହୁ ଅନୁପ୍ରବେଶକାରୀ ଅଛନ୍ତି। ସେମାନଙ୍କୁ ଚିହ୍ନଟକରି ବାହାର କରାଯାଉ। ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ୫ମ ଅନୁସୂଚୀତ ଅଞ୍ଚଳରେ ବାସ କରୁଥିବା ସମସ୍ତ ଆଦିବାସୀ ଓ ପାରମ୍ପରିକ ବନବାସୀଙ୍କୁ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ପଟ୍ଟା ପ୍ରଦାନ, ଜିଲାର ସମସ୍ତ ଚାଷୀ ଯୁରିଆ ସାର ପାଇବାରୁ ବଞ୍ଚିତ ହେଉଛନ୍ତି, ତୁରନ୍ତ ସେମାନଙ୍କୁ ସାର ଦେବା ଲାଗି ପ୍ରଶାସନ ପଦକ୍ଷେପ ନେଉ।

ଏଠିକାର ଆଦିବାସୀ ଓ ପାରମ୍ପରିକ ମୂଳ ଅଧିବାସୀଙ୍କ ଗ୍ରାମକୁ ଛାଡିଦେଲେ ଅନ୍ୟ କୌଣସି ବର୍ଗୀୟ ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ଦିଆଯାଇ ନାହିଁ। ଯଦି କୌଣସି ଗ୍ରାମ ଏଥିରେ ଅନ୍ତର୍ଭୁକ୍ତ ଥିବ ତେବେ ତଦନ୍ତ କରି ତାକୁ ଉଚ୍ଛେଦ କରାଯାଉ। ଜିଲାରେ ଆଦିବାସୀଙ୍କ ଜମି ଅଣଆଦିବାସୀମାନେ ବିଭିନ୍ନ ନାମରେ ହଡପ କରିଥିବା ଦୃଷ୍ଟିକୁ ଆସୁଛି। ତେଣୁ ସମ୍ବିଧାନର ନିୟମ ପ୍ରକାରେ ରିଜଲ୍ୟୁସନ ୨/୧୯୫୬ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଜବରଦଖଲ ମାମଲାରେ ଆଦିବାସୀଙ୍କୁ ଅଣଦେଖାକରି ଅଣ ଆଦିବାସୀଙ୍କ କେସ୍‌ର ଶୀଘ୍ର ପଦକ୍ଷେପ ନେଉଥିବା ଦୃଷ୍ଟିଗୋଚର ହେଉଛି। ଆଦିବାସୀ ବାରମ୍ବାର ବିଜ୍ଞପିତ ସତ୍ତ୍ୱେ ସେମାନଙ୍କ ଜମି ପଟ୍ଟା ସହ ଅଧୀନ ବ୍ୟବସ୍ଥା ହୋଇ ପାରୁନାହିଁ। ରେଳପଥ ନିର୍ମାଣ ବେଳେ ଅଣଆଦିବାସୀଙ୍କ ଅପେକ୍ଷା ଆଦିବାସୀଙ୍କୁ ଉପେକ୍ଷା କରି ଜମିର ଉଚିତ ମୂଲ୍ୟ ନ ଦେବା କ୍ଷେତ୍ରରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ବିଭିନ୍ନ ସ୍କୁଲ, କଲେଜରେ ମଧ୍ୟ ଆଦିବାସୀ ନାବାଳିକାଙ୍କ କ୍ଷେତ୍ରରେ ବଳାତ୍କାର, ଅନ୍ୟାୟ, ଅତ୍ୟାଚାର ହେଉଛି। ଆଦିବାସୀଙ୍କ କ୍ଷେତ୍ରରେ ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହା ମଧ୍ୟ ତଦନ୍ତ ପରିସରଭୁକ୍ତ ହେବା ଆବଶ୍ୟକ।

ଜିଲାରେ ଖାଲି ପଡିଥିବା ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ପଦବୀ ପୂରଣ, ସଦର ମହକୁମାରେ ବହୁବର୍ଷ ଧରି ବିଏଡ୍ କଲେଜ ନିର୍ମାଣ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହେଉନାହିଁ। ତୁରନ୍ତ ବିଏଡ୍ କଲେଜ କାର୍ଯ୍ୟକାରୀ ହେବା ଦିଗରେ ପଦକ୍ଷେପ ନିଆଯାଉ। ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଓ ମୁଖ୍ୟ ଚିକିତ୍ସାଳୟରେ ଖାଲି ପଡିଥିବା ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ପଦବୀ ପୂରଣ, କାଠ, ପତ୍ର, ମହୁଲ, ଟୋଲ ଓ କେନ୍ଦୁପତ୍ର ଆଦିର ଉଚିତ୍ ମୂଲ୍ୟ ପ୍ରଦାନ, ବାଲିଘାଟ ଓ ପଥର କ୍ୱାରି ଆଦିରେ ଦଲାଲି ଚାଲିଛି। ପଥର କ୍ୱାରି ଓ ବାଲି ଚୋରାଚାଲାଣକୁ ରୋକାଯାଉ। ବିଭିନ୍ନ ଗ୍ରାମରେ ରାସ୍ତାଘାଟ ସହ ପାନୀୟ ଜଳାଭାବ ଦେଖା ଦେଇଛି। ଏଥିପ୍ରତି ପଦକ୍ଷେପ ନିଆଯାଉ। ଆଦିବାସୀଙ୍କ ନାମରେ ପ୍ରକୃତ ଜାତି ପ୍ରମାଣପତ୍ର ନ ମିଳିବା ସହ ଅଣଆଦିବାସୀମାନେ ଆଦିବାସୀଙ୍କ ନାମରେ ନକଲି ଜାତି ପ୍ରମାଣପତ୍ରକରି ବିଦ୍ୟାଳୟରେ ସିଟ୍ ପାଇବା ସହ ଚାକିରି କ୍ଷେତ୍ରରେ ନିଯୁକ୍ତି ପାଉଛନ୍ତି। ଏହାର ତଦନ୍ତ କରି ପ୍ରକୃତ ଆଦିବାସୀଙ୍କୁ ଚିହ୍ନଟ ସହ ଜାତି ପ୍ରମାଣ ପତ୍ର ପ୍ରଦାନ କରିବା, ଅଣଆଦିବାସୀଙ୍କ ନାମରେ ଥିବା ନକଲ ଜାତି ପ୍ରମାଣପତ୍ର ରଦ୍ଦ କରାଯାଉ ବୋଲି ଦାବି କରିଥିଲେ। ପରେ ଏହି ସମସ୍ୟା ବିଷୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ହରିବନ୍ଧୁ ଗଲରି, ଭୀଷ୍ମ ଖିଲ, ସମାରୁ ନାୟକ, ବୁଦ୍ରା କାର୍ତ୍ତାମୀ, ଏରା ପଡିଆମି, ବାବଲୁ ମୁର୍ମୁ, ବନ୍ଧୁ ମାଝୀ, ଉଦୟ ବୁରୁଦା ଓ ଦେବେନ୍ଦ୍ର ଖିଲଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ଘର ଉପରେ ପଡ଼ିଲା ତେନ୍ତୁଳିଗଛ

ପଡିଆ, ୨୨।୮ (ଭାସ୍କର ରାଓ)

ପଡିଆ ବ୍ଲକ ଗିରକାନପଲ୍ଲୀ ପଞ୍ଚାୟତ ପୁରବାନପାଲ୍ଲୀ ଗ୍ରାମର ଜଗା ମାଡ଼ିଙ୍କ ଘର ନିକଟରେ ଥିବା ଏକ ପୁରୁଣା ତେନ୍ତୁଳି ଗଛ ଗୁରୁବାର ବିଳମ୍ବିତ ରାତିରେ ତାଙ୍କ ଘର ଉପରେ ପଡିବା ସହ ରାସ୍ତାରେ ପଡି ଅବରୋଧ ହୋଇଥିଲା। ଫଳରେ ପରିବାର ଲୋକେ ବର୍ତ୍ତି ଯାଇଛନ୍ତି। ଖବର ପାଇ ପଡିଆ ଅଗ୍ନିଶ୍ରମ ଅଧିକାରୀ ବୀରେନ୍ଦ୍ର ସିଙ୍କ ନେତୃତ୍ୱରେ ୬ ଜଣିଆ ଟିମ୍ ସକାଳେ ଗଛ କାଟି ସଫା କରିଛନ୍ତି। ଜଗାଙ୍କ ବାସ ଗୃହ ଓ ରୋଷେଇ ଘର ଭାଙ୍ଗି ଯାଇଛି। ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଗ୍ରାମବାସୀ ଦାବି କରିଛନ୍ତି।


**କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ**
**ବାଲିମେଲା, ମାଲକାନଗିରି**
(ଅନୁସୂଚିତ ଜନଜାତି, ଜାତି ଓ ଅନ୍ୟାନ୍ୟ ପଛୁଆବର୍ଗ, କଲ୍ୟାଣ ବିଭାଗ, ଓଡ଼ିଶା ସରକାର)
Affiliated to CBSE, New Delhi, CBSE Affiliation No.1520300, School No.17475

**ନାମଲେଖା ବିଜ୍ଞାପନ**

ଏତଦ୍ଦ୍ୱାରା ସମସ୍ତଙ୍କୁ ଅବଗତ କରାଯାଉଛି ଯେ, 2025–26 ଶିକ୍ଷାବର୍ଷ ପାଇଁ କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ, ବାଲିମେଲାରେ XI (ବିଜ୍ଞାନ) ଶ୍ରେଣୀରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଜାରି ରହିଛି। ମାଗଣା ଶିକ୍ଷା ସହିତ ସୁବିଧିତ ପୁସ୍ତକାଳୟ, ପ୍ରୟୋଗଶାଳା ଓ ଛାତ୍ରଛାତ୍ରୀଙ୍କ ନିମନ୍ତେ ଅଲଗା ଅଲଗା ହଷ୍ଟେଲ ସୁବିଧା ଉପଲବ୍ଧ। ଖାଲି ରହିଥିବା ସ୍ଥାନଗୁଡ଼ିକ ବିଭାଗ ଦ୍ୱାରା ନିର୍ଦ୍ଧାରିତ ନିୟମାବଳୀ ଅନୁସାରେ ପୂରଣ କରାଯିବ।

ଅନଲାଇନ୍ ରେଜିଷ୍ଟ୍ରେସନ 24.08.2025ରୁ 07.09.2025 ପର୍ଯ୍ୟନ୍ତ ଖୋଲା ରହିଛି। ଅଧ୍ୟକ୍ଷ, କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ, ବାଲିମେଲାଙ୍କ କାର୍ଯ୍ୟାଳୟରୁ ଆବେଦନପତ୍ର ଓ ନିୟମାବଳୀ ସଂଗ୍ରହ କରିପାରିବେ। ଇଚ୍ଛୁକ ଥିବା ଏସ୍‌ଟି ଓ ଏସ୍‌ସି ବର୍ଗର ଛାତ୍ରଛାତ୍ରୀମାନେ ସମସ୍ତ ଆବଶ୍ୟକ ସାର୍ଟିଫିକେଟ୍ ସହିତ ପୂରଣ ହୋଇଥିବା ଆବେଦନପତ୍ର ଶେଷ ତାରିଖ ପୂର୍ବରୁ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଦାଖଲ କରିପାରିବେ। ଅଧିକ ସୂଚନା ନିମନ୍ତେ ଯୋଗାଯୋଗ ନମ୍ବର:–

**7653024331, 7735499448**

ଅଧ୍ୟକ୍ଷ, ଜିଲ୍ଲା ମଙ୍ଗଳ ଅଧିକାରୀ
କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ, ବାଲିମେଲା, ମାଲକାନଗିରି



**WANTED**
**DATA ENTRY OPERATOR**
(MALE / FEMALE)
REQUIRED FOR A CONSTRUCTION OFFICE, BHUBANESWAR
**Mob : 7381207777**



**IIIT Bhubaneswar**
Imagine. Innovate. Inspire.
(A University established by the Government of Odisha)

No.: IIIT-Bh/10168/2025 Date : 20.08.2025

**Admission for M.Tech. (Signal Processing and VLSI Technology) Programme**

IIIT Bhubaneswar is a next generation Technology Institute engaged in Under graduate and Post graduate Education and Research.

Applications are invited for the Admission to the Regular M.Tech. (Signal Processing and VLSI Technology) programme for 2025-26.

Last date of receiving application is **extended upto 31st August 2025.**

For admission Bulletin and more details visit our website : **https://www.iiit-bh.ac.in/Admission/m-tech/**

Sd/- REGISTRAR

AT : Gothapatna, PO : Malipada, Bhubaneswar - 751003, Odisha, India, Web : www.iiit-bh.ac.in


## ହାଲ୍ କର୍ମଚାରୀ ନିଖୋଜ: ଥାନାରେ ଏତଲା

ସୁନାବେଡ଼ା, ୨୨।୮ (କୃତ୍ତିବାସ ପ୍ରଧାନ)



ସୁନାବେଡ଼ା ଥାନା ଅଧୀନ ହାଲ୍ ଟାଉନଶିପ 'ୟୁ' ଜୋନ୍‌ର ତାପସ ନାୟକ ନିଖୋଜ ନେଇ ତାଙ୍କ ବାପା କୃଷ୍ଣ ନାୟକ ସୁନାବେଡ଼ା ଥାନାରେ ଶୁକ୍ରବାର ଲିଖିତ ଅଭିଯୋଗ କରିଛନ୍ତି। ତାପସ ଶୁକ୍ରବାର ଡିଉଟି ଯାଇ ରାତି ୯ଟା ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କ ମୋବାଇଲକୁ ଫୋନ କରିଥିଲେ ସୁଦ୍ଧା ତାହା ସୁଇଚ୍‌ଅଫ୍ ଥିବାରୁ ଖୋଜାଖୋଜି କରିଥିଲେ। ଏହା ପରେ ତାଙ୍କ ବାପା ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ନଂ ୩୦/୨୫ରେ ମାମଲା ରୁଜୁ କରି ଥାନା ଅଧିକାରୀ ସୁଷ୍ମୁମା କୁହଁର ତଦନ୍ତ କରୁଛନ୍ତି। ତାପସ ମଧ୍ୟାହ୍ନ ୧୨ଟା ୫୮ରେ ଗେଟ୍ ପାସ୍ ନେଇ ବାହାରକୁ ଆସିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

## ରକ୍ତହୀନତା ଯୋଗୁ ୪ର୍ଥ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

ଉମରକୋଟ, ୨୨।୮ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟଠାରେ ଥିବା ଉପଖଣ୍ଡ ଚିକିତ୍ସାଳୟରେ ରକ୍ତହୀନତା ଯୋଗୁ ଶୁକ୍ରବାର ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ରୀ ହେଲେ ଝରିଗାଁ ବ୍ଲକ ଅନ୍ତର୍ଗତ ହାତୀବାଡ଼ି ଗ୍ରାମର ଗୀତାଞ୍ଜଳି ମାଝୀ। ସେ ଚନ୍ଦାହାଣ୍ଡିଠାରେ ଥିବା ଆଶ୍ରମ ବିଦ୍ୟାଳୟରେ ରହି ପାଠ ପଢୁଥିଲେ। ସ୍କୁଲର ଶିକ୍ଷକ ବିଜୟ କୁମାର ସାହୁଙ୍କ କହିବା ଅନୁଯାୟୀ, ଗୀତାଞ୍ଜଳିଙ୍କୁ ଜୁନ୍ ମାସରେ ୨ଥର ବସନ୍ତ ରୋଗ ହେଇଥିଲା। ଭଲ ହେବା ପରେ ବାପା ଧନୁର ମାଝୀ ଝିଅକୁ ଜୁଲାଇ ୧୪ ରେ ବିଦ୍ୟାଳୟରେ ଛାଡିଥିଲେ। ଗୀତାଞ୍ଜଳି ଦୁର୍ବଳ ଦେଖାଯାଉଥିବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଜୁଲାଇ ୧୬ରେ ତାଙ୍କୁ ଉମରକୋଟ ଚିକିତ୍ସାଳୟକୁ ଆଣିଥିଲେ। ପରୀକ୍ଷା କରିବା ବେଳକୁ ହେମଗ୍ଲୋବିନ ୬.୫ ଥିଲା। ରକ୍ତ ଦେବା ଆବଶ୍ୟକ ନାହିଁ, ମେଡିସିନ୍ ଖାଇଲେ ରକ୍ତ ବଢ଼ି ଯିବ ବୋଲି ଡାକ୍ତର କହିଥିଲେ। ତେବେ ଗୀତାଞ୍ଜଳିଙ୍କ ବାପା ଝିଅକୁ ଗାଁକୁ ପଳାଇ ଯାଇଥିଲେ। ଅଗଷ୍ଟ ୧୩ରେ ଗୀତାଞ୍ଜଳିଙ୍କୁ ପୁଣି ଆଣି ବିଦ୍ୟାଳୟରେ ଛାଡିଥିଲେ। କିନ୍ତୁ ଛାତ୍ରୀଙ୍କ ଦୁର୍ବଳତାକୁ ଦେଖି ବିଦ୍ୟାଳୟ କର୍ତ୍ତୃପକ୍ଷ ଗୀତାଞ୍ଜଳିଙ୍କୁ ପୁଣି ଚଳିତ ମାସ ୨୦ ତାରିଖରେ ଉମରକୋଟ ଚିକିତ୍ସାଳୟରେ ଆଣି ଭର୍ତ୍ତି କରିଥିଲେ। ତେବେ ରକ୍ତ କମ୍ ଥିବାରୁ ଗୁରୁବାର ଗୋଟିଏ ୟୁନିଟ ରକ୍ତ ଦିଆଯାଇଥିଲା। ଶୁକ୍ରବାର ପୁଣି ଗୋଟିଏ ୟୁନିଟ ରକ୍ତ ଦେବା ପାଇଁ ପ୍ରସ୍ତୁତି ଚାଲିଥିଲା। ହେଲେ ରକ୍ତ ଦେବା ପୂର୍ବରୁ ଗୀତାଞ୍ଜଳି ମୃତ୍ୟୁବରଣ କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ହାତୀବାଡ଼ି ଗ୍ରାମଠାରେ ଗୀତାଞ୍ଜଳିଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତେବେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହୋଇଛି। ତେବେ ମୃତ ଛାତ୍ରୀଙ୍କ ବାପାଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ପାରି ନାହିଁ।

## ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟର ହେଲା ମରାମତି

ପାଡୁଆ, ୨୨।୮ (ଶଙ୍କର ପୂଜାରୀ)

**ଧରିତ୍ରୀ ପ୍ରଭାବ**

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ପାଡୁଆ ଥାନା ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ କଳଙ୍କି ଲାଗି ବିପଦସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତଖୁଣ୍ଟକୁ ବିଭାଗ ପକ୍ଷରୁ ଶୁକ୍ରବାର ମରାମତି କରାଯାଇଛି। ପୋଲର ତଳଭାଗରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇ ଏହା ବିପଦସଙ୍କୁଳ ଅବସ୍ଥାରେ ଥିଲା। ଏ ନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହା ପରେ ଟିପିଏସ୍‌ଓଡିଏଲ୍ କର୍ତ୍ତୃପକ୍ଷ ତତ୍ପରତା ପ୍ରକାଶ କରିଛନ୍ତି। ବିଦ୍ୟୁତ୍ ପୋଲରେ କଳଙ୍କି ଲାଗିଥିବାରୁ ତଳଭାଗରେ ପାତ ଲଗାଇ ଏହାର ମରାମତି କରାଯାଇଛି। ୨ ଅନୁଷ୍ଠାନର କର୍ତ୍ତୃପକ୍ଷ ଓ ପାଡୁଆ କୁଲାବିର ଅଞ୍ଚଳ ବାସିନ୍ଦା ଖୁସି ବ୍ୟକ୍ତ କରିଛନ୍ତି।

## ସାର ପାଇଁ ଲ୍ୟାମ୍ପସରେ ଚାଷୀଙ୍କ ହଇଚଗୋଳ

ଜୟପୁର, ୨୨।୮ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବ୍ଲକ୍ କୁମୁଲିପୁଟ ଲ୍ୟାମ୍ପସ୍‌ରେ ଚାଷୀମାନେ ୟୁରିଆ ସାର ପାଇଁ ଶୁକ୍ରବାର ହଇଚଗୋଳ କରିଥିବା ଦେଖିବାକୁ ମିଳିଛି। ଜିଲାକୁ ଟ୍ରେନ ଯୋଗେ ସାର ଆସିଥିଲେ ସୁଦ୍ଧା ଚାଷୀମାନଙ୍କୁ ପ୍ରଦାନ କରାଯାଉନାହିଁ। ଚାଷୀମାନେ ୟୁରିଆ ସାର ନେବା ଆଶାରେ ସକାଳ ୧୦ଟାରୁ ଲ୍ୟାମ୍ପସ୍‌ରେ ପହଞ୍ଚିଥିଲେ ସୁଦ୍ଧା ତାଙ୍କୁ ସାର ମିଳି ନ ଥିବା ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ସାର ନ ମିଳିଲେ ଜାତୀୟ ରାଜପଥ ଅବରୋଧ ସହ ଆନ୍ଦୋଳନ କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।


**THE INSTITUTE OF CHARTERED ACCOUNTANTS OF INDIA (ICAI)**
(Set up by an Act of Parliament)
Head Office: ICAI Bhawan, Indraprastha Marg, New Delhi - 110002.
Branch Office: Bhubaneswar Branch of EIRC of ICAI, ICAI Bhawan, Plot No.: A/122/1, Nayapalli, Bhubaneswar-751012
Email: bhuubaneswar@icai.org, Contact: 0674-2392391

**NOTICE INVITING TENDER**

ICAI invites unconditional sealed bids, in prescribed format, from eligible, experienced and reputed Architectural firms/ Architects for providing comprehensive Architectural/Consultancy services for proposed renovation works at ICAI Bhawan, Plot No.: A/122/1, Nayapalli, Bhubaneswar-751012.

The Tender document is available at ICAI website: **www.icai.org, www.eirc-icai.org & www.bhubaneswar-icai.org.** The last date of submission of duly filled in Bids is **05.09.2025 up to 5.00 PM**

Secretary, ICAI



**ଦ.ପୂ. ରେଳପଥ – ଇ-ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୫/୩୨, ତାରିଖ: ୨୧।୦୮।୨୦୨୫।

''ଇ'' ସଂଗ୍ରହଣ ପ୍ରଣାଳୀ ପାଇଁ ଖୋଲା ଇ–ଟେଣ୍ଡର। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା–୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ୱେବ୍‌ସାଇଟ୍ www.ireps.gov.inରେ ଅପଲୋଡ୍ ହୋଇଛି। ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ।

| କ୍ର. ସଂ. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି (₹ ରେ) |
|---|---|---|---|---|---|
| ୧. | ୩୮୨୫୩୧୭୨ | ୧୭।୦୯।୨୦୨୫ | ବିଓବିଆର୍‌ଏନ୍ ୱାଗନ୍ ପାଇଁ ଡୋର୍ ଆସେମ୍ବ୍ଲି (ଡବଲ୍ ଲିଙ୍କ୍) | ୧୯୦ ଗୋଟି | ୧,୮୧,୬୦୦/- |
| ୨. | ୩୮୨୫୩୦୨୮ | ୦୬।୧୦।୨୦୨୫ | ବିଓଏକ୍ସଏନ୍‌ଏଚ୍‌ଏଲ୍ ୱାଗନ୍ ପାଇଁ କପ୍ଲର୍ ରଡ୍ | ୨୦୫୦୦ ଗୋଟି | ୨,୧୦,୪୫୦/- |
| ୩. | ୩୮୨୫୩୧୮୫ | ୦୮।୧୦।୨୦୨୫ | ଫ୍ଲାପ୍ ଡୋର୍ ଆରେଞ୍ଜମେଣ୍ଟ ପାଇଁ ଲକିଂ ବୋଲ୍ଟ ଓ ତାହାର ବ୍ରାକେଟ୍ | ୭୯୪୪୦ ଗୋଟି | ୧,୩୬,୪୮୦/- |
| ୪. | ୩୮୨୫୧୫୦୭ | ୨୭।୧୦।୨୦୨୫ | କ୍ୟାସନବ୍ ୨୨ଏଚ୍‌ଏସ୍ ବଗିର ବୋଲଷ୍ଟର୍ ପାଇଁ ଆଉଟର୍ ସ୍ପ୍ରିଙ୍ଗ୍ | ୧୫୯୦୦ ଗୋଟି | ୩,୭୫,୨୪୦/- |
| ୫. | ୩୮୨୫୩୯୧୭ | ୩୦।୧୦।୨୦୨୫ | ବିଓଏକ୍ସଏନ୍‌ଏଚ୍‌ଏଲ୍ ୱାଗନ୍ ପାଇଁ କ୍ରିବ୍/ଏଣ୍ଡ ଆଙ୍ଗଲ୍ | ୭୩୦୦ ଗୋଟି | ୨,୨୩,୯୬୦/- |
| ୬. | ୬୦୨୫୫୩୩୮ | ୦୮।୦୯।୨୦୨୫ | ପିଏସ୍‌ସି ସ୍ଲିପର୍ସ ଉପରେ ୬୦ କିଗ୍ରା ରେଲ୍ ନିମନ୍ତେ ଗ୍ଲୁଡ୍ ଜଏଣ୍ଟ ଆଦି | ୧୭୭୦ ଗୋଟି | ୧୬,୦୪,୦୪୦/- |
| ୭. | ୬୦୨୫୦୦୧୫ | ୧୫।୦୯।୨୦୨୫ | ପିଏସ୍‌ସି ସ୍ଲିପର୍ସ ଉପରେ କିଜି. ୬୦ କିଗ୍ରା (ୟୁଆଇସି) ରେଲ୍ ପାଇଁ ୧ ଇନ୍ ୧୨ ସିଏମ୍‌ଏସ୍ କ୍ରସିଂର ବିନିର୍ମାଣ ଓ ଯୋଗାଣ | ୧୦୦୦ ସେଟ୍ | ୨୦,୦୦,୦୦୦/- |
| ୮. | ୫୬୨୫୫୧୮୬ | ୧୨।୦୯।୨୦୨୫ | ଯୋଗାଣ, ପରିବହନ, ସ୍ଥାପନା, ପରୀକ୍ଷଣ ଓ କମିଶନିଂ ଆଦି ପାଇଁ ରନିଂ କଣ୍ଟ୍ରାକ୍ଟ | ୱେବ୍‌ସାଇଟ୍ ଅନୁଯାୟୀ | ୩,୯୧,୦୦୦/- |
| ୯. | ୨୯୨୫୩୨୨୯ | ୧୨।୦୯।୨୦୨୫ | ଟିଥ୍ ପିନିୟନ୍ ଆଦି | ୪୦୮ ଗୋଟି | ୨,୩୮,୫୫୦/- |
| ୧୦. | ୨୯୨୫୩୬୯୫ | ୧୬।୦୯।୨୦୨୫ | ଆଇଭି କପ୍ଲର୍ ସକେଟ୍ ଆସେମ୍ବ୍ଲି | ୭୯ ସେଟ୍ | ୧,୨୯,୫୬୦/- |
| ୧୧. | ୨୫୨୫୧୧୯୮ | ୦୬।୧୦।୨୦୨୫ | ଡବ୍ଲ୍ୟୁଏଜି୭ ଲୋକୋର ଇକ୍ୱାଲାଇଜର (ମୋଡିଫାଏଡ୍) ଆଦି | ୩୯୧ ଗୋଟି | ୧,୮୩,୭୩୦/- |
| ୧୨. | ୨୫୨୫୧୨୧୧ | ୧୩।୧୦।୨୦୨୫ | ଡ୍ରାଇଭର୍ସ ଅଟୋ ବ୍ରେକ୍ ଭାଲ୍‌ଭ ଏ୯ | ୧୦୬ ଗୋଟି | ୧,୦୪,୬୮୦/- |
| ୧୩. | ୪୭୨୪୫୦୧୪ଏ | ୧୮।୦୯।୨୦୨୫ | ବ୍ୟାପକ ଏଏମ୍‌ସି ସହିତ ପାସେଞ୍ଜର ଲିଫ୍ଟର ଯୋଗାଣ, ସ୍ଥାପନା, ପରୀକ୍ଷଣ ଓ କମିଶନିଂ | ୦୩ ଗୋଟି | ୨,୯୮,୯୪୦/- |
| ୧୪. | ୪୦୨୫୩୧୧୯ | ୨୩।୦୯।୨୦୨୫ | ୨x୧୫୦ ବର୍ଗ ମିମି ଏକ୍ସଏଲ୍‌ପିଇ ଇନ୍‌ସୁଲେଟେଡ୍, ୧୧୦୦ ଭୋଲ୍ଟସ୍ ଗ୍ରେଡ୍‌ର ଯୋଗାଣ ପାଇଁ ରନିଂ କଣ୍ଟ୍ରାକ୍ଟ ଆଦି | ୧୨୫୦୦୦ ମିଟର | ୮,୬୨,୫୦୦/- |
| ୧୫. | ୭୭୨୫୫୦୦୧ | ୧୧।୦୯।୨୦୨୫ | କୋଚ୍ (ଆଇସିଏଫ୍/ଏଲ୍‌ଏଚ୍‌ବି) ଗୁଡ଼ିକର ବାହ୍ୟ ପାର୍ଶ୍ୱ କାନ୍ଥ ପାଇଁ ଆଣ୍ଟି–ଗ୍ରାଫିଟି କ୍ଲିୟର୍ କୋଟିଂର ଯୋଗାଣ ଏବଂ ପ୍ରୟୋଗ | ୧୯୫୦ ସେଟ୍ | ୮,୭୩,୮୭୦/- |
| ୧୬. | ୬୦୨୫୦୧୩୦ | ୧୯।୦୯।୨୦୨୫ | ୬୦ କିଗ୍ରା ରେଲ୍ ନିମନ୍ତେ ଗ୍ଲୁଡ୍ ଜଏଣ୍ଟ ପାଇଁ ଫିଶ୍ ପ୍ଲେଟ୍ ଆଦିର ବିନିର୍ମାଣ ଓ ଯୋଗାଣ | ୬୦୦୦ ଗୋଟି | ୨,୭୪,୫୬୦/- |
| ୧୭. | ୭୨୨୫୩୦୫୩ଏ | ୧୫।୦୯।୨୦୨୫ | ଟି.ସି. ଇନ୍‌ସର୍ଟ ନ୍ୟୁଟ୍ରାଲ ଅପ୍‌ସେଣ୍ଟେଡ୍, ୩୦ ମିମି ଦୈର୍ଘ୍ୟ | ୧୧୬୩୦ ଗୋଟି | ୨,୨୭,୫୩୦/- |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। **ବି.ଦ୍ର.:** ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି। (PR-550)



**OFFICE OF THE NOTIFIED AREA COUNCIL, KHARIAR**
At/P.O.: Khariar, Dist.: Nuapada, PIN - 766107
e-mail: khariarn.hud@ori.nic.in, khariarnac@gmail.com

**EXPRESSION OF INTEREST**

EOI Notice No. 1918 Dtd.: 20.08.2025

No. C-929: Sealed EOI are invited from Mission Shakti Groups (SHG) i.e. Women Self Help Groups (WSHG) from Ward No. 07 to identify and select IA/IP for "Leasing and Management of Kalyan Mandap-2, Ward No. 07" of NAC, Khariar for 03 (Three) years consisting of specification and the set of terms and conditions of contract and other necessary documents can be seen/downloaded from the district website **nuapada.odisha.gov.in**.

1. Cost of EOI Paper : Rs.4,000/- (Rupees four thousand) only (Non Refundable)
2. Download EOI documents : nuapada.odisha.gov.in
3. Last date of receiving queries : 25.08.2025 upto 5.30 P.M.
4. Last date of receipt of EOI documents : 01.09.2025 upto 5.30 P.M.
5. Date of opening of EOI documents : 02.09.2025 at 11.00 A.M.
6. Name and address of the Officer Inviting EOI : Executive Officer, NAC, Khariar Dist.: Nuapada

Sd./- Executive Officer
NAC, Khariar

OIPR-13136/11/0049/2526



**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, बोकारो।**

**शुद्धि – पत्र**

इस प्रमण्डलान्तर्गत आमंत्रित ई–पुनर्निविदा आमंत्रण सूचना संख्या– RDD/SD/BOKARO/53/2024-25/3rd Call, जिसका पी० आर० संख्या–358679 Rural Development (25-26)#D है, को अपरिहार्य कारणवष तत्काल प्रभाव से स्थगित किया जाता है।

कार्यपालक अभियंता
ग्रामीण विकास विशेष प्रमंडल, बोकारो।

PR 360154 (Rural Development) 25-26 (D)



**कार्यालय कार्यपालक अभियंता**
**लघु सिंचाई प्रमंडल, लातेहार**

**निविदा रद्द संबंधित सूचना**

पत्रांक– 629 दिनांक– 22.08.2025

एतद् द्वारा सूचित किया जाता है कि इस कार्यालय के ई० निविदा आमंत्रण सूचना सं०- WRD/MID/ Latehar/ F2-15/2025-26 यथा बरखेता मध्यम सिंचाई योजना का जीर्णोद्धार, बोदे मध्यम सिंचाई योजना का जीर्णोद्धार एवं दनदाहा मध्यम सिंचाई योजना का जीर्णोद्धार कार्य प्रखंड–बरवाडीह, विभिन्न समाचार पत्रों में प्रकाशित की गयी थी जिसका PR No-359911 (water Resources) 25-26(D) है, को अपरिहार्य कारणवंश रद्द किया जाता है।

PR 360203 Water Resource (25-26)_D

कार्यपालक अभियंता,
लघु सिंचाई प्रमंडल, लातेहार



**वरीय पुलिस अधीक्षक का कार्यालय, राँची।**

**सर्वसाधारण के लिए सूचना।**



नाम–राजू मुण्डा, उम्र करीब–27 वर्ष, रंग–सॉवला, ऊँचाई–04 फीट, 7 फीट
पहनावा–गुलाबी टी–शर्ट, काला रंग का हाफ निकर
एवं सफेद काला चेक गम्छा पहने हुए है।

उपरोक्त लापता व्यक्ति राजू मुण्डा, पिता–शिवनाथ मुण्डा, सा0–डिमरा टोला सोरलोंगा पंचायत, कुन्दला, थाना–तमाड़, जिला–राँची जो दिनांक–10.08.2025 को अपने घर से बगैर बताए कहीं चले गए जो आजतक अपने घर वापस आए है। जिनकी मानसिक स्थिति ठिक नहीं है। जिसके संबंध में तमाड़ थाना सनहा संख्या–12/2025, दिनांक–16.08.2025 दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID(rnc-dcb@jhpolice.gov.in)**
पुलिस उपाधीक्षक, बुण्डु, राँची। –9431706144
थाना प्रभारी तमाड़, राँची। –9431706193

PR 360172 (Police) 25-26 (D)

पुलिस उप–महानिरीक्षक–सह–
वरीय पुलिस अधीक्षक, राँची।



International Year of Cooperatives 2025

**SAMBALPUR DISTRICT CO-OPERATIVE CENTRAL BANK LTD.**
HEAD OFFICE : BARGARH-768028
Phone : (06646) 233157/232634, Fax : (06646) 232696
Email : headoffice@sambalpurdccbl.com

Ref. No.2454/TCN/CB/Estt./2025-26 Date : 22.08.2025

**Tender Cancellation Notice**

In view of administrative exigencies, the Tender Call Notice No.2417/TCN/CB/Estt./2025-26, Dt.19.08.2025 for providing manpower services of Armed Guards, Drivers and Support Staffs to Sambalpur District Central Cooperative Bank Ltd, Bargarh, published in the Odia Daily "The Sambad" and the "The Dharitri" is hereby kept in abeyance. The tender process initiated through the aforesaid notice shall not be acted upon, if required a fresh tender will be issued in due course of time.

The kept in abeyance Notice is issued with the approval of the Committee of Management of the Bank on 21.08.2025.

Sd./- Chief Executive Officer



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୧୮୩ **ବିଜ୍ଞାପନ** ତା:୧୮।୦୮।୨୫

No. CAD-1568: ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ. ଏଚ.ଆଇ.ଜି. ୧୪୦ (HIG-140), କାନନ ବିହାର, ୧ମ ପର୍ଯ୍ୟାୟ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଏସ୍.ଟି.ଭି.କି. ଆଚାରୀଲୁ, ପିତା: ୰ସୀତା ରାମାନୁଜ ଆଚାରୀଲୁ, ସା/ପୋ.: ପେଣ୍ଡିପାଡୁ, ଥାନା: ତାଡ଼େପାଲ୍ଲୀଗୁଡେମ, ତାଲୁକ୍, ଜିଲ୍ଲା: ପଶ୍ଚିମ ଗୋଦାବରୀ (ଆନ୍ଧ୍ରପ୍ରଦେଶ)ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଏସ୍.ଟି.ଭି.କି. ଆଚାରୀଲୁ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ପ୍ରବିବେକ ବଳିୟାରସିଂ, ପିତା: ପ୍ରକାଶ ଚନ୍ଦ୍ର ବଳିୟାରସିଂ, ସା/ପୋ./ଥାନା: ବେଗୁନିଆ, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0824/2526



**ODISHA LIFT IRRIGATION CORPORATION LTD.**
(A GOVERNMENT OF ODISHA UNDERTAKING)
Plot No.N-17/2, Nayaplli, Bhubaneswar- 751 012
Phone No. : (0674) 2390195 (Off), Fax No. : (0674) 2395844,
E-mail ID : olicltd123@bsnl.in, olicltd@ymail.com, http://odishalift.com

**NATIONAL COMPETITIVE BIDDING THROUGH e-Procurement (Re-Bid)**

**No.IT-110/2025-6869/OLIC, Dated : 20.08.2025**

**No.CAD-1524** : The Managing Director, OLIC Ltd., Bhubaneswar invites online tender in percentage rate through e-procurement for installation, electrification, energisation & commissioning of deep bore wells in different districts of Odisha state. Interested Bidders may visit website : www.tendersodisha.gov.in to view and download Detailed Tender Call Notice and bid documents. The bids should be submitted only online in the website www.tendersodisha.gov.in.

**Important features of this NCB are as under :**

A. Brief description of work : Installation, electrification, energisation & commissioning of Deep borewells in Ganjam, Nayagargh, Balasore and Khordha districts (04 Packages)
B. Estimated cost of works : Varies from Rs.162.95 Lakhs to Rs.1290.52 Lakhs
C. Date and time of availability of bid document in the portal : From Dt.25.08.2025 to Dt.16.09.2025 (Up to 17.00 Hours)
D. Last date / time for receipt of bid in the Portal : Dt.16.09.2025 (Up to 17.00 Hours)
E. Last date of seeking clarification : Dt. 03.09.2025 Up to 17.00 Hours
F. Technical Bid will be opened on : Dt. 17.09.2025 at 11.00 Hours

Any Addendum / corrigendum / Cancellation of tender will be available in the said website. Authority reserves the right to accept/reject any or all the tenders, increase or decrease the quantities of work put to bidding without assigning any reason thereof.

Sd./- MANAGING DIRECTOR
OLIC LTD, BHUBANESWAR

OIPR-32135/11/0059/2526



**ମେକନ୍ ଲିମିଟେଡ୍**
(ଇସ୍ପାତ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନସ୍ଥ ଏକ ପିଏସ୍‌ୟୁ)
ମୁଖ୍ୟ କାର୍ଯ୍ୟାଳୟ: ଡୋରନ୍ଦା, ରାଞ୍ଚି-୮୩୪୦୦୨; ଫୋନ୍: ୦୬୫୧-୨୪୮୩୦୦୦
ସିଆଇଏନ୍ ନଂ.: U74140JH1973GOI001199

**କର୍ମନିଯୁକ୍ତି ଅଧିସୂଚନା**

**ମେକନ୍**, ଇସ୍ପାତ ମନ୍ତ୍ରଣାଳୟ ଅଧୀନରେ ଇଞ୍ଜିନିୟରିଂ, ପରାମର୍ଶ, ଠିକା ଓ ପ୍ରକଳ୍ପ ପ୍ରବନ୍ଧନ ସେବା ପ୍ରଦାନ କରୁଥିବା ଭାରତ ସରକାରଙ୍କ ଏକ ପ୍ରମୁଖ ମିନିରତ୍ନ, ଅନୁସୂଚୀ ''ଏ'' ଉପକ୍ରମ **ନିୟମିତ ବେତନ ହାରରେ ବିଭିନ୍ନ ପଦବୀରେ** ନିଯୁକ୍ତି ପାଇଁ **କେବଳ ଅନ୍‌ଲାଇନ୍ ଦରଖାସ୍ତ ପଦ୍ଧତି ଜରିଆରେ** ପ୍ରତିବଦ୍ଧ, ଫଳାଫଳ ଉନ୍ମୁଖୀ, ଉପଯୁକ୍ତ ଭାବେ ଯୋଗ୍ୟତାପ୍ରାପ୍ତ ତଥା ଅଭିଜ୍ଞ ବ୍ୟକ୍ତିମାନଙ୍କଠାରୁ **ଦରଖାସ୍ତ ଆହ୍ୱାନ କରୁଛି (ବିଜ୍ଞାପନ ସଂ. ୧୧.୭୩.୪.୩/୨୦୨୫/ଆରଇଜି/୦୫ ତାରିଖ: ୦୫।୦୮।୨୦୨୫)**।

| କ୍ର. ସଂ. | ପଦବୀର ନାମ | ଗ୍ରେଡ୍ | ପଦବୀ ସଂଖ୍ୟା | ବେତନ ହାର |
|---|---|---|---|---|
| ୦୧ | ଡିଜିଏମ୍ (ଏଚ୍‌ଆର୍) | ଇ–୬ | ୦୧ | ଟ.୧,୨୦,୦୦୦-୩%-୨,୮୦,୦୦୦/– |
| ୦୨ | ଜିଏମ୍ (ଏଚ୍‌ଆର୍) | ଇ–୭ | ୦୧ | ଟ.୧,୨୦,୦୦୦-୩%-୨,୮୦,୦୦୦/– |

ଅଧିକ ବିବରଣୀ ପାଇଁ ଦୟାକରି **ଆମ ୱେବ୍‌ସାଇଟ୍**: www.meconlimited.co.in ର ''କ୍ୟାରିୟର୍ସ'' ସେକ୍ସନ ପରିଦର୍ଶନ କରନ୍ତୁ।

ଦ୍ରଷ୍ଟବ୍ୟ: ଅଧିକନ୍ତୁ, ଏହି ବିଜ୍ଞାପନ ସଂକ୍ରାନ୍ତୀୟ କୌଣସି ଭ୍ରମ ସଂଶୋଧନ(ଗୁଡ଼ିକ)/ସଂଶୋଧନ(ଗୁଡ଼ିକ) **ଆମ ୱେବ୍‌ସାଇଟ୍**: www.meconlimited.co.in ର ''କ୍ୟାରିୟର୍ସ'' ସେକ୍ସନରେ ଅପଲୋଡ୍ ହେବ।

**ମୁଖ୍ୟ ମହାପ୍ରବନ୍ଧକ (ଏଚ୍‌ଆର୍),**
**ମେକନ୍ ଲିମିଟେଡ୍, ବିବେକାନନ୍ଦ ପଥ, ଡୋରନ୍ଦା, ରାଞ୍ଚି - ୮୩୪୦୦୨, ଝାଡ଼ଖଣ୍ଡ**

CBC 40110/12/0011/2526

# ମୋବାଇଲ ଲାଇଟ୍‌ରେ ରୋଗୀ ସେବା

ରାୟଗଡ଼ା,୨୨।୮(ଆଶିଷ ରଞ୍ଜନ ପଣ୍ଡା)



ଡାକ୍ତର ମୋବାଇଲ ଟର୍ଚ୍ଚ ଆଲୁଅ ସାହାଯ୍ୟରେ ରୋଗୀଙ୍କ ଚିକିତ୍ସା କରୁଛନ୍ତି।

ରାୟଗଡ଼ା ସହର ସମେତ ଉପକଣ୍ଠରେ ଶୁକ୍ରବାର ସକାଳ ୯ରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ତେବେ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଜେନେରେଟର ସୁବିଧା ନ ଥିବାରୁ ଦୀର୍ଘ ୪ ଘଣ୍ଟା ଧରି ମୋବାଇଲ ଲାଇଟରେ ରୋଗୀଙ୍କ ଚିକିତ୍ସା ଚାଲିଥିବା ଦେଖିବାକୁ ମିଳିଥିଲା। ମେଡିକାଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା କାରଣରୁ ଏହିଭଳି ଅବସ୍ଥା ସୃଷ୍ଟି ହୋଇଥିଲା ବୋଲି ରୋଗୀ ଅଭିଯୋଗ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ୩ଟି ଜେନେରେଟର ରହିଥିଲେ ମଧ୍ୟ ଗୋଟିଏ ଖରାପ ହୋଇ ପଡ଼ିଥିବା ଓ ଅନ୍ୟ ୨ଟି ପାଇଁ ଆବଶ୍ୟକ ଡିଜେଲ ନ ଥିବାରୁ ଏହି ପରିସ୍ଥିତି ଉପୁଜିଥିବା ଜଣାପଡ଼ିଛି। ଫଳରେ ବାଧ୍ୟ ହୋଇ ଡାକ୍ତର ମୋବାଇଲ ଟର୍ଚ୍ଚ ଆଲୁଅରେ ରୋଗୀଙ୍କ ଚିକିତ୍ସା ଓ ପରାମର୍ଶ ଦେଉଥିବା ଦେଖିବାକୁ ମିଳିଛି।

ରକ୍ଷଣାବେକ୍ଷଣା ପାଇଁ ୪ ଘଣ୍ଟା ବିଦ୍ୟୁତ୍ ସରବରାହ ବନ୍ଦ ରହିବ ବୋଲି ଟାଟା ପାୱାର ୨ଦିନ ପୂର୍ବରୁ ଘୋଷଣା କରିଥିଲା। ହେଲେ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ପାଇଁ ସ୍ୱାସ୍ଥ୍ୟ ବିଭାଗ ପୂର୍ବ ପ୍ରସ୍ତୁତି କରିନଥିଲା ନାହିଁ। ଫଳରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବହୁ ରୋଗୀ ହଇରାଣ ହୋଇଥିଲେ। ଶୁକ୍ରବାର ଦିନ ତମାମ ବହିର୍ବିଭାଗ ସହ ସମସ୍ତ ୱାର୍ଡ ସମ୍ମୁଖରେ ରୋଗୀଙ୍କ ଲମ୍ବା ଧାଡ଼ି ଲାଗି ରହିଥିଲା । ସେଠାରେ ଉପସ୍ଥିତ ଡାକ୍ତର ମୋବାଇଲ ଟର୍ଚ୍ଚ ଆଲୁଅରେ ଜଣକ ପରେ ଜଣେ ରୋଗୀଙ୍କ ଚିକିତ୍ସା କରିବା ସହ କାହାକୁ କିଛି ନମୁନା ପରୀକ୍ଷା ପାଇଁ ରେଫର କରୁଥିଲେ। ଡାକ୍ତର ପ୍ରେସ୍କିପ୍ସନ ଲେଖିବା ସମୟରେ ମୋବାଇଲ ଟର୍ଚ୍ଚ ଦେଖାଇ ଲେଖିବାରେ ସାହାଯ୍ୟ କରୁଥିଲେ ରୋଗୀ ଓ ତାଙ୍କ ସମ୍ପର୍କୀୟ। ସବୁଠାରୁ ସମ୍ବେଦନଶୀଳ ଥିବା ଏସ୍‌ଏନ୍‌ସିୟୁଠାରେ ଭର୍ତ୍ତି ଶିଶୁଙ୍କ ଅବସ୍ଥା ମଧ୍ୟ ଦୟନୀୟ ରହିଥିଲା।

ଅନ୍ୟପଟେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ବିରାଟ ବଡ ଜେନ୍‌ସେଟ ରୁମ୍ ରହିଛି ,ଯେଉଁଥିରେ ଆଧୁନିକ ଜେନ୍‌ସେଟ ମଧ୍ୟ ଅଛି । ଉକ୍ତ ଜେନ୍‌ସେଟ ମଧ୍ୟରୁ ଗୋଟିଏ ଚାଲୁଥିବା ବେଳେ ଅନ୍ୟଟି ଖରାପ ରହିଥିଲା। ବାହାରେ ଥିବା ଜେନେରେଟର ଅବସ୍ଥା ମଧ୍ୟ ସମାନ। ଏହାପରେ ମଧ୍ୟାହ୍ନରେ ଟେକ୍ନିସିଆନ ମରାମତି କରୁଥିଲେ। ସେହିଭଳି ବିଦ୍ୟୁତ୍ ସରବରାହ ପାଇଁ ଉପଯୁକ୍ତ ବ୍ୟବସ୍ଥା ହୋଇ ନ ଥିବା କାରଣରୁ ବିଭିନ୍ନ ନମୁନା ପରୀକ୍ଷଣ, ସିଟି ସ୍କାନ, ଏକ୍ସରେ, ଅଲ୍‌ଟ୍ରାସାଉଣ୍ଡ ସେବା ମଧ୍ୟ ବନ୍ଦ ରହିଥିଲା। ମେଡିକାଲରେ ୫ଟି ଫ୍ଲୋର ରହିଥିବାବେଳେ ବିଦ୍ୟୁତ୍ ଯୋଗାଣ ନ ଥିବାରୁ ଲିଫ୍ଟ ମଧ୍ୟ ବନ୍ଦ ରହିଥିଲା। ଫଳରେ ଶିଶୁ ଓ ମହିଳା ୱାର୍ଡ ସମେତ ସର୍ଜରି, ଭେଷଜ ବିଭାଗରେ ଚିକିତ୍ସା ପାଇଁ

## ଅନ୍ଧାରରେ ଜିଲା ମୁଖ୍ୟ ଚିକିତ୍ସାଳୟ

ଆସିଥିବା ରୋଗୀ ବହୁ ହଇରାଣ ହୋଇ ଶିଡ଼ି ଚଢ଼ି ଉପରକୁ ଯାତାୟାତ କରୁଥିଲେ। ସେହିଭଳି ବିଦ୍ୟୁତ୍ ଯୋଗାଣ ନ ଥିବାରୁ ଔଷଧ ବିତରଣ କେନ୍ଦ୍ର ମଧ୍ୟ ଅନ୍ଧାରରେ ରହିଥିଲା। ଏଭଳିକି ବରିଷ୍ଠ ନାଗରିକ ମଧ୍ୟ ଦୁର୍ଦ୍ଦଶା ଭୋଗିଥିଲେ। ତେବେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଳୟର ଅବସ୍ଥା ଯଦି ଏଭଳି ରହିଛି ତେବେ ଗ୍ରାମାଞ୍ଚଳରେ ଥିବା ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା କିଭଳି ରହିଥିବା ଏଥିରୁ ସହଜେ ଅନୁମାନ। ଏନେଇ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ପ୍ରଶାନ୍ତ କୁମାର ମିଶ୍ରଙ୍କୁ ପଚାରିବାରୁ ଡିଜି ସେଟ୍‌ରେ କିଛି ଯାନ୍ତ୍ରିକ ତ୍ରୁଟି ଥିବା କାରଣରୁ ବିଦ୍ୟୁତ୍ ଯୋଗାଣରେ ବିଳମ୍ବ ଘଟିଥିବା କହିଥିଲେ। ବିଦ୍ୟୁତ୍ ସରବରାହ ବ୍ୟାଘାତ କାରଣରୁ ପୂର୍ବାହ୍ନରେ ପ୍ରାୟ ୩ ଘଣ୍ଟା ଧରି ରୋଗୀ ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଥିଲା ବୋଲି ସେ କହିଛନ୍ତି।

ପ୍ରକାଶଥାଉକି, ଜିଲାରେ ମେଡିକାଲ କଲେଜଠାରୁ ଆରମ୍ଭ କରି ଉନ୍ନତମାନର ସ୍ୱାସ୍ଥ୍ୟସେବା ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ସାମାନ୍ୟ ଆବଶ୍ୟକତା ପୂରଣ ପାଇଁ କେହି କର୍ଣ୍ଣପାତ କରୁ ନ ଥିବା ପରିଲକ୍ଷିତ ହୋଇଛି।

# ଏନ୍‌ଏଚ୍ ମୁଖ୍ୟ ଯନ୍ତ୍ରୀଙ୍କୁ ଭେଟିଲେ ଭାଜପା ପ୍ରତିନିଧି



ଭାଜପା ପ୍ରତିନିଧି ଦଳ ଏନ୍‌ଏଚ୍ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କ ସହ ଆଲୋଚନା କରୁଛନ୍ତି।

ରାୟଗଡ଼ା,୨୨।୮(ଆଶିଷ ରଞ୍ଜନ ପଣ୍ଡା)

## ଫ୍ଲାଏଓଭର ମରାମତି ଦାବି

ରାୟଗଡ଼ା ସହରର ଫ୍ଲାଏଓଭର ଦୟନୀୟ ସ୍ଥିତିରେ ରହିଛି। ଏହାକୁ ନେଇ ରାୟଗଡା ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଫ୍ଲାଏଓଭର ମରାମତି ସହ ସ୍ଥାୟୀ ସମାଧାନ ପାଇଁ ବୁଦ୍ଧିଜୀବୀ, ରାଜନୈତିକ ଦଳ, ବିଭିନ୍ନ ସଂଗଠନ, ଖବରଦାତା, ଓକିଲ ସ୍ୱର ଉତ୍ତୋଳନ କରିଛନ୍ତି । ଏହି ଦୟନୀୟ ସ୍ଥିତି ନେଇ ଆନ୍ଦୋଳନ ହେଲେ ଜାତୀୟ ରାଜପଥ ବିଭାଗ ତରଫରୁ ସହରବାସୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ସାମାନ୍ୟ ମରାମତି କରି କ୍ରୋଧକୁ ଶାନ୍ତ କରିବା ପାଇଁ ପ୍ରୟାସ କରୁଛନ୍ତି। ଭାଜପାର ଏକ ପ୍ରତିନିଧି ଟିମ୍ ଶୁକ୍ରବାର ଭୁବନେଶ୍ୱରଠାରେ ଜାତୀୟ ରାଜପଥ ବିଭାଗର ମୁଖ୍ୟ ଯନ୍ତ୍ରୀ ନବୀନ ପଟେଲଙ୍କୁ ସାକ୍ଷାତ କରି ଫ୍ଲାଏଓଭର ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ପ୍ରାୟ ୧ ଘଣ୍ଟା ଧରି ଆଲୋଚନା ହୋଇଥିଲା ବୋଲି ଭାଜପା ଏମ୍‌ପି ପ୍ରାର୍ଥୀ କାଳୀରାମ ମାଝି ସୂଚନା ଦେଇଛନ୍ତି। ଫ୍ଲାଏଓଭର ମରାମତି ପାଇଁ ହିମାଚଳ ପ୍ରଦେଶର ଏକ କମ୍ପାନୀ ଟେଣ୍ଡର ପ୍ରକ୍ରିୟାରେ ଚୟନ ହୋଇଛି ବୋଲି ମାଝୀ ସୂଚନା ଦେଇଛନ୍ତି। ବର୍ଷା ଦିନ ସରିଲା ପରେ କାମ ଆରମ୍ଭ ହେବ ବୋଲି ସେ କହିଛନ୍ତି। ମୁଖ୍ୟ ଯନ୍ତ୍ରୀଙ୍କ ସହ ଆଲୋଚନା ସମୟରେ କୋରାପୁଟ ବିଧାୟକ ରଘୁରାମ ମାଛ, ଅତିରିକ୍ତ ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ନଳିନୀରାଣୀ ଶବର, ଅଧୀକ୍ଷଣ ଯନ୍ତ୍ରୀ ସୌମାର୍ଜିନୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଚୋରି ଘଟଣାରେ ୫ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

ରାୟଗଡା,୨୨।୮(ଆଶିଷ ରଞ୍ଜନ ପଣ୍ଡା)

ଏକ ଚୋରି ମାମଲାର ଶୁଣାଣି କରି ୫ ଅଭିଯୁକ୍ତଙ୍କୁ ୩ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କାର ଜରିମାନା ନିର୍ଦ୍ଦେଶ ଦେଇଛନ୍ତି ରାୟଗଡ଼ା ଏସ୍‌ଡିଜେଏମ୍ ବର୍ଷା ଦାସ। ଜରିମାନା ଅନାଦାୟେ ଆଉ ୬ ମାସ ଜେଲ ଦଣ୍ଡାଦେଶ ନିର୍ଦ୍ଦେଶ ଦେଇଛନ୍ତି। ୫ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଏସ୍‌ଡିଜେଏମ୍ ଦାସ ଏହି ରାୟ ଶୁଣାଇଛନ୍ତି। ସମସ୍ତ ଅଭିଯୁକ୍ତ ବିହାର ରାଜ୍ୟର ଏବଂ ସେମାନଙ୍କ ନାମରେ ଏକାଧିକ ମାମଲା ରହିଥିବା ଜଣାପଡ଼ିଛି। ଏହି ମାମଲାକୁ ସରକାରୀ ଆଇନଜୀବୀ ସଚ୍ଚିଦାନନ୍ଦ ଖାଡ଼ଙ୍ଗା ପରିଚାଳନା କରୁଥିଲେ।

ସୂଚନା ଅନୁଯାୟୀ, ରାୟଗଡ଼ା ଗୌତମନଗର ନିବାସୀ ସୁଧିର କୁମାର ପାଢ଼ୀଙ୍କ ମୃତ ଭାଇଙ୍କ ପତ୍ନୀ ବୃନ୍ଦାବନ ଯାଇଥିଲେ। ଗତ ଜୁନ ୨ ତାରିଖରେ ତାଙ୍କ ଘରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ସୁନା ଚେନ, ମୁଦି, ରୁପା ପ୍ଲେଟ ସହ ନଗଦ ୧୦ ହଜାର ଟଙ୍କା ଚୋରି କରି ନେଇଥିଲେ। ଏ ନେଇ ସୁଧୀର ରାୟଗଡା ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାରେ ଅଭିଯୁକ୍ତ ଆଶ୍ରୀଫୁଲ ଶେଖ, ମହମ୍ମଦ ରୋଜି ଶେଖ, ମହମ୍ମଦ ଆଲମିନ, ଶେଖ ବାବୁ ଓ ସମୀର ଶେଖଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଚୋରି ଜିନିଷ ଜବତ କରିଥିଲା ।

# ମୂର୍ତ୍ତି ୨୦ ଫୁଟ, ମଣ୍ଡପ ୪୦ ଫୁଟରୁ ଅଧିକ ଉଚ୍ଚ ନ କରିବାକୁ ନିର୍ଦ୍ଦେଶ

ଗୁଣପୁର,୨୨।୮(ପ୍ରଦୀପ କୁମାର ପାଢ଼ୀ)

## ପାର୍ବଣ ଋତୁରେ ବିଭିନ୍ନ ନିୟମାବଳୀକୁ ନେଇ ମାଜିଷ୍ଟ୍ରେଟଙ୍କ ପ୍ରେସ୍ ବିଜ୍ଞପ୍ତି

ଚଳିତ ବର୍ଷ ପାର୍ବଣ ଋତୁରେ ମୂର୍ତ୍ତି ତିଆରି, ମଣ୍ଡପ ତିଆରି, ବିସର୍ଜନ, ଶୋଭାଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଗୁଣପୁର ଉପଖଣ୍ଡ ମାଜିଷ୍ଟ୍ରେଟଙ୍କ ତରଫରୁ ଜାରି କରାଯାଇଛି। ମୂର୍ତ୍ତି ତିଆରି କରୁଥିବା କାରିଗରମାନେ ସମ୍ପୃକ୍ତ ତହସିଲଦାର କିମ୍ବା ନିର୍ବାହୀ ଅଧିକାରୀଙ୍କ ନିକଟରେ ନିଜର ନାମ ପଞ୍ଜୀକରଣ କରିବେ। ପ୍ରତିଟି ମୂର୍ତ୍ତି ମାଟି, ସାଧାରଣ ରଙ୍ଗରେ ବ୍ୟବହାର ହେବ ଓ ମୂର୍ତ୍ତି ୨୦ ଫୁଟରୁ ଉଚ୍ଚ ନ ହେବାକୁ ନିର୍ଦ୍ଦେଶ ରହିଛି। ମଣ୍ଡପଗୁଡିକ ସାଧାରଣ କପଡା, ଫୁଲରେ ସଜେଇ ହେବ । ସମସ୍ତ ପୂଜା କମିଟି ସମ୍ପୃକ୍ତ ତହସିଲଦାର କିମ୍ବା ନିର୍ବାହୀ ଅଧିକାରୀଙ୍କଠାରେ ପଞ୍ଜୀକରଣ କରିବେ । ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବା, ଟିପିଏସ୍‌ଓଡିଏଲ୍‌ଙ୍କଠାରୁ ଅନୁମତି ନେବା, ରାସ୍ତା ଓ କୋଠାବାଡିଙ୍କଠାରୁ ଅନୁମତି ନେବା, ପୂଜା ମଣ୍ଡପ ୪୦ ଫୁଟରୁ ଅଧିକ ନ କରିବା, କପଡା, ସାଧାଫୁଲ ବ୍ୟବହାର କରିବା, ପରିବେଶ ସଫାସୁତୁରା ରଖିବା, ସକାଳ ୮ରୁ ରାତି ୧୦ଟା ପର୍ଯ୍ୟନ୍ତ ଡାକବାଜି ଯନ୍ତ୍ର ବ୍ୟବହାର କରିବା, ବିସର୍ଜନ ପୂର୍ବରୁ ପୋଲିସଙ୍କୁ ଅବଗତ କରିବା, ବିସର୍ଜନ ନିମନ୍ତେ ପ୍ରଶାସନ ତରଫରୁ ସ୍ଥିରୀକୃତ ନିର୍ଦ୍ଦିଷ୍ଟ ସ୍ଥାନରେ ମୂର୍ତ୍ତି ବିସର୍ଜନ କରିବା ଆଦି କାର୍ଯ୍ୟ ପୂଜା କମିଟି କରିବା ସହ ଏକ ସ୍ୱୀକାରକ୍ତି ସମ୍ପୃକ୍ତ ନିର୍ବାହୀ ଅଧିକାରୀ କିମ୍ବା ତହସିଲଦାରଙ୍କଠାରେ ଦାଖଲ କରିବାକୁ କୁହାଯାଇଛି । ବ୍ଲକସ୍ତରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ପୋଲିସ, ଶିକ୍ଷା ବିଭାଗ ଭଳି ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ କମିଟି ଗଠନ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ । ଯେଉଁମାନେ ଘରେ ମୂର୍ତ୍ତି ପୂଜା କରୁଛନ୍ତି, ସେମାନଙ୍କୁ ମଧ୍ୟ ଏ ବିଷୟରେ ଅବଗତ କରିବା ନିମନ୍ତେ ସଂପୃକ୍ତ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପୋଲିସ ବିଭାଗ ତରଫରୁ ଆବଶ୍ୟକ ଆଇନଶୃଙ୍ଖଳା ରକ୍ଷା କରିବା ସହ ଓଡ୍ରାଫ ଦଳକୁ ପ୍ରସ୍ତୁତ ରଖିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ତହସିଲଦାର, ନିର୍ବାହୀ ଅଧିକାରୀମାନେ ମୂର୍ତ୍ତି ବିସର୍ଜନ ସ୍ଥାନ ନିରୂପଣ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଖିଲାପ କଲେ ଆଇନ ଅନୁଯାୟୀ ଦଣ୍ଡବିଧାନ କରାଯିବ । ରାଜ୍ୟ ସରକାରଙ୍କ ସମୟାନୁକ୍ରମେ ଦିଆଯାଉଥିବା ନିର୍ଦ୍ଦେଶଗୁଡିକୁ ଅନୁପାଳନ କରିବା ସହ ପୂଜା କମିଟି, ମୂର୍ତ୍ତି କାରିଗର, ବିଭାଗୀୟ ଅଧିକାରୀ ଯତ୍ନବାନ ହେବାକୁ ଉପ ଜିଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ ଦୁଧାଳ ଅଭିଷେକ ଦିଲୀପ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି ।

# କ୍ୱାର୍ଜ ଖଣି ଖନନ ଯୋଜନାକୁ ତୀବ୍ର ବିରୋଧ



ପ୍ରଭାବିତ ଅଞ୍ଚଳବାସୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

ରାୟଗଡା,୨୨।୮(ଆଶିଷ ରଞ୍ଜନ ପଣ୍ଡା)

## ଖଣି ଲିଜ୍ ବାତିଲ କରିବାକୁ ଜିଲାପାଳଙ୍କୁ ଦାବିପତ୍ର

ରାୟଗଡା ଜିଲା ସଦର ବ୍ଲକ୍ ବଡ ଇରୁକୁବା ପଞ୍ଚାୟତ ଅନ୍ତର୍ଗତ (ହିଙ୍ଗିରିକଡା ପାହାଡ) ବାଲାପାଡୁ କ୍ୱାର୍ଜ ଏବଂ କ୍ୱାର୍ଜାଇଟ ଖଣି ଖନନକୁ ଅଞ୍ଚଳବାସୀ ଓ ସ୍ଥାନୀୟ ଜନ ପ୍ରତିନିଧି ତୀବ୍ର ବିରୋଧ କରିଛନ୍ତି। କୌଣସି ପରିସ୍ଥିତିରେ ମଧ୍ୟ ଖଣି ଉତ୍ତୋଳନ କରିବାକୁ ଦିଆଯିବ ନାହିଁ ବୋଲି ସ୍ଥାନୀୟ ଲୋକ ଜିଦି ଧରି ବସିଛନ୍ତି । ଏ ନେଇ ପ୍ରଭାବିତ ଅଞ୍ଚଳବାସୀ ଶୁକ୍ରବାର ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ସାକ୍ଷାତ କରି ପ୍ରସ୍ତାବିତ କ୍ୱାର୍ଜ ଖଣି ଲିଜ୍ ବାତିଲ କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି । ଖଣି ଉତ୍ତୋଳନ ହେଲେ ହିଙ୍ଗିରିକଡା ପାହାଡ ପାଖରେ ବସବାସ କରୁଥିବା ୬ଟି ଗ୍ରାମର ପ୍ରାୟ ୧୮୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସହ ଆଖ ପାଖରେ ରହୁଥିବା ୧୦ଟି ଗ୍ରାମର ୩ ହଜାରରୁ ଊର୍ଦ୍ଧ୍ୱ ଗ୍ରାମବାସୀ ପ୍ରଭାବିତ ହେବେ ବୋଲି ଜିଲାପାଳଙ୍କ ସହ ଆଲୋଚନା କରି ଗ୍ରାମବାସୀ ପ୍ରକାଶ କରିଛନ୍ତି ।

ଯଦି ଖଣି ଖନନ ହୁଏ ତେବେ ଆମର ଜୀବନଜୀବିକା ଉପରେ ପ୍ରଭାବ ପକାଇବ । ହିଙ୍ଗିରିକଡା ପାହାଡରେ ଲଘୁ ବନଜାତ ଦ୍ରବ୍ୟ ଆମ୍ବ, ପଣସ, ଅଁଳା, ହରଡା, ବାହାଡା, ମହୁଲ, ନିମ୍ବ, ନାରଙ୍ଗି, ସଲପ ଆଦି ବହୁ ମୂଲ୍ୟବାନ୍ ଗଛ ରହିଛି। ଏହି ପାହାଡ ଦ୍ୱାରା ସେମାନଙ୍କ ଜୀବନଜୀବିକା ଚାଲୁଛି । ତେଣୁ ଜୀବନ ଗଲେ ଯାଉ, କିନ୍ତୁ ଆମେ ଏହି ପର୍ବତ ଛାଡିବୁ ନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ବଡ ଇରୁକୁବାଡିସମିତିସଭ୍ୟ ଦୟାନିଧି କଣ୍ଡାଗରୀ, ନାକିଟି ସମିତିସଭ୍ୟ ଭୂଷଣ ବିଡ଼ିକା, ସରପଞ୍ଚ କାମେଶ୍ୱର ତାଡିଙ୍ଗି, ତାଡମା ସରପଞ୍ଚ ଅଲେମ ଜାକାକା, ପିତାମହଲ ସରପଞ୍ଚ ଶର୍ମିଳା ପାଲକା ପ୍ରମୁଖ ଉପସ୍ଥିତ ଥିଲେ ।

ପ୍ରକାଶ ଯେ, ବାଲାପାଡୁ ଗାଁଠାରେ ଥିବା ୫୫.୩୯୪ହେକ୍ଟର ପରିମିତ ଅଞ୍ଚଳରେ କ୍ୱାର୍ଜ ଏବଂ କ୍ୱାର୍ଜାଇଟ ଖଣି ପାହାଡରୁ ବାର୍ଷିକ ୫୪ ହଜାର ୫୦୦ଘନ ମିଟର ଉତ୍ତୋଳନ ନିମନ୍ତେ ପରିବେଶୀୟ ମଞ୍ଜୁରୀ ପାଇଁ ଗତ ୧୨ ତାରିଖରେ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଲୋକେ ବିରୋଧ କରିବାରୁ ଜନ ଶୁଣାଣି ବନ୍ଦ କରାଯାଇଥିଲା।

# ଯାତ୍ରୀଙ୍କୁ ହଜିଥିବା ବ୍ୟାଗ୍ ଫେରାଇଲେ ଆର୍‌ପିଏଫ୍

ମୁନିଗୁଡା,୨୨।୮ (ନନ୍ଦ କିଶୋର ପଟ୍ଟନାୟକ)




ଆରପିଏଫ ଅଧିକାରୀ ଯାତ୍ରୀଙ୍କୁ ତାଙ୍କ ସାମଗ୍ରୀ ଫେରାଉଛନ୍ତି।

ମୁନିଗୁଡା ରେଲୱେ ଆର୍‌ପିଏଫ ଅଧିକାରୀ ଏନ୍.ଏସ୍. ମୀନା ଓ ଏସ୍‌ଆଇ ସିଏଚ.ଭି. ରାଓ ଟ୍ରେନ୍‌ରୁ ପାଇଥିବା ବ୍ୟାଗ୍‌କୁ ଯାତ୍ରୀଙ୍କୁ ଫେରାଇ ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ସୂଚନା ଅନୁଯାୟୀ, ଗୁରୁବାର ଟ୍ରେନ ନମ୍ବର ୧୮୧୯୦ ଟାଟାନଗର ଏକ୍ସପ୍ରେସ୍‌ରେ ବି-୪ ବଗି ୧୭ ନମ୍ବର ସିଟରେ କେ.ଲୋକେଶ ବ୍ରହ୍ମା ନାମକ ଜଣେ ବ୍ୟକ୍ତି କେରଳ ଆଲୁବାରୁ ଆନ୍ଧ୍ରପ୍ରଦେଶର ଦୁବାଡା ଆସୁଥିଲେ। ତେବେ ଟ୍ରେନ୍‌ରେ ସେ ଏକ ଟ୍ରଲି ବ୍ୟାଗ୍ ଛାଡି ଦେଇଥିବା ନେଇ ଆର୍‌ପିଏଫ୍‌ରେ ଅଭିଯୋଗ କରିଥିଲେ । ଉକ୍ତ ଟ୍ରଲି ବ୍ୟାଗ୍‌ରେ ଗୋଟିଏ କ୍ୟାମେରା, କୋର୍ଟସୁଟ ଓ କିଛି ପୁରୁଣା ଲୁଗାପଟା ଥିବା ସେ ଉଲ୍ଲେଖ କରିଥିଲେ। ଏହାପରେ ମୁନିଗୁଡା ଆର୍‌ପିଏଫ୍ ଅଧିକାରୀ ଟ୍ରେନରେ ଚଢ଼ି ଖୋଜାଖୋଜି କରିବା ସହ ସମସ୍ତ ଜିନିଷକୁ ଉଦ୍ଧାର କରିଥିଲେ । ଶୁକ୍ରବାର ମୁନିଗୁଡା ଆର୍‌ପିଏଫ୍ ଅଫିସରେ ଆର୍‌ପିଏଫ୍ ଅଧିକାରୀ ଏନ.ଏସ.ମିନା, ଏସଆଇ ସିଏଚ.ଭି.ରାଓ ଓ ଅନ୍ୟ ଅଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତରେ ଅଭିଯୋଗକାରୀଙ୍କ ଭାଇ କେ.ସନ୍ତୋଷ ବ୍ରହ୍ମାଙ୍କ ସମସ୍ତ ନଥିପତ୍ର ଯାଞ୍ଚ କରିବା ପରେ ତାଙ୍କୁ ତାଙ୍କର ସମସ୍ତ ଜିନିଷ ଫେରାଇଥିଲେ। ଏହାର ଆନୁମାନିକ ମୂଲ୍ୟ ୫୫ ହଜାର ୫୦୦ ଟଙ୍କା ହେବ ବୋଲି ଜଣାପଡିଛି ।

# ଡମ୍ବସରା ଯୁକ୍ତ ୨ ବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

ଗୁଣପୁର,୨୨।୮(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଅନ୍ତର୍ଗତ ଡ଼ମ୍ବସରା ଉଚ୍ଚ ମାଧ୍ୟମିକ ଶିକ୍ଷା (ଯୁକ୍ତ ୨) ବିଦ୍ୟାଳୟ ପରିସରରେ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ କାର୍ଯ୍ୟକ୍ରମ ଶୁକ୍ରବାର ମହାଆଡମ୍ବରରେ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ଅଧ୍ୟକ୍ଷ ବିଦ୍ୟାଧର ନାହକ ସଭାପତିତ୍ୱ କରି ଶିକ୍ଷାର୍ଥୀଙ୍କ ବ୍ୟକ୍ତିତ୍ୱ ବିକାଶର ଧାରା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରରେ ମଞ୍ଚ ସଂଯୋଜକ ରୂପେ ସନ୍ତୋଷ ହୋତା ଦାୟିତ୍ୱ ନିର୍ବାହ କିଥିଲେ। ଅନୁଷ୍ଠାନର ଅଧ୍ୟାପକ ଡ଼. ପ୍ରଶାନ୍ତ ହୋତା, ଶେଷସାୟୀ ସେନାପତି, ନିଖିଳାସ ଜେନା, ସହଦେ ମଲ୍ଲିଫୁଲ, ମନୋଜ ଶବର, ଦେବରାଜ ସେନାପତି, ରମାକାନ୍ତ ଜଟିଆ, ସୁଶାନ୍ତ ଅଧିକାରୀ, ଜଗମୋହନ ବେହେରା, ଧବଳ ବାଇନା ଉପସ୍ଥିତ ରହି ନିଜ ନିଜ ଅଭିଭାଷଣ ମାଧ୍ୟମରେ ଶିକ୍ଷାର୍ଥୀଙ୍କୁ ସ୍ୱାଗତ କରିଥିଲେ। ଦ୍ୱିତୀୟ ବର୍ଷର ସମସ୍ତ ଶିକ୍ଷାର୍ଥୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଶିକ୍ଷାର୍ଥୀଙ୍କ ଦ୍ୱାରା ଆକର୍ଷଣୀୟ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ତହସିଲ ଅଫିସ୍ ଆଗରେ ଅମଲାଙ୍କ ଧାରଣା

## ୧୨ ଦିନରେ ଅମଲା ସଂଘର କଲମଛାଡ଼ ଆନ୍ଦୋଳନ

ଗୁଣପୁର,୨୨।୮( ପ୍ରଦୀପ କୁମାର ପାଢ଼ୀ)

ରାଜ୍ୟ ରାଜସ୍ୱ ଅମଲା ସଂଘର ଡାକରାରେ ଆରମ୍ଭ ହୋଇଥିବା ଆନ୍ଦୋଳନ ଶୁକ୍ରବାର ୧୨ ଦିନରେ ପହଞ୍ଚିଛି। ଅମଲା ସଂଘ ରାୟଗଡ଼ା ଶାଖାର ୨୮୦ ଜଣ ରାଜସ୍ୱ ଅମଲା କଲମଛାଡ଼ ଆନ୍ଦୋଳନରେ ଅଂଶ ଗ୍ରହଣ କରିଛନ୍ତି। ଦାବିଗୁଡ଼କ ପୂରଣ ନ ହେବା ପର୍ଯ୍ୟନ୍ତ ସମୂହ ଛୁଟିରେ ରହିବା ନିମନ୍ତେ ନିଷ୍ପତ୍ତି ଗ୍ରହଣକରି ଗତ ୧୧ ତାରିଖରୁ କଲମ ଛାଡ଼ ଆନ୍ଦୋଳନ କରିଥିଲେ । ସରକାର ସେମାନଙ୍କ ଦାବି ପ୍ରତି କର୍ଣ୍ଣପାତ କରୁ ନ ଥିବାରୁ ସଂଘ ପକ୍ଷରୁ ତହସିଲ ଅଫିସ ଆଗରେ ଧାରଣା ଦେଇ ଏକ ଖବରଦାତା ସମ୍ମିଳନୀ କରାଯାଇଛି। ସଂଘର ସାଧାରଣ ସମ୍ପାଦକ ଅଜୟ କୁମାର ନାହକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାୟଗଡ଼ା ଜିଲା ରାଜସ୍ୱ ଅମଲା ସଂଘର କାର୍ଯ୍ୟକାରୀ ସଭାପତି ସୀମାଞ୍ଚଳ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱନାଥ ମଣ୍ଡଳ, ଆକ୍ସନ କାଉନ୍‌ସିଲ ଅଧ୍ୟକ୍ଷ ରାମଚନ୍ଦ୍ର ରଥ, ବରିଷ୍ଠ ସଦସ୍ୟ ଅରୁଣ କୁମାର ପାଢ଼ୀ, ରାୟଗଡ଼ା ଉପସଭାପତି ରବି ପାଟ୍ଟଯୋଶୀ, ଗୁଣପୁର ଉପସଭାପତି ବଳରାମ ଭୂୟା, ଯୁଗ୍ମ ସମ୍ପାଦକ ବବିତା ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସେମାନଙ୍କ ୧୦ ଦଫା ଦାବି ସମ୍ପର୍କରେ ସୂଚନା ଦେଇଥିଲେ।

ଦାବିଗୁଡିକ ହେଲା, ଜିଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାଙ୍କ ମୂଳ ଦରମା ଓ ଆର୍‌ଏସ୍‌ପି ୨୦୧୭ ନିୟମ ଅନୁଯାୟୀ ଲେଭେଲ ୯କୁ ବୃଦ୍ଧି କରିବା, ସମସ୍ତ ଜିଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାରକରି ନୂତନ ପଦବୀ ସୃଷ୍ଟି କରାଯିବା ସହିତ ପଦବୀ ପୁନର୍ଗଠନ କରିବା, କନିଷ୍ଠ ରାଜସ୍ୱ ଅମଲାମାନଙ୍କ ସେବା ଅବଧି ୬ ବର୍ଷ ପରିବର୍ତ୍ତେ ୪ ବର୍ଷ କରାଯାଉ, ବରିଷ୍ଠ ରାଜସ୍ୱ ସହାୟକ ଏବଂ ଏଏସ୍‌ଓ ପଦବୀକୁ ଏକତ୍ରୀକରଣ କରାଯାଇ କେବଳ ଏଏସ୍‌ଓ ରଖାଯାଉ ଏବଂ କନିଷ୍ଠ ରାଜସ୍ୱ ସହାୟକଙ୍କୁ ସେବା ଅବଧି ୪ ବର୍ଷ ନିର୍ଦ୍ଧାରଣ ରଖାଯାଇ ଏଏସ୍‌ଓ ପଦବୀକୁ ପଦୋନ୍ନତି ଦିଆଯିବାକୁ ଦାବି ହୋଇଛି। ସେହିପରି ଜିଲାସ୍ତରରେ କାର୍ଯ୍ୟରତ ରାଜସ୍ୱ କର୍ମଚାରୀମାନଙ୍କୁ ଓଡ଼ିଶା ରାଜସ୍ୱ ସେବା ପଦବୀରେ ଶତ ପତିଶତ ପଦୋନ୍ନତି ଦିଆଯାଉ, ତହସିଲ କାର୍ଯ୍ୟାଳୟମାନଙ୍କରେ ବିଭିନ୍ନ ରାଜସ୍ୱ ସମ୍ବନ୍ଧୀୟ ମାମଲାକୁ ତ୍ୱରାନ୍ୱିତ କରାଯିବା ପାଇଁ ସେଠାରେ କାର୍ଯ୍ୟରତ ରାଜସ୍ୱ ସହାୟକମାନଙ୍କୁ ଏଲ୍‌ଆର୍‌ଏମ୍‌ଏସ୍ ୟୁଜର ଆଇଡି ପ୍ରଦାନ କରାଯାଉ, ରାଜସ୍ୱ ବିଭାଗରେ ସମସ୍ତ କାର୍ଯ୍ୟରେ ସଂସ୍କାର ଅଣାଯିବା ପାଇଁ ଏବଂ ନୂତନ ଭାବେ ନିଯୁକ୍ତି ପାଉଥିବା ରାଜସ୍ୱ ସହାୟକଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରବେଶକାଳୀନ ତାଲିମ ପ୍ରଦାନ, ନୂତନ ପେନ୍‌ସନ ଯୋଜନାକୁ ରଦ୍ଦକରି ସମସ୍ତ ସରକାରୀ କର୍ମଚାରୀମାନଙ୍କୁ ପୁରାତନ ପେନ୍‌ସନ ଯୋଜନା ଅନ୍ତର୍ଭୁକ୍ତ କରାଯାଉ ବୋଲି ଦାବି ଉପସ୍ଥାପନ କରିଥିଲେ। ଏହାକୁ ସମର୍ଥନକରି ଗୁଣପୁର ତୃତୀୟ ଲିଙ୍ଗ ମହାସଂଘ ପକ୍ଷରୁ ପିଙ୍କି ମହାପାତ୍ରଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଧାରଣାରେ ସାମିଲ ହୋଇଥିଲେ ।



ଖବରଦାତା ସମ୍ମିଳନୀରେ ଅମଲା ସଂଘର କର୍ମକର୍ତ୍ତା ସୂଚନା ଦେଉଛନ୍ତି।


# କୋଷାଗୁମୁଡ଼ା–ଏକରି ଅଞ୍ଚଳରେ ମହାବଳ ବାଘ ଆତଙ୍କ

■ ଭାଇରାଲ ଭିଡିଓକୁ ନେଇ ଚାଲିଛି ତନାଘନା

■ ବାଘର ପାଦଚିହ୍ନ ମିଳିନାହିଁ : ଜଙ୍ଗଲ ବିଭାଗ

ନବରଙ୍ଗପୁର/କୋଡ଼ିଙ୍ଗା, ୨୨।୮ (ସଦାଶିବ ପ୍ରହରାଜ/ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ୍ କୋଡ଼ିଙ୍ଗା ବନାଞ୍ଚଳ ଅଧୀନ ଦେଓଡଙ୍ଗରୀ ରିଜର୍ଭ ଫରେଷ୍ଟ ଅଞ୍ଚଳର ଏକରି, ଲାଣ୍ଡୁଗୁଡା, ତାରଗାଁ, ମିରମିଣ୍ଡା, ବାଲେଙ୍ଗାରେ ମହାବଳ ବାଘ ଆତଙ୍କ ଦେଖାଦେଇଛି। ଲୋକେ ବାଘ ରଡ଼ି ଶୁଣିଥିବା କଥା ଚର୍ଚ୍ଚା ହେଉଥିବା ବେଳେ ଶୁକ୍ରବାର ସକାଳୁ ଏକରି ଛକରେ ଏକ ମହାବଳ ବାଘ ରାସ୍ତା ପାର କରୁଥିବା ଫଟୋ ଭାଇରାଲ ହେବାରେ ଲାଗିଛି। ଏହା ପରେ ଅଞ୍ଚଳରେ ବାଘ ଆତଙ୍କ ଖେଳିଯାଇଛି। ଏ ନେଇ କୋଡ଼ିଙ୍ଗା ବନ ବିଭାଗର ଏକ ଦଳ ଘଟଣାସ୍ଥଳକୁ ଯାଇ ଜଙ୍ଗଲରେ ଛାନ୍‌ଭିନ୍ କରିଥିଲା । ଏବେ ବର୍ଷାଦିନ ବାଘ ବୁଲୁଥିଲେ, କୌଣସି ସ୍ଥାନରେ ପାଦଚିହ୍ନ ରହିଥାନ୍ତା। କିନ୍ତୁ କୌଣସି ସ୍ଥାନରେ ବାଘର ପାଦଚିହ୍ନ ମିଳି ନ ଥିବା କୋଡ଼ିଙ୍ଗା ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନନ୍ଦ ପ୍ରକାଶ କରିଛନ୍ତି। ଆମେ ଏହି ଘଟଣା ଉପରେ ନଜର ରଖିଛୁ । ଏପରିକି ବାଘ କୌଣସି ସ୍ଥାନରେ ପଶୁ,ପକ୍ଷୀ ଶିକାର କରିବା ନଜରକୁ ଆସିନାହିଁ। ଜଙ୍ଗଲରେ ହରିଣ, କୁଟୁରା ମଧ୍ୟ ନାହିଁ । ଗ୍ରାମୀଣ ଲୋକେ ଜଙ୍ଗଲକୁ ଦାନ୍ତକାଠି ଓ ଗୋରୁ ଚରାଇବାକୁ ଯାଉଛନ୍ତି । କାହାର କିଛି କ୍ଷତି ହେବା ସୂଚନା ନାହିଁ । ତଥାପି ଲୋକଙ୍କ ମଧ୍ୟରେ ଥିବା ଅଭିଯୋଗକୁ ଅନ୍ୟ ଦୃଷ୍ଟିରେ ନିଆଯାଇ ନ ପାରେ। ଭିଡିଓ ଭାଇରାଲ କରିଥିବା ମୂଳ ଲୋକଙ୍କ ପାଖକୁ ପହଞ୍ଚିଲା ପରେ ପ୍ରକୃତ ଘଟଣା ଜଣାପଡ଼ିବ। ଅନ୍ୟପକ୍ଷରେ ଏଆଇ ବ୍ୟବହାର ହୋଇ ଏହି ଭିଡିଓ ପ୍ରସ୍ତୁତ କରାଯାଇ ଏଡିଟ୍ ହୋଇଥିବା ସନ୍ଦେହ କରାଯାଉଛି। ଏଯାଏଁ କୌଣସି ସ୍ଥାନରେ ବାଘର ପାଦଚିହ୍ନ ମିଳିନାହିଁ । ଛତିଶଗଡ଼ ସୀମା ଅଞ୍ଚଳରେ ମଧ୍ୟ ମହାବଳ ବାଘ ଥିବା ସୂଚନା ନାହିଁ । ପୂର୍ବରୁ ବାଘ ଯାତାୟାତ କରିବା କରିଡର ଥିବା ନେଇ ଆଲୋଚନା ହେଉଛି । ତଥାପି ଏହି ଘଟଣାକୁ ଗୁରୁତର ସହ ନିଆଯାଇ ତଦନ୍ତ ଚାଲିଛି । ସତ୍ୟାସତ୍ୟ ଜାଣିବା ପାଇଁ ଆଉ ୨/୩ ଦିନ ଲାଗିପାରେ ବୋଲି ରେଞ୍ଜର ନନ୍ଦ କହିଛନ୍ତି ।



ଏକରି ଛକରେ ମହାବଳ ବାଘ ରାସ୍ତା ପାର କରୁଥିବା ସମୟର ଭାଇରାଲ ଫଟୋ ।

# ମଦ ଦୋକାନରୁ ଲୁଟ୍ ମାମଲାରେ ୫ ଗିରଫ



ଗିରଫ ୫ ଅଭିଯୁକ୍ତ।

ତେନ୍ତୁଲିଖୁଣ୍ଟି,୨୨।୮ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ଥାନା ଅନ୍ତର୍ଗତ ଏକାମ୍ବାସ୍ଥିତ ଓଏସ୍ ମଦ ଦୋକାନରୁ ଲୁଟ୍ ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ତେନ୍ତୁଲିଖୁଣ୍ଟି ପୋଲିସ ଶୁକ୍ରବାର ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବିଜୁ ହରିଜନ, ମୋଜେସ ହରିଜନ, ବାଦଲ ହରିଜନ, ଘାସି ହରିଜନ, ରାଜୁ ହରିଜନ । ଗିରଫ ଅଭିଯୁକ୍ତଙ୍କଠାରୁ ପୋଲିସ ୩ଟି ବାଇକ୍, ୫ହଜାର ଟଙ୍କା, ମାରଣାସ୍ତ୍ର ଏବଂ ଠେଙ୍ଗା ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଦୁଇ ସହଯୋଗୀ ସୁଧୀର ଓ ବାବୁ ଫେରାର ଥିବା ତେନ୍ତୁଲିଖୁଣ୍ଟି ଥାନା ଆଇଆଇସି ପ୍ରଣବ ଗୁଡୁ ସୂଚନା ଦେଇଛନ୍ତି।

ଅଗଷ୍ଟ ୧୫ ତାରିଖ ବିଳମ୍ବିତ ରାତିରେ ଏହି ୭ଜଣ ଅଭିଯୁକ୍ତ ଏକାମ୍ବାସ୍ଥିତ ଓଏସ୍ ମଦ ଦୋକାନରେ ପଶି ସ୍ଥାନୀୟ ପରିଚାଳକ ସନ୍ତୋଷ କୁମାରଙ୍କୁ ଆକ୍ରମଣ କରି ୨୦ ହଜାର ଟଙ୍କା ଲୁଟି ନେଇଥିଲେ। ଏଥିସହ ସନ୍ତୋଷଙ୍କ ମୋବାଇଲ ମଧ୍ୟ ନେଇଯାଇଥିଲେ। ଏ ସମ୍ପର୍କରେ ପରିଚାଳକ ସନ୍ତୋଷ ଦୋକାନ ମାଲିକ ଲୋକନାଥ ଯାଦବଙ୍କୁ ଜଣାଇବା ପରେ ସେ ତେନ୍ତୁଲିଖୁଣ୍ଟି ଥାନା ଅଧିକାରୀଙ୍କ ଫୋନ୍ କରି ଲୁଟ୍ ସମ୍ପର୍କରେ କହିଥିଲେ। ଆଇଆଇସି ଗୁଡୁ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ନିଜ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରି ଘଟଣାର ତଦନ୍ତ କରିଥିଲେ। ସିଡିଆର୍ ତଥା ଅନ୍ୟାନ୍ୟ ବୈଷୟିକ ଦିଗରେ ତଦନ୍ତ କରିବା ସହ ମୋବାଇଲ ନମ୍ବରର ଲୋକେଶନ ଚିହ୍ନଟ କରି ବଣିଆ ଗ୍ରାମର ବିଜୁ ହରିଜନ ଓ ଗୁପ୍ତ ହରିଜନଙ୍କ ସହ କଥାବାର୍ତ୍ତା ହୋଇଥିବା ଜଣାପଡ଼ିଥିଲା। ତଦନ୍ତ ପାଇଁ ବିଜୁଙ୍କୁ ଥାନାକୁ ଆଣି ପଚରାଉଚୁରା କରିବା ପରେ ସେ ଅନ୍ୟ ସହଯୋଗୀଙ୍କ ନାମ କହିଥିଲେ।

# ପୁଷ୍ଟିହୀନତାମୁକ୍ତ ପଞ୍ଚାୟତ ଗଠନ ନେଇ ତାଲିମ



କାର୍ଯ୍ୟକ୍ରମରେ ବିଡିଓଙ୍କ ସହ ଅଧିକାରୀ ଓ ଅନ୍ୟମାନେ।

ଡାବୁଗାଁ, ୨୨।୮ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ସମ୍ମିଳନୀ କକ୍ଷରେ ଦୀର୍ଘସ୍ଥାୟୀ ବିକାଶ ସ୍ଥାନୀୟକରଣ ପରିପ୍ରେକ୍ଷୀରେ ପୁଷ୍ଟିହୀନତାମୁକ୍ତ ଗ୍ରାମ ପଞ୍ଚାୟତ ଗଠନ ନେଇ ଏକ ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶରତ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା, ସିପି ପ୍ରବୀଣ ପଟ୍ଟନାୟକ, ଆକାଂକ୍ଷା ବ୍ଲକ ସହଭାଗୀ ମୋନାଲ ପରିଡ଼ା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଏଡି ପ୍ରସାଦ, ପିରାମଲ ଫାଉଣ୍ଡେଶନର ଶୁଭଶ୍ରୀ ଦାଶ ପ୍ରମୁଖ ଅଂଶଗ୍ରହଣକାରୀଙ୍କୁ ତାଲିମ ଦେଇଥିଲେ। ମହିଳା ସ୍ୱାସ୍ଥ୍ୟକର୍ମୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏସିଡିଓ, ଗ୍ରାମ ରୋଜଗାର ସେବିକା ସେବକ ଓ ଆଶାକର୍ମୀ ମୋଟ ୫୨ଜଣ ଉପସ୍ଥିତ ରହି ତାଲିମ ନେଇଥିଲେ। ଗ୍ରାମପଞ୍ଚାୟତଗୁଡିକୁ ପୁଷ୍ଟିହୀନତାମୁକ୍ତ କରିବା ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ । ଶିଶୁ, ଗର୍ଭବତୀଙ୍କ କ୍ଷେତ୍ରରେ ପୁଷ୍ଟିହୀନତା ଦେଖାଦେବା କ୍ଷଣି ସ୍ଥାନୀୟ ଡାକ୍ତରଖାନାକୁ ଆଣି ତୁରନ୍ତ ଚିକିତ୍ସା କରାଇବାକୁ ଆଶା ଓ ମହିଳା ସ୍ୱାସ୍ଥ୍ୟକର୍ମୀମାନଙ୍କୁ ପରାମର୍ଶ ଦିଆଯାଇଥିଲା । ଯେପରି ସ୍ୱାସ୍ଥ୍ୟସେବାରୁ କେହି ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ସମସ୍ତେ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରାଇପାରିଲେ ପୁଷ୍ଟିହୀନତା ଗ୍ରାମ ପଞ୍ଚାୟତ ନିଶ୍ଚୟ କରିପାରିବା, ଏଥିରେ ସଂଶୟ ରହିବ ନାହିଁ ବୋଲି ବିଡିଓ କହିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ପେସା ସଂଯୋଜକ ଶୁଭଶ୍ରୀ ମହାକୁଡ ପରିଚାଳନା କରିଥିଲେ ।

# ୫ ପିଲାଙ୍କୁ ବିଦ୍ୟାଳୟ ମୁହାଁ କରାଇଲେ ବିଡିଓ

**ଆସ ସ୍କୁଲ ଯିବା ଅଭିଯାନ ସତ୍ତ୍ୱେ ବାହାରେ ବୁଲୁଛନ୍ତି ପିଲା**

ତେନ୍ତୁଲିଖୁଣ୍ଟି,୨୨।୮ (ଚିଦାନନ୍ଦ ସାହୁ)



ବିଡିଓ ପିଲାଙ୍କୁ ସ୍କୁଲ ଯିବାକୁ ରାଜି କରାଉଛନ୍ତି।

ଡ୍ରପ୍ ଆଉଟ୍ ସଂଖ୍ୟା ଶୂନ୍ୟ କରିବା ଲକ୍ଷ୍ୟରେ ଏବେ ରାଜ୍ୟ ସରକାର ‘ଆସ ସ୍କୁଲ ଯିବା ଅଭିଯାନ’ ଚଳାଇଛନ୍ତି । ତେନ୍ତୁଲିଖୁଣ୍ଟି ବ୍ଲକ୍ କୁକୁଡ଼ାବାଇ ଗ୍ରାମରେ ପିଲାମାନେ ବିଦ୍ୟାଳୟକୁ ନ ଯାଇ ବାହାରେ ଖେଳୁଥିବା, ବୁଲୁଥିବା ଦେଖିବାକୁ ମିଳିଛି। ତେନ୍ତୁଲିଖୁଣ୍ଟି ବିଡିଓ ମନୋଜ ପାଣିଗ୍ରାହୀ ଶୁକ୍ରବାର ପୂର୍ବାହ୍ନ ୧୧ଟା ବେଳେ କୁକୁଡ଼ାବାଇ ଗ୍ରାମପଞ୍ଚାୟତରେ ଗ୍ରାମ୍ୟ ଗୃହ ନିର୍ମାଣ ଯାଞ୍ଚ କରୁଥିବାବେଳେ କେତେଜଣ ପିଲା ବିଦ୍ୟାଳୟକୁ ନ ଯାଇ ସେମାନଙ୍କ ଘରେ ବସିଥିବା ତଥା ଅନ୍ୟ କେତେଜଣ ପିଲା ବାହାରେ ଖେଳୁଥିବା ଦେଖିଥିଲେ। ବିଡିଓ ପିଲାଙ୍କ ସହ କଥା ହୋଇଥିଲେ,ସେମାନଙ୍କ ପିତାମାତା କ୍ଷେତକୁ ଯାଇଥିବା ଜଣାପଡ଼ିଥିଲା। ଏହାପରେ ବିଡିଓ ଉପସ୍ଥିତ ଥିବା ପାଖ ପଡୋଶୀ ତଥା ସେମାନଙ୍କ ଜେଜେ, ଅଜା ଆଦିଙ୍କ ସହ ଆଲୋଚନା କରିଥିଲେ। କେତେଜଣ ପିଲା ସେମାନଙ୍କ ମା’ବାପାଙ୍କ ସହ ଧାନ କ୍ଷେତ ନିକଟରେ ଖେଳୁଥିବା ଦେଖି ସେମାନଙ୍କ ପିତାମାତାଙ୍କ ସହ ଆଲୋଚନାକରି ନିକଟସ୍ଥ ବିଦ୍ୟାଳୟ ଶିକ୍ଷକଙ୍କ ସହ ଯୋଗାଯୋଗକରି ପ୍ରାୟ ୫ଜଣ ପିଲାଙ୍କୁ ବିଦ୍ୟାଳୟ ଯିବାକୁ ରାଜି କରାଇଥିଲେ। ମଧ୍ୟାହ୍ନଭୋଜନ ପୂର୍ବରୁ ବିଡିଓ ପାଣିଗ୍ରାହୀ ୫ ଜଣ ପିଲାଙ୍କୁ ନିଜେ ନେଇ ବିଦ୍ୟାଳୟରେ ଛାଡିଥିଲେ। ପିଲା ମଧ୍ୟାହ୍ନଭୋଜନ ଖାଇଥିଲେ। ବିଡିଓ ଉକ୍ତ ବିଦ୍ୟାଳୟର ଶିକ୍ଷକଙ୍କୁ ତାଗିଦ କରିବା ସହ ଡ୍ରପ୍‌ଆଉଟ ଶୂନ୍ୟ କରିବା ଓ ଆସ ସ୍କୁଲ ଯିବା ଅଭିଯାନକୁ ଫଳପ୍ରଦ କରିବାକୁ ନିୟମିତ ଘରକୁ ଘର ଯାଇ ପିଲା କିଭଳି ବିଦ୍ୟାଳୟ ଆସିବେ ସେଭଳି କିଛି କରିବାକୁ ଚେଷ୍ଟା କର ବୋଲି ନିର୍ଦ୍ଦେଶ ଦେଇଥିଲେ । ଏହି ସମୟରେ ବିଡିଓଙ୍କ ସହ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରବୀଣ ପ୍ରଧାନ ଉପସ୍ଥିତ ଥିଲେ।

# ହିନ୍ଦୁଧର୍ମକୁ ଅପମାନ: ଯୁବକଙ୍କ ବିରୋଧରେ ଏତଲା

ନରଙ୍ଗପୁର,୨୨।୮ (ସଦାଶିବ ପ୍ରହରାଜ)



ବଜରଙ୍ଗ ଦଳ କର୍ମକର୍ତ୍ତା ନବରଙ୍ଗପୁର ଥାନାରେ ଏତଲା ଦେଉଛନ୍ତି।

ଜଣେ ଯୁବକ ହିନ୍ଦୁ ଦେବଦେବୀଙ୍କୁ ଅପମାନିତ କଲା ଭଳି ଫେସ୍‌ବୁକ୍‌ରେ ବିଭିନ୍ନ ଫଟୋ ଅପ୍‌ଲୋଡ୍ କରିଥିବା ଅଭିଯୋଗ କରି ବଜରଙ୍ଗ ଦଳ ପକ୍ଷରୁ ନବରଙ୍ଗପୁର ଥାନାରେ ଏତଲା ଦିଆଯାଇଛି। ବଜରଙ୍ଗ ଦଳର ସରୋଜ ବେହେରା, ସୁରୋଜ ହରିଜନ, ନିହାର ହରିଜନ, ପି. କିରଣ କୁମାରଙ୍କ ସମେତ ବହୁ ବଜରଙ୍ଗ ଦଳ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି ଯେ ନବରଙ୍ଗପୁର ବ୍ଲକ ପୂଜାରୀଗୁଡା ପଞ୍ଚାୟତର ଡକୁସୁମି ଗାଁର ଗୋନ୍ଧୁ ରନ୍ଧାରୀ ହିନ୍ଦୁଧର୍ମ ବିରୋଧରେ ଆପତ୍ତିଜନକ ଟିପ୍ପଣୀ ଦେଇ ଫେସ୍‌ବୁକ୍‌ରେ ଭିଡିଓ ଅପ୍‌ଲୋଡ୍ କରୁଛନ୍ତି। ତେଣୁ ଉକ୍ତ ଯୁବକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବଜରଙ୍ଗ ଦଳ ଦାବି କରିଛି। ଥାନା ଅଧିକାରୀ ସସ୍ମିତ କୁମାର ବେହେରା ପୋଲିସ ପକ୍ଷରୁ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ପୌର ପରିଷଦର ସଫେଇ, ସଡ଼କ ସୁରକ୍ଷା ଅଭିଯାନ



ପୌର ଅଧିକାରୀ ଓ କର୍ମଚାରୀ ସଚେତନତା ଶୋଭାଯାତ୍ରା କରୁଛନ୍ତି।

କୋରାପୁଟ,୨୨।୮ (ଅମିତାଭ ବେହେରା)

କୋରାପୁଟ ପୌର ପରିଷଦ ପକ୍ଷରୁ ସହରରେ ସଫେଇ ଓ ସଡ଼କ ସୁରକ୍ଷା ଅଭିଯାନ ଶୁକ୍ରବାର ଆରମ୍ଭ କରାଯାଇଛି। ନିଖିଳ ସ୍ୱାୟତ୍ତ ଶାସନ ଦିବସ ପୂର୍ବରୁ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ମ୍ୟୁନିସିପାଲିଟିର ସମସ୍ତ କାଉନସିଲର ସାମିଲହୋଇ ଲୋକଙ୍କୁ ସଚେତନ କରିଛନ୍ତି। ସହରର ଟ୍ରାଫିକ୍ ଛକରେ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ, ସମସ୍ତ କାଉନସିଲର, ଅଧିକାରୀ ଓ କର୍ମଚାରୀ ରାସ୍ତା, ନାଳ ସଫା କରିଥିଲେ। ଏ ନେଇ ଜନସାଧାରଣଙ୍କୁ ବର୍ଜ୍ୟବସ୍ତୁକୁ ଏଣେ ତେଣେ ନ ପକାଇ ଡଷ୍ଟବିନ୍‌ରେ ପକାଇବା, ରାସ୍ତାରେ ଛେପ ନ ପକାଇବା ନେଇ ସଚେତନ କରିଥିଲେ। ସେହିପରି ଅପରାହ୍ନରେ ମୁଖ୍ୟ ଟ୍ରାଫିକ୍ ଛକଠାରେ ସଡ଼କ ସୁରକ୍ଷା ନେଇ ବିଭିନ୍ନ ପ୍ଲାକାର୍ଡ ଧରି ସଚେତନତା ଶୋଭାଯାତ୍ରା କରାଯାଇଥିଲା। ରାସ୍ତାରେ ଯାତାୟାତ କରୁଥିବା ବାଇକ୍ ଚାଳକଙ୍କୁ ହେଲ୍‌ମେଟ୍ ପିନ୍ଧି ଗାଡ଼ି ଚଳାଇବା ଓ କାର ଚାଳକମାନଙ୍କୁ ସିଟ୍ ବେଲ୍ଟ ଲଗାଇ ଗାଡ଼ି ଚଳାଇବାକୁ ପରାମର୍ଶ ଦେଇଥିଲେ। ହେଲ୍‌ମେଟ୍ ପିନ୍ଧିଥିବା ବାଇକ୍ ଚାଳକଙ୍କୁ ଚକ୍‌ଲେଟ ପ୍ରଦାନ କରାଯାଇଥିଲା। ହେଲ୍‌ମେଟ୍ ପିନ୍ଧି ନ ଥିବା ଚାଳକଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଟ୍ରାଫିକ ଇନ୍ସପେକ୍ଟର ଜଗନ୍ନାଥ ଦାରୁବ୍ରହ୍ମ, ମ୍ୟୁନିସିପାଲିଟିର ଉମେଶ ବେହେରା, ସୀମାଞ୍ଚଳ ପଢିହାରୀ, କାଉନସିଲର ପ୍ରଫୁଲ୍ଲ ମହାପାତ୍ର, ସନ୍ଧ୍ୟାରାଣୀ ଜେନା, କାଦମ୍ବିନୀ ସେଠୀ ଓ ଚନ୍ଦ୍ରପ୍ରଭା ହିଆଲ ପ୍ରମୁଖ ସାମିଲ ହୋଇଥିଲେ।

# ଶ୍ମଶାନ ଜାଗା ଚିହ୍ନଟ ନେଇ ତହସିଲଦାରଙ୍କୁ ଦାବିପତ୍ର

କୋଟପାଡ଼,୨୨।୮ (କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ତେଲୁଗୁ ସମାଜ ପକ୍ଷରୁ ଶ୍ମଶାନ ଜାଗା ଚିହ୍ନଟ ନେଇ ସ୍ଥାନୀୟ ତହସିଲଦାର ଟ୍ୱିଙ୍କେଲ ସେଠୀଙ୍କୁ ଏକ ଦାବିପତ୍ର ଶୁକ୍ରବାର ପ୍ରଦାନ କରାଯାଇଛି। ମୃତଦେହ ସତ୍କାର ପାଇଁ ଜାଗା କମ୍ ହେଉଥିବାରୁ ଜାଗା ଚିହ୍ନଟ କରିବାକୁ ସ୍ଥାନୀୟ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହା ସତ୍ତ୍ୱେ ଦାବି ପୂରଣ ନ ହେବାରୁ ପୁଣି ଶୁକ୍ରବାର ତେଲୁଗୁ ସମାଜ ପକ୍ଷରୁ ତହସିଲଦାର ସେଠୀଙ୍କୁ ଲିଖିତ ଅଭିଯୋଗ କରାଯାଇଛି। କେନ୍ଦୁଗୁଡ଼ା ଛକ ଗିର୍ଲା ରାସ୍ତା ପାର୍ଶ୍ୱ ଜାତୀୟ ରାଜପଥକୁ ଲାଗି କୋଟପାଡ଼ ଅଞ୍ଚଳର ୧୨ ସମାଜର ମୃତଦେହ ସତ୍କାର ପାଇଁ ଓ ସରକାରୀ ଶବ ବ୍ୟବଚ୍ଛେଦ ଗୃହ, ଉକ୍ତ ଜମି ତହସିଲ ରେକର୍ଡରେ ରହିଛି। କିନ୍ତୁ ଉକ୍ତ ଅଞ୍ଚଳକୁ ବେଆଇନ ଭାବେ ଲୋକେ ଅକ୍ତିଆର କରି ବ୍ୟବସାୟ କରୁଛନ୍ତି। ଏହା ପୂର୍ବରୁ ଏନ୍‌ଏସି ପକ୍ଷରୁ ଗିର୍ଲା ପାର୍ଶ୍ୱ ଅଞ୍ଚଳର କେତେକ ଜବରଦଖଲକାରୀଙ୍କ ଦୋକାନ ଜେସିବି ଦ୍ୱାରା ଭଙ୍ଗାଯାଇଥିଲା। ଏହା ସତ୍ତ୍ୱେ ଏହି ଅଞ୍ଚଳରେ ଆଖପାଖ କୋଠା ଗୃହଗୁଡ଼ିକ ନିର୍ମାଣ ହେଥିବାର ଜଣାପଡ଼ିଛି। ସରକାରୀ ନିୟମ ଅନୁଯାୟୀ ଶ୍ମଶାନ ଜାଗାକୁ ପଟ୍ଟା ଦେବା ନିୟମ ନ ଥିବା ବେଳେ ଲୋକଙ୍କୁ ଗୃହ ଯୋଗାଇବା ନେଇ ପ୍ରଶ୍ନ ଉଠିଛି। ତହସିଲଦାରଙ୍କୁ ଦାବିପତ୍ର ଦେବା ପରେ ଅମିନ ଓ ଆରଆଇ ଅଞ୍ଚଳ ଜମି ଚିହ୍ନଟ କରି କାର୍ଯ୍ୟ ଆରମ୍ଭ କରିଥିଲେ। ଶ୍ମଶାନ ପାଇଁ ୨ ଏକର ୫୫ ସେଣ୍ଟ ଜମିକୁ ଚିହ୍ନଟ କରିବା ସହ ତୁରନ୍ତ ପାଚେରୀ ନିର୍ମାଣ କରିବାକୁ ପରିଷଦ ଅଣ୍ଟା ଭିଡିଛି। ୨ ସପ୍ତାହ ପରେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ କମଳେସ ମହନ୍ତ କହିଛନ୍ତି।

# ଟ୍ରାନ୍ସଫର୍ମର ପୋଡ଼ି: ଅନ୍ଧାରରେ ଦାତୁନପୁଟ ଗ୍ରାମବାସୀ

ନନ୍ଦପୁର,୨୨।୮ (ତୁଷାର କାନ୍ତ ମହାନ୍ତି)



ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

ଜୁଲାଇ ୨୨ରୁ ନନ୍ଦପୁର ବ୍ଲକ୍ ବାଡେଲ ପଞ୍ଚାୟତର ଦାତୁନପୁଟ ଗ୍ରାମର ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ିଯିବାରୁ ଗ୍ରାମବାସୀ ଅନ୍ଧାରରେ ରହିଛନ୍ତି। ଗ୍ରାମବାସୀ ନନ୍ଦପୁର ଟିପିଏସ୍‌ଓଡିଏଲ୍ କର୍ତ୍ତୃପକ୍ଷଙ୍କୁ ଏ ନେଇ ଜଣାଇଥିଲେ। ଏହା ପରେ କର୍ତ୍ତୃପକ୍ଷ ଗ୍ରାମକୁ ଯାଇ ଯାଞ୍ଚକରି ଫେରିଥିଲେ ସୁଦ୍ଧା ମରାମତି କିମ୍ବା ଟ୍ରାନ୍ସଫର୍ମର ବଦଳ ହୋଇ ନ ଥିବା ଗ୍ରାମବାସୀ କହିଛନ୍ତି। ମଙ୍ଗଳବାର ଗ୍ରାମର ଗୁରୁ ଦାତୁନ, ହରି ମୁଦୁଲି, ଘେନୁ ଗେମେଲ, ଭଗୁ ଦାତୁନ, ସୀତାରାମ ଦାତୁନ ପ୍ରମୁଖ ବିଦ୍ୟୁତ୍ ଉପଭୋକ୍ତା ନନ୍ଦପୁର ଟିପିଏସ୍‌ଓଡିଏଲ୍ କାର୍ଯ୍ୟାଳୟକୁ ଆସି ୨୯ ଦିନ ହେବ ଅନ୍ଧାରରେ ଥିବା ଜଣାଇଥିଲେ। ଗାଁରେ ନୂତନ ଟ୍ରାନ୍ସଫର୍ମର କେବେ ସ୍ଥାନିତ ହେବ ବୋଲି ପ୍ରଶ୍ନ କରିଥିଲେ। ଯନ୍ତ୍ରୀ କ୍ଷେତ୍ର ପରିଦର୍ଶନ କରିବାକୁ ଯାଇଥିବାରୁ ଉତ୍ତର ନ ପାଇ ନିରାଶ ହୋଇ ଫେରିଯାଇଥିଲେ। ଏ ସମ୍ପର୍କରେ ଟିପିଏସ୍‌ଓଡିଏଲ୍ ଯନ୍ତ୍ରୀ ପ୍ରଭୁ ମଲ୍ଲିକଙ୍କୁ ପଚାରିବାରୁ ଗ୍ରାମବାସୀ ଦେଇଥିବା ପୂର୍ବ ଲିଖିତ ଅଭିଯୋଗ ପ୍ରକାରେ ନୂତନ ଟ୍ରାନ୍ସଫର୍ମର ଯୋଗାଇଦେବାକୁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ୨ ଦିନ ମଧ୍ୟରେ ନୂତନ ଟ୍ରାନ୍ସଫର୍ମର ଆଣି ଗ୍ରାମରେ ସ୍ଥାପିତ କରାଯିବ। ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହେବ ବୋଲି ସୂଚନା ଦେଇଛନ୍ତି।

# ଦେଶୀ ମଦ ଚାଲାଣ, ୩ ଗିରଫ

ଜୟପୁର,୨୨।୮ (ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ ୩ ସ୍ଥାନରେ ଚଢ଼ାଉକରି ଖଇରମୁଣ୍ଡି ଗ୍ରାମର ଧନପତି ଗଣ୍ଡ(୩୭), ପାତ୍ରପୁଟ ଗ୍ରାମର ଲଛମନ ପରଜା(୩୧) ଓ ଭଙ୍ଗାଛିଞ୍ଚିର ରଞ୍ଜନ କୁମାର ସାହୁ(୪୫)ଙ୍କୁ ଗିରଫ କରାଯାଇଛି। ଅବକାରୀ ନିରୀକ୍ଷକ ପକ୍ଷରୁ ପାଟ୍ରୋଲିଂ କରୁଥିବା ବେଳେ ଖଇରମୁଣ୍ଡି, ପାତ୍ରପୁଟ ଓ ଭଙ୍ଗାଛିଞ୍ଚିରେ ଚଢ଼ାଉକରି ୨୬ ଲିଟର ଦେଶୀ ମଦ ଜବତ କରିଥିଲେ। ୩ ଅଭିଯୁକ୍ତଙ୍କୁ ଶୁକ୍ରବାର ସନ୍ଧ୍ୟା ୫ଟାରେ କୋର୍ଟ ଚାଲାଣ କରାଯାଇଥିବା ଜୟପୁର ଅବକାରୀ ନିରୀକ୍ଷକ ଶଶୀକାନ୍ତ ଦତ୍ତ ସୂଚନା ଦେଇଛନ୍ତି।

# ନାଗରିକ ମଞ୍ଚର ୧୨ ଘଣ୍ଟିଆ ବନ୍ଦ ସଫଳ

**ବୋରିଗୁମ୍ମାକୁ ଏନଏସି ଘୋଷଣା ଦାବି**

ବୋରିଗୁମ୍ମା,୨୨।୮ (ବିଜୟ ସାହୁ)



ଆନ୍ଦୋଳନରେ ବସିଥିବା ନାଗରିକ ମଞ୍ଚର ସଦସ୍ୟମାନେ।

ବୋରିଗୁମ୍ମା ସହରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନଏସି) ଘୋଷଣା ଦାବି କରି ସ୍ଥାନୀୟ ନାଗରିକ ମଞ୍ଚର ୧୨ ଘଣ୍ଟିଆ ବନ୍ଦ ଡାକରା ଦେଇଥିଲା। ଶୁକ୍ରବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦୋକାନ ବଜାର ବନ୍ଦ ସହ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ରାଜ୍ୟର ଏକ ବୃହତ ବ୍ଲକ୍ ବୋରିଗୁମ୍ମାକୁ ବିଭିନ୍ନ ଦୃଷ୍ଟି କୋଣରୁ ଏନଏସି ପାଇଁ ସମସ୍ତ ମାପ ଦଣ୍ଡ ଥାଇ ସୁଦ୍ଧା ଏ ଯାଏ ଏନଏସି ଘୋଷଣା ହୋଇପାରିନାହିଁ। ରାଜ୍ୟ ସରକାର କିଛି ଦିନ ତଳେ ୭ ଜିଲାର ୧୨ ଅଞ୍ଚଳକୁ ଏନ୍‌ଏସି ଘୋଷଣା କରିଥିଲେ। କିନ୍ତୁ ଏଥିରେ ବୋରିଗୁମ୍ମା ସହରର ନାଁ ନ ଥିଲା। ରାଜନୈତିକ ହେଉ ଅବା ପ୍ରଶାସନିକ ସ୍ତରରେ ବୋରିଗୁମ୍ମା ସହରକୁ ଏନଏସି ଘୋଷଣା ସମ୍ପୂର୍ଣ୍ଣ ଭାବେ ଅବହେଳା କରାଯାଇଛି ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ବୋରିଗୁମ୍ମା ବନ୍ଦ ସମ୍ପୂର୍ଣ୍ଣ ଭାବେ ସଫଳ ହୋଇଥିଲା। ବଣିକ ସଂଘ, ବାର ଆସୋସିଏଶନ,ବୋରିଗୁମ୍ମା ପ୍ରେସ୍ କ୍ଲବ,ଟ୍ରକ ମାଲିକ ସଂଘ, ବିଭିନ୍ନ ମନ୍ଦିର ପରିଚାଳନା କମିଟି,ନୀଳମାଧବ ଡ୍ରାଇଭର ସଂଘ, ଓଡ଼ିଶା ଡ୍ରାଇଭର ମହାସଂଘ ଓ ମିସ୍ତ୍ରୀ ସଂଘ ଆଦି ବିଭିନ୍ନ ସଂଗଠନ ବନ୍ଦ ଡାକରାକୁ ସମର୍ଥନ କରିଥିଲେ। ବୋରିଗୁମ୍ମା ବନ୍ଦ ଡାକରା ପୂର୍ବରୁ ବିଭିନ୍ନ ରାଜନୈତିକ ଦଳ ଏହି ପ୍ରସଙ୍ଗରେ ବିଭିନ୍ନ ମନ୍ତବ୍ୟ ରଖିଥିଲେ। କିନ୍ତୁ ଏଥିରେ କୌଣସି ତାଳମେଳ ରହୁ ନ ଥିବା କୁହାଯାଇଛି। ଆନ୍ଦୋଳନ ପରେ ନାଗରିକ ମଞ୍ଚ ପକ୍ଷରୁ ସ୍ଥାନୀୟ ଅତିରିକ୍ତ ତହସିଲଦାର ବୋଇନା ସତୀଶ କୁମାର ଓ ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ୫ କିଲୋ ଗଞ୍ଜେଇ ଜବତ, ଯୁବକ ଗିରଫ

ନନ୍ଦପୁର/ପାଡୁଆ,୨୨।୮ (ତୁଷାରକାନ୍ତ ମହାନ୍ତି/ଶଙ୍କର ପୂଜାରୀ)

ପର୍ଯ୍ୟଟକ ଭାବେ ନନ୍ଦପୁର ଆସି ଗଞ୍ଜେଇ ନେଇ ଫେରୁଥିବା ବେଳେ ସ୍ଥାନୀୟ ଅବକାରୀ ବିଭାଗ ଜଣଙ୍କୁ ପାଡୁଆ ଷ୍ଟେଶନ ନିକଟରୁ ଜଣଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ହରିୟାଣାର ସୋନିପତ ସହର ପଟେଲ ନଗର ବାସିନ୍ଦା କନିଷ୍କ ଦାହୀୟା(୨୧)। ତାଙ୍କଠାରୁ ୫ କିଲୋ ଗଞ୍ଜେଇ ଜବତ କରାଯାଇଛି। ଏ ନେଇ ନଂ.୧୦୪/୨୫ରେ ମାମଲା ରୁଜୁ ହୋଇଛି। ଅବକାରୀ ଥାନା ଓଆଇସି ଅଭୟ କୁମାର ନାୟକ ଘଟଣାର ତଦନ୍ତ କରୁଛନ୍ତି। କନିଷ୍କ ପୂର୍ବରୁ ଗଞ୍ଜେଇ ଚାଲାଣ କରିଥିବା ଜେରାରେ ସ୍ୱୀକାର କରିଛନ୍ତି।

# ଜୟନଗର ରାସ୍ତା ନିର୍ମାଣକୁ ବିଳମ୍ବ ନେଇ ଧାରଣା

**ବିଜେଡିର ଖବରଦାତା ସମ୍ମିଳନୀ**

ଜୟପୁର,୨୨।୮ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ସହରର ଜୟନଗର ରାସ୍ତାର ଦୂରବସ୍ଥାରେ ଥିବା ବେଳେ ଏହାର ନିର୍ମାଣ କାର୍ଯ୍ୟରେ ବିଳମ୍ବ ହେବା ନେଇ ଶନିବାର ଆନ୍ଦୋଳନ ଓହ୍ଲାଇବ ବିଜେଡି। ଜୟପୁର ଜୟନଗରସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଖବରଦାତା ସମ୍ମିଳନୀ କରି ବିଜେଡି ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଥିଲା। ଜୟନଗର ଅଞ୍ଚଳକୁ ସଂଯୋଗ କରୁଥିବା ସମସ୍ତ ରାସ୍ତା ନିର୍ମାଣରେ ବିଳମ୍ବ ଏବଂ ଦୂରାବସ୍ଥାରେ ଥିବାରୁ ଅଞ୍ଚଳବାସୀ ବନ୍ଦୀ ଭାବେ ରହୁଥିବା କୁହାଯାଇଛି।

ଶନିବାର ବିଜେଡି ରାଜ୍ୟ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦଙ୍କ ନେତୃତ୍ୱରେ କର୍ମୀ ଓ ସ୍ଥାନୀୟ ବାସିନ୍ଦା ମିଳିତ ଭାବେ ଜୟନଗର ଛକଠାରେ ରାସ୍ତା ଅବରୋଧ ଏବଂ ଧାରଣା ଦେଇ ଆନ୍ଦୋଳନ କରାଯିବ ବୋଲି ସୂଚନା ଦିଆଯାଇଛି। ଜୟନଗରକୁ ସଂଯୋଗ କରୁଥିବା ଲକ୍ଷ୍ମୀପଣ୍ଡା ଛକଠାରୁ ପଞ୍ଚାନନ ମନ୍ଦିର ଛକ ଯାଏ ପ୍ରାୟ ୨ କି.ମି. ୪ ଥାକିଆ ରାସ୍ତା ନେଇ ୧୪ କୋଟି ଟଙ୍କାରେ ବର୍ଷେ ପୂର୍ବରୁ ଟେଣ୍ଡର ମାଧ୍ୟମରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ୧୧ ମାସର ଟେଣ୍ଡର ଅବଧି ଶେଷ ହୋଇଥିଲେ ସୁଦ୍ଧା କାର୍ଯ୍ୟ ମାତ୍ର ୨୦ ପ୍ରତିଶତ ଶେଷ ହୋଇଛି। ଏଭଳି ମନ୍ଥର ଗତିରେ କାର୍ଯ୍ୟ ଚାଲିଲେ ଶେଷ ହେବାକୁ ୨ ବର୍ଷ ଲାଗିବ ବୋଲି ଅଭିଯୋଗ କରିଛନ୍ତି। ରାସ୍ତା ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ଦାବି କରାଯାଇଛି। ପଞ୍ଚାନନ ମନ୍ଦିର ଛକରୁ ଲକ୍ଷ୍ମୀପଣ୍ଡା ଏବଂ ଜୟନଗର ଛକଠାରୁ ଭୂତନାଥ ମନ୍ଦିର ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ କରୁଥିବା ୨ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଦାୟିତ୍ୱରେ ଥିବା ଯନ୍ତ୍ରୀମାନଙ୍କ ବିରୋଧରେ ମଧ୍ୟ ପଦକ୍ଷେପ ଗ୍ରହଣ କରିବାକୁ ପୂର୍ବତନ ମନ୍ତ୍ରୀ ନନ୍ଦ ଦାବି କରିଛନ୍ତି। ଏହି ଅବସରରେ ଜୟପୁର ପୌର ଉପାଧ୍ୟକ୍ଷା ବି.ସୁନିତା ଉପସ୍ଥିତ ଥିଲେ। ଜୟପୁର କାଉନସିଲ ବୈଠକରେ ମଧ୍ୟ ଏହି ରାସ୍ତା ବିଳମ୍ବ ନେଇ ଉଦ୍‌ବେଗ ପ୍ରକାଶ କରି ଏକ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଜିଲାପାଳ ଓ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଜୟପୁରରେ ବର୍ଷା ଲାଗି ଥିବାରୁ କାର୍ଯ୍ୟରେ ବିଳମ୍ବ ହେଉଥିବା ପ୍ରଶାସନିକ ଅଧିକାରୀମାନେ କହିଥିଲେ। ସମ୍ମିଳନୀରେ ସ୍ଥାନୀୟ କାଉନସିଲର ଅଜିତ୍ ବେହେରା, ବରିଷ୍ଠ ବିଜେଡି ନେତା ବାଲା ରାୟ, ହର ପ୍ରସାଦ ମିଶ୍ର ଓ ମହେନ୍ଦ୍ର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବଢ଼ୁଛି ପ୍ଲାଷ୍ଟର ପ୍ୟାରିସ୍ ଗଣେଶ ମୂର୍ତ୍ତି ବ୍ୟବସାୟ

**ବିକ୍ରି ଦ୍ୱିଗୁଣିତ ହେବା ନେଇ ବ୍ୟବସାୟୀ ଆଶାୟୀ**

କୋରାପୁଟ,୨୨।୮ (ଅମିତାଭ ବେହେରା)



କୋରାପୁଟ ସହରର ଏକ ଦୋକାନରେ ବିକ୍ରି ପାଇଁ ଥିବା ଗଣେଷ ମୂର୍ତ୍ତି।

ଗଣେଶ ପୂଜା ପାଇଁ କୋରାପୁଟ ସହର ଏକପ୍ରକାର ଚଳଚଞ୍ଚଳ ହୋଇଛି। ଚଳିତ ବର୍ଷ ସହରରେ ପ୍ଲାଷ୍ଟର ପାରିସ ମୂର୍ତ୍ତିର ବହୁଳ ବ୍ୟବସାୟ ହେଉଥିବା ଦେଖାଦେଇଛି। କୋରାପୁଟ ସହର ଅଫିସର୍ସ କ୍ଲବ ସମ୍ମୁଖ, ବାଟମଙ୍ଗଳା ମଣ୍ଡପ, ରାମ ମନ୍ଦିର ସମ୍ମୁଖ ଓ ସିଟି କ୍ୟାଫ ଛକ ଆଦି ୫ରୁ ଊର୍ଦ୍ଧ୍ୱ ସ୍ଥାନରେ ଅସ୍ଥାୟୀ ଭାବେ ଷ୍ଟଲ ଖୋଲାଯାଇଛି। ଏଥିରେ ପ୍ରାୟ ୫୦ ଲକ୍ଷ ଟଙ୍କାର ପ୍ଲାଷ୍ଟର ପ୍ୟାରିସ ମୂର୍ତ୍ତିମାନ ବିକ୍ରି କରାଯାଉଛି। ଚଳିତବର୍ଷ ଆନ୍ଧ୍ରର ବିଜୟନଗରମ, ବିଶାଖାପାଟଣା ଓ ଛତିଶଗଡ଼ର ରାୟପୁର ଆଦି ବିଭିନ୍ନ ସ୍ଥାନରୁ ବହୁ ପାଷ୍ଟର ପ୍ୟାରିସ ମୂର୍ତ୍ତି କୋରାପୁଟ ବଜାରରେ ବିକ୍ରି ହେଉଛି। ଏହାର ଦାମ ୧୦୦ ଟଙ୍କାରୁ ଆରମ୍ଭ ହୋଇ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ବ୍ରହ୍ମପୁର, କଟକ ଓ କୋରାପୁଟର ବହୁ ମୂର୍ତ୍ତି କାରିଗର ମାଟିର ମୂର୍ତ୍ତି ତିଆରି କରି ବିକ୍ରି କରୁଛନ୍ତି। ପରିବେଶ ଉପଯୋଗୀ ମାଟି ମୂର୍ତ୍ତିର ଚାହିଦା ଅଧିକା ଥିଲେ ମଧ୍ୟ ଆବଶ୍ୟକ ମୁତାବକ ମୂର୍ତ୍ତି ମିଳୁ ନ ଥିବାରୁ ପୂଜା କମିଟିମାନେ ବାଧ୍ୟବାଧକରେ ପ୍ଲାଷ୍ଟର ପ୍ୟାରିସ ମୂର୍ତ୍ତି କିଣୁଛନ୍ତି। ଗଣେଷ ପୂଜା ନିକଟତର ହେଉଥିବା ବେଳେ ମୂର୍ତ୍ତି ବ୍ୟବସାୟରେ ଦ୍ୱିଗୁଣିତ ହେବ ବୋଲି ବ୍ୟବସାୟୀମାନେ ଆଶା ରଖିଛନ୍ତି। କୋରାପୁଟ ସହରର ପୋଲିସ ଲାଇନ, ଟିଙ୍କିରା ସାହି, ପୂଜାରିପୁଟ, ଅମିନଲାଇନ୍,ବସ୍‌ଷ୍ଟାଣ୍ଡ ଓ ପୋଷ୍ଟ ଅଫିସ ନିକଟ ଆଦି ୩୦ରୁ ଊର୍ଦ୍ଧ୍ୱ ସ୍ଥାନରେ ବିଭିନ୍ନ ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ଢ଼ଙ୍ଗରେ ପୂଜା କରିବାକୁ କମିଟିର ସମସ୍ତ ସଦସ୍ୟମାନେ ଲାଗି ପଡ଼ିଛନ୍ତି।

# ବାଲ୍ୟବିବାହ ନିଷେଧ କର୍ମଶାଳା

**ମାଲକାନଗିରି, ୨୨।୮ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସଦର ମହକୁମା ବିଡିଓଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ଅନୁଷ୍ଠାନ ତରଫରୁ ବାଲ୍ୟବିବାହ ନିଷେଧ ସମ୍ବନ୍ଧୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକରେ ଥିବା ସମସ୍ତ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ବିଆରସି, ଅଙ୍ଗନୱାଡ଼ି ସୁପରଭାଇଜର ଯୋଗଦେଇଥିଲେ । ବିଶେଷକରି ଗ୍ରାମାଞ୍ଚଳରେ ୧୮ରୁ କମ୍ ବୟସର ନାବାଳିକାଙ୍କ ପରିବାର ବର୍ଗ ବିବାହ କରୁଥିବାରୁ ନାବାଳିକାମାନଙ୍କ ଉପରେ ଓ ତାଙ୍କଠାରୁ ଜନ୍ମ ହେଉଥିବା ସନ୍ତାନଙ୍କ ଉପରେ ଏହାର କୁପ୍ରଭାବ ପଡିବା ସହ ଉଭୟ ମା' ଓ ସନ୍ତାନ ଅପପୁଷ୍ଟି, ରକ୍ତହୀନତା ଓ ରୁଗ୍ଣ ଇତ୍ୟାଦି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ତେଣୁ କେନ୍ଦ୍ର ଓ ରାଜ୍ୟ ସରକାର ଏହି ବାଲ୍ୟବିବାହ ରୋକିବା ପାଇଁ ଆଇନ ପ୍ରଣୟନ କରିଛନ୍ତି । ଏ ସମ୍ବନ୍ଧରେ ଗ୍ରାମାଞ୍ଚଳରେ ଏହାର ପ୍ରଚାର ପ୍ରସାର ସହ ଲୋକଙ୍କୁ କିପରି ସଚେତନ କରାଯିବ ସେ ନେଇ କର୍ମଶାଳାରେ ଉପସ୍ଥିତ ପଦାଧିକାରୀ ଓ କର୍ମଚାରୀମାନେ ମତ ଦେଇଥିଲେ । କାର୍ଯ୍ୟକ୍ରମରେ ତାଲିମପ୍ରାପ୍ତ ଅଧିକାରୀ ପପିନା ଦେହୁରି, ରାଜଲକ୍ଷ୍ମୀ ଦାସ, ପ୍ରଜ୍ଞା ପାରମିତା ବାରିକ ଓ ସୁବ୍ରତ ମାରାଣ୍ଡିଙ୍କ ସହ ବରିଷ୍ଠ ନାଗରିକ ଦୁର୍ଯ୍ୟୋଧନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।



ଅତିଥିମାନେ ବାଲ୍ୟବିବାହର ବିଭିନ୍ନ ଦିଗ ଉପରେ ଆଲୋଚନା କରୁଛନ୍ତି ।

# କୋରୁକୋଣ୍ଡା-ବାଲିମେଳା ଉତ୍କଳ ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା ଚୟନ

**କୋରୁକୋଣ୍ଡା, ୨୨।୮ (ଶିବଦତ୍ତ ସାହୁ)**

ମାଲକାନଗିରି ଜିଲା ଉତ୍କଳ ସାମ୍ବାଦିକ ସଂଘ ଶାଖା ଅନ୍ତର୍ଗତ କୋରୁକୋଣ୍ଡା ବ୍ଲକ ଏବଂ ବାଲିମେଳା ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ଏଥିରେ ପ୍ରଦୀପ କୁମାର ମହାରଣା ସଭାପତି, ଏ. ଦେବାଶିଷ ପାତ୍ର ସମ୍ପାଦକ ଏବଂ ଅଭିନାଶ ବେହେରା କୋଷାଧ୍ୟକ୍ଷ ମନୋନୀତ ହୋଇଛନ୍ତି। ବାଲିମେଳାରେ ଅବସ୍ଥିତ ରିକ୍ରିଏସନ କ୍ଲବରେ ସାଧାରଣ ପରିଷଦ ବୈଠକର ଆୟୋଜନ କରାଯାଇଥିଲା । ଏଥିରେ ମାଲକାନଗିରି ଜିଲା ସଭାପତି ଅଶୋକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସମ୍ପାଦକ ଶ୍ରୀନିବାସ ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୃସିଂହ ଚରଣ ମହାନ୍ତି, ଉପଦେଷ୍ଟା ରତ୍ନାକର ଦାସ, କାଲିମେଳା ବ୍ଲକ ସଭାପତି ଟି. ସତ୍ୟନାରାୟଣ ସୁବୁଦ୍ଧି, ଚିତ୍ରକୋଣ୍ଡା ବ୍ଲକ ସଭାପତି ଶିବ ଖରା, ମାଥିଲି ବ୍ଲକ ସଭାପତି ଶିବ ପରିଚ୍ଛା, ବିକ୍ରମ ସ୍ୱାଇଁ, ଶିବ ପ୍ରସାଦ ପାତ୍ର, ବିଶ୍ୱଜିତ ନାହାକ, ଆଶିଷ ବେହେରା, ଦୀପଙ୍କର କୀର୍ତ୍ତନିଆ, ସୁରେନ୍ଦ୍ର ହାଲବା, ନରତୋଷ ବାଲା, ବିଦ୍ୟୁତ୍ ବୈରାଗୀ, ସୌରଭ ମଣ୍ଡଳ, ରାହୁଲ ଗୋଲରୀ ପ୍ରମୁଖ ଖବରଦାତା ଉପସ୍ଥିତ ଥିଲେ। ନୂତନ କର୍ମକର୍ତ୍ତା ଚୟନ ପରେ ସଭାପତି ପ୍ରଦୀପ ମହାରଣା କହିଥିଲେ, 'କୋରୁକୋଣ୍ଡା ଏବଂ ବାଲିମେଳା ସାମ୍ବାଦିକ ସଂଘରେ ଏକ ନୂତନ ଗୃହ ନିର୍ମାଣ କରିବା ସହିତ ସଂଘକୁ ସୁଦୃଢ଼ କରିବା ପାଇଁ ଆମେ ସମସ୍ତେ ପ୍ରୟାସ କରିବୁ। କାର୍ଯ୍ୟକ୍ରମକୁ ସଂଘ ଯୁଗ୍ମ ସମ୍ପାଦକ ଶିବଦତ୍ତ ସାହୁ ପରିଚାଳନା କରିଥିଲେ ।



ବୈଠକରେ ଯୋଗଦେଇଥିବା ଖବରଦାତାମାନେ ।

# ଖବରଦାତାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

## ଏନ୍‌ଜିଓ ନାଁରେ ଆଦିବାସୀଙ୍କୁ ଠକେଇ

**ମାଥିଲି, ୨୨।୮ (ସୁବାଷ ଚନ୍ଦ୍ର ଖୁଡୁପିଆ)**

ମାଲକାନଗିରି ଜିଲା ମାଥିଲି ବ୍ଲକ ଦଳପତିଗୁଡା ପଞ୍ଚାୟତରେ ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଶୁକ୍ରବାର ଆୟୋଜିତ ଏକ କାର୍ଯ୍ୟକ୍ରମ ବେଳେ କୌଣସି କାରଣକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା । ସରପଞ୍ଚ ରୁକ୍ମଣି ପୂଜାରୀ, ସ୍ଥାନୀୟ ନେତା ହଳଧର ପୂଜାରୀ ପ୍ରମୁଖ ଆଦିବାସୀଙ୍କୁ ଏନ୍‌ଜିଓ ଓ ଶିଶୁ ସୁରକ୍ଷା ନାମରେ ଠକାଯାଉଥିବା ଅଭିଯୋଗ ଉଠାଇଥିଲେ । ଏହି ସମୟରେ ଧରିତ୍ରୀ ଖବରଦାତା ପଞ୍ଚାୟତରେ ପହଞ୍ଚିବା ପରେ ଜଣେ ଶିଶୁ ସୁରକ୍ଷା ଅଧିକାରୀ ତାଙ୍କୁ ଦୁର୍ବ୍ୟବହାର ଓ ଧମକ ଦେଇଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଘଟଣାସ୍ଥଳରେ ସରପଞ୍ଚ ଓ ଶିଶୁସୁରକ୍ଷା କର୍ମଚାରୀଙ୍କ ମଧ୍ୟରେ ବଚସା ହୋଇଥିଲା । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଶିଶୁ ସୁରକ୍ଷା ଓ ବିଭିନ୍ନ ଏନ୍‌ଜିଓ ନାମରେ ବହୁ ଟଙ୍କା ଆସୁଥିବା ବେଳେ ସେଗୁଡିକ ଠିକ୍ ଭାବେ ଖର୍ଚ୍ଚ ନ ହୋଇ ଆତ୍ମସାତ୍ କରାଯାଉଥିବା ଅଭିଯୋଗ ହୋଇଛି । ନିରୀହ ଆଦିବାସୀଙ୍କୁ ଠକି ବିଭିନ୍ନ ଏନ୍‌ଜିଓ ନାଁରେ ଟଙ୍କା କରାଯାଉଥିବା ବେଳେ ଏହାର ତଦନ୍ତ କରିବାକୁ ସ୍ଥାନୀୟ ନେତାମାନେ ଦାବି କରିଛନ୍ତି ।



 କର୍ମଶାଳାରେ ଯୋଗଦେଇଥିବା ଅତିଥି ।

# ୟୁରିଆ ସାର ଅଭାବକୁ ନେଇ ଲ୍ୟାମ୍ପସ୍ ଆଗରେ ଚାଷୀଙ୍କ ଧାରଣା

**ପଡ଼ିଆ, ୨୨।୮ (ଭାସ୍କର ରାଓ)**

ପଡ଼ିଆ ଲ୍ୟାମ୍ପସ୍ ପକ୍ଷରୁ ୟୁରିଆ ସାର ଚାଷୀଙ୍କୁ ଯୋଗାଇବା ନେଇ ବିଶୃଙ୍ଖଳା ଦେଖାଦେଇଛି । ଏହି ସମୟରେ ଚାଷୀଙ୍କ ଭିଡ଼ ବଢିବା ସହ ସେଠାରେ ଥିବା ସାର ବସ୍ତା ଚାଷୀଙ୍କ ମଧ୍ୟରେ ନିଅଣ୍ଟିଆ ସ୍ଥିତି ସୃଷ୍ଟି କରିଛି । ଫଳରେ ସେଠାରେ ଥିବା ଚାଷୀଙ୍କ ମଧ୍ୟରେ ଗଣ୍ଡଗୋଳ, ପାଟିତୁଣ୍ଡ ସହ ଠେଲାପେଲା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା । ବିଭିନ୍ନ ପଞ୍ଚାୟତରୁ ଆସିଥିବା ଚାଷୀମାନେ ପୂର୍ବ ରାତିରୁ ଆସି ଲ୍ୟାମ୍ପସ୍ ଆଗରେ ଧାଡ଼ି ଦେଇଥିବା ବେଳେ ସାର ଅଭାବୀକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଥିଲା । ପରେ ପୋଲିସ ଏହାକୁ ନିୟନ୍ତ୍ରଣ କରିଥିଲା । ପରେ ଲ୍ୟାମ୍ପସ୍ ପକ୍ଷରୁ ୫ଶହ ପ୍ୟାକେଟ ସାର ଆସିଥିବା ଶୁଣି ଏହାକୁ ନେବାକୁ ଆସିଥିବା ୧୫ଶହରୁ ଊର୍ଦ୍ଧ୍ୱ ଚାଷୀ ମିଶି ଲ୍ୟାମ୍ପସ୍‌କୁ ଘେରି ଆନ୍ଦୋଳନକରି ସାର ଦେବାକୁ ଦାବି କରିଥିଲେ । ଏ ନେଇ ପଡ଼ିଆ ଲ୍ୟାମ୍ପସ୍ ପରିଚାଳନା ନିର୍ଦ୍ଦେଶକ ଏସ୍.ରାଜେନ୍ଦ୍ର ପ୍ରସାଦଙ୍କୁ ପଚାରିବାରୁ ପଡ଼ିଆ ଲ୍ୟାମ୍ପସ୍‌କୁ ବର୍ତ୍ତମାନ ୫୦୦ ବସ୍ତା ୟୁରିଆ ସାର ଆସିଛି । କିନ୍ତୁ ଏହାକୁ ନେବା ୧ ହଜାରରୁ ୧୫ଶହ ଚାଷୀ ଆସିଛନ୍ତି । ଏହାକୁ କିପରି ବଣ୍ଟାଯିବ ସେଇଥିପାଇଁ ଶୁକ୍ରବାର ଆମେ ସାର ଦେବା ବନ୍ଦ କରିଦେଇଛୁ । ୪/୫ଦିନ ପରେ ପର୍ଯ୍ୟାପ୍ତ ପରିମାଣ ସାର ଆସିବ । ସେହିଦିନ ସମସ୍ତଙ୍କୁ ପଞ୍ଚାୟତ ଅନୁଯାୟୀ ତାଲିକାକରି ବାଣ୍ଟି ଦିଆଯିବ ବୋଲି ଚାଷୀମାନଙ୍କୁ ବୁଝାଇଛନ୍ତି । କାହାରିକୁ ୟୁରିଆ ସାର ଦିଆଯାଇ ନାହିଁ । ପର୍ଯ୍ୟାପ୍ତ ପରିମାଣର ସାର ଆସିଲା ପରେ ସମସ୍ତଙ୍କୁ ଦିଆଯିବ ବୋଲି କହିବାପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ ।



ଲ୍ୟାମ୍ପସ୍ ଆଗରେ ଚାଷୀମାନେ ସାର ପାଇଁ ଭିଡ ଜମାଇଛନ୍ତି ।


**BHUBANESWAR MUNICIPAL CORPORATION**
**SOUTH WEST ZONE**
Phone: 0674-2552715, Fax: 0674-2432895, E-mail: info@bmc.gov.in, Web: www.bmc.gov.in

No. 5158 Date: 14.08.25

**ନୋଟିସ**

No. C-934: ଏତଦ୍ୱାରା ଭୁବନେଶ୍ୱର ମହାନଗର ନିଗମର ଦକ୍ଷିଣ ପଶ୍ଚିମ ମଣ୍ଡଳ ଅନ୍ତର୍ଗତ ନିମ୍ନଲିଖିତ ପାର୍କର ରକ୍ଷଣା ବେକ୍ଷଣ ନିମନ୍ତେ SHG ଯେଉଁମାନେ ଇଚ୍ଛୁକ ଅଛନ୍ତି ସାଦା କାଗଜରେ ନିମ୍ନ ପ୍ରମାଣ ପତ୍ର ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ତା୨୦।୦୮।୨୦୨୫ରିଖଠାରୁ ତା୨୫।୦୮।୨୦୨୫ରିଖ ସନ୍ଧ୍ୟା ୫.୦୦ ଘଟିକା ମଧ୍ୟରେ ଦାଖଲ କରିପାରିବେ । ଧାର୍ଯ୍ୟ ତାରିଖ ଓ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ।

| କ୍ର.ନଂ. | ୱାର୍ଡ ନଂ. | ପାର୍କର ନାମ | ପାର୍କ କ୍ଷେତ୍ରଫଳ | ପାର୍କର ଠିକଣା |
|---|---|---|---|---|
| 1 | 65 | Labour Stand, Dumuduma | Ac.045 decimal | Labour Stand, Dumuduma |

୧. ରେଜିଷ୍ଟ୍ରେସନ କପି ୨. ମେମ୍ବରମାନଙ୍କ ତାଲିକା ୩. ବୈଠକ ବିବରଣୀ

OIPR-13002/11/0238/2526 ସ୍ୱା./- ଭାରପ୍ରାପ୍ତ ମଣ୍ଡଳ ଆୟୁକ୍ତ, ଦକ୍ଷିଣ ପଶ୍ଚିମ ମଣ୍ଡଳ, ଭୁବନେଶ୍ୱର ମହାନଗର ନିଗମ

**OFFICE OF THE SUPERINTENDING ENGINEER**
**BALASORE (ROADS & BUILDINGS) DIVISION-II**
AT/PO - BHASKARGANJ, BALASORE
CONTACT NO. : 06782-263149, E MAIL ID : eepwdbls2@gmail.com

**SHORT TENDER CALL NOTICE**

BID INVITATION NO. EE (R AND B) BLS-II-16 / 2025-26

No.B-434 No.5393 dt.20.08.2025

| | | | |
|---|---|---|---|
| 1 | The Superintending Engineer, Balasore (R&B) Division-II, Balasore on behalf of the Governor of Odisha invites percentage rate bids to be received in **ONLINE MODE** only for Roads & Buildings works. | | |
| 2 | No. of Work | : | 6 Nos |
| 3 | Nature of work | : | Road Work |
| 4 | Class of Contractor | : | **"D", "C" & "B"** |
| 5 | Approx. value of work | : | **Rs.26.77 Lakhs to 9.60 Lakhs** |
| 6 | Tender Cost | : | Rs.4000.00 (Sl. No. 5, 6) & Rs.6000.00 (Sl. No. 1, 2, 3 & 4) |
| 7 | Availability of Bid Documents in the website | : | From 10.00 AM of 25.08.2025 to 1.00 PM of 03.09.2025 |
| 8 | Date of Opening of Bid | : | Dt.03.09.2025 at 1.30 PM |
| 9 | Other details can be seen in the Bidding documents from the website : https://tendersorissa.gov.in. | | |

Sd./- Superintending Engineer
OIPR-34155/11/0026/2526 Balasore (R&B) Division-II

**ODISHA COOPERATIVE TASAR & SILK FEDERATION (SERIFED) LTD.**
Sahid Nagar, Janpath, Bhubaneswar-751 007, Tel : 2545586/2545852, email- serifedodisha@gmail.com, website - www.serifedodisha.in

**INVITATION FOR BIDS (e-Procurement)**
Bid identification no:- VI-06(10)/SERIFED/2025-26/1073/ Dt.21.08.2025

**No.CAD-1542** : The MANAGING DIRECTOR (SERIFED), Odisha, Bhubaneswar invites Item rate Tenders in single cover system in ONLINE MODE only, for 1 no. of work in Keonjhar district. The bid documents such as DTCN/BOQ etc. can be seen/downloaded from the government website : www.tendersodisha.gov.in. during the period dt. 25.08.2025 to 5.00 PM up to 02.09.2025. Tender shall be received till 5.00 PM on 02.09.2025 & shall be opened at 11.30 AM on 03.09.2025. Any addendum / corrigendum / cancellation of tender can also be seen in the said website.

OIPR-31005/11/0014/2526 Sd./- Managing Director

**OFFICE OF THE DEPUTY DIRECTOR RESEARCH**
Research Development & Quality Promotion (R & B), Odisha
Sachivalaya Marg, Unit-IV, Bhubaneswar
E-mail : eeqcrandbbbsr@gmail.com
"e"-Procurement Notice
Government Of Odisha

No.B-432 **WORKS DEPARTMENT**
Bid Identification No. 01/DDR-RDQP/25-26

1. The Deputy Director Research, RD & QP (R&B), Odisha, Bhubaneswar on behalf of Governor of Odisha invites online bids / tenders in double cover system from eligible and reputed / ISO Certified laboratory equipment manufacturers or their Authorized distributors / dealers in double cover system for supply, installation and commissioning of different laboratory equipment / machineries, Battery-Operated Core Cutter & Power Tools & Spark Based Optical Emission Spectrometer for the laboratories under Research Development & Quality Promotion (RD&QP) (R&B) wing
2. Nature of work : Procurement of Machineries / Equipment
3. No. of work : 3 Nos.
4. Tender Paper cost : Rs.10000.00
5. Type of bidder : Original Equipment Manufacturer (OEM)/ Authorized Distributor / Dealer of OEM
6. Availability of bid document on the website : From 10.00 A.M. of 25.08.2025 to 5.30 P.M. of 15.09.2025
7. Date of opening of Bid : Dt.16.09.2025 at 11.30 A.M.
8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Deputy Director Research,
OIPR-34167/11/0007/2526 RD&QP (R&B), Bhubaneswar

See Career Appointment on every Wednesday & Saturday

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା 15533/ଭୁ.ଉ.କ., ଭୁବନେଶ୍ୱର ତା.11.08.2025 ରିଖ
CPM-II-1571/84

**ସୂଚନା**

**No.CAD-1526:** ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍-୧ ଆପାର୍ଟମେଣ୍ଟ ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ-**MIG-II-F-14/16**କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୨୭୧୨୩, ତା.୧୫.୦୭.୨୦୨୨ ରିଖ ଅନୁଯାୟୀ ତୃତୀୟପକ୍ଷ ଅନ୍ତରଣ ଆଧାରରେ **ଶ୍ରୀ ସର୍ବେଶ୍ୱର ପାଇକରାୟ, ପିତା-ଅନ୍ତର୍ଯ୍ୟାମୀ ପାଇକରାୟ, ଗ୍ରାମ-ଶ୍ୟାମଘନପୁର, ପୋଷ୍ଟ-ବ୍ରଜରାଜପୁର, ଥାନା-ରଣପୁର, ଜିଲ୍ଲା-ନୟାଗଡ଼, ଓଡ଼ିଶାଙ୍କ** ନାମରେ ଆବଣ୍ଟନ ପରିବର୍ତ୍ତନ କରାଯାଇଥିଲା ।

ବର୍ତ୍ତମାନ ଆବଣ୍ଟନଗ୍ରାହୀ **ଶ୍ରୀ ସର୍ବେଶ୍ୱର ପାଇକରାୟ** ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ **ଶ୍ରୀ ପ୍ରଦୀପ କୁମାର ମଲିକ, ପିତା-ସୁନାକର ମଲିକ, ଗ୍ରାମ- ପ୍ଲଟ୍ ନଂ.୭୨୯ ନୟାପଲ୍ଲୀ ଭୋଇସାହି, ପୋଷ୍ଟ/ଥାନା-ନୟାପଲ୍ଲୀ, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶାଙ୍କ** ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି / ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା./- ଆବଣ୍ଟନ ଅଧିକାରୀ-୧
OIPR-13033/11/0352/2526 ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

**ZILLA SWASTHYA SAMITI, (NHM) ANGUL**
O/o - The CDM & PHO cum District Mission Director, Angul

**TENDER CALL NOTICE**

No. : 1884 Date : 19.08.2025

**No.E-335** : Sealed tenders are invited from reputed Agencies/Firms/bidder for the service as mentioned below:
**1. Accommodation facility for different training/ workshop/ meeting under NHM, Angul,**
**2. Supply of Working Lunch for training/ workshop/meeting under NHM.**
Details regarding eligibility criteria, terms & conditions and the formats of submission of tender (Technical & Price bid) may be downloaded from the website i.e. www.angul.odisha.gov.in. The undersigned reserves the rights to reject any or all the tenders without assigning any reason thereof. The proposed date of opening of bidding documents/finalisation of the same may change in case of any emergency/exigency. The typographical error (if any) may be exempted.

Sd./- CDM & PHO cum DMD,
OIPR-10142/11/0014/2526 Angul

**ପୌରପାଳିକା କାର୍ଯ୍ୟାଳୟ, ଢେଙ୍କାନାଳ**
ଢେଙ୍କାନାଳ (ଓଡ଼ିଶା), ପିନ କୋଡ-୭୫୯୦୦୧
ଇ-ମେଲ: dhenkanalm.hud@gmail.com
ପତ୍ର ସଂଖ୍ୟା-3178 ତା.19.8.25 ରିଖ

**ନିଲାମ ନିମନ୍ତେ ବିଜ୍ଞାପନ**

No.C-936: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ଢେଙ୍କାନାଳ ପୌରପାଳିକା ଅଧୀନରେ ଥିବା ରାସ୍ତାକଡ ବିକ୍ରି ଉସଟିକୁ ଆଗାମୀ ଆର୍ଥିକ ବର୍ଷ ୨୦୨୫-୨୬ (ତା.୦୧.୦୯.୨୦୨୫ ଠାରୁ ୩୧.୦୮.୨୦୨୬) ଆର୍ଥିକ ବର୍ଷ ନିମନ୍ତେ, ଉଦ୍ଦିଷ୍ଟ ସର୍ତ୍ତାବଳୀ ଅନୁଯାୟୀ ପଟ୍ଟାଦାରି ନିମନ୍ତେ ଆଗ୍ରହୀ ବ୍ୟକ୍ତି/ସଂସ୍ଥାଠାରୁ ମୁଦଦିଆ ଟେଣ୍ଡର ଆହ୍ୱାନ କରାଯାଉଛି, ଟେଣ୍ଡର ଦାଖଲ ନିମନ୍ତେ ଇଚ୍ଛୁକ ବ୍ୟକ୍ତି/ସଂସ୍ଥା ଆସନ୍ତା ତା.୨୫.୦୮.୨୫ ରିଖ ଅପରାହ୍ନ ୫ (ପାଞ୍ଚ) ଘଟିକା ସୁଦ୍ଧା ପୌର କାର୍ଯ୍ୟାଳୟରୁ ଟ.୩୦୦୦.୦୦ (ତିନି ହଜାର)ଙ୍କାର ଟେଣ୍ଡର ପେପର କ୍ରୟ କରି ସେମାନଙ୍କର ଟେଣ୍ଡର ଅର୍ପଣ କରିପାରିବେ । ଉପରୋକ୍ତ ଟେଣ୍ଡର ଆସନ୍ତା ତା.୨୬.୦୮.୨୫ ରିଖ ଅପରାହ୍ନ ୪.୦୦ ଘଟିକା ସମୟରେ ପୌରପାଳିକାର ଟେଣ୍ଡର କମିଟି ସମ୍ମୁଖରେ ଖୋଲାଯିବ । ଏହି ସମୟରେ ଟେଣ୍ଡରଦାତା କିମ୍ବା ତାଙ୍କର ପ୍ରାଧିକୃତ ବ୍ୟକ୍ତି ଉପସ୍ଥିତ ରହିପାରିବେ । ଯଦି କୌଣସି ଟେଣ୍ଡରଦାତା କିମ୍ବା ପ୍ରାଧିକୃତ ବ୍ୟକ୍ତି ଉପସ୍ଥିତ ନଥିବେ, ତେବେ ମଧ୍ୟ ଉପରୋକ୍ତ ଟେଣ୍ଡର ନିର୍ଦ୍ଧାରିତ ସମୟରେ ଖୋଲାଯିବାର ବ୍ୟବସ୍ଥା ରଖାଯାଇଛି ।

| କ୍ର. ନଂ. | ଉତ୍ସର ନାମ | ସମୟ ଅବଧି | ସର୍ବନିମ୍ନ ମୂଲ୍ୟାଙ୍କନ ଟଙ୍କାରେ | ଟେଣ୍ଡର ଦାତାଙ୍କ ସର୍ବୋଚ୍ଚ ମୂଲ୍ୟ |
|---|---|---|---|---|
| ୧ | ରାସ୍ତାକଡ ବିକ୍ରି | ୧ ବର୍ଷ (ତା.୦୧.୦୯.୨୦୨୫ ଠାରୁ ତା.୩୧.୦୮.୨୦୨୬ ପର୍ଯ୍ୟନ୍ତ) | ୧୨,୨୪,୦୮୦.୦୦/- | |

ସ୍ୱା./- ନିର୍ବାହୀ ଅଧିକାରୀ
OIPR-13146/11/0046/2526 ଢେଙ୍କାନାଳ ପୌରପାଳିକା

**ROURKELA DEVELOPMENT AUTHORITY**
**UDITNAGAR : ROURKELA - 769012**
No. 2250/RDA., dated 16.08.2025

**PROCLAMATION**

**No.CAD-1539** : It is hereby informed to the General public that **Md. Hasib Ahmed, S/O - Late Hafiz Samsuddin** has applied for allottee for transfer of **House No. L/5, Block-7, under JNHS, Nala Road Rourkela in favour of Md Naushad, S/O - Md Idresh,** Anybody has got objection to the proposed transfer, he/she may file objection petition before the undersigned within 15 (fifteen) days from the date of publication of this proclamation. Objection petition shall not be entertained after expiry of the stipulated Period.

Sd./- Secretary
OIPR-13250/11/0094/2526 Rourkela Development Authority

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା 16085/ଭୁ.ଉ.କ., ଭୁବନେଶ୍ୱର ତା.14.08.25 ରିଖ
KNS(07)08/13

**ସୂଚନା**

**No.CAD-1545:** ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି କଳିଙ୍ଗ ନଗର ମାର୍କେଟ କମ୍ପ୍ଲେକ୍ସ, କେ-୭, ଭୁବନେଶ୍ୱର ଅନ୍ତର୍ଗତ ଦୋକାନ ଗୃହ ନଂ-୦୨କୁ ବିଦ୍ୟୁତ ପ୍ରଭା ତ୍ରିପାଠୀ, ସ୍ୱାମୀ-ଅଶୋକ କୁମାର ତ୍ରିପାଠୀ, ବାସସ୍ଥାନ-ପ୍ଲଟ ନଂ-୮୭/୨୩୨୨, ଲେନ୍ ନଂ-୨, ନିଗମାନନ୍ଦ ନଗର, ପୋଷ୍ଟ-ରସୁଲଗଡ, ଥାନା-ଶହିଦନଗର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ଆବଣ୍ଟନ କରାଯାଇଥିଲା । ଆବଣ୍ଟନଗ୍ରାହୀ ବିଦ୍ୟୁତ ପ୍ରଭା ତ୍ରିପାଠୀ ଗତ ତା.୨୧.୦୬.୨୦୨୨ ରିଖରେ ମୃତ୍ୟୁବରଣ କରିଅଛନ୍ତି । (**Death Certificate Issue No. 7422/2022/2003** dated 05.09.2022.

**Legal heir certificate Misc.Case No. E-LHC/2022/184324 dated 23.10.2022** ଅନୁଯାୟୀ ବିଦ୍ୟୁତପ୍ରଭା ତ୍ରିପାଠୀଙ୍କର ଉତ୍ତରାଧିକାରୀ (୧) ଅଶୋକ କୁମାର ତ୍ରିପାଠୀ (ସ୍ୱାମୀ), (୨) ଅଭିଷେକ ତ୍ରିପାଠୀ (ପୁତ୍ର) ଓ (୩) ଅଭିଜିତ୍ ତ୍ରିପାଠୀ (ପୁତ୍ର) ଅଟନ୍ତି ।

**Court of the Permanent and continuous Lok Adalat Khordha at Bhubaneswar P.L.L.A. No.02 of 2024**ର ଚୂଡାନ୍ତ ଫଏସଲା ଅନୁଯାୟୀ ଅଭିଜିତ୍ ତ୍ରିପାଠୀ ତାଙ୍କ ନାମରେ **ସମ୍ପୂର୍ଣ୍ଣ** ମାଲିକାନା ସ୍ୱତ୍ୱ ଉତ୍ତରାଧିକାରୀ ସୂତ୍ରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ଉକ୍ତ ଦୋକାନଗୃହର ମାଲିକାନାସ୍ୱତ୍ୱ **ଅଭିଜିତ୍ ତ୍ରିପାଠୀଙ୍କ ନାମରେ** ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଦୋକାନ ଗୃହର **ସମ୍ପୂର୍ଣ୍ଣ** ମାଲିକାନା ସ୍ୱତ୍ୱ **ଅଭିଜିତ୍ ତ୍ରିପାଠୀଙ୍କ** ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ୍ ଅନୁଯାୟୀ ସମ୍ପାଦନ କରାଯିବ ।

ସ୍ୱା./- ଆବଣ୍ଟନ ଅଧିକାରୀ-୧
OIPR-13033/11/0353/2526 ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

**ପୌର ପରିଷଦ କାର୍ଯ୍ୟାଳୟ, ସୁନାବେଡ଼ା**
ସଂଖ୍ୟା: ୨୯୬୯ ତା: ୨୦।୦୮।୨୦୨୫

**ନିଲାମ ନୋଟିସ**

No. C-932: ଏତଦ୍ୱାରା ସମସ୍ତ ଏସ୍.ଏଚ୍.ଜି./ଏ.ଏଲ୍.ଏଫ୍/ମହାସଂଘ ଏବଂ ସି.ଏଲ୍.ଏଫ୍‌ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପୌର ପରିଷଦ ଅଧୀନରେ ଖାଲିଥିବା ମିଶନଶକ୍ତି କାଫେ ଆବଣ୍ଟନ ନିମନ୍ତେ ନିର୍ଦ୍ଦିଷ୍ଟ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଆବେଦନ କରିବାପାଇଁ ଇଚ୍ଛୁକ ଥିବା ବ୍ୟକ୍ତି ପୌର ପରିଷଦର website: (www.sunabedamunicipality.in)ରୁ ଆବେଦନ ଫର୍ମ ଏବଂ ସର୍ତ୍ତାବଳୀ download କରିପାରିବେ ଯାହାକି ତା୨୦।୦୮।୨୦୨୫ରିଖ ପୂର୍ବାହ୍ନ ୧୦.୦୦ଘଟିକାଠାରୁ ତା୦୧।୦୯।୨୦୨୫ରିଖ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ websiteରେ ଉପଲବ୍ଧ ରହିବ । ଉକ୍ତ ଫର୍ମଟିକୁ download କରି ନିର୍ଭୁଲ ଭାବେ ପୂରଣ କରି ଡାକ କିମ୍ବା କୋରିଅର ଯୋଗେ ସର୍ତ୍ତାବଳୀ ମୁତାବକ ଅନ୍ୟାନ୍ୟ କାଗଜ ପତ୍ର ସହିତ ଏକ ବନ୍ଦ ଲଫାପାରେ ଭର୍ତ୍ତିକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟକୁ ପଠାଇବେ ଯାହାକି ୦୨।୦୯।୨୦୨୫ରିଖ ଅପରାହ୍ନ ୧.୦୦ ଘଟିକା ସୁଦ୍ଧା ପହଞ୍ଚିବା ଆବଶ୍ୟକ । ତା୦୨।୦୯।୨୦୨୫ରିଖ ଅପରାହ୍ନ ୪.୦୦ ଘଟିକା ସମୟରେ ଆବେଦନକାରୀ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଆବେଦନ ଫର୍ମ ଗୁଡ଼ିକ ଖୋଲାଯିବ ।

ସ୍ୱା./- ନିର୍ବାହୀ ଅଧିକାରୀ
OIPR-13076/11/0028/2526 ପୌର ପରିଷଦ, ସୁନାବେଡ଼ା

**GOVERNMENT OF ODISHA** No.A-537
**DEPARTMENT OF WATER RESOURCES**
"e" Procurement Notice - BAID 01 OF 2025-26
Bid Identification No. BAID 01 OF 2025-26

**No.A-537** : The Superintending Engineer, Baitarani Irrigation Division, Salapada on behalf of Govt. of Odisha invites bid in Single Cover system from registered and established Manpower Service Provider to provide manpower as detailed below :

| | | | |
|---|---|---|---|
| 1 | Nature of the work | : | Manpower supply |
| 2 | No. of Works | : | 1 (One) no. |
| 3 | Value of Works | : | Rs.8.66 Lakhs |
| 4 | Tender paper cost | : | Refer to DTCN |
| 5 | EMD/Bid Security | : | Refer to DTCN |
| 6 | Period of Completion | : | Refer to DTCN |
| 7 | Class of Contractors | : | Refer to DTCN |
| 8 | Procurement officer | : | Superintending Engineer, Baitarani Irrigation Division, Salapada |
| 9 | Bid Identification no. | : | BAID-01/2025-26 |
| 10 | Availability of Tender for Online Bidding | : | From 11.00 A.M. Dt. 25.08.2025 to 5.30 P.M. Dt.08.09.2025 |
| 11 | Date and Time for Tender Opening | : | Dt.09.09.2025 @ 11.30 AM onwards in O/o the Superintending Engineer, Baitarani Irrigation Division, Salapada |
| 12 | Date and Time for lottery (If required) | : | Dt.12.09.2025 @ 11.00 AM onwards in O/o the Superintending Engineer, Baitarani Irrigation Division, Salapada |

The Bidders have to participate in ONLINE bidding only. Further details can be seen from the e-procurement portal : www.tendersodisha.gov.in Any addendum / corrigendum / cancellation of tenders can be seen from the above portal.

Sd./- Superintending Engineer,
OIPR-32439/11/0003/2526 Baitarani Irrigation Division

**ODISHA PUBLIC SERVICE COMMISSION, CUTTACK**
**NOTICE**
No.6012/PSC Dt.21.08.2025
(1R-19-24/25) (DR-V)

**Assistant Professor (Stage-I) in Sociology**
**(Advertisement No. 27 of 2023-24)**

No. D-181: It is for information of all concerned that, document verification of **166 (One hundred sixty six)** candidates having **PPSAN** mentioned below for the post of **Assistant Professor (Stage-I) in "Sociology",** pursuant to advertisement No. 27 of 2023-24 shall be held from **29.08.2025 to 04.09.2025 (except Govt. holiday)** as per the following programme in the Office of the Commission at 19, Dr. P.K. Parija Road, Cuttack - 753001.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 29.08.2025 | 10.30 A.M. | P220007747, P240304503, P240308833, P240308906, P240309557, P240298093, P240301347, P240311967, P230113520, P240307923, P240307032, P240302238, P220042465, P220005854, P240303968 & P240306135 = **16 Candidates** |
| | 02.30 P.M. | P230133116, P230151137, P230152801, P240284908, P220075344, P230120623, P240292840, P240301421, P230155733, P240299565, P240301788 & P240311846 = **12 Candidates** |
| 30.08.2025 | 10.30 A.M. | P240303862, P240278146, P220082972, P240295996, P240309589, P230102257, P220067629, P240284727, P240298449, P240308041, P240307536, P240294851, P230110511, P240288262, P240300122 & P220062158 = **16 Candidates** |
| | 02.30 P.M. | P230158015, P240306796, P240248137, P240308812, P240299018, P240285416, P240237082, P240271701, P220068011, P240290271, P240263514 & P240281775 = **12 Candidates** |
| 01.09.2025 | 10.30 A.M. | P240307311, P240290397, P240304563, P240296656, P240306246, P240296222, P230163501, P240309922, P220045532, P220080060, P240296811, P240278178, P220082506, P240304267, P240297870 & P240293884 = **16 Candidates** |
| | 02.30 P.M. | P240311460, P220063011, P240306471, P240299978, P240254815, P240294271, P220085745, P240283001, P240293646, P230118185, P240304358 & P220075641 = **12 Candidates** |
| 02.09.2025 | 10.30 A.M. | P240302834, P240270475, P220041800, P230139364, P230104025, P220053933, P240253080, P240270624, P230121719, P240263228, P240276084, P230133760, P240301469, P240288619, P220072423 & P240304672 = **16 Candidates** |
| | 02.30 P.M. | P220074281, P230115793, P220070593, P230134335, P220046487, P240296475, P240279574, P230101565, P240306515, P230133391, P220074655 & P230104334 = **12 Candidates** |
| 03.09.2025 | 10.30 A.M. | P240253358, P220070777, P230147382, P220032501, P240308599, P240308540, P240250396, P240289115, P240296636, P240292852, P230126877, P230120088, P220040880, P240283575, P230116861 & P230145045 = **16 Candidates** |
| | 02.30 P.M. | P220051245, P240264609, P220062112, P230100821, P230098657, P230129801, P240256458, P240255252, P230109720, P230113737, P240312111 & P230127726 = **12 Candidates** |
| 04.09.2025 | 10.30 A.M. | P220087753, P240279196, P230106281, P220055274, P240288786, P230117219, P230121669, P240256373, P230217537, P230116136, P240272018, P220082367, P220035574, P220085569, P230142013 & P220055320 = **16 Candidates** |
| | 02.30 P.M. | P230130765, P220019026, P240248244, P230158896, P240309271, P240263088, P230122254, P240290794, P240253404 & P220006581 = **10 Candidates** |

The candidates are required to submit the documents as per this office **Notice No. 4271/PSC, Dt.21.06.2025** which is available on the Website of the Commission i.e. **www.opsc.gov.in**.
The candidates are advised to report in the Office of the Commission **half an hour before the commencement of verification** on the scheduled date & time as mentioned above.
**Note:** It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

OIPR-12002/11/0296/2526 Sd./- Secretary

# ଫୁଟ୍‌ୱେର ଶିଳ୍ପରେ ନିବେଶକୁ ଅଧିକ ଗୁରୁତ୍ୱ


ଭୁବନେଶ୍ୱର,୨୨।୮

କ୍ରମାଗତ ଭାବେ ଫୁଟ୍‌ୱେର ଶିଳ୍ପର ଅଭିବୃଦ୍ଧି ପରିଲକ୍ଷିତ ହେଉଛି। ଏହି ଅଭିବୃଦ୍ଧିକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଉତ୍ପାଦନକାରୀମାନେ ପୁଞ୍ଜି ବିନିଯୋଗ ଓ ନିବେଶକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ କୋଲକାତାର ପ୍ରମୁଖ ଫୁଟ୍‌ୱେର ବ୍ରାଣ୍ଡ 'ଟାଇଟାସ୍' ନିବେଶ ସହ କମ୍ପାନୀର ଅଭିବୃଦ୍ଧି ଯାତ୍ରାରେ ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ସମ୍ପର୍କରେ ଘୋଷଣା କରିଛି। ଏ ସମ୍ପର୍କରେ ଟାଇଟାସ୍ ଫୁଟୱେର ପ୍ରାଇଭେଟ୍ ଲିମିଟେଡ୍ ଡାଇରେକ୍ଟର ଅନିରୁଦ୍ଧ ମୋହତା କହିଥିଲେ, ଫୁଟ୍‌ୱେର ଶିଳ୍ପରେ ଟାଇଟାସ୍ ୩ଦଶନ୍ଧିରୁ ଅଧିକ କାଳ ଧରି ଏକ ପ୍ରତିଷ୍ଠିତ ବ୍ରାଣ୍ଡ ହୋଇ ରହିଆସିଛି। ବିଗତ ବର୍ଷଗୁଡିକରେ ଟାଇଟାସ୍ ନିଜକୁ ଗୁଣବତ୍ତା, ଆରାମ ଏବଂ ଦୀର୍ଘସ୍ଥାୟିତ୍ୱ ନିମନ୍ତେ ସୁପରିଚିତ ଏକ ବ୍ରାଣ୍ଡ ଭାବେ ପ୍ରତିଷ୍ଠିତ କରାଇଛି। ବ୍ରାଣ୍ଡର ବିକାଶ, ରିଟେଲ ଉପସ୍ଥିତିର ସମ୍ପ୍ରସାରଣ, ଆବଣ୍ଟନଭିତ୍ତିକ ପହଞ୍ଚ ବୃଦ୍ଧି କରିବା ଏବଂ ଟାଇଟାସ୍ ବ୍ରାଣ୍ଡକୁ ପରିବାରଗୁଡିକ ନିମନ୍ତେ ବିଶ୍ୱମାନର ଉତ୍ପାଦନ ଯୋଗାଇ ଦେଉଥିବା ଫୁଟ୍‌ୱେର ଲକ୍ଷ୍ୟସ୍ଥଳ ଭାବେ ଗଢିତୋଳିବାକୁ ଆମେ ଆଗାମୀ ୩ବର୍ଷ ମଧରେ ୫୦ କୋଟି ଟଙ୍କା ନିବେଶ କରିବାକୁ ଯୋଜନା କରିଛୁ।

# ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ,୨୨।୮

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ୬୯୪ (୬୯୩.୮୬) ପଏଣ୍ଟ ହ୍ରାସ ଘଟି ୮୧,୩୦୭ (୮୧,୩୦୬.୮୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ ୨୧୪ (୨୧୩.୬୫) ପଏଣ୍ଟ କମି ୨୪,୮୭୦ (୨୪,୮୭୦.୧୦) ଅଙ୍କରେ କାରବାର ଶେଷ ହୋଇଥିଲା।






D-1729

# ଗ୍ରାମୀଣ ମହିଳାଙ୍କୁ ସଶକ୍ତ କରୁଛି ବେଦାନ୍ତ

ଝାରସୁଗୁଡ଼ା, ୨୨।୮ (ଆଶିଷ ରଞ୍ଜନ ଦାଶ)



ଝାରସୁଗୁଡ଼ା ଅଞ୍ଚଳର ମହିଳାଙ୍କୁ ସଶକ୍ତ କରିବା ପାଇଁ ସ୍ଥାନୀୟ ବେଦାନ୍ତ ଆଲୁମିନିୟମ କମ୍ପାନୀ ପରିସରରେ ଶୁକ୍ରବାର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଶ୍ଚିମ ଓ ଗ୍ରାମାଞ୍ଚଳରେ ପ୍ରାଚୀନ ପରମ୍ପରା ଏବଂ ନିପୁଣ କାରିଗରି ଦୀର୍ଘକାଳ ଧରି ଦୈନନ୍ଦିନ ଜୀବନର ଏକ ଅଂଶ ବିଷୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା ୟୁନିଟ୍, ଓଡ଼ିଶାର ସର୍ବବୃହତ୍ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରୁ ଗୋଟିଏ ପ୍ରୋଜେକ୍ଟ ଶୁଭଲକ୍ଷ୍ମୀ ଉଦ୍ୟୋଗିନୀର ବ୍ୟାପକ ସହାୟତା ମାଧ୍ୟମରେ - ମହିଳା କାରିଗରମାନଙ୍କୁ ସେମାନଙ୍କ ମୂଳ ସହିତ ପୁନଃ ସଂଯୋଗ, ଦକ୍ଷତା ବୃଦ୍ଧି ଏବଂ ସଶକ୍ତ ଜୀବନ ଗଠନ କରିବାରେ ସାହାଯ୍ୟ କରୁଛି। ଏହି ପ୍ରକଳ୍ପ ଅନ୍ତର୍ଗତ ଦୁଇଟି ପ୍ରମୁଖ ପଦକ୍ଷେପ, ଭେଦସସୁତା ଏବଂ ଭେଦମୂର୍ତ୍ତିକା, ମହିଳାମାନଙ୍କୁ ପାରମ୍ପରିକ ଜ୍ଞାନକୁ ସ୍ଥାୟୀ ଜୀବିକାରେ ପରିଣତ କରିବାରେ ସକ୍ଷମ କରୁଛି ଏବଂ ଓଡ଼ିଶା ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରୁଛି। ଭେଦସୂତା ଝାରସୁଗୁଡ଼ାର ରଘୁନାଥପାଲି ଗାଁରେ ହସ୍ତତନ୍ତର ତାଳମୟ ଶବ୍ଦକୁ ଫେରାଇ ଆଣିବାରେ ସାହାଯ୍ୟ କରୁଛି। ଏହି ହସ୍ତତନ୍ତ କ୍ଲଷ୍ଟର ବିକାଶ ପଦକ୍ଷେପର ଲକ୍ଷ୍ୟ ହେଉଛି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ସୂତା ବାନ୍ଧିବା, ପ୍ରାକୃତିକ ଭାବରେ ରଙ୍ଗ ଦେବା ଏବଂ ପାରମ୍ପରିକ ବୟନ ଭଳି ସ୍ୱତନ୍ତ୍ର କୌଶଳରେ ତାଲିମ ଦେଇ ସମ୍ବଲପୁରୀ ବୟନ ପରମ୍ପରାକୁ ପୁନର୍ଜୀବିତ କରିବା। ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ, ୨୫ ଜଣ ମହିଳା ହସ୍ତତନ୍ତ ସେଟ ପାଇଛନ୍ତି ଏବଂ ସ୍ଥିର ଆୟ କରୁଛନ୍ତି। ତା'ସହ ହସ୍ତଶିଳ୍ପରେ ଦକ୍ଷତା ହାସଲ କରିବାରେ ମଧ ତାଲିମ ପାଉଛନ୍ତି । ଝାରସୁଗୁଡାର ବେଦାନ୍ତ ଆଲୁମିନିୟମର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସି. ଚନ୍ଦ୍ରୁ କହିଛନ୍ତି, ଭେଦସୂତା ଏବଂ ବେଦମୂର୍ତ୍ତିକା ଭଳି ପଦକ୍ଷେପ ମାଧ୍ୟମରେ ଆମେ ମହିଳା କାରିଗରମାନଙ୍କୁ କେବଳ ପାରମ୍ପରିକ ହସ୍ତଶିଳ୍ପକୁ ପୁନରୁଦ୍ଧାର କରିବାରେ ସାହାଯ୍ୟ କରୁନାହୁଁ ବରଂ ସେମାନଙ୍କୁ ନିଜ ପାଇଁ ଏବଂ ସେମାନଙ୍କ ପରିବାର ପାଇଁ ଉନ୍ନତ, ଅଧିକ ସୁରକ୍ଷିତ ଜୀବିକା ନିର୍ମାଣ କରିବାରେ ମଧ ସକ୍ଷମ କରିଛୁ। ଏହା ସ୍ଥାୟୀ ଭିତ୍ତିରେ ପରିବର୍ତ୍ତନକୁ ସଶକ୍ତ ଏବଂ ସକ୍ଷମ କରିବା ପାଇଁ ସ୍ପଷ୍ଟ ପ୍ରଗତି ହାସଲ କରିବା ପାଇଁ ଆମର ପ୍ରତିବଦ୍ଧତାର ଏକ ପ୍ରଦର୍ଶନ ବୋଲି କହିଛନ୍ତି ।

# ରିଅଲ୍‌ମିର ନୂତନ ଉତ୍ପାଦ

ଭୁବନେଶ୍ୱର,୨୨।୮

ରିଅଲ୍‌ମିର ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ରିଅଲ୍‌ମି ପି୪ ସିରିଜର ଅନାବରଣ ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ଏପରିକି ଏହାର ରିଅଲ୍‌ମି ପି୪ ପ୍ରୋ ଓ ରିଅଲ୍‌ମି ପି୪ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଅପରପକ୍ଷରେ ଫ୍ଲାଗ୍‌ଶିପ-ଲେଭେଲ ଉଦ୍ଭାବନଗୁଡିକ ସହ ନିର୍ମିତ ଏହି ସିରିଜ ଡୁଆଲ-ଚିପ ପରିଚାଳିତ କାର୍ଯ୍ୟଦକ୍ଷତା, ପ୍ରୋ-ଗ୍ରେଡ୍ ଗେମିଂ, ସିନେମାଟିକ ଡିସ୍‌ପ୍ଲେ ଓ ସାରାଦିନର ସହନଶୀଳତା ଆଣିଛି। ଏ ସମ୍ପର୍କରେ ରିଅଲ୍‌ମି ଇଣ୍ଡିଆର ଚିଫ୍ ମାର୍କେଟିଂ ଅଫିସର ଫ୍ରାନ୍ସିସ ୱଙ୍ଗ କହିଛନ୍ତି, ସ୍ୱତନ୍ତ୍ର ଭାବେ ଭାରତ ପାଇଁ ଡିଜାଇନ କରାଯାଇଥିବା ପି୪ ପ୍ରୋ ଓ ପି୪ କେବଳ ପ୍ରତିଦ୍ୱନ୍ଦ୍ୱିତା କରୁନାହାନ୍ତି ବରଂ ପ୍ରତ୍ୟେକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଅତିକ୍ରମ କରୁଛନ୍ତି। ଏହା ନିଶ୍ଚିତ ରୂପେ ୨୦,୦୦୦ ଟଙ୍କାରୁ କମ୍ ମୂଲ୍ୟ ବର୍ଗରେ ସର୍ବୋତ୍ତମ ସ୍ମାର୍ଟଫୋନ ବୋଲି କୁହାଯାଉଛି।

# ଭୋଲ୍ଟାସ୍‌ର ଏକ୍ସକ୍ଲୁସିଭ ବ୍ରାଣ୍ଡ୍ ଷ୍ଟୋର

ଭୁବନେଶ୍ୱର,୨୨।୮ (ଅଭୟ ଦାଶ)




ଭୋଲ୍ଟାସ୍ ଲିମିଟେଡ୍‌ର ନୂତନ ତଥା ଏକ୍ସକ୍ଲୁସିଭ ବ୍ରାଣ୍ଡ ଷ୍ଟୋର ଶୁକ୍ରବାର ରାଉରକେଲାର ଜଗଦାଠାରେ ଉଦ୍‌ଘାଟିତ ହୋଇଯାଇଛି। ବିଶେଷକରି କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର ଗ୍ଲୋ ଟେକ୍ ସଲ୍ୟୁସନ୍ସ ଆନୁକୂଲ୍ୟରେ ଏହି ନ୍ୟୁ ବ୍ରାଣ୍ଡ ଷ୍ଟୋରକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଭୋଲ୍ଟାସ୍ ଲିମିଟେଡ୍‌ର ଆଞ୍ଚଳିକ ମୁଖ୍ୟ (ଇଷ୍ଟ-୨) ମାନସ କୁମାର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୋଲ୍ଟାସ୍‌ର ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ଗ୍ଲୋ ଟେକ୍ ସଲ୍ୟୁସନର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଏହି ଷ୍ଟୋରରେ ଭୋଲ୍ଟାସ୍‌ର ସମସ୍ତ ଉତ୍ପାଦ ରେଞ୍ଜ ଉପଲବ୍ଧ ହେଉଥିଲାବେଳେ ବଜାର ଆବଶ୍ୟକତା ଓ ନୂତନ ଉତ୍ପାଦର ସମ୍ଭାର ମଧ ଉପଲବ୍ଧ କରାଯିବ। ଏପରିକି ଗୁଣବତ୍ତା ଓ ବିକ୍ରି ପରବର୍ତ୍ତୀ ସେବାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି।

ଏ ସମ୍ପର୍କରେ ଭୋଲ୍ଟାସ୍ ଲିମିଟେଡ୍‌ର ଏମ୍‌ଡି (ଡି) ମୁକୁନ୍ଦନ ମେନନ୍ କହିଥିଲେ, ଆମେ ଆମର ନୂତନ ତଥା ୨୪ତମ ନ୍ୟୁ ବ୍ରାଣ୍ଡ ଷ୍ଟୋରକୁ ଜଗଦାଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମେ ଆମର ବ୍ୟବସାୟ ସମ୍ପ୍ରସାରଣ ଓ ରିଟେଲ ଫୁଟ୍‌ପ୍ରିଣ୍ଟକୁ ଗ୍ରାହକଙ୍କ ନିକଟତର କରାଇବାକୁ ସମସ୍ତ ପ୍ରକାର ପ୍ରୟାସ ଆରମ୍ଭ କରିଛୁ।

# ଟାଟା ପାୱାରର ନୂତନ ଅଭିଯାନ

ଭୁବନେଶ୍ୱର,୨୨।୮

ଟାଟା ପାୱାରର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ନୂତନ ଅଭିଯାନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶାର ଡିସ୍‌କମ୍‌ଗୁଡ଼ିକ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍), ଟିପି ସଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍), ଟିପି ନର୍ଦ୍ଦର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ଓ ଟିପି ୱେଷ୍ଟର୍ନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍)ର ଗ୍ରାହକ ସେବାକୁ ସରଳୀକରଣ କରିବା ସହ ଡିସ୍‌କମ୍ ମଧ୍ୟରେ ଥିବା ସମ୍ପର୍କରେ ମଧ ବ୍ୟାପକ ଉନ୍ନତି ଆଣିଛନ୍ତି। ଏପରିକି ଡିଜିଟାଲ ପ୍ଲାଟ୍‌ଫର୍ମର ବ୍ୟାପକ ନେଟ୍‌ୱର୍କ, ଗ୍ରାହକ ସେବା କେନ୍ଦ୍ର, ଗ୍ରାମୀଣ ଯୋଗାଯୋଗ ଅଭିଯାନ ଏବଂ ଗୋଷ୍ଠୀ ପରିଚାଳିତ ମଡେଲ ଭଳି ବ୍ୟବସ୍ଥା ସାଙ୍ଗକୁ ଡିସ୍‌କମ୍‌ଗୁଡ଼ିକ ବିଦ୍ୟୁତ୍ ସେବାକୁ ପ୍ରାୟ ୧୦ ଲକ୍ଷ ବିଦ୍ୟୁତ୍‌ଗ୍ରାହକଙ୍କ ନିକଟତର କରିବା ସହ ସ୍ୱଚ୍ଛ ଓ ଗ୍ରାହକ କୈନ୍ଦ୍ରିକ କରିପାରିଛନ୍ତି। ବିଦ୍ୟୁତ୍ ସେବାକୁ ଯେକୌଣସି ସମୟରେ ଯେକୌଣସିଠାରେ ଉପଲବ୍ଧ କରିବା ଲାଗି ଗତ ୫ ବର୍ଷ ମଧ୍ୟରେ ଡିସ୍‌କମ୍‌ଗୁଡ଼ିକ ବହୁ ସଂଖ୍ୟକ ପ୍ରଯୁକ୍ତି ଆଧାରିତ ଗ୍ରାହକ ସମାଧାନ ଆରମ୍ଭ କରିଛନ୍ତି। ଗ୍ରାହକମାନେ ନୂଆ ବିଦ୍ୟୁତ୍ ସଂଯୋଗ ହାସଲକରିବା ଲାଗି ଅନ୍‌ଲାଇନ କିମ୍ବା କେବଳ ଏକ ମିସ୍‌ଡ କଲ୍ ସେବା ଜରିଆରେ ଆବେଦନ କରିପାରୁଛନ୍ତି। ଫଳରେ ଡିସ୍‌କମ୍‌ଗୁଡିକର କାର୍ଯ୍ୟାଳୟ ପରିଦର୍ଶନ ଓ କାଗଜପତ୍ର କାମ ଆବଶ୍ୟକତା ଦୂରହୋଇପାରିଛି। ପେମେଣ୍ଟ, ସେବା ଅନୁରୋଧ, ବିଲିଂ ହିଷ୍ଟ୍ରି ଓ ବାସ୍ତବ ସମୟ ଅପ୍‌ଡେଟ୍ ପାଇଁ ମାଇଁ ଟାଟା ପାୱାର ଆପ୍ ଏକ ସିଙ୍ଗଲ ୱିଣ୍ଡୋ ପ୍ଲାଟ୍‌ଫର୍ମରେ ପରିଣତ ହୋଇଛି। ଓଡ଼ିଶାର ଉଭୟ ଗ୍ରାମୀଣ ଓ ସହରାଞ୍ଚଳ ଗ୍ରାହକଙ୍କୁ ସହାୟତା ପ୍ରଦାନ କରିବା ଲାଗି ଟାଟା ପାୱାର ପକ୍ଷରୁ ପ୍ରତ୍ୟକ୍ଷ ଟଚ୍ ପଏଣ୍ଟରେ ବ୍ୟାପକ ନିବେଶ କରାଯାଇଛି।

# Classified Everyday

0674-2580101, 9692975378





REAL ESTATE

SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 8249976746, 7978660091. D-1698

Book 3BHK premium flat at Pokhariput, Near Govt. Hospital & LIC zonal office. 6000/- per sqft. 7978584549. D-1725




Newly open Jyoti Spa positively heath benefits (Expert therapist). Contact- 8458067955. D-76933

Newly open health benefits SPA by expert therapist Contact 9114559830. D-1661

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com


## AFFIDAVIT

By virtue of an affidavit sworn before the Executive Magistrate, Balangir, No.2952, date- 21.08.25, I Sunil Kumar Bagarty, R/o. At. Siletkani, P.O.- Badabandh, P.S.- Deogaon, Dist.- Balangir, Odisha declare that I have changed my name from Sunil Bagartti to Sunil Kumar Bagarty. Henceforth, I shall be known as Sunil Kumar Bagarty for all purposes.
Sunil Kumar Bagarty
D-1729

By virtue of an affidavit sworn before the Executive Magistrate, Boudh, No.885, date 22.05.25, I Suresh Padhihari, R/o. Village- Ichhapur, P.S.- Badhigaon, P.S.-/Dist.- Boudh, Odisha, PIN-762026 declare that I have changed my son's name from Pratyush Padhihari to Pratyush Kumar Padhihari. Henceforth, he shall be known as Pratyush Kumar Padhihari for all purposes.
Suresh Padhihari
D-1728

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit before Executive Magistrate, Bhadrak dtd- 18.08.2025, I Subasini Lenka, W/o.- Ramesh Lenka, Vill.- Daipur, P.O.- Narayanpur, P.S.- Dhamnagar, Dist.- Bhadrak declare that I have changed my name from Sinalata Lenka to Subasini Lenka. Henceforth, I shall be known as Subasini Lenka for all future purposes. D-1733

By virtue of an affidavit sworn before the Executive Magistrate, Jamankira No.523 date- 07.08.2025, I Haresh Pruseth, R/o Village.- Tabalakata, P.O.- Boxma, P.S.- Kuchinda, Dist.- Sambalpur declare that in my saving pass book my name has been mentioned as Haresh Chandra Pruseth, But my correct name is Haresh Pruseth which is recorded in my Aadhaar card and PAN card. That both the name is one and same person. D-1727

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

By virtue of an affidavit sworn before the Notary Public, Bhubaneswar on dtd- 21st August, 2025, I Mrs. Suprava Behera, address: At.- FCI Chhaka, P.O.- Arabinda Nagar, P.S.- Phulabani Town, Dist.- Kandhamal, PIN- 762001, Odisha have changed my name from "Suprava Sethi" to "Suprava Behera". Henceforth, I shall be known as "Suprava Behera" for all purposes.
Suprava Behera
D-1736

By virtue of an affidavit sworn before the Executive Magistrate, Bhubaneswar dated- 18.08.2025. I Madhusudan Sahoo, S/o- Dharmu Sahoo permanent resident of At- Naruda, P.S.- Balanga, P.O.- Sahadapada, Dist.- Puri, Odisha- 752105 declare that I have changed my son's name from Baswdev Sahoo to Basudeva Sahoo, he shall be known as Basudeva Sahoo for all purposes. D-1735

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ।
BHIM | UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

I, Bhagyalekha Mohapatra, W/o- Pradipta Kumar Mohapatra, Plot-364/3022, Anandvihar, lane-3, Chauliaganj, Cuttack- 753004, state by virtue of an Affidavit No.- 7459, dt- 21.08.2025 before Executive Magistrate, Cuttack Sadar that have changed my name from Basanti Mohapatra to Bhagyalekha Mohapatra. Henceforth I shall be known as Bhagyalekha Mohapatra for all purposes. D-1726

I, Manmohan Dash, S/o- Gangadhra Dash, resident of Dashagoba, P.O./P.S.- Chandanpur, Dist- Puri, PIN- 752012, Odisha declare by this affidavit No.- 40110, dtd- 20.08.2025 that now onwards I shall be known as Manamohan Dash for all future purposes. D-1734

By virtue of an affidavit sworn before the Executive Magistrate, Boudh, No.-1179 date- 22.08.25. I, Sumanta Sahu, R/o. Village- Badapal, P.O.- Mundapada, P.S./Dist.- Boudh, Odisha, Pin- 762014 declare that I have changed my daughter's name from Shreeram Sahu to Shremayee Sahu. Henceforth she shall be known as Shremayee Sahu for all purposes.
Sumanta Sahu
D-1730

## LEGAL NOTICE

IN THE COURT OF THE ADDL. COMMISSIONER, CONSOLIDATION AND SETTLEMENT, ODISHA, NAYAGARH.

Notice Under Order- 5 rule- 20 of the Code of Civil Procedure

Notice by paper publication

In the Matter of:

Revision petition Case No.- 107/2025

1.) Matia Sethi, 2.) Jaya Sethi, both are S/o- late- Bhudhi Sethi, 3). Hadiani Sethi, W/o- Late- Arapati Sethi, 4). Prakash Kumar Sethi, 5). Pramod Kumar Sethi Both are S/o- Late- Arapati Sethi, all are of Vill/ At.- Kantabania, P.O.- Gambharidihi, P.S.- Sarankul, District- Nayagarh

..... Petitioners

Vrs

1). Trinath Sethi, S/o- Late- Banamali Sethi, 2). Kalika Sethi, W/o- Late- Gobinda Sethi, 3). Kumari Sethi, D/o- Late- Gobinda Sethi, 4). Saudamini Sethi, W/o- Late- Shyama Sethi, 5). Sudhakar Sethi, S/o- late- Shyama Sethi, 6). Sanatan Sethi, S/o- Late- Shyama Sethi.

All are of Vill/ At/ P.O.- Padamadeipur, P.S.- Sarankul, District- Nayagarh.

.......... Opp. Parties

You are above named opp. Parties take notice that the petitioners have filed above RP case No.- 107/2025, against you.

Though notice sent to you in the above given Address, but you receive the same but you did not appear therefore you are, hereby directed through this general publication to appear before this Hon'ble Court in person or through counsel on 26.08.2025 at 09 AM take notice that in default of your appearance the above RP Cases will be heared and decided.

Give under my signature and seal on the Court of 14th day of August, 2025.

By order of the court of Addl. Commissioner ,Consolidation & Settlement, Nayagarh.

D-1731

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଅଦୋଷ



**ରା**ସ୍ତା ଅଧାକୁ ମାଡ଼ି ଦୁଇଟି ମୋଟରସାଇକେଲ ଥୁଆ ହୋଇଥିଲା। ଅବଶ୍ୟ ରାସ୍ତାଟି ସେଇଠି ଅପେକ୍ଷାକୃତ ପ୍ରଶସ୍ତ ଲାଗୁଥିଲା। ଭୁଲାଷଣ୍ଡ ପରି ଠିଆ ହୋଇଥିବା ମୋଟରସାଇକେଲର ଗୋଟିକର ହ୍ୟାଣ୍ଡେଲ ବାଁକୁ ତ ଅନ୍ୟଟିର ଡାହାଣକୁ ମୋଡ଼ି ହୋଇ ରହିଥିଲା। ଗୋଟିଏ ଗାଡ଼ି ହ୍ୟାଣ୍ଡେଲରେ ଦୁଇଟି ବ୍ୟାଗ୍ ଆଉ ଗୋଟିଏ ଗାଡ଼ିର ସାଇଡ୍ କ୍ଲାମ୍ପରେ ନୂଆ ଲୁଗାପଟା ଭର୍ତ୍ତି ବ୍ୟାଗ୍‌ଟିଏ ଝୁଲୁଥିଲା। ଆଶ୍ଚର୍ଯ୍ୟର କଥା ଦୁଇଟିଯାକ ଗାଡ଼ିରେ ଚାବି ଲାଗିରହିଥିଲା। ଆଖପାଖରେ କେହି ଲୋକବାକ ଦେଖାଯାଉ ନଥିଲେ। ରାସ୍ତାଟିରେ ଅବଶ୍ୟ ବେଗବାନ ଗାଡ଼ି ପ୍ରତି ମୁହୂର୍ତ୍ତରେ ଯାତାୟାତ କରୁଥିଲା।

ଅଳ୍ପ ଦୂରରେ ଗୋଟିଏ ଝଙ୍କା ଆମ୍ବଗଛ ତଳେ ବୁଢ଼ା ଲୋକଟିଏ ବସିଥିଲା। ଲୋକଟିର ଶରୀର ଶୁଷ୍କ ଏବଂ ରୁଗ୍ଣ ଦେଖାଯାଉଥିଲେ ମଧ୍ୟ ମୁହଁରେ ତା'ର ଅବସାଦର ଚିହ୍ନବର୍ଣ୍ଣ ନଥିଲା।

**ଗଳ୍ପ**

**ବିପ୍ଳବ**

ବରଂ ତା' ଓଠରେ ହସର ସ୍ଥିର ରେଖାଟିଏ ରହିଥିଲା, ଯେମିତି କୌଣସି ମନ୍ଦିର ବେଢ଼ାର ପ୍ରତିମାଟିଏ ପରି। ଦେହରେ ସେମିତି କୌଣସି ଦାମୀ ପୋଷାକ ବି ନଥିଲା। କେବଳ ଲାଜ ଢାଙ୍କିବାକୁ କେହି ଯେମିତି ବାଧ୍ୟକରି ପୋଷାକଟିଏ ପିନ୍ଧେଇ ଦେଇଥିଲା। ତାହା ପୁଣି ଚିରା ଏବଂ ମଇଳା ବଲବଲ।

ହଠାତ୍ ଆମ୍ବଗଛ ଛାଇରୁ ଲୋକଟି ଉଠିଲା। ଚାଲି ଚାଲି ଗାଡ଼ି ଦୁଇଟି ପାଖକୁ ଗଲା। ଚାବିଲାଗିଥିବାର ଦେଖି ସେ ଆଶ୍ଚର୍ଯ୍ୟ ହେଲାନି। ଗାଡ଼ି ଦୁଇଟିରେ ଚାବି ଲାଗିଛି ଏ ବାବଦରେ ସେ ଜ୍ଞାତ ଥିଲା ଯେମିତି!

ଲୋକଟି ଚତୁର୍ଦ୍ଦିଗକୁ ଡୋଳା ବୁଲାଇ ଆଣିଲା ଆଉ ଚାବି ଦୁଇଟି ବେଶ୍ ସହଜ ଭାବରେ କାଢ଼ିନେଇ ଅଣ୍ଟାରେ ଖୋସିଦେଲା। ତା'ପରେ ସେଇ ଆମ୍ବଗଛ ତଳକୁ ଚାଲିଗଲା, ଯେଉଁଠି ସେ ଦିନରାତି ଖଟି କରେ। ଅଣ୍ଟାରେ ଗୁଡ଼ା ହୋଇଥିବା ମଳିଛିଆ ତେଲ ଚିକିଟା ଗାମୁଛାକୁ ଭୂଇଁରେ ପାରି ଗୋଡ଼ ଉପରେ ଗୋଡ଼ ଲଦି ଗଡ଼ପଡ଼ ହେବାକୁ ଲାଗିଲା।

କିଛି ସମୟ ପରେ ଦୁଇଟି ଗଜା ଟୋକା ଟଳି ଟଳି ଆସିଲେ। ଗାଡ଼ି ପାଖରେ ପହଞ୍ଚି ଦୁହେଁ ନିଜ ନିଜ ପେଣ୍ଟ ପକେଟ ଅଣ୍ଡାଳିଲେ। ବୋଧହୁଏ ଚାବି ଖୋଜୁଥିଲେ! ଆଉ ପାଉ ନ ଥିଲେ। ଗାଡ଼ି ଦୁଇଟିରୁ ବ୍ୟାଗ୍‌ଗୁଡ଼ିକ କାଢ଼ି ତଳେ ଓଜାଡ଼ି କିଛି ଖୋଜିବାକୁ ଲାଗିଲେ। ନିଜ ନିଜ ଭିତରେ ଭିଡ଼ାଭିଡ଼ି ହେଲେ। ଶୋଧାଶୋଧି ହେଲେ। ଶେଷକୁ ସେଇ ଗାଡ଼ି କଡ଼ରେ ମୁହଁ ମାଡ଼ି ଦୁହେଁ ପଡ଼ିଗଲେ।

ବୁଢ଼ା ଲୋକଟି ଆମ୍ବଗଛ ତଳେ ବସି ଏ ଦୃଶ୍ୟକୁ ଲକ୍ଷ୍ୟ କରୁଥିଲା। ତା' ମନରେ କିଛି ପ୍ରତିକ୍ରିୟା ହେବା ପରି ଜଣାପଡୁ ନ ଥିଲା। ପଥଚାରୀ ଗାଡ଼ିର ବେଗ ହ୍ରାସ କରି ସେମାନଙ୍କୁ ଟିକିଏ ଅନେଇ ଦେଇ ଚାଲିଯାଉଥିଲେ।

ଦେଢ଼ଘଣ୍ଟା ପାଖାପାଖି ବିତିଗଲା। ଦୁହେଁ ଝାଡ଼ିଝୁଡ଼ି ହୋଇ ଭୂଇଁରୁ ଉଠିଲେ।

ସମ୍ଭବତଃ ତାଙ୍କ ନିଶା ଓହ୍ଲେଇ ସାରିଥିଲା। ତଳେ ପଡ଼ିଥିବା ଜିନିଷପତ୍ର ଦେଖି ଦୁହେଁ ଆଶ୍ଚର୍ଯ୍ୟ ହେଲେ। ଏ ସବୁ କର୍ମ ସେ ନିଜେ କରିଥିଲେ ବୋଲି ବୋଧହୁଏ ପାସୋରି ଯାଇଥିଲେ। ଦୁହେଁ ତଳୁ ଜିନିଷ ସବୁ ଗୋଟେଇ ବ୍ୟାଗ୍‌ରେ ଭର୍ତ୍ତି କଲେ। ବ୍ୟତିବ୍ୟସ୍ତ ହୋଇ ପୁଣି ଥରେ ନିଜ ପେଣ୍ଟ ପକେଟ ଅଣ୍ଡାଳିଲେ।

ଏବେ ଯାଇ ବୁଢ଼ାଟି ଆମ୍ବଗଛ କଡ଼ରୁ ଉଠିଲା। ଆସ୍ତେ ଆସ୍ତେ ଚାଲି ଦୁହିଁଙ୍କ ପାଖରେ ପହଞ୍ଚିଲା। ଅଣ୍ଟାରୁ ଚାବି କାଢ଼ି ତାଙ୍କ ହାତକୁ ବଢ଼େଇଦେଲା।

ଅଚିହ୍ନା ଲୋକଟିଏ ଦେଖି ଦୁହେଁ ଆଶ୍ଚର୍ଯ୍ୟ ହେଲେ। ଚାବି ନେଇସାରିବା ପରେ ଦୁହେଁ ଚୋର ଚୋର ବୋଲି ଚିଲେଇଲେ, ଆଉ ନିର୍ଦ୍ଦୟ ଭାବରେ ବୁଢ଼ାକୁ ପିଟିବାକୁ ଲାଗିଲେ। ବୁଢ଼ାଟି ବିକଳ ହୋଇ କାନ୍ଦିବାକୁ ଲାଗିଲା। ପ୍ରତିବାଦ କରିବାର ଶକ୍ତି ତା'ର ନଥିଲା କି ସେ ପ୍ରତିବାଦ କରୁ ନଥିଲା ବୁଝି ହେଉ ନଥିଲା। ପାଖ ପେଟ୍ରୋଲ ପମ୍ପରୁ ଦୁଇଟି ପିଲା ଦୌଡ଼ି ଆସି ଟୋକା ଦୁଇଟିଙ୍କୁ ଅଟକେଇଲେ।

– କାହିଁକି ତାକୁ ମାରୁଛ ?

– ଆମ ମୋଟରସାଇକେଲ ଚାବି ଚୋରେଇ ନେଇଥିଲା ସେ।

– ସେ ମୋଟରସାଇକେଲ ଚଲେଇ ପାରିବ, ଏମିତି ଦିଶୁଛି କି ସେ ଲୋକର ଚେହେରା, ଚୋର କେବେ ଚାବି ଫେରେଇବାକୁ ଆସେ କି? ଜାଣିଛ, ସେ ତମ ଦୁହିଁଙ୍କ ଜୀବନ ରକ୍ଷାକରିଛି!

ଦୁହେଁ ଆଶ୍ଚର୍ଯ୍ୟ ହୋଇ ପରସ୍ପର ମୁହଁକୁ ଚାହିଁଲେ।

– ତମେମାନେ କିଛି ଜାଣିନ ସେ ଲୋକ ବିଷୟରେ। ଏଇ ପାଖ ଗାଁର ସେ। ତିନି ବର୍ଷ ତଳେ ତା' ପୁଅ ମଦ ପିଇ ଏଇ ପେଟ୍ରୋଲ ପମ୍ପ ପାଖ ଆମ୍ବଗଛରେ ପିଟିହୋଇ ଯାଇଥିଲା। ବୁଢ଼ା ଖବର ପାଇ ଦଉଡ଼ି ଆସି ଦେଖେ ତ ସବୁ ଶେଷ ହୋଇଯାଇଛି। ଏକମାତ୍ର ପୁଅ ତାକୁ ଏକା କରି ସବୁଦିନ ପାଇଁ ଚାଲିଯାଇଛି। ତା'ର କାରଣ ଥିଲା ଅତ୍ୟଧିକ ମଦ୍ୟପାନ। ସେଇଦିନୁ ତା' ସ୍ମୃତିଶକ୍ତି ଚାଲିଯାଇଛି। ଏଇଠି ଦିନରାତି ପଡ଼ି ରହିଛି। ଯେତେ ଭିଡ଼ି ଓଟାରି ମେଡିକାଲ କି ଘର ଯୁଆଡ଼େ ନେଲେ ବି ଲୁଚି ପଳେଇ ଆସୁଛି ଏଇ ଆମ୍ବଗଛ ତଳକୁ। ଏବେ ଘରଲୋକ ବି ଆଉ ତାକୁ ଖୋଜନ୍ତି ନାହିଁ। ପଚାରନ୍ତି ବି ନାହିଁ। ସେ ଦିନରାତି ଏଇ ଗଛ ତଳେ ପଡ଼ି ରହିଥାଏ। ପାଖ ମଦ ଦୋକାନରୁ କେହି ମଦ ପିଇବାକୁ ଆସିଲେ ସେ ତା' ଚାବି ଲୁଚେଇଦିଏ। ପୁଣି କିଛି ସମୟ ପରେ ଫେରେଇ ଦିଏ।

ଦୁହେଁ ସ୍ତବ୍ଧ ହୋଇଗଲେ।

ବୁଢ଼ାକୁ ହାତ ଉଠେଇ ମସ୍ତ ବଡ଼ ଭୁଲ୍ କରିଛନ୍ତି ବୋଲି ଲଜ୍ଜିତ ହେଲେ। ବୁଢ଼ାଲୋକଟି ଥିଲା ନିର୍ବିକାର। ସେ ତା' ପୂର୍ବ ନିର୍ଦ୍ଧାରିତ ସ୍ଥାନକୁ ଫେରିଯାଇଥିଲା। ପୂର୍ବପରି ଶୂନ୍ୟକୁ ମୁହଁକରି ଗଡ଼ପଡ଼ ହେଉଥିଲା, ଯେମିତି ତା' ସହ କିଛି ଘଟିନି।

ମକୁନ୍ଦପୁର, ବାଙ୍କୀ

ମୋ: ୯୪୩୭୪୬୮୦୧୬

## ପୁସ୍ତକ ପରିଚୟ

### ଶେଷ ବସନ୍ତ



**ଅନୁବାଦକ:** ଜୟକୃଷ୍ଣ ସାମଲ
**ପ୍ରକାଶକ:** ବନଫୁଲ, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୮୦/–

ମୋଟ ୧୭ଟି ଗଳ୍ପ ଆଲୋଚ୍ୟ ସଂକଳନରେ ସ୍ଥାନିତ। ଗାଳ୍ପିକଙ୍କ ମଧ୍ୟରେ ଅଛନ୍ତି ବିମଳ ମିତ୍ର, ସତ୍ୟଜିତ୍ ରାୟ, ବନଫୁଲ, ସୁନୀଲ ଗଙ୍ଗୋପାଧ୍ୟାୟ, ଡକ୍ଟର ଦୀପକ ଚକ୍ର, ପୃଥ୍ୱୀଶ ଘୋଷ ଦସ୍ତିଦାର, ତିଲୋତ୍ତମା ମଜୁମ୍‌ଦାର, ଅରୁଣାଭ ଗୁପ୍ତ, କଲ୍ଲୋଳ ସରକାର, ତ୍ରିଦିବ କୁମାର ଚଟ୍ଟୋପାଧ୍ୟାୟ, ଡକ୍ଟର ସୌମିତା, ଅନିନ୍ଦିତା ଗୋସ୍ୱାମୀ ଓ ରୂପକ ନଟରାଜ ପ୍ରମୁଖ ଖ୍ୟାତନାମା ଗଳ୍ପକାର। ପୃଥ୍ୱୀଶଙ୍କ ଗଳ୍ପ 'ଶେଷ ବସନ୍ତ' ବହିର ଶିରୋନାମ। ଗଳ୍ପଗୁଡ଼ିକରେ ଜୀବନ ଓ ଚଳନ୍ତି ଜଗତର ସୁଖଦୁଃଖ ସାକାର ହୋଇଛି ନାନା ବର୍ଣ୍ଣବିଭା ନେଇ। ବନଫୁଲଙ୍କର ଗଳ୍ପଟି ବହିର ସବୁଠୁଁ ଛୋଟଗଳ୍ପ। ଏକ ଚାକରାଣୀର ମୃତ୍ୟୁ ହୋଇଛି। ତା'ରି ଶବ ଶୋଭାଯାତ୍ରାରେ ସାମିଲ ବନ୍ଧୁମାନଙ୍କ ମଧ୍ୟରେ ଯେଉଁ କଥୋପକଥନ ତାହା ଗଳ୍ପର ବିଷୟବସ୍ତୁ। କିନ୍ତୁ ଚାକରାଣୀର ମୃତ୍ୟୁ ରହସ୍ୟମୟ। ଏହି ରହସ୍ୟମୟତା ଗଳ୍ପଟିକୁ ମହନୀୟ କରିଛି। ସୁନୀଲ ଗଙ୍ଗୋପାଧ୍ୟାୟଙ୍କ ଗଳ୍ପ 'ନୀରା'ରେ କଲିକତା ସହରର ସକଳ ଅଘଟଣର କାରଣ ଭାବେ ନାରୀର ଅସୁସ୍ଥତାକୁ ଲେଖକ ଦେଖିଛନ୍ତି। ନୀରା ଭଲ ହୋଇଯାଇଛି ଜ୍ୱରରୁ ଓ ସହରରେ ଫେରିଆସିଛି ସ୍ୱାଭାବିକ ଅବସ୍ଥା। ନୀରାକୁ ନେଇ ସୁନୀଲ ଅଜସ୍ର କବିତା ଲେଖିଛନ୍ତି। ଗଳ୍ପ ବି। ଚିରାଚରିତ ସ୍ଥିତାବସ୍ଥାରେ ବ୍ୟକ୍ତିଗତ ପ୍ରେମଭାବନାକୁ ଏକାକାର କରିଦେଇ ସୁନୀଲ ଏଇ ଗଳ୍ପରେ ଏକ ଅଭୁତପୂର୍ବ ବାସ୍ତବତା ନିର୍ମାଣ କରିଛନ୍ତି, ଯାହା ଯେତିକି ଅନୁଭବ୍ୟ, ସେତିକି ଉପଭୋଗ୍ୟ ବି! ବହିର ପ୍ରତ୍ୟେକଟି ଗଳ୍ପ ଚିନ୍ତା ଓ ପରିବେଷଣର ତରିକା ଦୃଷ୍ଟିରୁ ନିଜ ନିଜ ଗୁଣରେ ଅନନ୍ୟ। ଆଶା ଅନୂଦିତ ଏହି ପୁସ୍ତକଟି ଅନୁବାଦର ସଫଳତା ଯୋଗୁଁ ପାଠକଙ୍କୁ ମୂଳ ଗଳ୍ପର ସ୍ୱାଦ ଆଣିଦେବ।

### ଅକବି'ର କବିତା



**କବି:** ବ୍ରଜ କିଶୋର ନାୟକ
**ପ୍ରକାଶକ:** କୋଠଘର, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୬୦/–

ମୋଟ ୫୯ଟି କବିତାର କୋଠଘର ଏ ବହିଟି। ବିଷୟ ଭିନ୍ନ ଭିନ୍ନ ଓ ବିଷୟକୁ ନେଇ ଉପସ୍ଥାପନା। 'ନିଜକଥା'ରେ କବି କହିଛନ୍ତି: ''ମୋର ଏହି କବିତା ସଂକଳନରେ ମୁଁ ନିଜକୁ କବି ବୋଲି ବିବେଚନା କରିନାହିଁ; କାରଣ, ମୁଁ ନିଜସ୍ୱ କଳ୍ପନାକୁ ଭିତ୍ତିକରି କିଛି ଲେଖିପାରି ନାହିଁ, ବରଂ କିଛି ଦେଖି ଓ ସେହି ମୁହୂର୍ତ୍ତର ଅନୁଭୂତିକୁ ପାଥେୟ କରି ଯାହା ଲେଖିଛି। x x ବାହ୍ୟଦୃଷ୍ଟିରେ ଅଧିକାଂଶ କବିତା ରୋମାଞ୍ଚକର ଲାଗୁଥିଲେ ବି ଏଗୁଡ଼ିକର ଅନ୍ତରାଳେ ଜୀବନ ସଂଘର୍ଷ, ଜୀବନ ଦର୍ଶନ, ସାମାଜିକ ଉତ୍ପୀଡ଼ନ, ନାରୀ ସଶକ୍ତୀକରଣ ତଥା ବିଭୁ ଚିନ୍ତନର ଝଲକ ସ୍ୱତଃପ୍ରବୃତ୍ତ ଭାବରେ ଖଞ୍ଜି ହୋଇଯାଇଛି।'' ଦୁଇଟି ଉଦାହରଣ: ୧. ''ସୂର୍ଯ୍ୟ ଯେବେ ଲୁଚିଯାଏ/ ଖଣ୍ଡଗିରି ପାହାଡ଼ ଉହାଡ଼େ/ ପ୍ରକୃତି ରୂପସୀ!/ ଲିପ୍‌ଷ୍ଟିକ୍ ମାଖିଦିଏ/ ତା'ର ସରୁ ଓଷ୍ଠ ପରେ।'' (ଖଣ୍ଡଗିରିର ସନ୍ଧ୍ୟା, ପୃ:୬୯), ୨. ''ମଧୁର ଏ ଗଳ୍ପର ଆରମ୍ଭ/ କଣ୍ଟାହୀନ/ ଗୋଲାପ ବିଛଣା,/ ପରେ ପରେ/ ଅମା ଅନ୍ଧକାର/ ଯନ୍ତ୍ରଣା, କିଛି/ ଅସହ୍ୟ ଯନ୍ତ୍ରଣା'' (ପ୍ରେମ ଓ ଗଳ୍ପ, ପୃ:୩୩)। 'ଅଭିମତ'ରେ କବି ରବିନାରାୟଣ ସେନାପତି ଲେଖିଛନ୍ତି: ''ପୁସ୍ତକରେ ସନ୍ନିବେଶିତ କବିତାଗୁଡ଼ିକ ଅତ୍ୟନ୍ତ ସୁଖପାଠ୍ୟ ଏବଂ ଭାବଗର୍ଭକ। xx ଭାଷା ଅତ୍ୟନ୍ତ ସରଳ ଏବଂ ସାବଲୀଳ। x x କବିଙ୍କର କବିତା ମୟୂରଭଞ୍ଜଠାରୁ ଆରମ୍ଭକରି ମାଲକାନଗିରିର ଗୁରୁପ୍ରିୟା ସେତୁ ପର୍ଯ୍ୟନ୍ତ ବ୍ୟାପ୍ତ।'' ଏପରି ଅନୁକୂଳ ମତ ସତ୍ତ୍ୱେ କବିତାଗୁଡ଼ିକରେ ଗଠନଗତ ଶିଥିଳତା ଦୁର୍ଲକ୍ଷ୍ୟ ରହେନାହିଁ। ମନେହୁଏ କବି କବିତାଗୁଡ଼ିକୁ ଲେଖିଦେଇ ରଚନାପରବର୍ତ୍ତୀ ଯତ୍ନ କଥା ପାସୋରି ଯାଇଛନ୍ତି। କବିତାର ପ୍ରାରମ୍ଭରେ ସଂଯୋଜିତ ଚିତ୍ର ଅନନ୍ୟତା ଦାବି କରେ।

## କବିତା

### ଜଳିବା କ'ଣ ମୋ ଭାଗ୍ୟ

**ଚିନ୍ମୟୀ ପଣ୍ଡା**

**ମୋ'** ଆକାଶ ଆଜି ଧୂସର
ପାଦତଳେ ମୋ' ପୃଥ୍ୱୀ ଥରହର
ମୁଁ ଆଜି ପଥର।

ମାଡ଼ି ମକଚି ହୋଇ ତୁମର
ପାଦତଳେ ପଡ଼ିପାରିବି,
ନା ତୁମର ସବୁ 'ହଁ'ରେ
ମିଶେଇ ପାରିବି 'ହଁ'!

ଏ ପୃଥିବୀ ମୋର ସେତିକି, ଯେତିକି ତୁମର
ଏଇ ଆକାଶ ବି ସେତିକି ମୋର,
ଯେତିକି ତୁମର,
ମୋ ଛାଇ, ମୋ ଅସ୍ତିତ୍ୱ ବି
ମୋ ନିଜର, ଯେତିକି ତୁମର

କାହିଁକି ଜଳିବାକୁ ହୁଏ ମତେ ?
କାହିଁକି ଲୁଚି ଲୁଚି ଲୁହଗଡ଼ାଏ ମୁଁ ?
କାହିଁକି ଅନ୍ଧାର ରାସ୍ତାକୁ ଡରେ ମୁଁ ?
ବାପାଙ୍କୁ, ଭାଇକୁ, ସବୁ ପୁରୁଷଙ୍କୁ
ଡରେ କାହିଁକି ମୁଁ ?

ନା ମତେ ଆଉ ଦେବୀ ସଜାଇ ପୂଜା କରନା।
ତମ ପରି ମଣିଷ ହୋଇ
ବଞ୍ଚିବା ହିଁ ମୋର କାମନା।

କାହିଁକି ମୋ ଚେହେରା କାନ୍ଥ, ବାଡ଼ରେ ?
କାହିଁକି ବିକ୍ରିହୁଏ ମୋ ଦେହ ବଜାରରେ ?
କାହିଁକି ମୋ ରୂପକୁ ନେଇ
ଏତେ ଯୁଦ୍ଧ ଇତିହାସରେ ?

ଜନ୍ମଠାରୁ ମରଣଯାଏଁ କାହିଁକି ଜୀବନ ଏକ ବନ୍ଧନୀ
ପୁରୁଷର ଲୋଲୁପ ଆଖି ଓ
କ୍ଷମତାର ପଶାପାଲିରେ
ଜଳିବା ହିଁ ମୋ' ଭାଗ୍ୟ।
ବିଧାତାର ଭାଗ୍ୟକୁ ମୁଁ ବିରୋଧ କରେ,
ମୁଁ ବିରୋଧ କରେ ଜଳିବାର ଏ ଭାଗ୍ୟକୁ
ବିଧାତାକୁ ଓ ପୁରୁଷକୁ!!

ମୋ: ୯୮୬୧୧୯୧୯୬୯

### ନୂଆ ସକାଳ

**ତପନ ରଥ**

**ଆ**ଜି ଯେଉଁ ଶିଶୁଟି ଜନ୍ମ ନେଇଛି
ସେଇ ଶୂନ୍‌ଶାନ୍ କୁଡ଼ିଆରେ
ରାହା ତା'ର ଝାପସେଇ ଶୁଭେ
ବନ୍ଧୁକର ଗର୍ଜନ ମଣିଷର ତର୍ଜନ ମଧ୍ୟରେ...

ମା' ତା'ର ଯାଇଛି ତାକୁ ଏକାକୀ ଛାଡ଼ି
ଗୁଣ୍ଡ ଡବା ଦୁଧ ଆଣିବା ଆଶାରେ

ପିତା ତା'ର ଉଗ୍ରପନ୍ଥୀ ନାହିଁ ତା ଖବର
ଆସିବାର ଆଶାନାହିଁ, ନ ଆସି ବି ପାରେ...

ମହାନଗରୀର ବକ୍ଷ ଆଜି ଭରପୂର
ମଣିଷର ଶବ ମହକରେ
ବିଜୁଳି ଆଲୁଅ ନାହିଁ, ଦରପୋଡ଼ା ଘର
ସବୁ ଦିକ୍‌ଦିକ୍ ଜଳେ
କାଁ ଭାଁ କୁକୁରଟି ରହି ରହି ଭୁକେ...

ମା' ଖୋଜେ କୁଡ଼ିଆକୁ ଯେଉଁଠି ସେ
ଛାଡ଼ି ଯାଇଥିଲା ସନ୍ତାନକୁ ତା'ର
ନାହିଁ ତା'ର ଆଉ ସେ କୁଡ଼ିଆ
ଶୁଭୁନାହିଁ ପୁଅର ଚିତ୍କାର...

ପୂରୁବ ଦିଗରେ ସୂର୍ଯ୍ୟ ଖୋଲେ
ଆଖି ଧୀରେ ଧୀରେ
ଦୌଡୁଛି ମା' ଡାକି ଡାକି
ଶୋଇଯା' ଶୋଇଯା' ପୁଅ ମୋର
ଖୋଲିବୁ ତୁ ଆଖି
ଉଗ୍ରପନ୍ଥୀମାନେ ଚାଲିଗଲା ପରେ
ମା' ତୋର ଯାଇଛି
ଗୁଣ୍ଡ ଦୁଧ ଆଣିବା ଆଶାରେ...

ମୋ: ୭୯୭୮୫୪୫୮୮୦

**ଗୀତି–କବିତା**

### ଶ୍ରାବଣ ଯାଇଛି ଫେରି

**ଲକ୍ଷ୍ମୀପ୍ରିୟା ପୃଷ୍ଟି**

**ଶ**ବ୍ଦର କାକଳି ସାତ ସୁର ଘେନି
ଶିହରୁନି ତନୁ ମନ
ଶିଥିଳତା ପଣ ଜାଳୁଛି ଜୀବନ
ସମୟ ଦେଇଛି ରାଣ।

କୃଷ୍ଣଚୂଡ଼ା ସଞ୍ଜେ ଲାଗିଛି ଗ୍ରହଣ
ଆଲୁଅ ରୋଶଣି ନାହିଁ
ବନ୍ଦ ସରସୀରେ ବନ୍ଦୀ ନୀଳ କଇଁ
କାନ୍ଦେ କାହା ବାଟ ଚାହିଁ।

ହସିବା ବସିବା ସବୁଠେଇଁ ଶଙ୍କା
ସମୟ ଗୋଳିଆ ଭାରି
ମନର ମରୁରେ ଡହକିଆ ତାତି
ଶ୍ରାବଣ ଯାଇଛି ଫେରି।

ଶରଧାର ସଞ୍ଜ ବଳିତାରେ ଆଜି
ଅତିଷ୍ଠ ଏ ଅନୁଭବ
ସମୀରରେ ଶୁଭେ ଶୀତଳ ଯନ୍ତ୍ରଣା
ଛନ୍ଦହରା ଗୋଟେ ଭାବ।

ମନର କପୋତୀ ମଉନେ ଗୁମୁରେ
ମିଛ ଅଭିନୟ ଦେଖି
ବୁଝିବାକୁ ଆଉ କିଛି ନାହିଁ ବାକି
ସମୟ ରହିଛି ସାକ୍ଷୀ।

ମୋ: ୭୩୭୭୩୧୮୭୮୯

## କାଳକାଳକୁ



**''ସମୁଦ୍ରର ସ୍ୱର ଆତ୍ମା ସହ କଥାହୁଏ।''**
**– କେଟ୍ ସୋପାନ୍**

**କେଟ୍ ସେପାନ୍‌ଙ୍କ** ଜନ୍ମ ୮ ଫେବୃଆରୀ ୧୮୫୦ରେ ଓ ପରଲୋକ ୨୨ ଅଗଷ୍ଟ ୧୯୦୪ରେ, ଆମେରିକାରେ। ସେ ଏକାଧାରରେ କଥାଶିଳ୍ପୀ ଓ ଔପନ୍ୟାସିକା। ୧୮୯୯ରେ ରଚିତ ଉପନ୍ୟାସ "The Awakening" ପାଇଁ ସେ ସାରା ବିଶ୍ୱରେ ପରିଚିତ। ସେ ପିଲା ଓ ବୟସ୍କ ଉଭୟଙ୍କ ପାଇଁ ଗଳ୍ପ ଲେଖନ୍ତି। ବିଂଶ ଶତାବ୍ଦୀର ବାମାବାଦୀ ଲେଖିକାଙ୍କ ମଧ୍ୟରେ ତାଙ୍କୁ ଜଣେ ଅଗ୍ରଗଣ୍ୟା ଲେଖିକା ଭାବେ ବିବେଚନା କରାଯାଏ। 'ଦ ଆଟଲାଣ୍ଟିକ୍ ମଂଥ୍‌ଲୀ', 'ଭୋଗ୍', 'ଦ ସେଞ୍ଚୁରୀ ମାଗାଜିନ୍' ଓ 'ଦ ୟୁଥ୍‌ସ କମ୍ପାନିୟନ୍' ଭଳି ଖ୍ୟାତନାମା ପତ୍ରିକାରେ ତାଙ୍କ ଲେଖା ନିୟମିତ ପ୍ରକାଶପାଏ। ସେ କହନ୍ତି: ''ଜଣେ କଳାକାରର ଏକ ଦମ୍‌ଭରା ଆତ୍ମା ଥିବା ଦରକାର, ଯାହା ସାହସ କରୁଥିବ ଓ ଆହ୍ୱାନ ବି ଦେଉଥିବ।''

# ଅବ୍ୟକ୍ତ ବେଦନା

**ଲଘୁଗଳ୍ପ**

**ଗାୟତ୍ରୀ ସିଂହ**

**ମା**ଆ ତା' ସନ୍ତାନକୁ ଦଶମାସ ଗର୍ଭରେ ସ୍ଥାନ ଦେଇଥାଏ। ଭୂମିଷ୍ଠ ହେବା ପର୍ଯ୍ୟନ୍ତ ପେଟ ଭିତରେ ସେ କିପରି ଠିକ୍ ଭାବରେ ବଢ଼ିପାରିବ ସେଥିପାଇଁ ଯତ୍ନଶୀଳ ଥାଏ। ଭୂମିଷ୍ଠ ହେବା ପରେ ଲାଳନପାଳନ କରି ଅନେକ କଷ୍ଟ ସହି ବଡ଼ କରେ। ନିଜ ପେଟରୁ କାଟି ଖାଇବାକୁ ଦେଇଥାଏ। ନିଜେ ପୁରୁଣାରେ କାମ ଚଳେଇ ସବୁ ପର୍ବପର୍ବାଣୀରେ ପିଲାମାନଙ୍କ ପାଇଁ ନୂଆ କରିଥାଏ। ପିଲାମାନଙ୍କର ସବୁ ଇଚ୍ଛା ପୂରଣ କରୁକରୁ ନିଜର କିଛି ଇଚ୍ଛା ଅଛି ବୋଲି ସେ ସମ୍ପୂର୍ଣ୍ଣ ଭାବରେ ପାସୋରିଦିଏ। ପିଲାମାନଙ୍କୁ ଖୁସିରେ ରଖିବା ପାଇଁ ନିଜ ଖୁସିକୁ ସେ ଜଳାଞ୍ଜଳି ଦେଇଦିଏ। ବଡ଼ ହେଲା ପରେ ପିଲାମାନେ କିନ୍ତୁ ପିତାମାତାଙ୍କ ପାଇଁ ତାଙ୍କ ଘରେ ସ୍ଥାନ ନ ଥାଏ କି ତାଙ୍କ ପାଇଁ ସମୟ ନ ଥାଏ। ତଥାପି ପିତାମାତା ସନ୍ତାନକୁ ଦୋଷ ଦିଅନ୍ତିନି। ନିଜେ ସଂସ୍କାର ଦେବାରେ କିଛି ତ୍ରୁଟି ରହିଯାଇଛି ବୋଲି ଭାବି ସବୁ ଭାଗ୍ୟ କହି ଛାଡ଼ିଦିଅନ୍ତି। ତା'ପରେ ବି ସେମାନେ ପିଲାମାନଙ୍କର ମଙ୍ଗଳ କାମନା କରନ୍ତି। ସର୍ବଦା ଶୁଭ ମନାସନ୍ତି। ଅନ୍ୟମାନଙ୍କ କଥାରେ ମଣିଷ ଆଖିରୁ ଲୁହ ବୋହିଥାଏ। ଦୁନିଆ ଦେଖେ, ହେଲେ ନିଜ ସନ୍ତାନମାନେ ଦୁଃଖ ଦେଲେ ମାଆ କାନ୍ଦେ, ବାପା ନୀରବି ଯାଆନ୍ତି। ସେ ଲୁହ କାହାକୁ ଦେଖେଇ ହୁଏ ନାହିଁ କି କହି ହୁଏ ନାହିଁ। କେବଳ ପଣତ ହିଁ ଜାଣେ। ଯେଉଁ ପଣତରେ ଦିନେ ସେ ପୁଅକୁ ଆଉଁଶି ଦେଇଥାଏ, ତା' ଲୁହ ସିଙ୍ଘାଣି ପୋଛି ଦେଇଥାଏ। ସେହି ପଣତ ପୁଣି ଦିନେ ତାକୁ ସାହାଯ୍ୟ କରିଥାଏ ନିଜ ଲୁହ ପୋଛିବାକୁ। କାଳେ କେହି ଦେଖିନେବ। ପୁଅକୁ ସାହିପଡ଼ିଶା ବନ୍ଧୁବାନ୍ଧବ ଆଗରେ ସୁନା ପୁଅ କହୁଥିବା ମାଆ କ'ଣ କେବେ ଲୁହକୁ ଦୁନିଆ ଆଗରେ ଦେଖାଇ ପାରିବ ?

ଏମିତି ଏକ ପିତାମାତା ହେବାର ସୌଭାଗ୍ୟ ହେଉ କି ଦୁର୍ଭାଗ୍ୟ ହେଉ ଲାଭ କରିଥିଲେ ଜାନକୀ ଦେବୀ ଆଉ ବିପିନ ବାବୁ। ତିନୋଟି ପୁଅ ଗୋଟିଏ ଝିଅ। କିରାଣି ଚାକିରିର ସ୍ୱଳ୍ପ ରୋଜଗାରରେ ପାଳି ପୋଷି ପାଠପଢ଼େଇ ବଡ଼ କଲେ। ପୁଅ ତିନି ଜଣଙ୍କୁ ପାଠ ପଢ଼ାଇବାରେ ଆଉ ଗୋଟିଏ ଝିଅକୁ ବାହା ଦେବାରେ ପିତୃପୁରୁଷଙ୍କର ଅଧାରୁ ଅଧିକ ଜମି ବିକ୍ରି କରିଦେଲେ। ଚାକିରି କାଳ ଭିତରେ ଭଲ ଘର ଖଣ୍ଡେ ତୋଳି ଦେଇଛନ୍ତି। ଝିଅକୁ ଭଲ ଘର ଦେଖି ବାହା ଦେଇଦେଲେ। ପୁଅମାନେ ଚାକିରି କରି ଘରଠାରୁ ଦୂରରେ ରହୁଛନ୍ତି। ଏବେ ଘରେ ଜାନକୀ ଦେବୀ ଆଉ ବିପିନ ବାବୁ। କେତେବେଳେ ପୁଅବୋହୂ ଝିଅଜୋଇଁ ଆସିଲେ ଘରେ ଗହଳି ଲାଗେ। ନାତି ନାତୁଣୀଙ୍କ ମେଳରେ ସେଇ କିଛିଦିନ ବେଶ୍ ଖୁସିରେ କଟିଯାଏ, ସମୟ ଜଣାପଡ଼େ ନାହିଁ। ସମସ୍ତେ ଚାଲିଗଲା ପରେ ଘର ଖାଁ ଖାଁ ଲାଗେ। ଦିନକୁ ଦିନ ଦୁହିଁଙ୍କର ବୟସ ମଧ୍ୟ ବଢୁଛି। ବୟସ ବଢ଼ିବା ସହିତ ଦୃଷ୍ଟିଶକ୍ତି ହେଉ କି ଶାରିରୀକ ବଳ ହେଉ ସବୁ ଦୁର୍ବଳ ହୋଇଯାଏ। ଜାନକୀ ଦେବୀଙ୍କର ଆଜି ଅଣ୍ଟା ତ କାଲି ପିଠି ପୁଣି କେଉଁଦିନ ଆଣ୍ଠୁ ପେନ୍, ଏମିତିରେ ଦିନ ସରେ। ଆଉ ବିପିନ ବାବୁଙ୍କର ଗୋଡ଼ହାତ କଷ୍ଟ ହେଲେ ବି ସମ୍ଭାଳି ନିଅନ୍ତି। ଜାନକୀ ଦିନକୁ ଦିନ ଆଉ କାମକୁ ପାରୁ ନାହାନ୍ତି। ବିପିନ ବାବୁ ଜଣେ ସ୍ତ୍ରୀ ଲୋକକୁ ଡାକି ଆଣିଛନ୍ତି ଜାନକୀଙ୍କୁ କାମରେ ସାହାଯ୍ୟ କରିବା ପାଇଁ। ଯେଉଁଦିନ ବାଥ୍‌ରୁମ୍‌ରେ ପଡ଼ି ବିପିନ ବାବୁଙ୍କର ଗୋଡ଼ ଭାଙ୍ଗିଗଲା ସେଦିନ ଜାନକୀ ଦେବୀ ପୂରାପୂରି ଭାଙ୍ଗିପଡ଼ିଲେ। ନିଜ ଅସୁସ୍ଥତାକୁ ସେ କେବେ ଗୁରୁତ୍ୱ ଦେଉ ନ ଥିଲେ, କାରଣ ତାଙ୍କ ସ୍ୱାମୀ ଠିକ୍ ଅଛନ୍ତି। ହେଲେ ବିପିନ ବାବୁ ଗୋଡ଼ ଭାଙ୍ଗି ବେଡ୍‌ରେ ପଡ଼ିବା ପରେ ଜାନକୀ ଦେବୀ ମାନସିକ ସ୍ତରରେ ଭାଙ୍ଗିପଡ଼ିଲେ।



ପୁଅମାନେ ବାପାଙ୍କ କଥା ଶୁଣି ଆସି ଦେଖିଦେଇ କିଛି ଟଙ୍କା ଧରାଇ ଚାଲିଗଲେ। ବୋହୂମାନେ କିଛିଦିନ ରହିବା ପରେ ପିଲାମାନଙ୍କର ପାଠପଢ଼ା ଅଛି କହି ଚାଲିଗଲେ। ଝିଅଜୋଇଁ ବି ଆସି ଦେଖିଦେଇ ଗଲେ। ପିଲାମାନେ ରହି ସେବା କରି ପାରିବେନି ବୋଲି ସ୍ପଷ୍ଟ ଭାବରେ କହିଦେଲେ। ବାପା ଭଲ ହେବା ପର୍ଯ୍ୟନ୍ତ ଜଣେ ନର୍ସର ବ୍ୟବସ୍ଥା କରିଦେଇ ଗଲେ। ସେ ବାପାଙ୍କର ଦେଖାଶୁଣା କରିବ। ବିପିନ ବାବୁଙ୍କର ପେନ୍‌ସନ୍ ଟଙ୍କା ଉଭୟଙ୍କ ଔଷଧରେ ସରିଯାଏ। ଆଉ ପିଲାମାନେ ଯାହା କିଛି ଦିଅନ୍ତି ତାହା ବି ସେହି ଘର ଖର୍ଚ୍ଚରେ ପଶିଯାଏ। ଧୀରେ ଧୀରେ ବିପିନ ବାବୁ ଭଲ ହୋଇ ଆସିଲେଣି। ଏଣିକି ପୁଅମାନଙ୍କ ପାଖରୁ ଟଙ୍କା ଆସିବା ବନ୍ଦ ହୋଇଗଲା। ହେଲେ ଘର ଖର୍ଚ୍ଚ, ମେଡିସିନ ଖର୍ଚ୍ଚକୁ ଟଙ୍କା ଅଣ୍ଟେନି। ଦେହ ଖରାପ ଭିତରେ ଅନେକ ଧାର ଉଧାର ମଧ୍ୟ ହୋଇଥିଲା। ବୟସ ହେଲାଣି ଆଉ ଦେହ ଭଲ କ'ଣ ? ଏମିତି ଔଷଧରେ ଜୀବନଟା ଚାଲିଥିବ। ହେଲେ ପୁଅ ବୋହୂମାନଙ୍କର ଗୋଟିଏ କଥା ବାପା ପେନ୍‌ସନ୍ ପାଉଛନ୍ତି, ଟଙ୍କା ଦେଖି କି ଖର୍ଚ୍ଚ କରୁନାହାନ୍ତି ? ବିପିନ ବାବୁ ସବୁ ଶୁଣନ୍ତି ସବୁ ଜାଣନ୍ତି ମାତ୍ର କିଛି କୁହନ୍ତି ନାହିଁ। ଆଉ ଯାହା କିଛି ଜମିବାଡ଼ି ଥିଲା ତାକୁ ବିକ୍ରି କରିବା ପାଇଁ ବିପିନ ବାବୁ ବାହାରିଲେ। ପିଲାମାନେ ସବୁ ବାହାରେ ରହିଲେ। ଏ ଜମିବାଡ଼ି ଆଉ କିଏ ସମ୍ଭାଳିବ। ସତ କଥା ହେଲା ପିଲାମାନେ ଜମି ବିକ୍ରି ପାଇଁ ତାଙ୍କ ଉପରେ ଚାପ ପକାଇଲେ। ଆମର ଘରକୁ ଫେରିବାର ନାହିଁ। ଯିଏ ଯେଉଁଠି ରହୁଛନ୍ତି ସୁବିଧାରେ ଫ୍ଲାଟ୍ ନେଇ ରହିବାର ଯୋଜନା ପିଲାମାନେ ବାପାଙ୍କୁ ଶୁଣାଇ ଦେଇଛନ୍ତି। ସେଥିପାଇଁ ଅଧିକ ଅର୍ଥ ଆବଶ୍ୟକ ପଡୁଛି। ପିଲାମାନଙ୍କ କଥାକୁ ସେ ଠିକ୍ ଭାବରେ ଠଉରାଇ ନେଲେ।


ଜମି ବିକ୍ରି କରିବା କଥା ସରିବା ପରେ ପୁଅବୋହୂ ଝିଅଜୋଇଁ ଘରକୁ ସମସ୍ତେ ଆସିଲେ। ଜମି ବିକ୍ରି ସରିବା ପରେ ସମସ୍ତଙ୍କୁ ସମାନ ଭାବରେ ଟଙ୍କା ବାଣ୍ଟିଦେଲେ ବିପିନ ବାବୁ। ହେଲେ ଗଲାବେଳେ କାହା ପାଟିରୁ ପଦେ ହେଲେ ବାହାରିଲାନି ବାପା ମାଆ ଆମ ସାଥିରେ ଚାଲ। ସେମାନଙ୍କ ପାଖରେ ସମୟ ନାହିଁ ମାଆ ବାପାଙ୍କ କଥା ବୁଝିବା ପାଇଁ କି ଯତ୍ନ ନେବା ପାଇଁ। ସମସ୍ତେ ଚାଲିଗଲେ। ଏମିତି କାମ ପଡ଼ିଲେ ଦିନେ ଓଳିଏ ପାଇଁ ଆସନ୍ତି ଯାଆନ୍ତି ହେଲେ ପାଖରେ ରହି କି ପାଖକୁ ନେଇ ରଖିବାର ମନୋବୃତ୍ତି କାହାର ନାହିଁ ବୋଲି ଉଭୟ ବିପିନ ବାବୁ ଆଉ ଜାନକୀ ଦେବୀ ଜାଣି ସାରିଲେଣି। ଆଉ ଗ୍ରହଣ ବି କରି ନେଇଛନ୍ତି। ତଥାପି ସକାଳ ସଞ୍ଜେ ଜାନକୀ ଦେବୀଙ୍କର ଠାକୁରଙ୍କ ପାଖରେ ସେଇ ଗୋଟିଏ କାମନା ଥାଏ ''ହେ ପ୍ରଭୁ ମୋ' ପିଲାମାନଙ୍କୁ ସର୍ବ କୁଶଳରେ ଘଣ୍ଟ ଘୋଡ଼ାଇ ରଖିଥାଆନ୍ତୁ''।

ମୋ: ୭୬୦୬୯୫୭୪୪୫


ଯୋଗାଯୋଗ: E-mail:dharitrisahityayana@gmail.com

# ବେଙ୍ଗାଲୁରୁ ସ୍ଥାନରେ ମୁମ୍ବାଇ ଭେନ୍ୟୁ

**ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ୍**



**ନୂଆଦିଲ୍ଲୀ, ୨୨।୮ (ପି.ଟି.)** ଆସନ୍ତା ମାସରେ ଭାରତର ୫ଟି ସହରରେ ମହିଳା ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ଖେଳାଯିବ। ତେବେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ଶୁକ୍ରବାର ଶେଷ ମୁହୂର୍ତ୍ତରେ ଭେନ୍ୟୁରେ ପରିବର୍ତ୍ତନ କରାଯାଇଛି। କେତେକ କାରଣରୁ ବେଙ୍ଗାଲୁରୁ ବଦଳରେ ମୁମ୍ବାଇକୁ ଭେନ୍ୟୁ କରାଯାଇଛି। ବେଙ୍ଗାଲୁରୁସ୍ଥିତ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ ଆବଶ୍ୟକ ପଡୁଥିବା ପ୍ରଶାସନିକ ଓ ସୁରକ୍ଷା ବ୍ୟବସ୍ଥାର ଅଭାବ ରହିଥିବାରୁ ସେଠାରେ ମ୍ୟାଚ ଆୟୋଜନ କରାଯାଇପାରିବ ନାହିଁ। ଟୁର୍ନାମେଣ୍ଟ ସେପ୍ଟେମ୍ବର ୩୦ରୁ ଆରମ୍ଭ ହେବ। ବର୍ତ୍ତମାନ ନଭି ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମ ଟୁର୍ନାମେଣ୍ଟ ଓପନର, ଏକ ସେମିଫାଇନାଲ ଏବଂ ସମ୍ଭବତଃ ନଭେମ୍ବର ୨ରେ ଫାଇନାଲ ସମେତ ୫ଟି ମ୍ୟାଚ ଆୟୋଜନ କରିବ। ଆଇସିସି ଚେୟାରମ୍ୟାନ ଜୟ ଶାହା ଏ ସମ୍ପର୍କରେ ସୂଚନା ଦେଇଛନ୍ତି।। ଜୁନ୍ ୪ରେ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏହାର ବିଜୟ ଉତ୍ସବ ପାଳନ କରୁଥିବା ବେଳେ ଷ୍ଟାଡିୟମରେ ଦଳାଚକଟାରେ ୧୧ଜଣ ସମର୍ଥକଙ୍କ ପ୍ରାଣହାନି ଘଟିଥିଲା। ଏହି ଘଟଣା ପରଠାରୁ ଷ୍ଟାଡିୟମରେ ଗୋଟିଏ ହେଲେ ମ୍ୟାଚ ଖେଳାଯାଇ ନାହିଁ। ବିଶ୍ୱକପ୍ ମ୍ୟାଚ ଖେଳାଯିବାକୁ ଥିବାରୁ ଏଥିପାଇଁ ଷ୍ଟାଡିୟମର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ କରାଯିବା ସହ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ମଞ୍ଜୁରୀପ୍ରାପ୍ତ କରାଇ ନେବା ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କର୍ନାଟକ ରାଜ୍ୟ କ୍ରିକେଟ ଆସୋସିଏଶନ (କେଏସ୍‌ସିଏ)କୁ ନିର୍ଦ୍ଦେଶ ଦେଇଥିଲା। ମାତ୍ର ରାଜ୍ୟ ଆସୋସିଏଶନ ଧାର୍ଯ୍ୟ ସମୟସୀମା ମଧ୍ୟରେ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିପାରିନି। ଆଇସିସିର ଗାଇଡ୍‌ଲାଇନ୍ ଅନୁସାରେ ଆୟୋଜକ ଆସୋସିଏଶନ ଭେନ୍ୟୁକୁ ଟୁର୍ନାମେଣ୍ଟ ଆରମ୍ଭର ୩୦ଦିନ ପୂର୍ବରୁ ଆଇସିସିକୁ ହସ୍ତାନ୍ତର କରିବା ଆବଶ୍ୟକ। ଏହି ସମୟ ମଧ୍ୟରେ ଷ୍ଟାଡିୟମରେ କୌଣସି ମ୍ୟାଚ ଆୟୋଜନ ହେବା କଥା ନୁହେଁ। ନଭି ମୁମ୍ବାଇ ପୂର୍ବରୁ ପ୍ରଥମେ ଥିରୁଭାନନ୍ତପୁରମ୍‌ର କାର୍ଯ୍ୟବଟମସ୍ଥିତ ଗ୍ରୀନ୍‌ଫିଲ୍ଡ ଷ୍ଟାଡିୟମକୁ ବଦଳ ଭେନ୍ୟୁ କରିବା ଲାଗି ବିଚାର କରାଯାଉଥିଲା। ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ୧୨ବର୍ଷ ପରେ ଭାରତରେ ଆୟୋଜନ ହେବାକୁ ଯାଉଛି। ନଭି ମୁମ୍ବାଇରେ ମହିଳା ପ୍ରିମିୟର ଲିଗ୍ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ଏହାର ପରିବେଶ ଉଭୟ ଖେଳାଳି ଓ ଦର୍ଶକମାନଙ୍କୁ ସୁହାଉଛି। ଆଗକୁ ଏହା ମହିଳା କ୍ରିକେଟର ହବ୍‌ରେ ପରିଣତ ହେବାକୁ ଯାଉଛି ବୋଲି ଶାହା ପ୍ରକାଶ କରିଛନ୍ତି। ୮ଟି ଦଳକୁ ନେଇ ହେବାକୁଥିବା ଏହି ଟୁର୍ନାମେଣ୍ଟ ନଭି ମୁମ୍ବାଇକୁ ଛାଡ଼ିଦେଲେ ଗୁଆହାଟୀ, ଇନ୍ଦୋର, ବିଶାଖାପାଟଣା ଓ କଲମ୍ବୋରେ ଖେଳାଯିବ। କଲମ୍ବୋକୁ ନିରପେକ୍ଷ ଭେନ୍ୟୁ ଭାବେ ନିଆଯାଇଛି। ସେଠାରେ ଭାରତ-ପାକିସ୍ତାନ ମ୍ୟାଚ୍‌ଗୁଡ଼ିକ ଖେଳାଯିବ।

## ଏଲାଭେନିଲଙ୍କୁ ୧୦ମିଟର ଏୟାର ରାଇଫଲରେ ସ୍ୱର୍ଣ୍ଣ

**ସିମ୍‌କେଣ୍ଟ, ୨୨।୮ (ପି.ଟି.):** ଭାରତୀୟ ଶୁଟର ଏଲାଭେନିଲ ଭାଲାରିଭାନ ଏଠାରେ ଚାଲିଥିବା ୧୬ତମ ଏସିଆନ ଚାମ୍ପିୟନଶିପ୍‌ର ମହିଳା ୧୦ମିଟର ଏୟାର ରାଇଫଲ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ବିଶ୍ୱକପ୍‌ଗୁଡ଼ିକରେ ଏକାଧିକ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ତାମିଲନାଡୁର ଏହି ୨୬ ବର୍ଷୀୟା ଫାଇନାଲରେ ୨୫୩.୬ ସ୍କୋର ସହ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ଏହି ମହାଦେଶୀୟ ଇଭେଣ୍ଟରେ ଏହା ହେଉଛି ତାଙ୍କର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ସେ ତାଙ୍କର ପ୍ରଥମ ସ୍ୱର୍ଣ୍ଣ ପଦକ ୨୦୧୯ରେ ତାଇୱାନରେ ହାସଲ କରିଥିଲେ। ଏଠାରେ ଚାଇନାର ଜିନ୍‌ଲୁ ପେଙ୍ଗ୍ ୨୫୩ ସ୍କୋର ସହ ରୌପ୍ୟ ଜିତିଥିବା ବେଳେ କୋରିଆର ଇୟୁନ୍‌ଜି କୋନ୍ (୨୩୧.୨) ବ୍ରୋଞ୍ଜ ପାଇଥିଲେ। ଚଳିତ ଇଭେଣ୍ଟରେ ଭାଲାରିଭାନଙ୍କ ଏହା ହେଉଛି ପ୍ରଥମ ପୋଡିୟମ ଫିନିଶ। ପୂର୍ବରୁ ସେ ଟିମ୍ ଇଭେଣ୍ଟରେ ସାମିଲ ହୋଇ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ଲାଭ କରିସାରିଛନ୍ତି। ପ୍ରତିଯୋଗିତାରେ ସାମିଲ ହୋଇଥିବା ଅନ୍ୟ ଜଣେ ଭାରତୀୟ ମେହୁଲି ଘୋଷ ୮ଶୁଟରଙ୍କୁ ନେଇ ଫାଇନାଲରେ ୨୦୮.୯ ସ୍କୋର ସହ ଚତୁର୍ଥ ସ୍ଥାନ ହାସଲ କରିଥିଲେ। ଚଳିତ ମହାଦେଶୀୟ ଇଭେଣ୍ଟର ସିନିୟର ବିଭାଗରେ ଦେଶ ପାଇଁ ଭାଲାରିଭାନ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଆଣି ଦେଇଛନ୍ତି। ପୂର୍ବରୁ ପୁରୁଷ ସ୍କିଟ ଇଭେଣ୍ଟରେ ଅନନ୍ତଜିତ୍ ସିଂ ନାରୁକା ଦେଶ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଥିଲେ। ମନୁ ଭାକର ମହିଳା ୧୦ମିଟର ଏୟାର ପିସ୍ତଲ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ପାଇଛନ୍ତି।

## ଓଡ଼ିଶା ୨୨୨/ଅଲ୍‌ଆଉଟ

**ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ):** ଓଡ଼ିଶା-ରେଲୱେ ସର୍ବଭାରତୀୟ ବୁଚିବାବୁ ଆମନ୍ତ୍ରଣୀୟ (୩ ଦିନିଆ) କ୍ରିକେଟ ମ୍ୟାଚ ଶୁକ୍ରବାର ଚେନ୍ନାଇର ଏସ୍‌ଆର୍‌ଏମ୍‌ସି ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ଓଡ଼ିଶା ପ୍ରଥମ ଇନିଂସରେ ୨୨୨ ରନକରି ଅଲ୍‌ଆଉଟ ହୋଇଛି। ଦଳ ପକ୍ଷରୁ ରାଜେଶ ଧୂପର ସର୍ବାଧିକ ୪୩, ସମ୍ବିତ ବରାଳ ୩୭, ବାଦଲ ବିଶ୍ୱାଳ ୩୪ ରନ କରିଥିବାବେଳେ ବିପକ୍ଷ ଦଳର ରାଜ ଚୌଧାରୀ ୧୦୪ ରନ ବିନିମୟରେ ୬ ଉଇକେଟ ସଫଳତା ପାଇଛନ୍ତି। ପ୍ରଥମ ଦିବସ ଖେଳ ଶେଷ ବେଳକୁ ରେଲୱେ କୌଣସି ଉଇକେଟ ନ ହରାଇ ୧୯ ରନ ସଂଗ୍ରହ କରିଛି।

## ଓଡ଼ିଶାରୁ ସୃଷ୍ଟି, ମନ୍ନତା ମନୋନୀତ

**ଅହମଦାବାଦରେ ଜାତୀୟ ସୁଇମିଂ କ୍ୟାମ୍ପ**



ସୃଷ୍ଟି ଉପାଧ୍ୟାୟ



ମନ୍ନତା ମିଶ୍ର

**ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ)** ଏସିଆନ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ୧୧ଶ ସଂସ୍କରଣ ଅହମଦାବାଦଠାରେ ସେପ୍ଟେମ୍ବର ୨୮ରୁ ଅକ୍ଟୋବର ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ଲାଗି ଭାରତୀୟ ଦଳ ମନୋନୟନ ପାଇଁ ଜାତୀୟ କୋଚିଂ କ୍ୟାମ୍ପ ଚଳିତ ମାସ ୨୬ରୁ ସେପ୍ଟେମ୍ବର ୨୫ ପର୍ଯ୍ୟନ୍ତ ଅହମଦାବାଦରେ ହେବ। ଏହି କ୍ୟାମ୍ପ ପାଇଁ ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ଓଡ଼ିଶାର ୨ ମହିଳା ସୁଇମର ସୃଷ୍ଟି ଉପାଧ୍ୟାୟ ଓ ମନ୍ନତା ମିଶ୍ର ମନୋନୀତ ହୋଇଛନ୍ତି। ଜାତୀୟ କ୍ୟାମ୍ପରୁ ଚୂଡ଼ାନ୍ତ ଭାରତୀୟ ଦଳ ମନୋନୟନ ହେବ। ଜାତୀୟ କ୍ୟାମ୍ପକୁ ମନୋନୀତ ହୋଇ ନୂଆ ଧାରା ସୃଷ୍ଟି କରିଥିବାରୁ ସୃଷ୍ଟି ଓ ମନ୍ନତାଙ୍କୁ ଓଡ଼ିଶା ରାଜ୍ୟ ସୁଇମିଂ ଆସୋସିଏଶନ ସଭାପତି ପ୍ରଦୀପ ପାଢ଼ୀ, ସମ୍ପାଦକ ଗୋଲପମଣି ମହନ୍ତ, କୋଷାଧ୍ୟକ୍ଷ ବିଜୟ ଦୀକ୍ଷିତ, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀ ଚନ୍ଦ୍ର ମହାକୁର ଓ ଅନ୍ୟ ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।

## ଓଡ଼ିଶାକୁ ଆଉ ୨ ରୌପ୍ୟ ପଦକ

**ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସ ଫେଷ୍ଟିଭାଲ**

**ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ)** ଜମ୍ମୁ-କଶ୍ମୀରର ଶ୍ରୀନଗରଠାରେ ଚାଲିଥିବା ସର୍ବପ୍ରଥମ ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସ ଫେଷ୍ଟିଭାଲରେ ଶୁକ୍ରବାର ଓଡ଼ିଶାକୁ ଆଉ ୨ଟି ରୌପ୍ୟ ପଦକ ମିଳିଛି। ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ନାଓରେମ ଜେମ୍ସ ସିଂ ଓ ସନ୍ତୋଷ ଖ୍ୱାଇରାକପାମ କେ୨ଏମ୍-୫୦୦ ମିଟର ଇଭେଣ୍ଟରେ ରୌପ୍ୟ ପଦକ ପାଇଛନ୍ତି। ସେହିପରି ଓଇନମ ଦେବୀ ଓ ଶ୍ରୁତି ଚୌଗୁଲେ କେ୨ଏମ୍-୫୦୦ ମିଟରରେ ରୌପ୍ୟ ପଦକ ଜିତିଛନ୍ତି। ପ୍ରତିଯୋଗିତାର ପ୍ରଥମ ଦିବସରେ ଅନୁଷ୍ଠିତ ସି୧ଡବ୍ଲ୍ୟୁ ୨୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତି ରଶ୍ମିତା ସାହୁ ରାଜ୍ୟକୁ ଗର୍ବିତ କରିଥିଲେ। ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସରେ ଓଡ଼ିଶାର ଏହାଥିଲା ପ୍ରଥମ ସ୍ୱର୍ଣ୍ଣ ପଦକ। ନାଓରେମ ଜେମ୍ସ ସିଂ କାୟାକିଂ ଆଣ୍ଡ କାନୋଇଂ କେ୧ଏମ୍-୧୦୦୦ ମିଟର ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଥିଲେ।

## ଓଡ଼ିଶାର କ୍ରମାଗତ ଦ୍ୱିତୀୟ ପରାଜୟ

**ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ):** ଆସାମର ମାରିଆନିସ୍ଥିତ ବାପୁଜୀ ଷ୍ଟାଡିୟମରେ ଚାଲିଥିବା ଜାତୀୟ ସବ୍‌ଜୁନିୟର ଫୁଟବଲ ଚାମ୍ପିୟନଶିପ୍‌ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୧-୭ ଗୋଲରେ ପଶ୍ଚିମବଙ୍ଗଠାରୁ ହାରି ଯାଇଛି। ପ୍ରତିଯୋଗିତାରେ ଓଡ଼ିଶାର ଏହା କ୍ରମାଗତ ଦ୍ୱିତୀୟ ପରାଜୟ। ଗତ ୨୦ ତାରିଖରେ ଓଡ଼ିଶା ୦-୪ ଗୋଲରେ ମହାରାଷ୍ଟ୍ର ନିକଟରୁ ହାରି ଯାଇଥିଲା।

## ବିଗ୍ ଅରେଞ୍ଜ୍ ବାସ୍କେଟବଲ ଲିଗ୍: ଏସ୍‌ଏସ୍‌ୟୁ ଚାମ୍ପିୟନ

**ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ)** କଟକ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ (ଏସ୍‌ଏସ୍‌ୟୁ)ର ପୁରୁଷ ବାସ୍କେଟ୍‌ବଲ୍ ଦଳ ଆନ୍ତଃ ମହାବିଦ୍ୟାଳୟ ବିଗ୍ ଅରେଞ୍ଜ୍ ବାସ୍କେଟବଲ ଲିଗ୍‌ରେ ଚାମ୍ପିୟନ ହୋଇଛି। ଭୁବନେଶ୍ୱରସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲ୍ ପଡ଼ିଆରେ ଗତ ୧୮ରୁ ଆରମ୍ଭ ହୋଇଥିବା ୪ ଦିନିଆ ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଏହି ଦଳଗୁଡ଼ିକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ପ୍ରତିଯୋଗିତା ହୋଇଥିଲା। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଗ୍ରୁପ୍-ଏ'ରେ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ, ଆଇଆଇଟି-ଭୁବନେଶ୍ୱର ଏବଂ ଓ୍ୟୁଟିଆର୍-ଭୁବନେଶ୍ୱର ସହ ସ୍ଥାନ ପାଇଥିଲା। ପ୍ରଥମ ମ୍ୟାଚରେ ସେଞ୍ଚୁରିଅନ୍, ଦ୍ୱିତୀୟ ମ୍ୟାଚରେ ଆଇଆଇଟି-ଭୁବନେଶ୍ୱର ଓ ତୃତୀୟ ତଥା ଗ୍ରୁପର



ଅତିଥିଙ୍କ ସହ ଚାମ୍ପିୟନ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପୁରୁଷ ବାସ୍କେଟ୍‌ବଲ୍ ଦଳ।

ଶେଷ ମ୍ୟାଚରେ ଓ୍ୟୁଟିଆର୍-ଭୁବନେଶ୍ୱରକୁ ହରାଇ ଏସ୍‌ଏସ୍‌ୟୁ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ ଶକ୍ତିଶାଳୀ କିଟ୍ ବିଶ୍ୱବିଦ୍ୟାଳୟକୁ ୬୦-୫୭ ପଏଣ୍ଟରେ ହରାଇ ଚାମ୍ପିଅନ୍ ହୋଇଥିଲା। ଏସ୍‌ଏସ୍‌ୟୁର ଅମ୍ରିତ ଗୌରବ ରାୟ 'ମ୍ୟାନ୍ ଅଫ୍ ଦି ଫାଇନାଲ୍' ବିବେଚିତ ହୋଇଥିଲେ। ଏହି ସଫଳତା ପାଇଁ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର 'ସ୍ପୋର୍ଟ୍ସ ମ୍ୟାନେଜମେଣ୍ଟ କମିଟି' ବିଜୟୀ ବାସ୍କେଟ୍ ବଲ୍ ଟିମ୍‌କୁ ଅଭିନନ୍ଦନ ଜଣାଇଛି।

**ଆନ୍ତଃଜୋନ ଟି୨୦ ମହିଳା ଦୃଷ୍ଟିବାଧିତ କ୍ରିକେଟ**

## ପୂର୍ବାଞ୍ଚଳ ଚାମ୍ପିୟନ

**ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ):** ବେଙ୍ଗାଲୁରୁରେ ଅନୁଷ୍ଠିତ ଏନଭେଷ୍ଟନେଟ ଚ୍ୟାଲେଞ୍ଜ ଆନ୍ତଃଜୋନ ଟି୨୦ ମହିଳା ଦୃଷ୍ଟିବାଧିତ କ୍ରିକେଟରେ ପୂର୍ବାଞ୍ଚଳ ଚାମ୍ପିୟନ ହୋଇଛି। ଲିଗ୍ ପର୍ଯ୍ୟାୟରେ କ୍ରମାଗତ ୩ ବିଜୟ ପରେ ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ପଶ୍ଚିମାଞ୍ଚଳକୁ ୪୧ ରନରେ ହରାଇ ପୂର୍ବାଞ୍ଚଳ ଟାଇଟଲ ହାସଲ କରିଛି। ପାର୍ବତୀ ମାର୍ଣ୍ଡିଙ୍କ ଅପରାଜିତ ୬୭ ରନ ସହାୟତାରେ ପୂର୍ବାଞ୍ଚଳ ୨୦ ଓଭରରେ ୫ ଉଇକେଟ ହରାଇ ୧୬୨ ରନ କରିଥିଲା। ଜବାବରେ ପଶ୍ଚିମାଞ୍ଚଳ ୧୫.୫ ଓଭରରେ ୧୨୧ ରନକରି ଅଲ୍‌ଆଉଟ ହୋଇଥିଲା। ୮ ବ୍ୟାଟର ରନଆଉଟ ହୋଇଥିଲେ। ଏହି ସଫଳତା ପାଇଁ ଅନ୍ତର୍ଜାତୀୟ କ୍ରିକେଟର ଜାଫର ଇକବାଲ କୋଚ୍ ସୁଖରାମ ମାଝି ଓ ଓଡ଼ିଶା ଦଳର ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶ ଯୋଗ୍ୟ ଯେ, ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ୯ ଖେଳାଳି ସାମିଲ ଥିଲେ। ଏହି ଖେଳାଳିମାନେ ଆସନ୍ତା ଦୃଷ୍ଟିବାଧିତ ଟି୨୦ ବିଶ୍ୱକପ ପାଇଁ ଜାତୀୟ କୋଚିଂ କ୍ୟାମ୍ପରେ ଯୋଗଦେବେ। ଦୃଷ୍ଟିବାଧିତ ମହିଳା ଟି୨୦ ବିଶ୍ୱକପ ନେପାଳରେ ନଭେମ୍ବର ୧୧ ତାରିଖରୁ ଆରମ୍ଭ ହେବ।



କଟକରେ ଅନୁଷ୍ଠିତ ରାଜ୍ୟ ଆନ୍ତଃସ୍କୁଲ ଟେବୁଲ ଟେନିସର କୃତୀ ପ୍ରତିଯୋଗୀମାନେ।

## ଉର୍ଜା, ଶ୍ୱେତା, ଜିଜ୍ଞାସୁ ଚାମ୍ପିୟନ

**ରାଜ୍ୟ ଆନ୍ତଃସ୍କୁଲ ଟେବୁଲ ଟେନିସ**


**ଭୁବନେଶ୍ୱର, ୨୨।୮ (ତପନ ସ୍ୱାଇଁ)** ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ୬ଷ୍ଠ ରାଜ୍ୟ ଆନ୍ତଃସ୍କୁଲ ଟେବୁଲ ଟେନିସ ପ୍ରତିଯୋଗିତାର ସିଙ୍ଗଲ୍ସ ଇଭେଣ୍ଟ କଟକ ସିଡିଏସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ୍‌ରେ ଶୁକ୍ରବାର ଶେଷ ହୋଇଛି। ସିନିୟର ବାଳିକା ସିଙ୍ଗଲ୍ସ ଫାଇନାଲରେ ଉର୍ଜା ବର୍ମା ୩-୦ରେ ଆଫିୟା ମୋସିମଙ୍କୁ ଏବଂ ବାଳକ ସିଙ୍ଗଲ୍ସ ଫାଇନାଲରେ ଜିଜ୍ଞାସୁ ସାହୁ ୩-୦ରେ ରତିକାନ୍ତ ଗୌଡ଼ାଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ସେହିପରି ଜୁନିୟର ବାଳିକା ସିଙ୍ଗଲ୍ସ ଫାଇନାଲରେ ଶ୍ୱେତା ବର୍ମା ୩-୧ରେ ଆଂଶିକା ମହାନ୍ତିଙ୍କୁ ଏବଂ ବାଳକରେ ଜିଜ୍ଞାସୁ ସାଇ କିରନ ପ୍ରସାଦ ୩-୦ରେ ଜୁନାଇଦ ଅଲୀଙ୍କୁ ପରାସ୍ତ କରି ଟାଇଟଲ ହାସଲ କରିଛନ୍ତି।

ଆନ୍ତଃସ୍କୁଲ ଟୁର୍ନାମେଣ୍ଟ ପରେ ୟଙ୍ଗ ଜେନେରେଶନ ଟେବୁଲ ଟେନିସ ଆସୋସିଏଶନ (ୱାଇଜିଟିଟିଏ) ଆନୁକୂଲ୍ୟରେ ର୍‌ୟାଙ୍କିଂ ଟେବୁଲ ଟେନିସ ପ୍ରତିଯୋଗିତା ଦିବସର ଦ୍ୱିତୀୟାର୍ଦ୍ଧରେ ଆରମ୍ଭ ହୋଇଛି। ୧୩ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ସେମିଫାଇନାଲରେ ରୀତମ ଭୂୟାଁଙ୍କୁ ହରାଇ ଅଭିଷେକ ଦାସ ଓ ଯଯାତି କେଶରୀ ଦାସଙ୍କୁ ପରାସ୍ତକରି କେ. ଶିବଶଙ୍କର ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ୧୩ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ସେମିଫାଇନାଲରେ ସୃଷ୍ଟି ଚୌଧୁରୀଙ୍କୁ ହରାଇ ଶ୍ୱେତା ବର୍ମା ଏବଂ ଅନ୍ୱେଷା ଅନିରୁଦ୍ଧଙ୍କୁ ପରାସ୍ତ କରି ଆରାଧ୍ୟା ସାହୁ ଫାଇନାଲରେ ପହଞ୍ଚିଛନ୍ତି।

## ୨ପୁରୁଷ, ୪ ମହିଳା ଚୟନକର୍ତ୍ତା ସ୍ଥାନ ପୂରଣ ହେବ

**ଦରଖାସ୍ତ ଆହ୍ୱାନ କଲା ବିସିସିଆଇ**

**ନୂଆଦିଲ୍ଲୀ, ୨୨।୮ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ୫ଜଣିଆ ସଦସ୍ୟ ବିଶିଷ୍ଟ ପୁରୁଷ ଜାତୀୟ ଚୟନ କମିଟିର ଖାଲି ହେବାକୁଥିବା ୨ ଏବଂ ମହିଳା ଚୟନ କମିଟି ୪ ସ୍ଥାନ ପୂରଣ ପାଇଁ ଶୁକ୍ରବାର ଦରଖାସ୍ତ ଆହ୍ୱାନ କରିଛି। ଏଥିପାଇଁ ଯୋଗ୍ୟତା ମାନଦଣ୍ଡ ପୂର୍ବବର୍ଷଗୁଡ଼ିକ ଭଳି ଅପରିବର୍ତ୍ତିତ ରହିଛି। ଆବେଦନକାରୀ ଅତିକମ୍‌ରେ ୭ଟେଷ୍ଟ ମ୍ୟାଚ୍ କିମ୍ବା ୩୦ପ୍ରଥମଶ୍ରେଣୀ ମ୍ୟାଚ ଖେଳିଥିବା ଦରକାର। ବିଶେଷ କ୍ଷେତ୍ରରେ ଜଣେ ଅତିକମ୍‌ରେ ୧୦ ଅନ୍ତର୍ଜାତୀୟ ଦିନିକିଆ ଏବଂ ୨୦ ପ୍ରଥମଶ୍ରେଣୀ ମ୍ୟାଚ ଖେଳିଥିବା ପ୍ରାର୍ଥୀଙ୍କ ନାମ ବିଚାରକୁ ନିଆଯାଇପାରେ। ଚୟନକର୍ତ୍ତାଙ୍କ ଚୁକ୍ତିନାମା ପ୍ରତିବର୍ଷ ନବୀକରଣ କରାଯାଇଥାଏ। ଆମେ ଏପର୍ଯ୍ୟନ୍ତ କେଉଁ ଚୟନକର୍ତ୍ତାଙ୍କୁ ବଦଳାଯିବ ତାହା ଚିହ୍ନଟ କରିନାହୁଁ। ସେ ପ୍ରକ୍ରିୟା ଖୁବ୍‌ଶୀଘ୍ର କରାଯିବ ବୋଲି ବିସିସିଆଇର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି। ବର୍ତ୍ତମାନର ପୁରୁଷ ଚୟନକମିଟି ଆସନ୍ତା ମାସରେ ହେବାକୁଥିବା ଏସିଆ କପ୍ ପାଇଁ ଦଳ ମନୋନୟନ କରିଛି। ଏହାର ମୁଖ୍ୟ ଭାରତର ପୂର୍ବତନ ପେସ୍ ବୋଲର ଅଜିତ ଅଗରକର ରହିଥିବାବେଳେ ଶିବସୁନ୍ଦର ଦା, ସୁବ୍ରତ ବାନାର୍ଜୀ, ଅଜୟ ରାତ୍ରା ଓ ଏସ୍. ଶରଥ ଚୟନକମିଟିର ସଦସ୍ୟ ରହିଛନ୍ତି। ବିସିସିଆଇ ଆହୁରି ମଧ୍ୟ ଜାତୀୟ ମହିଳା ଚୟନ କମିଟିର ୪ ସ୍ଥାନ ପୂରଣ ପାଇଁ ଦରଖାସ୍ତ ଆହ୍ୱାନ କରିଛି। ବର୍ତ୍ତମାନର ଚୟନ କମିଟିରେ ନୀତୁ ଡେଭିଡ (ଚେୟାରପର୍ସନ), ରେଣୁ ମାର୍ଗାରେଟ୍, ଆରତୀ ବୈଦ୍ୟ, କଳ୍ପନା ଭେଙ୍କଟାଚାର ଓ ଶ୍ୟାମ ଦେ ଶ' ରହିଛନ୍ତି। ଖବର ଅନୁସାରେ ଶ' ଜଣେ ମାତ୍ର ଚୟନକମିଟିରେ ତାଙ୍କ ସ୍ଥାନ ବଜାୟ ରଖିବେ। ମଙ୍ଗଳବାର ଏହି ପ୍ୟାନେଲ ଦେଶରେ ଆସନ୍ତା ମାସରେ ହେବାକୁଥିବା ଦିନିକିଆ ବିଶ୍ୱକପ୍ ପାଇଁ ଦଳ ମନୋନୟନ କରିଛି। ଆବେଦନ ପତ୍ର ଦାଖଲ କରିବାର ସମୟସୀମା ସେପ୍ଟେମ୍ବର ୧୦ ରଖାଯାଇଛି।




Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ